ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ଡିସେମ୍ବର ୨୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 21/2025 Page 16 ₹ 7.00 RAYAGADA
୫୨ଶ ଭାଗ ୨୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 52 ISSUE 28 ମୂଲ୍ୟ ₹୭/-


**ଭାରତୀୟ ଦଳରେ କିଶନ**
ଟି୨୦ କ୍ରିକେଟ ବିଶ୍ୱକପ ଦଳରେ ସ୍ଥାନ ପାଇଥିବା ଇଶାନ କିଶନ ପାଖାପାଖି ଏକ ବର୍ଷ ବ୍ୟବଧାନରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୧୬

୦୨ **ପିଲାର ଯତ୍ନ ନେବାରେ ପାରଙ୍ଗମ ହୋଇଗଲିଣି: ଭିକି**
ନିକଟରେ ବାପା ହୋଇଥିବା ଅଭିନେତା ଭିକି କୌଶଲ ଶିଶୁପୁତ୍ରର ଯତ୍ନ ନେବାରେ ବେଶ୍ ପାରଙ୍ଗମ ହୋଇଗଲେଣି ବୋଲି କହିଛନ୍ତି।

# ଟ୍ରେନ୍ ଧକ୍କାରେ ୭ ହାତୀ ମୃତ

ଜଙ୍ଗଲରେ ଭିତ୍ତିଭୂମି ନିର୍ମାଣ ପାଇଁ ମାନବୀୟ ଓ ବ୍ୟବସାୟିକ କାର୍ଯ୍ୟକଳାପ ସହ ହାତୀ ଚଲାପଥ ଦେଇ ରେଳଲାଇନ ବିଛାଇବା ପ୍ରାଣୀଙ୍କ ଲାଗି ବିପଦ ସାଜୁଛି। ହାତୀପଲ ଖାଦ୍ୟ ଓ ଜଳ ଅନ୍ୱେଷଣରେ ଯାଉଥିବାବେଳେ ଦ୍ରୁତ ଧାବମାନ ଟ୍ରେନ୍ ଧକ୍କାରେ ପ୍ରାଣ ହରାଉଛନ୍ତି। ଏହାର ସଦ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଆସାମରେ। ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ହୋଜାଇ ଜିଲାରେ ଶନିବାର ଭୋର ସମୟରେ ରେଳଲାଇନ୍ ଉପରେ ସାଇରଙ୍ଗରୁ ନୂଆଦିଲ୍ଲୀ ଅଭିମୁଖେ ଯାଉଥିବା ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍ ହାତୀପଲ ଉପରେ ମାଡ଼ିଯିବାରୁ ୭ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଏକ ହାତୀ ଆହତ ହୋଇଛି। ଉକ୍ତ ଦୁର୍ଘଟଣାରେ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜଙ୍ଗଲ ବିଭାଗକୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏହାର ପୁନରାବୃତ୍ତି ଏଡ଼ାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ କହିଛନ୍ତି। ଡିଜିଟାଲ ଯୁଗରେ ପ୍ରାଣୀଙ୍କ ଉପରେ ନଜର ରଖିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସୁବିଧା ଥାଇ ମଧ୍ୟ ଏଭଳି ଦୁର୍ଘଟଣା ଘଟୁଥିବାରୁ ବିରୋଧୀ କଂଗ୍ରେସ ଏହାକୁ ସରକାରଙ୍କ ଯୋଜନାବିହୀନ କାର୍ଯ୍ୟର ପରିଣାମ ବୋଲି କହି ସମାଲୋଚନା କରିଛି।

## ରାଜଧାନୀ ଏକ୍ସପ୍ରେସ୍‌ର ୫ ବଗି ଲାଇନଚ୍ୟୁତ



ଆସାମର ହୋଜାଇ ଜିଲାରେ ଶନିବାର ଟ୍ରେନ୍ ଧକ୍କାରେ ରେଳଧାରଣା ଉପରେ ମରି ପଡ଼ିରହିଥିବା ହାତୀ।

**ଗୁଆହାଟୀ,୨୦।୧୨(ପି.ଟି./ଏଜେନ୍ସି)**
ଆସାମର ହୋଜାଇ ଜିଲା ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲୱେ ଡିଭିଜନ୍‌ରେ ଶନିବାର ରାତି ପ୍ରାୟ ୨ଟା ୧୫ରେ ଏକ ଟ୍ରେନ୍ ଦୁର୍ଘଟଣା ଘଟିଛି। ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଥିବା ରାଜଧାନୀ ଏକ୍ସପ୍ରେସ୍ ଜଙ୍ଗଲ ଭିତର ଦେଇ ଗତି କରୁଥିବାବେଳେ ସେହି ସମୟରେ ରେଳଲାଇନ୍ ଅତିକ୍ରମ କରୁଥିବା ଏକ ହାତୀପଲ ଉପରକୁ ମାଡ଼ିଯାଇଛି। ☞ପୃଷ୍ଠା-୪

## ଅଦାଲତ ସବୁବେଳେ ପ୍ରାଣୀଙ୍କ ସପକ୍ଷରେ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୦।୧୨**
ମାନବୀୟ ଓ ବ୍ୟବସାୟିକ କାର୍ଯ୍ୟକଳାପ ଯୋଗୁ ପ୍ରାଣୀଙ୍କ ଚଳାପଥ ଅବରୋଧ ହେଉଛି। ଏଥିଯୋଗୁ ଜୀବଜନ୍ତୁ ମୂକ ଶିକାର ହେଉଛନ୍ତି। ଦେଶର ଅଦାଲତଗୁଡ଼ିକ ସବୁବେଳେ ପ୍ରାଣୀଙ୍କ ଆଡ଼କୁ ଢଳି ରହିବେ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜ୍ୟୋତିମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ତାମିଲନାଡୁର ନୀଳଗିରି ହାତୀ କରିଡରରେ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନଙ୍କ ପକ୍ଷରୁ ଦାଖଲ ଏକାଧିକ ପିଟିଶନର ଶୁଣାଣି ବେଳେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଖଣ୍ଡପୀଠ ଏହା ଉପରେ ଜାନୁଆରୀରେ ବିସ୍ତୃତ ବିଚାର କରିବା ପାଇଁ ଧାର୍ଯ୍ୟ କରିବା ସହ କହିଛନ୍ତି, ଆପଣମାନେ ସମସ୍ତେ ହାତୀ କରିଡରରେ ବ୍ୟବସାୟିକ ନିର୍ମାଣ ଉଦ୍ଦେଶ୍ୟରେ ଅଦାଲତଙ୍କ ଦ୍ୱାରସ୍ଥ ☞ପୃଷ୍ଠା-୪

## ୧୦ ଟଙ୍କାରେ ଧାନ ବିକିଲେ ଚାଷୀ

- ଅମଳ ସରିଥିଲେ ବି ଟୋକନ ମିଳିନି
- ଧାନବସ୍ତା ରଖି ରାସ୍ତାରୋକୋ

**ବିନିକା, ୨୦।୧୨**
**(ରାମ ଗୋପାଳ ବାଘ)**
ସୁବର୍ଣ୍ଣପୁର ଜିଲାରେ ଗତ ୯ ତାରିଖରୁ ମଣ୍ଡି ଖୋଲିଛି। ହେଲେ ଟୋକନ ମିଳି ନ ଥିବାରୁ ଚାଷୀମାନେ ଧାନ ବିକିପାରୁନାହାନ୍ତି। ଫଳରେ ଖରିଫ୍ ଚାଷ ଲାଗି କରିଥିବା ଧାର ଉଧାର ଶୁଝିପାରୁନାହାନ୍ତି ଏବଂ ଅର୍ଥାଭାବରୁ ରବିଚାଷ ପାଇଁ ତଳି ପକାଇବାକୁ ଧାନବିହନ କ୍ରୟ କରିପାରୁନାହାନ୍ତି। ଏହାକୁ ନେଇ ବିନିକା ବ୍ଲକର ଚାଷୀ ଧର୍ମରାଜ ପଣ୍ଡା, ରିଣ୍ଟୁ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଶନିବାର ରାସ୍ତାକୁ ଓହ୍ଲାଇଥିଲେ। ବିନିକା ବ୍ଲକ ପଣ୍ଡକିଟାଲ-ସଂସାମୁରା ରାସ୍ତାର କଉଡ଼ିଆମୁଣ୍ଡା ଛକଠାରେ ଧାନବସ୍ତା ରଖି ସକାଳ ୮ରୁ ରାସ୍ତା ଅବରୋଧ କରିଥିଲେ। ପ୍ରତିବାଦସ୍ୱରୂପ କିଛି ବଟକରା ଧରି ଚାଷୀମାନେ ଧାନ କେଜି ୧୦ ଟଙ୍କାରେ ଖୁଚୁରାରେ ବିକ୍ରି କରିବାକୁ ବସିଥିଲେ। ସରକାର ଆମ ଧାନ କିଣ କହି ରାସ୍ତା ଉପରେ ମୁଣ୍ଡିଆ ମାରିବା ଦେଖାଯାଇଥିଲା।

ଚାଷୀଙ୍କ କହିବା ଅନୁଯାୟୀ, ଶଙ୍କରା ପାକ୍ସରେ ଗତ ୯ ତାରିଖରୁ ମଣ୍ଡି ଖୋଲିଥିଲେ ହେଁ ଧାନକିଣାରେ ଅଚଳାବସ୍ଥା ଦେଖାଦେଇଛି। ବ୍ଲକର ବିଭିନ୍ନ ମଣ୍ଡି ନାମକୁମାତ୍ର ଖୋଲିଥିଲେ ହେଁ ଧାନ କିଣାହେଉନାହିଁ। ☞ପୃଷ୍ଠା-୪


ଆଜିର ସମ୍ପାଦକୀୟ କେବଳ ବାହାନା












ଏମ୍‌ଜିଏନ୍‌ଆର୍‌ଇଜିଏକୁ ବଦଳାଇବା ପାଇଁ କେନ୍ଦ୍ର ଆଣିଥିବା ଭିବି-ଜି ରାମ ଜି ବିଲ୍ ଏବଂ ଦଳୀୟ ନେତୃତ୍ୱ ବିରୋଧରେ ଘୃଣିତ ରାଜନୀତିକୁ ବିରୋଧ କରି କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଓ କଂଗ୍ରେସ ନେତାମାନେ ଶନିବାର ବେଙ୍ଗାଲୁରୁରେ ବିକ୍ଷୋଭ କରୁଛନ୍ତି।

# ଇମ୍ରାନ୍, ବୁଶ୍ରା ବିବିଙ୍କୁ ୧୭ ବର୍ଷ ଜେଲ


ବୁଶ୍ରା ବିବି


ଇମ୍ରାନ୍ ଖାନ୍

**ଇସ୍‌ଲାମାବାଦ,୨୦।୧୨**

ଦ୍ୱିତୀୟ ତୋଶାଖାନା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍ରା ବିବିଙ୍କୁ ସ୍ଥାନୀୟ ଅଦାଲତ ଶନିବାର ୧୭ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୨୩ ଅଗଷ୍ଟରୁ ଜେଲରେ ଥିବା ୭୩ ବର୍ଷୀୟ ଇମ୍ରାନ ୨୦୨୨ ଏପ୍ରିଲରେ କ୍ଷମତାରୁ ହଟିବା ପରେ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଥିଲା। ତୋଶାଖାନା-୨ ମାମଲା ହେଉଛି ୨୦୨୧ରେ ସାଉଦି ଆରବ ସରକାରଙ୍କଠାରୁ ପୂର୍ବତନ ପ୍ରଥମ ଦମ୍ପତି ଗ୍ରହଣ କରିଥିବା ରାଷ୍ଟ୍ର ଉପହାରରେ ଦୁର୍ନୀତି। ଇମ୍ରାନ୍ ଏବେ ରାଓ୍ୱଲପିଣ୍ଡିର

**ତୋଶାଖାନା-୨ ଦୁର୍ନୀତି ମାମଲା**

କଡ଼ା ସୁରକ୍ଷା ମଧ୍ୟରେ ଥିବା ଆଡିଆଲା ଜେଲରେ ରହିଥିବାବେଳେ ସ୍ୱତନ୍ତ୍ର କୋର୍ଟ ବିଚାରପତି ଶାହରୁଖ ଅର୍ଜୁମନ୍ଦ ସେଠାରେ ରାୟ ଘୋଷଣା କରିଛନ୍ତି। ଇମ୍ରାନ୍ ଓ ବୁଶ୍ରାଙ୍କୁ ପାକିସ୍ତାନ ଦଣ୍ଡ ସଂହିତାର ଧାରା ୪୦୯ (ବିଶ୍ୱାସର ଆପରାଧିକ ଉଲ୍ଲଂଘନ) ପାଇଁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଆଉ ୭ ବର୍ଷ ଲେଖାଏ ଜେଲଦଣ୍ଡ ଦିଆଯାଇଛି। ଏଥିସହିତ ଉଭୟଙ୍କୁ ୧୬.୪ ନିୟୁତ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି।

# ଯାତ୍ରୀଙ୍କୁ ମାଡ଼ ମାରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପାଇଲଟ୍ ବିଦା

**ନୂଆଦିଲ୍ଲୀ,୨୦।୧୨**

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ୧ ନଂ ଟର୍ମିନାଲରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଜଣେ ପାଇଲଟ୍ ସ୍ପାଇସ୍‌ଜେଟ୍ ଯାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏୟାରଲାଇନ୍ସ ସମ୍ପୃକ୍ତ ପାଇଲଟ୍‌ଙ୍କୁ ଡ୍ୟୁଟିରୁ ବାଦ୍ ଦେଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଙ୍କିତ୍ ଦେଓ୍ୱାନ୍ ନାମକ ଯାତ୍ରୀ ତାଙ୍କ ପରିବାର ସହ ଯାଉଥିବାବେଳେ ସାଙ୍ଗରେ ଶିଶୁ ଥିବାରୁ କର୍ମଚାରୀମାନେ ଷ୍ଟାଫ୍ ଏବଂ ପିଆର୍‌ଏମ୍ ସୁରକ୍ଷା ଯାଞ୍ଚ ବ୍ୟବହାର କରିବାକୁ କହିଥିଲେ। କେତେଜଣ ଷ୍ଟାଫ୍ ତାଙ୍କ ପୂର୍ବରୁ ଧାଡ଼ି ଭାଙ୍ଗିବା ଆରମ୍ଭ କରିଥିଲେ। ଅଙ୍କିତ୍ ପ୍ରତିବାଦ କରିବାରୁ କ୍ୟାପଟେନ୍ ବୀରେନ୍ଦର ନାମକ ପାଇଲଟ୍ ତାଙ୍କ ଶିକ୍ଷାକୁ ନେଇ ପ୍ରଶ୍ନ କରିଥିଲେ। ପାଇଲଟ୍ ଓ ଅଙ୍କିତ୍‌ଙ୍କ ମଧ୍ୟରେ ବଚସା ହୋଇଥିଲା। ପାଇଲଟ୍ ଅଙ୍କିତଙ୍କୁ ମାଡ଼ମାରି ଲହୁଲୁହାଣ କରିଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ।

# ଗୁଆହାଟୀ ବିମାନବନ୍ଦର ଟର୍ମିନାଲ-୨ ବିଲ୍ଡିଂ ଉଦ୍‌ଘାଟିତ

**ଗୁଆହାଟୀ,୨୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆସାମର ଗୁଆହାଟୀସ୍ଥିତ ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ନୂଆ ଟର୍ମିନାଲ ବିଲ୍ଡିଂକୁ ଉଦ୍‌ଘାଟନ କରିଛନ୍ତି। ୪,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟର୍ମିନାଲ-୨ ବାର୍ଷିକ ୧୩.୧ ନିୟୁତ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ଡିଜାଇନ୍ ହୋଇଛି। ପ୍ରକଳ୍ପରେ ମୋଟ ୫,୦୦୦ କୋଟି ବ୍ୟୟ ହୋଇଥିବାବେଳେ ସେଥିରୁ ୧,୦୦୦ କୋଟି ରକ୍ଷଣାବେକ୍ଷଣ, ମରାମତି ଏବଂ ନବୀକରଣ ପାଇଁ ଉଦ୍ଦିଷ୍ଟ ବୋଲି ଜଣେ ଅଧିକାରୀ କହିଛନ୍ତି। ନୂଆ ଟର୍ମିନାଲ ସହ ଗୁଆହାଟୀ ବିମାନବନ୍ଦର କେବଳ ଆସାମର ନୁହେଁ, ସମଗ୍ର ଉତ୍ତର-ପୂର୍ବାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ବିମାନ ଚଳାଚଳ କେନ୍ଦ୍ର ହେବାକୁ ଯାଉଛି। ଆସାମର ସମୃଦ୍ଧ ଜୈବ ବିବିଧତା ଏବଂ ସାଂସ୍କୃତିକ ଐତିହ୍ୟ ଆଧାରରେ ଏହାର ଡିଜାଇନ୍




ଗୁଆହାଟୀ ବିମାନବନ୍ଦରର ନୂଆ ଟର୍ମିନାଲ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉପସ୍ଥିତ ଅଛନ୍ତି।

କରାଯାଇଛି।୧,୪୦,୦୦୦ ବର୍ଗମିଟର ଅଞ୍ଚଳରେ ଅବସ୍ଥିତ ଏହି ଟର୍ମିନାଲ ଉତ୍ତର-ପୂର୍ବାଞ୍ଚଳରେ ସର୍ବବୃହତ୍। ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ନାମ ଅନୁସାରେ ବିମାନବନ୍ଦର ନାମ ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ରଖାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଗୋପୀନାଥ ବର୍ଦ୍ଦୋଇଙ୍କ ୮୦ ଫୁଟ ଉଚ୍ଚର ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି।

## ଜଙ୍ଗଲରାଜରୁ ମୁକ୍ତି ଚାହାନ୍ତି ପଶ୍ଚିମବଙ୍ଗବାସୀ: ମୋଦି

**କୋଲକାତା,୨୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। କୋଲକାତା ବିମାନବନ୍ଦରରୁ ଭର୍ଚୁଆଲି ଉଦ୍‌ବୋଧନ ଦେଇ ସେ କହିଥିଲେ, ବିହାର ଭଳି ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ଚଳାଇଥିବା ଜଙ୍ଗଲରାଜରୁ ରାଜ୍ୟବାସୀ ମୁକ୍ତି ଚାହୁଥିବାରୁ ସେମାନେ ଭାଜପାକୁ କ୍ଷମତାରେ ଦେଖିବାକୁ ଚାହାନ୍ତି। ସମ୍ପ୍ରତି ଦେଶ ଦ୍ରୁତ ବିକାଶ ଚାହୁଁଛି। ପଶ୍ଚିମବଙ୍ଗରେ ଭାଜପାର ବିଜୟ ପାଇଁ ବିହାର ବାଟ ଖୋଲିଦେଇଛି। ବିହାର ଜଙ୍ଗଲରାଜକୁ ପ୍ରତ୍ୟାଖ୍ୟାନ କରିଛି। ଏବେ ପଶ୍ଚିମବଙ୍ଗକୁ ମହାଜଙ୍ଗଲ ରାଜରୁ ମୁକ୍ତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପଶ୍ଚିମବଙ୍ଗର ନଦିଆ ଜିଲା ଅନ୍ତର୍ଗତ ଯାହେରପୁରରେ ପ୍ରଧାନମନ୍ତ୍ରୀଙ୍କ ରାଲି ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିକୂଳ ପାଗ ଯୋଗୁ ତାଙ୍କ ହେଲିକପ୍ଟର ଅବତରଣ କରିପାରି ନ ଥିଲା। ଫଳରେ ସେ କୋଲକାତା ବିମାନବନ୍ଦରକୁ ଫେରି ସେଠାରୁ ରାଲିରେ ଉପସ୍ଥିତ ଲୋକମାନଙ୍କୁ ଭର୍ଚୁଆଲି ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ୩,୨୦୦ କୋଟି ଟଙ୍କାରେ ନିର୍ମିତ ଜାତୀୟ ରାଜପଥ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି।

# ଜି ରାମ ଜି ବିଲ୍‌କୁ ନିନ୍ଦାକଲେ ସୋନିଆ

**ନୂଆଦିଲ୍ଲୀ,୨୦।୧୨**

ଗ୍ରାମାଞ୍ଚଳର ଲୋକମାନଙ୍କୁ କର୍ମ ନିଯୁକ୍ତି ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏମ୍‌ଜିଏନ୍‌ଆର୍‌ଇଜିଏକୁ ନରେନ୍ଦ୍ର ମୋଦି ସରକାର ଧ୍ୱଂସ କରିଥିବା କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଶନିବାର ଅଭିଯୋଗ କରିବା ସହ ଏହା ବିରୋଧରେ ଆଣିଥିବା ଜି ରାମ ଜି ବିଲ୍‌କୁ ନିନ୍ଦା କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏକୁ ରଦ୍ଦ କରିବା ପାଇଁ ଅଣାଯାଇଥିବା ଏହି କଳା ଆଇନକୁ ସାରା ଦେଶର ଅନେକ ଲକ୍ଷ୍ୟ ଦଳୀୟ କର୍ମୀ ବିରୋଧ କରିବେ ବୋଲି ସୋନିଆ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏକୁ ଦୁର୍ବଳ କରି ମୋଦି ସରକାର ବହୁକୋଟି କୃଷକ, ଶ୍ରମିକ, ଭୂମିହୀନଙ୍କ ସ୍ୱାର୍ଥ ଉପରେ ଆକ୍ରମଣ କରିଛି। ୧୧ ବର୍ଷ ହେଲା କେନ୍ଦ୍ର ଗ୍ରାମାଞ୍ଚଳ ଗରିବଙ୍କ ସ୍ୱାର୍ଥକୁ ଅଣଦେଖା କରିଆସୁଥିବା ସୋନିଆ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

# ଗଗନଯାନ ମିଶନ ପାଇଁ ପାରାଶୁଟ୍ ପରୀକ୍ଷା

**ନୂଆଦିଲ୍ଲୀ,୨୦।୧୨**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଶନିବାର ଗଗନଯାନ ମିଶନ୍‌ର କ୍ରିଉ ମଡ୍ୟୁଲ୍ ଡିସେଲେରେଶନ ସିଷ୍ଟମ୍ ପାଇଁ ଡ୍ରଗ୍ୟୁ ପାରାଶୁଟ୍ ପରୀକ୍ଷା କରିଛି। ୨୦୨୬ରେ ମାନବବିହୀନ ଗଗନଯାନ ମିଶନ ଲଞ୍ଚ୍ ହେବ। ଗତ ୧୮ ଓ ୧୯ରେ ଡିଆର୍‌ଡିଓର ଚଣ୍ଡିଗଡ଼ସ୍ଥିତ ଟର୍ମିନାଲ ବାଲିଷ୍ଟିକ୍ସ ରିସର୍ଚ୍ଚ ଲାବୋରେଟୋରିରେ ଥିବା ରେଲ୍ ଟ୍ରାକ୍ ରକେଟ୍ ସ୍ଲେଡ୍‌ରେ ଏହି ପରୀକ୍ଷା କରାଯାଇଛି। ଗଗନଯାନର କ୍ରିଉ ମଡ୍ୟୁଲ୍ ଡିସେଲେରେଶନ ସିଷ୍ଟମରେ ୪ ପ୍ରକାରର ୧୦ଟି ପାରାଶୁଟ୍ ବ୍ୟବହାର କରାଯିବ।

# ଅଭିନେତା ଶ୍ରୀନିବାସନ୍‌ଙ୍କ ପରଲୋକ

**କୋଚି,୨୦।୧୨(ପି.ଟି.)**

ମାଲୟାଲମ୍ ଚଳଚ୍ଚିତ୍ରର ଅଭିନେତା, କାହାଣୀ ଲେଖକ ଏବଂ ନିର୍ଦ୍ଦେଶକ ଭାବେ ଅନ୍ୟତମ ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଶ୍ରୀନିବାସନ୍‌ଙ୍କର ଶନିବାର ସକାଳେ ଏକ ସରକାରୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ତାଙ୍କର କେତେକ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାବେଳେ ସେ ୨୦୨୨ରେ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରାଇଥିଲେ। କୋଚିର ଏକ ଘରୋଇ ହସ୍ପିଟାଲରେ ଡାଏଲିସିସ୍ କରିବାକୁ ଯାଇଥିବାବେଳେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ତ୍ରିପୁନିଥୁରା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।



୧୯୫୬ ଏପ୍ରିଲ ୬ରେ କନ୍ନୁର ଜିଲାର ପଟ୍ଟିଆମ୍‌ରେ ଜନ୍ମିତ ଶ୍ରୀନିବାସନ ୧୯୭୬ରେ 'ମନିମୁଝାକ୍କମ' ଚଳଚ୍ଚିତ୍ରରେ ପ୍ରଥମ ଅଭିନୟ କରିଥିଲେ। ୧୯୮୪ରୁ ସେ ଚଳଚ୍ଚିତ୍ର କାହାଣୀ ଲେଖିବା ଆରମ୍ଭ କରିଥିଲେ। ପରେ ଖ୍ୟାତନାମା ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବଂ ସତ୍ୟନ ଆନ୍ଥିକ୍କଡଙ୍କ ସହ ବିଭିନ୍ନଚଳଚ୍ଚିତ୍ରରେନିର୍ଦ୍ଦେଶନାଦେଇଥିଲେ।

**ଏପ୍‌ଷ୍ଟିନ୍ ଯୌନ ଅପରାଧ ମାମଲା**

# ସୀମିତ ଫାଇଲ୍ ଜାରିକଲା ନ୍ୟାୟ ବିଭାଗ

**ଓ୍ୱାଶିଂଟନ୍,୨୦।୧୨**

ଯୌନ ଅପରାଧ ମାମଲାରେ ଦୋଷୀସାବ୍ୟସ୍ତ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କିତ ଅନେକ ଫାଇଲ୍‌କୁ ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ଜାରି କରିଛି। ତେବେ ଫାଇନାନ୍ସର ଏପ୍‌ଷ୍ଟିନ୍ ଏବଂ ତାଙ୍କ ସହ ସମ୍ପର୍କ ରଖିଥିବା ଧନୀ ଓ କ୍ଷମତାଶାଳୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ତଦନ୍ତ ସମ୍ପର୍କରେ ତଥ୍ୟ ଏହି ଅସମ୍ପୂର୍ଣ୍ଣ ଦସ୍ତାବିଜ୍‌ରୁ ପ୍ରଘଟ ହୋଇନାହିଁ। ଫାଇଲ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଅଳ୍ପ କେତେକ ଫଟୋ ଥିବାବେଳେ ହ୍ୱାଇଟ୍ ହାଉସ୍‌କୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍


ଜେଫ୍ରି ଏପ୍‌ଷ୍ଟିନ୍

ଏବଂ ପପ୍ ଷ୍ଟାର ମାଇକେଲ୍ ଜାକ୍‌ଶନଙ୍କର ଅନେକ ଫଟୋ ପ୍ରକାଶ ପାଇଛି। ବହୁ ଦଶନ୍ଧି ପୂର୍ବେ କ୍ଲିଣ୍ଟନ ଏପ୍‌ଷ୍ଟିନ୍‌ଙ୍କ ସହ ଏହିସବୁ ଫଟୋ ଉଠାଇଥିବା ଜଣାପଡୁଛି। ଏପ୍‌ଷ୍ଟିନ୍ ଫାଇଲ୍‌ର ସୀମିତ ପରିପ୍ରକାଶକୁ ନେଇ ଡେମୋକ୍ରାଟ ଏବଂ କେତେଜଣ ରିପବ୍ଲିକାନ୍ ନ୍ୟାୟ ବିଭାଗକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଧାର୍ଯ୍ୟ କରିଥିବା ସମୟସୀମା ମଧ୍ୟରେ ଫାଇଲ୍ ଉପସ୍ଥାପନ କରିବାରେ ବିଭାଗ ବିଫଳ ହୋଇଥିବା ସେମାନେ କହିଛନ୍ତି। ପ୍ରକାଶିତ ରେକର୍ଡରେ ମୁଖ୍ୟତଃ ଫଟୋ ଏବଂ କଲ୍ ଲଗ୍, ଗ୍ରାଣ୍ଡ ଜୁରି ସାକ୍ଷ୍ୟ, ସାକ୍ଷାତ୍‌କାରର ନକଲ ଓ ଅନ୍ୟାନ୍ୟ ଦସ୍ତାବିଜ୍ ରହିଛି। ଯୁବତୀ ଓ କମ୍ ବୟସ୍କାମାନଙ୍କ ପ୍ରତି ଏପ୍‌ଷ୍ଟିନ୍‌ଙ୍କ ଯୌନ ଉତ୍ପୀଡ଼ନ ସମ୍ପର୍କରେ ପାଖାପାଖି ୨ ଦଶନ୍ଧି ଧରି ଚାଲିଥିବା ତଦନ୍ତର ସବିଶେଷ ତଥ୍ୟ ଦିଆଯାଇ ନାହିଁ। ଏପଷ୍ଟିନ୍‌ଙ୍କ ସହ ସମ୍ପର୍କ ରଖିଥିବା ବ୍ୟକ୍ତିବିଶେଷ ଏବଂ ଯୌନ ଉତ୍ପୀଡ଼ନରେ ସେମାନଙ୍କ ସମ୍ପୃକ୍ତି ଆଦି ବିଷୟରେ ଜାଣିବାକୁ ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ସବିଶେଷ ବିବରଣୀ ଜାଣିବାକୁ ସେମାନେ ଦାବି କରି ଆସୁଥିଲେ। ୨୦୦୮ର ଅଭିଯୋଗ ଉପରେ ସରକାର ପ୍ରାରମ୍ଭିକ ତଦନ୍ତକୁ ବନ୍ଦ କରିଦେଲେ କାହିଁକି ତାହା ଅଭିଯୋଗକାରୀ ଜାଣିବାକୁ ଚାହୁଁଥିଲେ। ୩୦ ଦିନ ମଧ୍ୟରେ ଫାଇଲ୍ ପ୍ରଘଟ କରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ୍ ଗତ ମାସରେ ବିଲ୍ ସ୍ୱାକ୍ଷର କରିଥିଲେ। ଅନ୍ୟପକ୍ଷରେ ବିଷ ହରଣରେ ଭାରତର 'ମାଲିସ୍ କୌଶଳ' ଏବଂ ଆୟୁର୍ବେଦର ବ୍ୟବହାର ସମ୍ପର୍କରେ ଉକ୍ତ ଫାଇଲ୍‌ରେ ବର୍ଣ୍ଣନା ରହିଛି। ଭାରତର ୫,୦୦୦ ବର୍ଷର ଏହି ପ୍ରାକୃତିକ ଚିକିତ୍ସା ବ୍ୟବସ୍ଥାକୁ ଏବେ ପାଶ୍ଚାତ୍ୟର ବହୁ ଚିକିତ୍ସକ ବ୍ୟବହାର କରୁଥିବା ଏଥିରେ କୁହାଯାଇଛି।

**ଫୁରସତ୍**


ଭିକି କୌଶଲ

# ପିଲାର ଯତ୍ନ ନେବାରେ ପାରଙ୍ଗମ ହୋଇଗଲିଣି: ଭିକି

**ମୁମ୍ବାଇ**

ନିକଟରେ ଅଭିନେତା ଭିକି କୌଶଲ ବାପା ହୋଇଛନ୍ତି। ଏଥିପାଇଁ ତାଙ୍କ ଖୁସି କହିଲେ ନ ସରେ। ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସହ ସେ ଏବେ ପୁଅ ସେବାରେ ଲାଗିପଡ଼ିଛନ୍ତି। ପୁଅ ଜନ୍ମହେବା ପରେ ଭିକିଙ୍କୁ ପ୍ରଥମଥର ପାଇଁ ମୁମ୍ବାଇ ବାହାରେ ଦେଖିବାକୁ ମିଳିଥିଲା। ସେ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ ହସି ହସି କହିଥିଲେ, ମୁଁ ଅଭିନୟ ଅପେକ୍ଷା ଡାଇପର ବଦଳାଇବାରେ ବେଶ୍ ପାରଙ୍ଗମ ହୋଇଗଲିଣି। ଏତିକି କହିବାକୁ ଚାହୁଁଛି ଯେ, ପୁଅ ହେବାପରେ ମୋ ଦାୟିତ୍ୱ ଢେର୍ ବଢ଼ିଯାଇଛି। ତାକୁ ଛାଡ଼ି କୁଆଡ଼େ ଯିବା ବି କଷ୍ଟକର ହୋଇପଡ଼ିଲାଣି। କିନ୍ତୁ ଯେଉଁଦିନ ସେ ଏହା ଦେଖିବ, ସେଦିନ ସେ ତା' ବାପାଙ୍କ ପାଇଁ ଗର୍ବ ଅନୁଭବ କରିବ। ତେବେ ବାପା ହେବାର ଅର୍ଥ କ'ଣ, ତାହା ମୁଁ ଶବ୍ଦରେ ପ୍ରକାଶ କରିପାରିବି ନାହିଁ। ତେବେ ଦିଲ୍ଲୀରେ ଏନ୍‌ଡିଟିଭି ପକ୍ଷରୁ ଅନୁଷ୍ଠିତ 'ଇଣ୍ଡିଆନ୍ ଅଫ ଦି ଇୟର-୨୦୨୫' ସମାରୋହରେ ଭିକିଙ୍କୁ ବର୍ଷର ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। 'ଛାଭା' ଚଳଚ୍ଚିତ୍ରରେ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଭୂମିକା ପାଇଁ ସେ ଏହି ପୁରସ୍କାର ପାଇଥିଲେ।

ସୂଚନା ଯେ, ଡିସେମ୍ବର ୨୦୨୧ରେ ରାଜସ୍ଥାନର ସିକ୍ସ ସେନ୍ସ ଫୋର୍ଟ ବାରୱାରାରେ ଭିକି ଏବଂ କ୍ୟାଟ୍ରିନାଙ୍କର ଗ୍ରାଣ୍ଡ ବିବାହ ସମ୍ପନ୍ନ ହୋଇଥିଲା। ସେମାନେ ଏହି ବିବାହ ବନ୍ଧନ ପର୍ଯ୍ୟନ୍ତ ସେମାନଙ୍କ ସମ୍ପର୍କକୁ ଗୁପ୍ତ ରଖିଥିଲେ। ଚାରିବର୍ଷ ପରେ ଏହି ଦମ୍ପତି ଏବେ ମା'ବାପା ହୋଇଛନ୍ତି।



# ପିୟୁସିସି ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିବନି

**ଦିଲ୍ଲୀ ଭଳି ଭୁବନେଶ୍ୱର ଏବଂ ରାଜ୍ୟର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ହଜାର ହଜାର ଗାଡ଼ି ପଞ୍ଜୀକରଣ ହେଉଥିବାରୁ ଏହାର ଧୂଆଁ ପରିବେଶକୁ ନଷ୍ଟ କରୁଛି। ଏପରି କି ଅନେକ ଗାଡିର ଫିଟ୍‌ନେସ୍ ନ ଥିବାରୁ ସେଥିରୁ ଅଧିକ ମାତ୍ରାରେ ଧୂଆଁ ବାହାରୁଛି। ଯେଉଁଥିପାଇଁ ବାୟୁ ପ୍ରଦୂଷଣ ବଢୁଛି। ଏହାକୁ ରୋକିବାକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଯେଉଁ ମୋଟର ଯାନର ବୈଧ ପ୍ରଦୂଷଣ ପ୍ରମାଣ ପତ୍ର(ପିୟୁସିସି) ନ ଥିବ, ସେହି ଗାଡ଼ିଗୁଡ଼ିକୁ ପେଟ୍ରୋଲ ନ ଦେବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ସଂସ୍ଥା(ଏସ୍‌ଟିଏ) ପକ୍ଷରୁ ସମସ୍ତ ତୈଳ ବିକ୍ରୟ କମ୍ପାନୀକୁ ଚିଠି ଲେଖାଯାଇଛି।**

## ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖିଲା ଏସ୍‌ଟିଏ

ଭୁବନେଶ୍ୱର/କଟକ,୨୦।୧୨
(ତ୍ରିନାଥ ମହାନ୍ତି/କାର୍ତ୍ତିକ ସାହୁ)

ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ମୋଟର ଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ଏବଂ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖାଯାଇଛି। ଯେଉଁ ମୋଟର ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବ, ସେଗୁଡ଼ିକୁ କୌଣସି ପେଟ୍ରୋଲ ପମ୍ପରେ ତେଲ ନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲାରେ ବାୟୁ ଗୁଣବତ୍ତାମାନକୁ ଉନ୍ନତ ରଖାଯିବ ସହ ପରିବହନ ଯୋଗୁ ହେଉଥିବା ପ୍ରଦୂଷଣକୁ କମ୍ କରାଯାଇପାରିବ ବୋଲି ଆଶା କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜୀକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ସେହିଭଳି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲ୍‌ଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି ଯେ, ସର୍ବଦା ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖନ୍ତୁ। ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ। ପରିବେଶ ସୁରକ୍ଷାରେ ସହଭାଗୀ ହୁଅନ୍ତୁ ବୋଲି ପରିବହନ ବିଭାଗ ଜନସାଧାରଣଙ୍କୁ ସହଯୋଗ କରିବାକୁ ନିବେଦନ କରିଛି।







# ରାଜ୍ୟ ପରେ ମନ୍ତ୍ରଣାଳୟ କଲା ସମୀକ୍ଷା

ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ କ୍ଷେତ୍ରରେ କଣ୍ଟା ସାଜିଛନ୍ତି ଠିକାସଂସ୍ଥା। ଗତ ସରକାର ସମୟରୁ ରାଜ୍ୟର ୩୫ଟି ପାନୀୟ ଜଳ ଡିଭିଜନରେ ମୋଟ୍ ୨୦୭ଟି ବୃହତ୍ ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ମଧ୍ୟରୁ ୧୮୨ଟିର କାମ ସରୁନାହିଁ। ଏହି କାମ ହାତେଇଥିବା ଠିକା ସଂସ୍ଥାଗୁଡିକ ସରକାରଙ୍କୁ ନାକେଦମ୍ କରିସାରିଲେଣି। ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା କେତେକ ତ୍ରୁଟିକୁ ଢାଲକରି ସେମାନେ ବର୍ତ୍ତମାନ ପ୍ରକଳ୍ପ ଲାଗି ଅନୁମୋଦିତ ହୋଇଥିବା ଟଙ୍କାକୁ ଏବେ ବଢ଼ାଇବା ପାଇଁ ଦାବି କଲେଣି। ଏହା ବର୍ତ୍ତମାନ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଗତ ସପ୍ତାହର ୧୨ ତାରିଖରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯେଉଁ ଠିକାସଂସ୍ଥା ତୁରନ୍ତ ନ ସାରିଛନ୍ତି ସେମାନଙ୍କୁ କଳାତାଲିକାଭୁକ୍ତ କରିବା ସହିତ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ସିଧାସିଧା ଚରମବାଣୀ ଶୁଣାଇଥିଲେ। ହେଲେ ଏହାର ପ୍ରଭାବ କୁଆଡ଼େ ଠିକାସଂସ୍ଥା ଉପରେ ସେମିତି ପଡ଼ି ନ ଥିବା ଜଣାପଡ଼ିଛି। ଫଳରେ ଏହି କଥା ବର୍ତ୍ତମାନ କୁଆଡ଼େ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ନିଆଯାଇଛି ; ଯେଉଁଥିଲାଗି ଗତ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଏବଂ ପାନୀୟ ଜଳ ଓ ପରିମଳ ବିଭାଗ ସଚିବ ଥିବା ଅଶୋକ କୁମାର ମୀନାଙ୍କ ନିର୍ଦ୍ଦେଶରେ ଏକ ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର ୫୦:୫୦ରେ ଅର୍ଥ ଦେଇଥାଆନ୍ତି। ତେଣୁ ରାଜ୍ୟର ଏହି ସମସ୍ୟାକୁ ମଧ୍ୟ କେନ୍ଦ୍ର ଗୁରତର ସହ ବିଚାରକୁ ନେଇଛି।

ବିଧାନସଭାର ଜଣେ ବରିଷ୍ଠ ସଦସ୍ୟଙ୍କ ସୂଚନା ମୁତାବକ, ରାଜ୍ୟରେ ଚାଲିଥିବା ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ୨ ବର୍ଷରେ ଶେଷ ହେବା କଥା। ହେଲେ ଯେଉଁଠି ଏହି ପ୍ରକଳ୍ପ କାର୍ଯ୍ୟ ହେବ ସେଠାରେ ବିଭିନ୍ନ ପ୍ରକାର ସରକାରୀ ସମସ୍ୟାକୁ ପଞ୍ଚାୟତିରାଜ ବିଭାଗ ସମାଧାନକରି ଅନୁମୋଦନ ଆଣିବା ପରେ ଠିକାସଂସ୍ଥାଗୁଡିକ ସେମାନଙ୍କ କାମ ସାରନ୍ତି। ଅନେକ ସ୍ଥାନରେ ବିଭାଗୀୟ ଅବହେଳା କାରଣରୁ ବିଭିନ୍ନ ପ୍ରକାର କ୍ଲିୟରାନ୍ସ ଆଣିବାରେ ବିଭାଗୀୟ ଅଧିକାରୀମାନେ ଢିଲା ମାରିବା ଯୋଗୁ ପ୍ରକଳ୍ପ କାମ ଡେରି ହୋଇଚାଲିଛି। ଏହାକୁ ନେଇ ଠିକାସଂସ୍ଥାଗୁଡିକ ଦାବି କରୁଛନ୍ତି, ଯେଉଁ ସମୟରେ ଟେଣ୍ଡର ହୋଇଥିଲା ସେତେବେଳେ ବାଲି, ଗୋଡ଼ି, ରଡ୍, ଛଡ଼, ସିମେଣ୍ଟ ଏବଂ ଗାଡ଼ିଭଡ଼ା ଆଦି ଯେତିକି ଟଙ୍କା ଥିଲା ସେସବୁର ଦର ବିଭିନ୍ନ କ୍ଲିୟରାନ୍ସ ଆସିବାରେ ବିଳମ୍ବ ଭିତରେ ବହୁଗୁଣା ବଢିଗଲାଣି। ତେଣୁ ଯଦି ନୂଆ ଦରରେ କାର୍ଯ୍ୟ କରାଯାଏ ତେବେ ପ୍ରକଳ୍ପ କାମ କଲେ ସେମାନେ ବ୍ୟାପକ ଆର୍ଥିକ କ୍ଷତି ସହିବେ, ତେଣୁ ଏହାର ସମାଧାନ ଦାବି କରିଛନ୍ତି। ଏକଥା ମନ୍ତ୍ରଣାଳୟ ଦୃଷ୍ଟିକୁ ଆସିଛି।

ଅନ୍ୟପକ୍ଷରେ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କରାଯାଇଥିବା ବୈଠକରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଇଆଇସି ପ୍ରକଳ୍ପଗୁଡିକର ଅଗ୍ରଗତି ଏବଂ ଅନ୍ୟାନ୍ୟ ବିଷୟରେ ଜଣାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ପ୍ରକଳ୍ପ ସବୁର ଅଗ୍ରଗତି ନେଇ ସମୀକ୍ଷା କରିବାକୁ ମନ୍ତ୍ରଣାଳୟର ଏକ ଟିମ୍ ଆସନ୍ତା ମାସକ ମଧ୍ୟରେ ରାଜ୍ୟ ଗସ୍ତରେ ଆସି ଏହିସବୁ ପ୍ରକଳ୍ପର କାର୍ଯ୍ୟର ସମୀକ୍ଷା କରିବ ବୋଲି ଜଣାପଡିଛି। ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜରାଟ ଏବଂ ଉତ୍ତରପ୍ରଦେଶ ଆଦି ରାଜ୍ୟର ଅଧିକାରୀମାନଙ୍କୁ ଡାକି ସେମାନଙ୍କ ପ୍ରଦେଶରେ ଚାଲିଥିବା ଏହି ପ୍ରକଳ୍ପଗୁଡିକର ସ୍ଥିତି ବିଷୟରେ ବୁଝିଥିଲା। ଓଡ଼ିଶା ତୁଳନାରେ ଅନ୍ୟ ରାଜ୍ୟଗୁଡିକରେ ପ୍ରକଳ୍ପ କାମ ଆହୁରି ମନ୍ଥର ଅବସ୍ଥାରେ ଚାଲିଥିବା ଜାଣି କେନ୍ଦ୍ରୀୟ ଅଧିକାରୀ ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ଆସନ୍ତା ମାସରେ ମନ୍ତ୍ରୀ ନାଏକ ଏହି ପ୍ରକଳ୍ପଗୁଡିକର କାମ ଆଗେଇବା ଲାଗି ଦେଇଥିବା ଚେତାବନୀରେ ଠିକାସଂସ୍ଥାଗୁଡିକ କେତେ ଡରି କାର୍ଯ୍ୟ ତ୍ୱରିତ ବେଗରେ କରିଛନ୍ତି ସେ ନିଜେ ଆତ୍ମସମୀକ୍ଷା କରିବେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଅଲ୍ ବ୍ରିଡ୍ସ ଚାମ୍ପିୟନଶିପ୍ ଡଗ୍ ଶୋ, ସ୍ଥାନ: ଓଡ଼ିଶା ଭେଟେରିନାରି କଲେଜ ପରିସର(ଓୟୁଏଟି), ସମୟ: ପୂର୍ବାହ୍ନ ୧୦ଟା।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସଟଲ୍ ସ୍ମାଶର୍ସ-୨୦୨୫, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ସମ୍ବାଦପତ୍ର ପ୍ରତିଜ୍ଞାର ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଭୀମଟାଙ୍ଗି, ସମୟ: ଅପରାହ୍ନ ୪ଟା ୩୫।
- ଇଟିକିଲି ମିଟିକିଲି ପକ୍ଷରୁ ପାଲୁଅ ଲଡ୍ଡୁ ଦିବସ ପଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ସୋର ଶିରିଡ଼ି ସାଇ ପରିବାର ତରଫରୁ ଦଶମ ବାର୍ଷିକ ଉତ୍ସବ, ସ୍ଥାନ: ସାଇ ଅନନ୍ତ ପ୍ଲାଜା, ଉତ୍ତରେଶ୍ୱର, ସୋର, ସମୟ: ସକାଳ ୬ଟା ୩୦।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଆବିର୍ଭାବ ମହାମହୋତ୍ସବ ଓ ଜିଲାସ୍ତରୀୟ ସତ୍‌ସଙ୍ଗ ଉତ୍ସବ, ସ୍ଥାନ: ଛଚିନା ମିନି ଷ୍ଟାଡିୟମ୍, ବସ୍ତା, ସମୟ: ସକାଳ ୭ଟା ୩୦।
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ପୁରାତନ ଛାତ୍ର ସଂସଦର ୧୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୋପାଳପୁର ପିଏମ୍‌ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ବାହାନଗା, ପତାକା ଉତ୍ତୋଳନ, ସମୟ: ସକାଳ ୮ଟା ୩୦।
- ସାଧାରଣ ସଭା, ସମୟ: ଅପରାହ୍ନ ୫ଟା।
- ଗାଁ ମଜଲିସ ସାହିତ୍ୟ ସଂସଦ ସୋରର ୩୬ତମ ବାର୍ଷିକ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ଉତ୍ତରେଶ୍ୱର, ସୋର, ସମୟ: ସକାଳ ୯ଟା ୩୦।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନୋସି ଏକ୍ସପୋ ମେଳାର ତୃତୀୟ ଦିବସ, ସ୍ଥାନ: ନୋସି ବିଜିନେସ ପାର୍କ ପରିସର, ବାମପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଶକୁନ୍ତଳା ପବ୍ଲିକ ସ୍କୁଲ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସେଣ୍ଡ ଫେଷ୍ଟ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ବାଲେଶ୍ୱର ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ବାସନ୍ତୀ ପଡ଼ିଆ, ପୀରହାଟ, ତିହିଡ଼ି, ସମୟ: ସକାଳ ୯ଟା।
- ଧାନକିଣା ପାଇଁ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ବାର୍ଷିକ ଶିଶୁ ଉତ୍ସବ, ସ୍ଥାନ: କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବ୍ରିଗେଡ୍ ସ୍କୁଲର ରଜତ ଜୟନ୍ତୀ ମହୋତ୍ସବ, ସ୍ଥାନ: ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜୟନଗର ଅନନ୍ତ କେଶରୀ ଉ.ପ୍ରା. ବିଦ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: ଆଖୁଆପଦା, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ନିଉ କେନ୍ଦୁଝର କନ୍‌କ୍ଲେଭ, ସ୍ଥାନ: ନଗର ଭବନ, କେନ୍ଦୁଝର, ସମୟ: ଅପରାହ୍ନ ୨ଟା।
- ବିଶ୍ୱ ଧ୍ୟାନ ଦିବସ, ସ୍ଥାନ: ପ୍ରଜାପିତ ବ୍ରହ୍ମା କୁମାରୀ, ବଡ଼ବିଲ,ସମୟ : ଅପରାହ୍ନ ୪ ଟା।
- କାରୋଲ ଶୋଭାଯାତ୍ରାର ସହର ପରିକ୍ରମା, ସ୍ଥାନ: ସେଣ୍ଟ ମେରିଜ ଚର୍ଚ୍ଚ, ବଡ଼ବିଲରୁ ଆରମ୍ଭ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: କୁଆମରା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ବାରିପଦା ଷ୍ଟାଡିୟମ ଓ ଷ୍ଟେଶନ ବଜାର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ୧୬ବର୍ଷରୁ କମ୍ ଆନ୍ତରାଜ୍ୟ ଟି-୨୦ର ଫାଇନାଲ ମ୍ୟାଚ୍, ସ୍ଥାନ: ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୨୨ତମ ବାର୍ଷିକ ଉତ୍ସବ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବନସାହି, ସମୟ: ପୂର୍ବାହ୍ନ ୧୧ଟା।
- ଟ୍ରାଇବାଲ୍ ଥିଏଟର ସେଣ୍ଟରର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମୁର୍ଗାବାଡ଼ି ଏଲ୍‌ଆଇସି କଲୋନୀ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୋପବନ୍ଧୁନଗର, ସମୟ: ଅପରାହ୍ନ ୪ଟା ୩୦।
- ୪୨ତମ ବାର୍ଷିକ ଉତ୍ସବ, ସ୍ଥାନ: ବେତନଟୀ କଳା ବିକାଶ କେନ୍ଦ୍ର, ବେତନଟୀ, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ବ୍ଲକ୍ କରଚୁଲୀ ଶିଶୁମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ଶିବିର, ସ୍ଥାନ: ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- କଂଗ୍ରେସର ବିକ୍ଷୋଭ ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ସୂର୍ଯ୍ୟାଲୋକ ଫାଉଣ୍ଡେଶନର ୭ମ ବାର୍ଷିକ ଉତ୍ସବ, ସ୍ଥାନ:ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୦ଟା।
- ସର୍ଦ୍ଦାର ପଟେଲ ହାଇସ୍କୁଲର ଡାଇମଣ୍ଡ ଜୁବୁଲି ଉଦଘାଟନ, ସ୍ଥାନ: ସର୍ଦ୍ଦାର ପଟେଲ ହାଇସ୍କୁଲ ପରିସର, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ରକ୍ତଦାନ ଶିବିର, ସ୍ଥାନ : ପିଟୁସି ହାଇସ୍କୁଲ , ଅନୁଗୋଳ, ସମୟ: ସକାଳ ୮ ଟା ୨୦ ।
- ମହର୍ଷି ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ତୁରଙ୍ଗ ବିଦ୍ୟାଳୟ ପରିସର ପଡିଆ, ସମୟ: ସକାଳ ୯ଟା।
- ଦିଲ୍ଲୀ ପବ୍ଲିକ ସ୍କୁଲର ୧୩ ତମ ବାର୍ଷିକ ଉତ୍ସବ, ସ୍ଥାନ : ବଅଁରପାଳ , ଅନୁଗୋଳ, ସମୟ: ଅପରାହ୍ନ ୪ ଟା ୩୦ ।

## ଯାଜପୁର

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଯାଜପୁର ପ୍ରଶାସନିକ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ: ଯାଜପୁର ରୋଡ୍ କାଳୀ ମେଲଣ ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୨୫ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା । ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦ ।
- ୧୬ତମ ସର୍ବ ଭାରତୀୟ ସଦାଶିବ ସ୍ମାରକୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସାଇ ଇଲେଭେନ ବନାମ ତମାଣ୍ଡୋ କ୍ରିକେଟ କ୍ଲବ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଶୁଭମ୍ ମେମୋରିଆଲ ଭଲି ଟୁର୍ନାମେଣ୍ଟର ୫ମ ଦିବସରେ ୨ୟ ସେମି ଫାଇନାଲ ନୟାଗଡ଼ ପୁରୁଣା ସହରର ମା' ଦକ୍ଷୀଣ କାଳୀ ଭଲି କପ୍ ବନାମ ରାଜବାଟି କ୍ଲବ ନୟାଗଡ଼ ପୁରୁଣା ସହର, ସ୍ଥାନ: ନୟାଗଡ ଦକ୍ଷିଣକାଳୀ ପଡିଆ, ସମୟ: ସନ୍ଧ୍ୟା ୫ଟା ୩୦।
- ଶୁଭମ ମେମୋରିଆଲ ଭଲି ଟୁର୍ନାମେଣ୍ଟର ୫ମ ଦିବସରେ ଭାଟସାହି ବନାମ ଲେଙ୍କୁଡିପଡା,ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ପଡିଆ, ସମୟ: ସନ୍ଧ୍ୟା ୭ଟା ୩୦।

## ରାୟଗଡ଼ା

- ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା, ସ୍ଥାନ: ରାୟଗଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ମୁନିଗୁଡ଼ା ନୋଡାଲ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଗୁଣପୁର, ସମୟ: ସନ୍ଧ୍ୟା ୫ଟା ୩୦।

## ନବରଙ୍ଗପୁର

- ସାଂସଦସ୍ତରୀୟ କ୍ରୀଡ଼ା ମହୋତ୍ସବ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୯ଟା।
- ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ର ପନ୍ଦରା ସମାଜ ବାର୍ଷିକ ଉତ୍ସବ, ସ୍ଥାନ: କନେଫରେନ୍ସ ହଲ, ଏଇଏଫ ମାର୍କେଟ, ସୁନାବେଡ଼ା, ସମୟ: ସକାଳ ୯ଟା।
- ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପରିଦର୍ଶନ, ସ୍ଥାନ: କୋଟିଆ ପଞ୍ଚାୟତ, ପଟ୍ଟାଙ୍ଗି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ସମାବେଶ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାସାୟନିକ ସାର ମୁକ୍ତ ଗ୍ରାମ, ସ୍ଥାନ: କଟନୀ କୁଣ୍ଡ, କୁନ୍ଦୁରା ବ୍ଲକ୍, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ସ୍ମୃତି ସମିତି ଆୟୋଜନରେ ବିବିଧ ପ୍ରତିଯୋଗିତା, ସ୍ଥାନ : ପଟ୍ଟନାୟକପଡା ସ୍ଥିତ ବ୍ରଜ ମୋହନ ପଟ୍ଟନାୟକ ୟୁପି ସ୍କୁଲ, ସମୟ : ସକାଳ ୯ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଉଦ୍‌ଘାଟନ ଉତ୍ସବ, ସମୟ : ପୂର୍ବାହ୍ନ ୧୧ଟା ।
- ମାରୱାଡ ମହୋତ୍ସବ-୨୦୨୫ରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅନାମିକା ଅମ୍ବରଙ୍କ କବିତା ପାଠୋତ୍ସବ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବସ୍ଥଳ, ସମୟ : ଅପରାହ୍ନ ୫ଟା ।
- କଖଗ ଅନୁଷ୍ଠାନ ଆୟୋଜିତ ନାଟ୍ୟସ୍ରୋତ-୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୪୫ ।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆର୍‌ଏନ୍‌ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ୫୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଚାନ୍ଦଲି ପାହାଡ଼ ମହୋତ୍ସବର ଲୋଗୋ ଉନ୍ମୋଚନ, ସ୍ଥାନ: ଚାନ୍ଦଲି ପାହାଡ, ଦେଷଣ୍ଟ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ମ୍ୟୁନିସିପାଲ କଲେଜରେ ଅଧ୍ୟାପନା ବିକାଶର ତୃତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ଆଇଆର ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଡିଏ, ସମୟ: ପୂର୍ବାହ୍ନ ୧୦ଟା।
- ବିପିୟୁଟିରେ ଜାତୀୟ ଗବେଷକ ସମ୍ମିଳନୀ, ସ୍ଥାନ: ବିପିୟୁଟି ନେତାଜୀ ସୁଭାଷ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ୱିଣ୍ଟର କ୍ରିକେଟ୍ ମ୍ୟାଚ୍, ସ୍ଥାନ: ବାସନ୍ତୀ କଲୋନି ଡିଏଭି ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡୋ ଇଂଲିଶ ବିଦ୍ୟାଳୟରେ ବିଜ୍ଞାନ ମେଳା, ସ୍ଥାନ: ଓରାମପଡା ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର ଜୟନ୍ତୀ ସମାରୋହ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।
- ବହୁଭାଷୀ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ହେମଗିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବେଲଡିପା,ସମୟ :ସକାଳ ୯ଟା।
- ସୁନ୍ଦରଗଡ କ୍ଷତ୍ରିୟ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ:ବିକାଶ ଭବନ, ପୂର୍ବାହ୍ନ: ୧୦ଟା।
- ବିହା ବାଏଲ ଉତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ:ଇବ ନଦୀ ମହାଦେବ ପଡାଘାଟ,ସମୟ: ସନ୍ଧ୍ୟା ୫ଟା୩୦।

## ବରଗଡ଼

- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା ୪୫।
- ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ ବିଭାଗ)ର ବାର୍ଷିକ ଉତ୍ସବ, ସ୍ଥାନ: ସରସତୀ ଶିଶୁ ମନ୍ଦିର ପରିସର, କେଶବ ନଗର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ନୃତ୍ୟ ସଙ୍ଗମ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ ଦଳପତିପଡ଼ା, ସମୟ: ରାତି ୯ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ : ଦେବଗଡ ସହର, ସମୟ : ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ : ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ, ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ : ୬ଟା ୩୦।

## ସୁବର୍ଣ୍ଣପୁର

- ଭିନ୍ନକ୍ଷମ ଶିଶୁଙ୍କ ସୃଜନାତ୍ମକ ଉତ୍ସବ କସ୍ତୁରୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ବ୍ଲକ ଧୁବାମୁଣ୍ଡାସ୍ଥିତ ରେଆର କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା୩୦।
- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରେ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥାନରେ ଚତୁଃଗ୍ରହ ଯୋଗରୁ ଆଜିର କର୍ମକ୍ଷେତ୍ର, ପାରିବାରିକ ସ୍ଥିତି ସାଙ୍ଗକୁ ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବ। ସକାଳୁ ପ୍ରତୀକ୍ଷା କରିଥିବା ଶୁଭ ଖବର ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ ସନ୍ତୋଷଜନକ ରହିବା ସହ ବନ୍ଧୁବତ୍ସଳ ହେବେ। ପରିବାରର ନିର୍ଦ୍ଦେଶକ୍ରମେ ବସ୍ତ୍ରାଳଙ୍କାରାଦି କ୍ରୟ କରିପାରନ୍ତି।

**ବୃଷ** ବୁଧ ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ଯୋଗ ପ୍ରଭାବରେ ଅର୍ଥକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହେବେ। କର୍ମକ୍ଷେତ୍ର, ଯାନବାହନ, ଦୋକାନ ବାଡ଼ି, ସଭା ସମିତିରେ ଟେନ୍‌ସନ ଲାଗିରହିବ। ଅତି ନିକଟରେ ରହି ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ରାଶିରେ ବୃହସ୍ପତି ପାପଗ୍ରହ ରାହୁଙ୍କ ଦୃଷ୍ଟିରେ ଥିବାରୁ ସମସ୍ୟାଜନିତ ଅସ୍ଥିରତା ଦେଖାଦେବ। ପାରିବାରିକ ଦିଗଟି ଭଲ ରହିବା ସାଙ୍ଗକୁ ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନାହିଁ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଦୂରଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିପାରେ।

**କର୍କଟ** ଏକାଧିକ ଗ୍ରହ ସହ ରାଶ୍ୟାଧିପ ଷଷ୍ଠସ୍ଥ ରହିଥିବାରୁ କର୍ମକ୍ଷେତ୍ରରେ ସ୍ଥାନାନ୍ତର ସୂଚନା ରହିଛି। ବନ୍ଧୁଗହଣରେ ଯୁକ୍ତିଯୁକ୍ତ କଥା କହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କାପଇସା କ୍ଷେତ୍ରରେ ସତର୍କ ନ ରହିଲେ ଅନୁତାପ କରିପାରନ୍ତି। ପାରିବାରିକ କ୍ଷେତ୍ର, ଯାନବାହନ, ଦୋକାନବାଡ଼ି ପ୍ରଭୃତିରେ ସମସ୍ୟା ଦେଖାଦେବ।

**ସିଂହ** ଏକାଧିକ ଗ୍ରହଙ୍କ ସହ ରବି ଥିବା ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହି ନ ପାରେ। ଲୋଭ ଏବଂ ସନ୍ଦେହ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅସ୍ୱାଭାବିକ କରିପାରେ। ଅପରାହ୍ନେ ବନ୍ଧୁଙ୍କ ଅଯାଚିତ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅପରିବହନ, ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶାନୁଯାୟୀ ଫଳ ପାଇବେ।

**କନ୍ୟା** ଭାଗ୍ୟସ୍ଥାନକୁ ବୁଧ ଦେଖୁଥିବାରୁ ଆଜିର ସବୁ କାମ ବନ୍ଧୁଙ୍କ ସାହାଯ୍ୟରେ ସମ୍ପନ୍ନ ହେବ। ଶତ୍ରୁତାର ଅବସାନ ଘଟିବ, ରୋଗପୀଡ଼ା ଉପଶମ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ସାଙ୍ଗଠନିକ କାମ, ରାଜନୀତି ଓ ସଭା ସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା** ଆଜି ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଙ୍ଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରଶାସନ, ଅନୁସନ୍ଧାନ, କୃଷି, ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**ବିଛା** କର୍ମ ସ୍ଥାନରେ ଭାଗ୍ୟାଧିପ ଅବସ୍ଥାନ କରି ଅଭିଳାଷ ପୂରଣ କରିବାରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟରେ ମାଲ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ ; କିନ୍ତୁ ସମୟାନ୍ତରେ ସମାଧାନ ହୋଇଯିବ। ପାରିବାରିକ ଜୀବନ ଉତ୍ତମ ବୁଝାମଣାଜନିତ ସୁଖ ସନ୍ତୋଷ ପାଇପାରିବେ।

**ଧନୁ** ରାଶିରେ ଚତୁଃଗ୍ରହ ଯୋଗ ହେତୁ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବେ। ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ, ନଚେତ୍ ପରକ୍ଷଣରେ ପରିସ୍ଥିତି ବଦଳି ଯାଇପାରେ। ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ପରିବହନ ଓ ଆଇନ କ୍ଷେତ୍ରରୁ ଉଚ୍ଚ ଫଳ ପାଇବେ।

**ମକର** ରାଶିରେ ଶୁକ୍ର ରହିଥିବାରୁ ଭୋଗବିଳାସ ପ୍ରତି ଆକର୍ଷିତ ହେବେ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ବୁଧ ପ୍ରଭାବରେ କର୍ମକ୍ଷେତ୍ରର ବିବଦମାନ ସ୍ଥିତି ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥ ଅପରିହାର୍ଯ୍ୟ ହୋଇପାରେ। ସକାଳୁ ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବେ। ପରିସ୍ଥିତିକୁ ଆଖି ଆଗରେ ରଖି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରିଲେ କାର୍ଯ୍ୟ ସାଧନ କରିପାରିବେ।

**ମୀନ** ଆଜିର ଗ୍ରହସ୍ଥିତିରୁ ମନ ଭୁଲାଣିଆ କଥାରେ ଶତ୍ରୁମାନେ ମଧ୍ୟ ମିତ୍ର ପାଲଟିଯିବେ। କିନ୍ତୁ ଭାବପ୍ରବଣବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନ ହାନି ଘଟିପାରେ। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ ସ୍ଥିରତା ଫେରିବ। ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଡିସେମ୍ବର ୨୧ ତାରିଖ, ପୌଷ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୩ ଗତେ ଘ.୦୯।୧୩ ମଧ୍ୟେ, ଘ.୦୧।୦୫ ଗତେ ଘ.୦୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୭ ଗତେ ଘ.୦୫।୦୮ ମଧ୍ୟେ ରାହୁ କାଳ ।।

# ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇଆଡ଼େ ଗଲି ସିଆଡ଼େ ଗଲି,**
**ତାଳଗଛ ମୂଳେ ହାବୁଡ଼ି ଗଲି,**
**ତାଳଗଛ ମୂଳେ ଢେମଣା।**
**ତୁ ଯହିଁ ପାଇଁ ନହର ପହର,**
**ତତେ କିଏ ଦେବ ମାଗଣା ?**

କିଛି ପାଇବା ପାଇଁ ହେଲେ କିଛି ଦେବାକୁ ପଡ଼ିଥାଏ। ସେହିପରି ଭଲ ପାଇବା ପ୍ରତିବଦଳରେ ସେମିତି ସ୍ନେହ ଓ ସଦିଚ୍ଛା ଦେବାକୁ ହୋଇଥାଏ। ପ୍ରେମିକ ଓ ପ୍ରେମିକାର ମିଳନ ସ୍ଥଳ ତଥା ପ୍ରେମର ପରିଭାଷା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇଟାମାଟି ବଡ ଟାଣ**
**କଟୁ ବଚନକୁ ସହି ନ ପାରିବି**
**ହେଲିଣି ହଇରାଣ।**

କଟୁ କଥାକୁ ଅନେକେ ସହଜରେ ଗ୍ରହଣ କରିପାରି ନ ଥାନ୍ତି। ଇଟା ଯେମିତି ହାତକୁ ଟାଣ ଲାଗେ, କଟୁ କଥା ମଧ୍ୟ ସେମିତି ମନରେ କଷ୍ଟ ଦେଇଥାଏ। କଟୁବଚନ ଦେହ ଓ ମନକୁ ଯନ୍ତ୍ରଣା ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୧୦ ଟଙ୍କାରେ ଧାନ ...



ବିନିକା କଉଡିଆମୁଣ୍ଡା ଛକରେ ଚାଷୀମାନେ ରାସ୍ତା ଅବରୋଧ କରି ଧାନ ବିକ୍ରି କରୁଛନ୍ତି।

ଅମଳ ସାରି ଧାନ ବିକ୍ରି କରିବାକୁ ଚାହିଁବସିଥିବାବେଳେ ଟୋକନ ମିଳିନାହିଁ। ଅନନ୍ୟୋପାୟ ହୋଇ ସେମାନେ କମ୍ ଦାମ୍‌ରେ ବେପାରୀଙ୍କୁ ଦେଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅନ୍ୟପଟେ ରବିଧାନ ଲାଗି ତଳି ପକାଇବା ପାଇଁ ସେମାନଙ୍କ ହାତରେ ଅର୍ଥ ନାହିଁ। ଏପରି ସ୍ଥିତିକୁ ହୃଦୟଙ୍ଗମ କରି ସରକାର ଅବିଳମ୍ବେ ଚାଷୀଙ୍କୁ ଟୋକନ ଉପଲବ୍ଧ କରାଇବା ସହ ଧାନକିଣାରେ ଚାଲିଥିବା ଅଚଳାବସ୍ଥାକୁ ଦୂର କରିବା ଜରୁରୀ ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନେ ଆନ୍ଦୋଳନ ଚଳାଇଥିଲେ ହେଁ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଶେଷରେ ଅପରାହ୍ନ ୩ଟାରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିଲେ ହେଁ ଆନ୍ଦୋଳନ ଚାଲିବ ବୋଲି କହିଥିଲେ। ସ୍ଥିତିରେ ପରିବର୍ତ୍ତନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଚାଷୀମାନେ କହିଛନ୍ତି ।

## ଟ୍ରେନ୍ ଧକ୍କାରେ ...

ଘଟଣାସ୍ଥଳରେ ୭ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ହାତୀ ଆହତ ହୋଇଛି। ସେତେବେଳେ କୁହୁଡ଼ି ଯୋଗୁ କମ୍ ଦେଖାଯାଉଥିଲା। ହାତୀପଲ ରେଳଲାଇନ୍ ଉପରେ ଚଢ଼ିଆସିଥିବା ନିକଟରୁ ଦେଖିବା ପରେ ଲୋକୋପାଇଲଟ୍ ରଖି ଏମର୍ଜେନ୍ସି ବ୍ରେକ୍ ଦେଇଥିଲେ ହେଁ ଟ୍ରେନ୍‌କୁ ନିୟନ୍ତ୍ରଣ କରିପାରି ନ ଥିଲେ। ଫଳରେ ହାତୀପଲକୁ ଧକ୍କାଦେବା ପରେ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହୋଇଯାଇଥିଲା। ଏଥିଯୋଗୁ ଉକ୍ତ ରେଳପଥ ଦେଇ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନେକ ଟ୍ରେନ୍‌କୁ ଭିନ୍ନ ରୁଟ୍‌କୁ ଡାଇଭର୍ଟ କରାଯାଇଥିଲା। ନର୍ଥ ଫ୍ରଣ୍ଟିୟର ଜେନେରାଲ ମ୍ୟାନେଜରଙ୍କ ସମେତ ଲୁମ୍‌ଡିଙ୍ଗ୍ ଡିଭିଜନ୍‌ର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ଯାତ୍ରୀଙ୍କ ପାଇଁ ଯାତ୍ରା ବନ୍ଦୋବସ୍ତ କରିଥିଲେ। ସକାଳ ପ୍ରାୟ ୬ଟା ୧୫ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ କହିଛନ୍ତି, ଜଙ୍ଗଲ ମଧ୍ୟରେ ହିମନ୍ତ ବିଶ୍ୱଶର୍ମା ସରକାରଙ୍କ ଯୋଜନାବିହୀନ ଦ୍ରୁତ ନିର୍ମାଣ କାର୍ଯ୍ୟ ଯୋଗୁ ଜୀବଜନ୍ତୁଙ୍କୁ ପ୍ରଭାବିତ କରୁଛି।

## ଅଦାଲତ ସବୁବେଳେ ...

ହୋଇଛନ୍ତି। ଏହି ନିର୍ମାଣଗୁଡ଼ିକ ହାତୀଙ୍କ ଗତିବିଧି ଉପରେ ଏକ ହସ୍ତକ୍ଷେପ। ତେଣୁ ମୂକ ଶିକାର ହେଉଥିବା ପ୍ରାଣୀଙ୍କ ସପକ୍ଷରେ ଅଦାଲତଗୁଡ଼ିକ ରାୟ ଦେବେ। ତାମିଲନାଡୁ ସରକାର ନୀଳଗିରିର ସିଗୁର ଅଞ୍ଚଳରେ ହାତୀ କରିଡର ପ୍ରତିଷ୍ଠା ପାଇଁ ବିଜ୍ଞପ୍ତି ପ୍ରକାଶ ସହ ଜଙ୍ଗଲ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟିର ୧୨ ସୁପାରିସକୁ ମାଡ୍ରାସ୍ ହାଇକୋର୍ଟ ଅନୁମୋଦନ କରିଛନ୍ତି। ତଦନୁସାରେ ହାତୀ କରିଡର ପାଇଁ ଉଦ୍ଦିଷ୍ଟ ଅଞ୍ଚଳରେ ୩୯ ରିସର୍ଟ ଓ ୩୯୦ ଘର ସମେତ ୮୦୦ରୁ ଉର୍ଦ୍ଧ୍ୱ ଘରୋଇ ନିର୍ମାଣକୁ ଉଚ୍ଛେଦ କରାଯିବ। ଏହାକୁ ହୋଟେଲ ମାଲିକମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।




# ୪୦ ପରେ ୩ ନେତାଙ୍କୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

ବିଜେଡିର ପ୍ରାୟ ୪୦ ଜଣ ପୂର୍ବତନ ବିଧାୟକ ଏବଂ ୨୦୨୪ରେ ବିଧାୟକ ପ୍ରାର୍ଥୀ ହୋଇଥିବା ନେତା ଭୁବନେଶ୍ୱର ଉପକଣ୍ଠରେ ଶୁକ୍ରବାର ଏକ ଭୋଜି କରିଥିଲେ। ସେହି ଭୋଜିରେ କିନ୍ତୁ କେହି ସେମିତି ନିଜକୁ ବରିଷ୍ଠ ବା ରାଜ୍ୟସ୍ତରୀୟ ନେତା ବୋଲାଉଥିବା ଚେହେରାଙ୍କୁ ଦେଖିବାକୁ ମିଳି ନ ଥିଲା। ଯେଉଁମାନେ ଭୋଜି କରିଥିଲେ ସେମାନଙ୍କ ମଧ୍ୟରେ ଅଧିକାଂଶ ଯୁବ ଚେହେରା ରହିଥିଲେ। ଯାହା ଶୁଣାଗଲା, ଦଳର ଭବିଷ୍ୟତ ଏବଂ ଦଳୀୟ କଥାରେ ମାମଲାତି କରୁଥିବା ନେତାଙ୍କ ବିରୋଧରେ ଏହି ମେଳି ହୋଇଥିଲା। ଏହି କଥାକୁ ଦିନଟେ ପୂରିନାହିଁ, ବାଲେଶ୍ୱର ଜିଲାର ୩ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସ୍ୱରୂପ ଦାସ ଏବଂ ସୁକାନ୍ତ ନାଏକ ଶନିବାର ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନକୁ ଆସି ପହଞ୍ଚିଲେ। ହେଲେ ଜିଲାର ୩ ପୂର୍ବତନ ବିଧାୟକ ଅରୁଣଙ୍କ ଘରେ ଏକାସଙ୍ଗେ ପହଞ୍ଚିବାର କାରଣ କ'ଣ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେମାନଙ୍କ ମଧ୍ୟରୁ ଜଣେ କହିଥିଲେ, ଉତ୍ତର ଓଡ଼ିଶା ଉତ୍ସବ ଲାଗି ନିମନ୍ତ୍ରଣ ଦେବା ପାଇଁ ଆସିଥିଲେ। ହେଲେ ନିମନ୍ତ୍ରଣ ଆଳକରି ଜିଲାର ଏହି ୩ ନେତା ଅରୁଣଙ୍କ ସହ କାହିଁକି ଆଲୋଚନା କଲେ ତାହା ମଧ୍ୟ ବିଶେଷ ଚର୍ଚ୍ଚାର ବିଷୟ ପାଲଟିଛି। ଏଠାରେ ସୂଚାଇ ଦିଆଯାଇପାରେ, ବିଜେଡିର ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲା ସଭାପତି ଚୟନ ଏଯାଏ ହେଇପାରି ନାହିଁ। ବାଲେଶ୍ୱର ଜିଲାରେ ସଭାପତି ପଦ ଲାଗି ରବୀନ୍ଦ୍ର ଜେନା ଇଚ୍ଛୁକ ଥିବାବେଳେ ତାଙ୍କୁ କିନ୍ତୁ କେତେଜଣ ବିଧାନସଭା ମଣ୍ଡଳୀ ନେତା ବିରୋଧ କରୁଛନ୍ତି। ଏଥିଲାଗି ଏହା ସମ୍ଭବ ହୋଇପାରୁ ନାହିଁ। ସେପଟେ ଯଦି ଜିଲା ସଭାପତି ପଦ ନ ମିଳେ ତେବେ ରବୀନ୍ଦ୍ର ଦଳ ଛାଡ଼ିଦେବାକୁ କୁଆଡ଼େ ସିଧାସଳଖ ଶୁଣାଇ ଦେଇଥିବା ଅରୁଣଙ୍କ ଘରକୁ ଆସିଥିବା ୩ ନେତାଙ୍କ ମଧ୍ୟରୁ ଜଣେ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସେ ଆହୁରି କହିଛନ୍ତି, ଯାହା ନିଷ୍ପତ୍ତି କରିବା କଥା ଦଳ ସମୟରେ ନ କରିବା ଯୋଗୁ ଜିଲା ସଙ୍ଗଠନ ଦିନକୁ ଦିନ ଖରାପ ସ୍ଥିତିକୁ ଯାଉଛି। ଦଳର ଏଭଳି କାର୍ଯ୍ୟକ୍ରମ ଉପରେ କର୍ମୀମାନେ ସନ୍ତୁଷ୍ଟ ନାହାନ୍ତି ବୋଲି ସେ କହିଛନ୍ତି। ତେବେ ଅରୁଣ କିଛିଦିନ ହେବ ଦଳରେ ପାଣ୍ଡିଆନଙ୍କ ମାମଲତିକୁ ବିରୋଧ କରୁଥିବା ନେଇ ଶୁଣାଯାଉଥିବା ବେଳେ ବାଲେଶ୍ୱର ନେତାମାନେ ସମାନ କଥା ଚିନ୍ତାକରି ତାଙ୍କ ଘରକୁ ଆସିଥାଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାଦ୍ୱାରା ଜିଲା ସଭାପତି ଚୟନ କଥାରେ ମଧ୍ୟ ଓଲଟା ପ୍ରଭାବ ବିଜେଡି ସଭାପତିଙ୍କ ଉପରେ ପକାଇବାର ଏହା ଏକ ଉପାୟ ହୋଇଥାଇପାରେ ବୋଲି କୁହାଯାଉଛି।

# ଅଣ୍ଡା ସୁରକ୍ଷିତ, କର୍କଟ ଭୟ ନାହିଁ: ଏଫ୍ଏସ୍ଏସ୍ଏଆଇ

ନୂଆଦିଲ୍ଲୀ, ୨୦।୧୨



ଭାରତୀୟ ବଜାରରେ ମିଳୁଥିବା ଅଣ୍ଡା ସ୍ୱାସ୍ଥ୍ୟପ୍ରଦ; ଏହାକୁ ନିର୍ଭୟରେ ଖାଇହେବ। ଅଣ୍ଡା ଖାଇବା ଦ୍ୱାରା କର୍କଟ ହେବାର ଦାବି ସମ୍ପୂର୍ଣ୍ଣ ଭ୍ରାନ୍ତ ଓ ଏହାର କୌଣସି ବୈଜ୍ଞାନିକ ଆଧାର ନାହିଁ ବୋଲି ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ଶନିବାର ସ୍ପଷ୍ଟ କରାଯାଇଛି। କିଛିଦିନ ଧରି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କେତେକ ସୂଚନାଭିତ୍ତିକ ଭିଡିଓ ଏବଂ ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଏଫ୍ଏସ୍ଏସ୍ଏଆଇ ଏହି ସ୍ପଷ୍ଟୀକରଣ ଦେଇଛି। ଉକ୍ତ ଭିଡିଓ ଏବଂ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ବଜାରରେ ବିକ୍ରି ହେଉଥିବା ଅଣ୍ଡା, ବିଶେଷକରି କିଛି ନିର୍ଦ୍ଦିଷ୍ଟ ବ୍ରାଣ୍ଡ (ଯେପରିକି 'ଏଗୋଜ୍')ର ଅଣ୍ଡାରେ କର୍କଟ ସୃଷ୍ଟିକାରୀ ନିଷିଦ୍ଧ ଆଣ୍ଟିବାୟୋଟିକ କେମିକାଲ୍ 'ନାଇଟ୍ରୋଫୁରାନ୍ ମେଟାବୋଲାଇଟ୍ସ (AOZ) ରହିଛି। ଏପରି କି ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଗୋଟିଏ ବ୍ୟାଚ୍ ଅଣ୍ଡା ନମୁନାର ଲାବରେଟୋରି ଯାଞ୍ଚରେ କର୍କଟ ରୋଗକାରକ ନାଇଟ୍ରୋଫୁରାନ୍ ଏବଂ ନାଇଟ୍ରୋଇମିଡାଜୋଲ୍ ରହିଥିବା ସୋସିଆଲ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା। ଏହାପରେ ଆଣ୍ଟିବାୟୋଟିକମୁକ୍ତ ଭାବେ ନିଜକୁ ଦର୍ଶାଉଥିବା ପ୍ରିମିୟମ୍ ଏଗ୍ ବ୍ରାଣ୍ଡ 'ଏଗୋଜ୍' ଏଫ୍ଏସ୍ଏସ୍ଏଆଇର ଯାଞ୍ଚ ପରିସରକୁ ଆସିଥିଲା। ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ଏଫ୍ଏସ୍ଏସ୍ଏଆଇ ଦେଶର ବିଭିନ୍ନ ସ୍ଥାନରୁ ବ୍ରାଣ୍ଡେଡ୍ ଓ ନନ୍ ବ୍ରାଣ୍ଡେଡ୍ ଅଣ୍ଡା ନମୁନା ସଂଗ୍ରହ କରି ୧୦ଟି ପ୍ରମୁଖ ଜାତୀୟ ଲାବ୍‌ରେ ପରୀକ୍ଷା କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଅଭିଯାନ କରିଥିଲା। ଏଫ୍ଏସ୍ଏସ୍ଏଆଇ ସ୍ପଷ୍ଟ କରିଛି ଯେ, ଦେଶରେ କୁକୁଡ଼ା ପାଳନରେ ଉପରୋକ୍ତ ଆଣ୍ଟିବାୟୋଟିକ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ରହିଛି। ସୋସିଆଲ ମିଡିଆରେ ଭୟଭୀତ କଲାଭଳି ପ୍ରସାର ହେଉଥିବା ଖବର ଅମୂଳକ। ଯଦି କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଅଣ୍ଡାରେ ସମସ୍ୟା ଦେଖାଯାଏ, ତେବେ କେବଳ ଏକ ନିର୍ଦ୍ଦିଷ୍ଟ ବ୍ୟାଚ୍ ଏବଂ ତାହା ଖାଦ୍ୟ ପ୍ରଦୂଷଣ ଯୋଗୁ ହୋଇଥାଇପାରେ। ଏଫ୍ଏସ୍ଏସ୍ଏଆଇ ଅଣ୍ଡାକୁ ଏକ ସମ୍ପୂର୍ଣ୍ଣ ଏବଂ ସୁରକ୍ଷିତ ପ୍ରୋଟିନଯୁକ୍ତ ଖାଦ୍ୟ ଭାବେ ଗ୍ରହଣ କରିଛି। ତେଣୁ ଜନସାଧାରଣ ବିନା କୌଣସି ଦ୍ୱିଧାରେ ଅଣ୍ଡା ଖାଇପାରିବେ ବୋଲି ପ୍ରାଧିକରଣ କହିଛି।

# ୧୮ ମାଓବାଦୀଙ୍କ ନାଁରେ ୮.୪ କୋଟି ପୁରସ୍କାର

**୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦୀ ମୂଳୋତ୍ପାଟନ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏହି କ୍ରମରେ ବୌଦ୍ଧ ଜିଲାରେ ମାଓବାଦୀଙ୍କୁ ଦମନ କରିବା ପାଇଁ ଓଡ଼ିଶା ପୋଲିସ ପ୍ରୟାସ ଆରମ୍ଭ କରିଛି। ମାଓବାଦୀ ସଙ୍ଗଠନର ଟପ୍ ନେତାଙ୍କ ସମେତ ୧୮ଜଣଙ୍କୁ ଧରାଇଦେଲେ ୮କୋଟି ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏନେଇ ଶନିବାର ଜିଲାର କଣ୍ଟାମାଳ ବ୍ଲକର ମାଓବାଦୀ ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ପୋଲିସ ପକ୍ଷରୁ ପୋଷ୍ଟର ମାଧ୍ୟମରେ ସୂଚିତ କରାଯାଇଛି।**

ବୌଦ୍ଧ,୨୦।୧୨(ଅଜିତ କୁମାର ବାରିକ)

କେକେବିଏନ୍ ମାଓବାଦୀ ସଙ୍ଗଠନ ବୌଦ୍ଧ ଜିଲାରେ ନିଜର ସ୍ଥିତି ଜାହିର କରିଆସୁଛି। ଜିଲାର କଣ୍ଟାମାଳ ବ୍ଲକ ଅଞ୍ଚଳରେ ବିଭିନ୍ନ ସମୟରେ ସେମାନଙ୍କ ଗତିବିଧି ଦେଖିବାକୁ ମିଳୁଛି। ମାଓବାଦୀଙ୍କୁ ଦମନ କରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ଏହି କ୍ରମରେ ମାଓବାଦୀ ସଙ୍ଗଠନର ଟପ୍ ନେତା ତଥା ବିଭିନ୍ନ କମିଟିର ସଦସ୍ୟ ଥିବା ୧୮ ମାଓବାଦୀଙ୍କୁ ଧରାଇଦେଲେ ୮ କୋଟି ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କଣ୍ଟାମାଳ ଅଞ୍ଚଳରେ ପୋଷ୍ଟର ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସୂଚନା ଦିଆଯାଇଛି। ଶନିବାର ଜିଲା ପୋଲିସ ପକ୍ଷରୁ ଘଣ୍ଟାପଡ଼ା ଥାନା ଅଧୀନ ଉମା, ସମାଡାଙ୍କି ଲଣ୍ଡନପଡା, ମାତାକୁପା ଓ କଣ୍ଟାମାଳ ଥାନା ଅଧୀନ ଲମ୍ବସରୀ ଓ ନାରାୟଣପ୍ରସାଦ ଆଦି ଗ୍ରାମର ବିଭିନ୍ନ ସ୍ଥାନରେ ଏଭଳି ପୋଷ୍ଟର ଲଗାଯାଇଛି।

**ମାଓବାଦୀ ଅଞ୍ଚଳରେ ପୋଲିସ ଲଗାଇଲା ପୋଷ୍ଟର**



ପୋଲିସ ପକ୍ଷରୁ ସମାଡାଙ୍କି ଗ୍ରାମରେ ପୋଷ୍ଟର ଲଗାଯାଇଛି।

ହାର୍ଡକୋର ମାଓବାଦୀଙ୍କୁ ଧରାନ୍ତୁ, ପୁରସ୍କାର ପାଆନ୍ତୁ। ଯେଉଁ ବ୍ୟକ୍ତି ମାଓବାଦୀଙ୍କୁ ଧରାଇଦେବେ ତାଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବା ସହ ସୂଚନା ପ୍ରଦାନକାରୀଙ୍କ ନାମ ଗୋପନ ରଖାଯିବ। ଏଥିସହ ମାଓବାଦୀମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ମଧ୍ୟ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

ଉଲ୍ଲେଖନୀୟ, ୧୭।୧୦।୨୦୨୫ରେ ମଧ୍ୟ ପୋଲିସ ପକ୍ଷରୁ ବୌଦ୍ଧ, କଣ୍ଟାମାଳ, ମନମୁଣ୍ଡା ଥାନା ଅଞ୍ଚଳର ସିଗାଡ଼ି, ଶଗଡ଼ା, ତିଲପଙ୍ଗା, ଭଡ଼ାମୁଣ୍ଡା, ମାତାଗାଡ୍ରୁ, ଖଣ୍ଡିକନପା, ଲୁହାରପଡ଼ା, ନଳିକୁମ୍ଭା, ନାରାୟଣ ପ୍ରସାଦ, ନୁରୁ, ଲାଦେନ ଆଦି ଗ୍ରାମର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିଲା। ଏଥିରେ କେକେବିଏନ୍ ସଙ୍ଗଠନର ୧୦ ମାଓବାଦୀଙ୍କୁ ଧରାଇଦେଲେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଥିଲା।

# ଏବେ ବଢ଼ିବନି ରାତି ତାପମାତ୍ରା

## ୪.୬ ଡିଗ୍ରୀରେ ଜି. ଉଦୟଗିରି

ଭୁବନେଶ୍ୱର,୨୦।୧୨
(ବନ୍ଦନା ସେଠୀ)

ସାରା ରାଜ୍ୟରେ ଶୀତ ଲହରି ଜନଜୀବନକୁ ପ୍ରଭାବିତ କରୁଛି। ପାରଦ ତଳମୁହାଁ ରହିଥିବାବେଳେ କେତେକ ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ବିଶେଷକରି ସକାଳ ସମୟରେ ପ୍ରବଳ ଥଣ୍ଡା ସାଙ୍ଗକୁ କୁହୁଡି ଯାତାୟାତରେ ବାଧା ସୃଷ୍ଟି କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ରାଜ୍ୟର ୮ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ସେମିଳିଗୁଡା ୫.୧, ଫୁଲବାଣୀ ୫.୮, ଦାରିଙ୍ଗବାଡି ୬, ଚିପିଲିମା ୭.୬, ନବରଙ୍ଗପୁର, ଭବାନୀପାଟଣା ଏବଂ ଅନୁଗୋଳରେ ୯ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ରାଉରକେଲାରେ ଘନ କୁହୁଡି ଏବଂ ଝାରସୁଗୁଡା, ଫୁଲବାଣୀ, ଭବାନୀପାଟଣା ଓ ବାରିପଦାରେ କୁହୁଡି ଦେଖାଦେଇଥିଲା। ତେବେ ଆସନ୍ତା ୬ରୁ ୭ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଆସନ୍ତା ୨ଦିନ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡା ଓ କନ୍ଧମାଳ ଜିଲାରେ ଘନ କୁହୁଡି ଦେଖାଦେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଘନ କୁହୁଡ଼ି ସମୟରେ ଦୃଶ୍ୟମାନ କ୍ଷମତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିବ ବୋଲି ସୂଚନା ଦିଆଯାଇଛି।

## ଜରୁରୀ ନ ଥିଲେ ଘନ କୁହୁଡ଼ିରେ ଯାଆନ୍ତୁ ନାହିଁ



ବୈଠକରେ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର/କଟକ,୨୦।୧୨
(ତ୍ରିନାଥ ମହାନ୍ତି, କାର୍ତ୍ତିକ ସାହୁ)

**୬ ଜିଲାରେ ହେବ ସଚେତନତା**

ପାଣିପାଗ ବିଭାଗର କୁହୁଡ଼ି ସତର୍କତାକୁ ଦୃଷ୍ଟିରେ ରଖି ରାଜ୍ୟର ୬ ଜିଲାର ଆର୍‌ଟିଓଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ୬ ଜିଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁର ଆରଟିଓଙ୍କୁ ଦୁର୍ଘଟଣା ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଛି। ଏନେଇ ଆରଟିଓମାନଙ୍କ ସହ ଏକ ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ମାର୍ଗଦର୍ଶିକାରେ ସଚେତନତା ଓ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯାଇଥିବାବେଳେ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ଓ କୁହୁଡ଼ିଜନିତ ଦୁର୍ଘଟଣା ରୋକିବାକୁ କୁହାଯାଇଛି। ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡ୍‌ଲାଇଟ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ ଲାଇଟ ଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଦୃଶ୍ୟମାନତା କମ୍ ହେଲେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମାର୍ଗଦର୍ଶିକାରେ ଚାଳକମାନଙ୍କୁ ମଧ୍ୟ କେତେକ ପରାମର୍ଶ ଦିଆଯାଇଛି। ହାଇ ବିମ୍ ବ୍ୟବହାର କରନ୍ତୁ ନାହିଁ, କୁହୁଡ଼ିରେ ଓଭରଟେକ କରନ୍ତୁ ନାହିଁ, ହଠାତ ବ୍ରେକ ମାରନ୍ତୁ ନାହିଁ, ମଦ୍ୟପାନ କିମ୍ବା କ୍ଲାନ୍ତ ଅବସ୍ଥାରେ ଗାଡ଼ି ଚାଳନା କରନ୍ତୁ ନାହିଁ। ରାସ୍ତା ମଝିରେ ଯାନ ରଖନ୍ତୁ ନାହିଁ ବୋଲି ଉଲ୍ଲେଖ ରହିଛି। ବାଣିଜ୍ୟକ ଯାନରେ ହେଡ୍ ଲାଇଟ, ବ୍ରେକ ଲାଇଟ୍ ଓ ରିଫ୍ଲେକ୍ଟର ବ୍ୟବହାର କରନ୍ତୁ। ଭୋର୍ ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାନ୍ତୁ, ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରନ୍ତ। ଘନ କୁହୁଡିରେ ନିହାତି ଦରକାର ନ ଥିଲେ ଯାତ୍ରା କରନ୍ତୁ ନାହିଁ। ନିର୍ଦ୍ଦେଶର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓମାନେ ଚଢ଼ାଉ ଓ ଯାଞ୍ଚ କରିବାକୁ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି।

# ଶୈଳବାଳା କଲେଜ କ୍ୟାମ୍ପସ୍‌ରେ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ

ଭୁବନେଶ୍ୱର,୨୦।୧୨
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ନିର୍ମାଣ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ। ଶନିବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ନାରୀଶିକ୍ଷାର ବିକାଶ ଦିଗରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ତାଙ୍କ ଝିଅ ଶୈଳବାଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଶିକ୍ଷାର ବିକାଶ, ବିଶେଷକରି ଆମ ଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷା ଲାଭ କରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବେ, ସେଥିପାଇଁ ୧୯୫୨ ମସିହାରେ ଶୈଳବାଳା ନିଜ ପିତା ମଧୁସୂଦନଙ୍କ ବାସଭବନ ଓ ନିଜ ବାସଭବନ 'ମଧୁମନ୍ଦିର'କୁ ମହିଳା ମହାବିଦ୍ୟାଳୟ ପରିଚାଳନା ପାଇଁ ଦାନ କରିଥିଲେ। ମଧୁବାବଙ୍କ ଅବଦାନ ଓ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟର ନିର୍ମାଣ ଯୁବପିଢ଼ିଙ୍କୁ ନିଶ୍ଚିତ ଭାବରେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରେରିତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ। ବୈଠକରେ ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ କୁମାର ନାୟକ, ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ପ୍ରମୁଖ ଉପସ୍ଥିତ ରହି ଏନେଇ ଆଲୋଚନା କରିଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ଥିବା ଏକ ସ୍ଥାନ (ଯେଉଁଠାରେ ମଧୁବାବୁଙ୍କ ସମୟରେ ମଧୁବାବୁଙ୍କ ସିରସ୍ଥା ରହିଥିଲା ଏବଂ ମଧୁବାବୁଙ୍କ ସମ୍ମିଳନୀ କକ୍ଷ ଓ ଆବାସିକ କାର୍ଯ୍ୟାଳୟ ପରିଚାଳିତ ହେଉଥିଲା)କୁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ପୁନଃ ସଙ୍ଗଠିତ ହେବ ବସ୍ ରୁଟ୍, ସାର୍ବଜନିକ ସ୍ଥାନ ସଂଯୋଗକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୧୨(ବନ୍ଦନା ସେଠୀ)

**ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ବୈଠକ**

ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ) ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଶନିବାର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସାର୍ବଜନୀନ ପରିବହନ ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଜାରି ରହିଥିବା ସଂସ୍କାର ପ୍ରକ୍ରିୟା ଓ ଆଗାମୀ ପର୍ଯ୍ୟାୟର ରୂପରେଖ ଉପରେ ସମୀକ୍ଷା କରାଯାଇଥିଲା। ଜିଲାସ୍ତରରୁ ଆସୁଥିବା ପ୍ରସ୍ତାବ ଆଧାରରେ ବସ୍ ରୁଟ୍‌ଗୁଡ଼ିକୁ ପୁନଃସଙ୍ଗଠିତ କରି ବିଦ୍ୟାଳୟ, ଚିକିତ୍ସାଳୟ ଓ ଅନ୍ୟାନ୍ୟ ଆବଶ୍ୟକ ସାର୍ବଜନିକ ସ୍ଥାନ ସହ ସଂଯୋଗ ସୁଦୃଢ଼ କରିବା ଉପରେ ପ୍ରମୁଖ ସଚିବ ଜୋର୍ ଦେଇଥିଲେ। ମିଶନ ଶକ୍ତି ଓ ମହିଳା ଏସଏଚ୍‌ଜିଙ୍କ ଅଧିକ ସକ୍ରିୟ ସଂଲଗ୍ନତା ଉପରେ ମଧ୍ୟ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ବସ୍ ସେବା ଓଡ଼ିଶାର ସହଜ, ସୁରକ୍ଷିତ ଓ ସ୍ଥାୟୀ ସାର୍ବଜନିକ ପରିବହନ ଦୃଷ୍ଟିକୋଣର ଏକ ମୁଖ୍ୟ ଆଧାର ବୋଲି ସେ କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ବସ୍ ସେବାର କାର୍ଯ୍ୟଦକ୍ଷତା ଓ ଆଗାମୀ କାର୍ଯ୍ୟ ଯୋଜନା ଉପରେ ସମୀକ୍ଷା କରାଯାଇ ସାର୍ବଜନୀନ ପରିବହନକୁ ନିର୍ଭରଯୋଗ୍ୟ, ସାମାବେଶୀ ଓ ଲୋକକୈନ୍ଦ୍ରିକ ଗତିଶୀଳତା ସମାଧାନ ଭାବେ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସହର ଓ ଗ୍ରାମାଞ୍ଚଳରେ ସେବା କ୍ଷମତା ବୃଦ୍ଧି, ସହଜ ଓ ଶସ୍ତା ପରିବହନ ସୁନିଶ୍ଚିତ କରିବା ସହ ଶେଷ ମାଇଲ ସଂଯୋଗ ସୁଦୃଢ଼ କରିବାକୁ ଲକ୍ଷ୍ୟ କରି ବିଭିନ୍ନ ନୀତିଗତ ଓ ପ୍ରଚାଳନାତ୍ମକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଓପିଏଚ୍ ଏବଂ ଡବ୍ଲୁସି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଓଏସ୍ଆର୍‌ଟିସି ସିଏମ୍‌ଡି ଏନ୍‌ବିଏସ୍ ରାଜପୁତ, ମିଶନ ଶକ୍ତି ବିଭାଗ କମିଶନର-କମ୍-ସଚିବ ଗିରିଶ ଏସ୍.ଏନ୍, ଓଏସ୍ଆର୍‌ଟିସି ଜିଏମ୍ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୨୩ରେ ମାଲକାନଗିରି ଯିବେ ଭକ୍ତ

ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

ମାଲକାନଗିରି ହିଂସାକୁ ୨ ସପ୍ତାହ ପୂରିବାକୁ ବସିଲାଣି। ହେଲେ ଶାନ୍ତି ଫେରିନାହିଁ। ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇବା ପ୍ରୟାସରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆସନ୍ତା ୨୩ରେ ମାଲକାନଗିରି ଗସ୍ତ କରିବ। ପ୍ରତିନିଧି ଦଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଅବିଭକ୍ତ କୋରାପୁଟ ଜିଲାର ସବୁ ଦଳୀୟ ବିଧାୟକ, ପୂର୍ବତନ ଏମ୍‌ପି ଓ ବିଧାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ, ଆଇନଜୀବୀ ନିଶିକାନ୍ତ ମିଶ୍ର, ଲଲାଟେନ୍ଦୁ ଦାସ ଓ ମନୋଜ ନାୟକଙ୍କ ଏକ ପ୍ରତିନିଧି ଦଳ ପ୍ରମୁଖ ପ୍ରଭାବିତ ଏମ୍‌ଭି-୨୬ ଅଞ୍ଚଳ ଗସ୍ତ କରିବେ ବୋଲି ପିସିସି ପକ୍ଷରୁ ସୂଚନା ଦିଆଯାଇଛି।



ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତରରେ ବିଷ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତି। –ଶ୍ରୀମା



# କେବଳ ବାହାନା



ଆକାର ପଟେଲ

ଡିସେମ୍ବର ୧୭ରେ ୱାୟାନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ ବିଲ୍, ୨୦୨୫ ଉପରେ ପରାମର୍ଶ ଓ ପରିବର୍ତ୍ତନ ପାଇଁ ଷ୍ଟାଣ୍ଡିଂ କମିଟିକୁ ପଠାଇବା ଲାଗି ଲୋକ ସଭାରେ ଅନୁରୋଧ କରିଥିଲେ। ବିରୋଧୀ ସାଂସଦମାନେ କହିଥିଲେ ବିଲ୍ ସନ୍ଧ୍ୟା ୫ଟାରେ ସଦସ୍ୟଙ୍କ ପୋର୍ଟାଲରେ ଉପଲବ୍ଧ କରାଯାଇଥିଲା ଏବଂ ୫.୪୫ମିନିଟ୍ ସୁଦ୍ଧା ସଂଶୋଧନ ପାଇଁ ମତ ଲୋଡ଼ାଯାଇଥିଲା। ସାଂସଦମାନେ କହିଥିଲେ, ସେମାନଙ୍କୁ ପ୍ରଥମେ ବିଲ୍ ପଢ଼ିବା ଏବଂ ବୁଝିବା ପାଇଁ ଅତିକମ୍‌ରେ ଗୋଟିଏ ଦିନ ସମୟ ଦିଆଯିବା ଉଚିତ। ତେବେ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ଡିସେମ୍ବର ୧୮ରେ ବିଲ୍ ଭଏସ୍ ବା ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଥିଲା। ଏପରି କି ଏମ୍‌ଜିଏନ୍‌ଆର୍‌ଇଜିଏ ଭଳି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଇନକୁ ଶେଷ କରିଦିଆଯାଇଛି।

ବିଲ୍‌ଗୁଡ଼ିକରେ କ'ଣ ସବୁ ରହିଛି ତାହା ପ୍ରକୃତରେ ନ ବୁଝି ଟ୍ରେଜେରି ବେଞ୍ଚ୍ ଓ ସଂସଦ ବିନା କୌଣସି ପ୍ରକ୍ରିୟାରେ ସେଗୁଡ଼ିକୁ ପାସ୍ କରିଦେବା ପ୍ରକ୍ରିୟା ମୋଦିଙ୍କ ଶାସନରେ ଜାରି ରହିଛି। ଚତୁର୍ଦ୍ଦଶ ଲୋକ ସଭା (୨୦୦୪-୦୯)ରେ ୬୦ ପ୍ରତିଶତ ବିଲ୍ ଯାଞ୍ଚ ପାଇଁ କମିଟିଗୁଡ଼ିକୁ ପଠାଯାଇଥିଲା। ପରବର୍ତ୍ତୀ ଲୋକ ସଭା (୨୦୦୯-୧୪)ରେ, ଏହା ଥିଲା ୭୧ ପ୍ରତିଶତ। ପ୍ରଥମ ମୋଦି ସରକାରରେ ଏହା ୨୫ ପ୍ରତିଶତକୁ ଏବଂ ଦ୍ୱିତୀୟ ପାଳିରେ (୨୦୧୯-୨୦୨୪)ରେ ଏହା ୧୬ ପ୍ରତିଶତକୁ ହ୍ରାସ ପାଇଥିଲା। ମନ୍ତ୍ରଣାଳୟ-ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକୁ ଯାଞ୍ଚ ଏବଂ ପରୀକ୍ଷା ପାଇଁ ବିଲ୍ ପଠାଇବାର ସଂସଦୀୟ ପରମ୍ପରାକୁ ଏହା ଜାଣିଶୁଣି ଅକାମୀ କରିଦେଇଥିଲା। ୨୦୧୯ରେ ସୂଚନା ଅଧିକାର ଆଇନକୁ କମିଟିକୁ ନ ପଠାଇ ସେଥିରେ ପରିବର୍ତ୍ତନ କରାଯାଇ ନଷ୍ଟ କରାଯାଇଥିଲା। ଫଳରେ ବିଶ୍ୱ ଆର୍‌ଟିଆଇ ସୂଚକାଙ୍କରେ ଭାରତର ସ୍ଥାନ ଦ୍ୱିତୀୟରୁ ଅଷ୍ଟମ ଏବଂ ତା'ପରେ ନବମ ସ୍ଥାନକୁ ଖସି ଆସିଥିଲା। ୨୦୧୯ରେ ତେଲୁଗୁ ଦେଶମ୍ ସାଂସଦମାନେ କଂଗ୍ରେସ, ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ସାଂସଦଙ୍କ ସହିତ ମିଶି ବିଲ୍‌ଗୁଡ଼ିକୁ ଯାଞ୍ଚ ନ କରି 'ଶୀଘ୍ର ପାସ୍' କରାଯିବା ଉପରେ ଚିନ୍ତା ପ୍ରକଟ କରିଥିଲେ। ସେମାନେ ଲେଖିଥିଲେ ଯେ ନିର୍ଦ୍ଦିଷ୍ଟ ବିଷୟ ସହିତ ଜଡ଼ିତ ଗୋଷ୍ଠୀ ଏବଂ ବ୍ୟକ୍ତିମାନଙ୍କୁ ସମ୍ଭାବ୍ୟ ଆଇନ ଉପରେ ମତାମତ ରଖିବାକୁ ଆଇନ ନିର୍ମାତାମାନେ ଆମନ୍ତ୍ରଣ କରୁଥିବା ଧାରା ମଧ୍ୟ ବନ୍ଦ ହୋଇଯାଇଛି। ସେମାନେ ଲେଖିଥିଲେ ଯେ ଜନସାଧାରଣଙ୍କ ପରାମର୍ଶ ଲୋଡ଼ାଯିବା ହେଉଛି ଏକ ଦୀର୍ଘସ୍ଥାୟୀ ପରମ୍ପରା, ଯେଉଁଥିରେ ସଂସଦୀୟ କମିଟିଗୁଡ଼ିକ ବିଲ୍ ଯାଞ୍ଚ କରନ୍ତି, ବିଚାରବିମର୍ଶ କରି ଆଇନର ବିଷୟବସ୍ତୁ ଏବଂ ଗୁଣବତ୍ତା ଉନ୍ନତ କରିବା ପାଇଁ କାର୍ଯ୍ୟ କରନ୍ତି। ହେଲେ ଏହାର କୌଣସି ପ୍ରଭାବ ମୋଦିଙ୍କ ଉପରେ ପଡ଼ି ନ ଥିଲା ଏବଂ ୨୦୨୦ରେ ଯାଞ୍ଚ ପାଇଁ ଗୋଟିଏ ବି ବିଲ୍ କମିଟିକୁ ପଠାଯାଇ ନ ଥିଲା। ୨୦ ସେପ୍ଟେମ୍ବର ୨୦୨୦ରେ, ଲୋକ ସଭା ମଞ୍ଜୁରୀ ଦେଇଥିବା ଅଧ୍ୟାଦେଶଗୁଡ଼ିକୁ ରାଜ୍ୟ ସଭାରେ ହଁ ଏବଂ ନା ଗଣନା କରାଯାଇ ପ୍ରକୃତ ବିଭାଜନ ଭୋଟରେ ପାସ୍ କରା ନ ଯାଇ 'ଭଏସ୍ ଭୋଟ' ମାଧ୍ୟମରେ କରାଯାଇଥିଲା। ସେତେବେଳେ ବାହାନା କରାଯାଇଥିଲା ଯେ, ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଗୃହରେ ଅବ୍ୟବସ୍ଥା ଯୋଗୁ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ ଏବଂ ଏକ ବିଭାଜନ ଭୋଟ ଦାବି ହୋଇଥିବା ଲକ୍ଷ୍ୟ କରିପାରି ନ ଥିଲେ। ଗୃହ ଚାଲିଥିବା ସମୟରେ ରାଜ୍ୟ ସଭା ଟେଲିଭିଜନ ସିଧା ପ୍ରସାରଣ ବନ୍ଦ କରିଦେଇଥିଲା ଏବଂ ସାଂସଦମାନଙ୍କ ମାଇକ୍ରୋଫୋନ ବନ୍ଦ କରିଦିଆଯାଇଥିଲା। ଏହି ପ୍ରକାରେ ଦୁଇଟି ଆଇନ ଯଥା କୃଷକ ଉତ୍ପାଦ ବ୍ୟବସାୟ ଏବଂ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସୁବିଧା) ଆଇନ, ୨୦୨୦ ଏବଂ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ନିଶ୍ଚିତତା ଓ କୃଷି ସେବା ଚୁକ୍ତିନାମା ଆଇନ, ୨୦୨୦ କରାଯାଇଛି। ପ୍ରଥମ ଆଇନ ସରକାରୀ କୃଷି ବଜାର ବା ମଣ୍ଡିଗୁଡ଼ିକର ଏକଚାଟିଆ ଅଧିକାରକୁ ହଟାଇ ବାହାରେ ଉତ୍ପାଦିତ ଦ୍ରବ୍ୟ ବିକ୍ରୟକୁ ଅନୁମତି ଦେଲା। ନୂତନ ସ୍ଥାନଗୁଡ଼ିକର କର ଆଦାୟକୁ ମଧ୍ୟ ନିଷେଧ କରିଥିଲା। ଅର୍ଥାତ୍ ସମୟକ୍ରମେ କର ଆଦାୟ ହେଉଥିବା ମଣ୍ଡିଗୁଡ଼ିକ ଅକାମୀ ହୋଇଯିବ। ମଣ୍ଡିଗୁଡ଼ିକ ଭଲରେ ଚାଲୁଥିବା ଏବଂ ଉତ୍ପାଦ କ୍ରୟ କରାଯାଉଥିବା ରାଜ୍ୟଗୁଡ଼ିକର କୃଷକଙ୍କ ସ୍ୱାର୍ଥକୁ ଏହା କ୍ଷତି ପହଞ୍ଚାଇବ। ଦ୍ୱିତୀୟ ଆଇନ ଚୁକ୍ତିଭିତ୍ତିକ କୃଷିକୁ ଅନୁମତି ଦେଇଥିଲା। ଏଥିରେ କୁହାଯାଇଥିଲା, କ୍ରେତା ଯଦି ବିଫଳ ହୁଅନ୍ତି ତେବେ କ୍ଷତିଗ୍ରସ୍ତ ଚାଷୀମାନେ କୋର୍ଟକୁ ଯାଇପାରିବେ ନାହିଁ। ସେମାନେ ସମସ୍ୟା ସମାଧାନ ପାଇଁ କେବଳ ରାଜ୍ୟ ଅମଲାତନ୍ତ୍ର ପାଖକୁ ଯାଇପାରିବେ। ଏହା ବ୍ୟତୀତ ତୃତୀୟ ଆଇନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗଚ୍ଛିତ ରଖିବା ଉପରେ କଟକଣାକୁ ବାତିଲ କରିଦେଇ କର୍ପୋରେଶନଗୁଡ଼ିକୁ ଯେତେ ଇଚ୍ଛା ଶସ୍ୟ ମହଜୁଦ ପାଇଁ ଅନୁମତି ଦେଇଥିଲା।

ମୋଦି ସରକାର କହିଥିଲେ, କୃଷକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ଆଇନଗୁଡ଼ିକ କରାଯାଇଥିଲା (ଏହାର ଉଦ୍ଦେଶ୍ୟ ଥିଲା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା, ଯାହା ଅନେକ ବର୍ଷ ଧରି ହେଲା ନାହିଁ)। ଯଦି ଏହା ହୁଏ, ତେବେ କୃଷକଙ୍କ ସ୍ୱାର୍ଥ ବିରୋଧରେ ଯାଉଥିବା ଆଇନଗୁଡ଼ିକୁ କାହିଁକି ଜାଣିଶୁଣି କରାଗଲା ତାହା ବୁଝି ହେଉନାହିଁ। ସମ୍ବିଧାନ ଅନୁଯାୟୀ କୃଷି ହେଉଛି ରାଜ୍ୟର ବିଷୟ ଏବଂ ଯେଉଁ ଢଙ୍ଗରେ ଆଇନଗୁଡ଼ିକ ଗୃହୀତ ହେଲା ତାହା ସମ୍ବିଧାନକୁ ଉଲ୍ଲଂଘନ କରେ। ରାଜ୍ୟଗୁଡ଼ିକ ଏହି ବିଷୟରେ ଆଇନ ପ୍ରଣୟନ କରିବା ଉଚିତ, କେନ୍ଦ୍ର ନୁହେଁ। ଏଠାରେ ମଧ୍ୟ ବାହାନା କରାଯାଇଥିଲା ଯେ ଆଇନଗୁଡ଼ିକ ପ୍ରକୃତରେ ବାଣିଜ୍ୟକୁ ନିୟନ୍ତ୍ରଣ କରୁଛି, କୃଷିକୁ ନୁହେଁ। ଏହି ବିଲ୍‌ଗୁଡ଼ିକ ଗୋଟିଏ ସପ୍ତାହ ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆଇନରେ ପରିଣତ ହୋଇଥିଲା। ଏହା ବିରୋଧରେ ପ୍ରତିବାଦ ସ୍ୱର ଉଠି ଗଣ ଆନ୍ଦୋଳନର ରୂପ ନେଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏ ଭଳି ଏହି ଆଇନଗୁଡ଼ିକ ଅନେକ କୋଟି ଭାରତୀୟଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିବ। ଭାରତୀୟଙ୍କ ପ୍ରତିକ୍ରିୟା କ'ଣ ହେବ ତାହା ସରକାର ବିଚାର କରି ନ ଥିଲେ। ସରକାର ପ୍ରକୃତରେ ଆଇନଗୁଡ଼ିକୁ କାର୍ଯ୍ୟକାରୀ କରିପାରିବେ ନାହିଁ ବୋଲି ଯେତେବେଳେ ସ୍ପଷ୍ଟ ହେଲା, ସେତେବେଳେ ପ୍ରଧାନମନ୍ତ୍ରୀ ପୂରା ଏକ ବର୍ଷ ପାଇଁ ବିବାଦୀୟ ସ୍ଥିତିରୁ ନିଜକୁ ଦୂରେଇ ରଖିଲେ। ଶେଷରେ ସେ କ୍ଷମା ମାଗିଲେ ଏବଂ ପଛକୁ ହଟିଗଲେ। କିନ୍ତୁ ପ୍ରଥମେ ଏଭଳି ସ୍ଥିତି ଉପୁଜାଇ କାହିଁକି ଅନେକ କୋଟି ଲୋକଙ୍କ ଜୀବନରେ ସମସ୍ୟା ସୃଷ୍ଟି କଲେ, ତାହା ଲେଖକ ଏବଂ ପାଠକେ କହିବା କଷ୍ଟକର।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 8 | | 9 | | 5 | | 7 | |
| | | 5 | | | 2 | | | |
| | | 6 | | | | 1 | 9 | |
| | | | 8 | | 3 | | 1 | |
| 4 | 6 | | | | | | | |
| | | | 2 | 9 | | | | 8 |
| | 7 | | | | 8 | | 5 | |
| | 1 | | | | | | 4 | |
| | | | | | 9 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 5 | 4 | 1 | 3 | 7 | 9 | 6 |
| 7 | 1 | 3 | 2 | 9 | 6 | 5 | 8 | 4 |
| 4 | 9 | 6 | 8 | 7 | 5 | 2 | 1 | 3 |
| 8 | 5 | 7 | 3 | 6 | 9 | 4 | 2 | 1 |
| 1 | 6 | 4 | 7 | 5 | 2 | 9 | 3 | 8 |
| 3 | 2 | 9 | 1 | 8 | 4 | 6 | 7 | 5 |
| 6 | 3 | 1 | 5 | 2 | 7 | 8 | 4 | 9 |
| 9 | 7 | 8 | 6 | 4 | 1 | 3 | 5 | 2 |
| 5 | 4 | 2 | 9 | 3 | 8 | 1 | 6 | 7 |

ଗତକାଲିର ଉତ୍ତର

# ନୂଆ ନାଁରେ ପୁରୁଣା କୋଠା



କିଶୋର ଚନ୍ଦ୍ର ବେହେରା

ଲୋକଭବନ ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ, ଶାସନ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। 'ଲୋକଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ। ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ। ରାଜଭବନ ନାଁ ପରିବର୍ତ୍ତନ ସହିତ ଓଡ଼ିଶା ଉପନିବେଶବାଦୀ ନାମଗୁଡ଼ିକରୁ ଦୂରେଇ ଯାଇ ଶାସନ ପାଇଁ ଏକ ଲୋକକେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜଭବନକୁ 'ଲୋକଭବନ' ଭାବେ ନାମକରଣ କରିବା ଏକ ମାଇଲଖୁଣ୍ଟ। ଏହା ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଭବିଷ୍ୟତକୁ ପ୍ରତିଫଳିତ କରେ। 'ରାଜଭବନ' ଶବ୍ଦକୁ ଏକ ଉପନିବେଶବାଦୀ ଶବ୍ଦ ବ୍ୟବହାର କରିବାର କାରଣ ହେଉଛି ଇଂରେଜ ଶାସନ କାଳରେ ଏହାକୁ 'ଗଭର୍ନର ହାଉସ' ନାମରେ ନାମିତ କରାଯାଇଥିଲା। ଉପନିବେଶବାଦରେ ବିଦେଶୀ ଶକ୍ତି ଅନ୍ୟ ଦେଶକୁ ଉପନିବେଶ ଭାବେ ଉପସ୍ଥାପନ କରେ। ପରିଣାମ ସ୍ୱରୂପ ଅନେକ ଦେଶ ଆତ୍ମନିର୍ଭରତା ହରାଇବା ସହିତ ସ୍ଥାନୀୟ ରାଜନୈତିକ ସଂସ୍କୃତି ନଷ୍ଟ ହୋଇଥିଲା। ବିଦେଶୀ ସାମ୍ରାଜ୍ୟବାଦୀ ନୀତି ବିଶ୍ୱର ରାଜନୈତିକ ଏବଂ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିଥିଲା। ବିଶ୍ୱର ଅନେକ ଦେଶ ଦୀର୍ଘ ସମୟ ପରେ ସ୍ୱାଧୀନତା ପାଇଥିଲେ। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ବୈଦେଶିକ ନୀତି ଦୃଷ୍ଟିକୋଣରୁ ଉପନିବେଶବାଦୀ ଶବ୍ଦର ବ୍ୟବହାରକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଯେଭଳିଭାବେ 'ରାଜଭବନରୁ ଲୋକଭବନକୁ' ରୂପାନ୍ତରିତ କରାଯାଇଛି।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜଭବନର ନାମ ଲୋକଭବନକୁ ପରିବର୍ତ୍ତନ କରିଛି। ରାଜଭବନଗୁଡ଼ିକର ଇତିହାସ ସମ୍ପର୍କରେ ଯଦି ଆଲୋଚନା କରାଯାଏ, ତେବେ ରାଜଭବନ ନାଁରୁ ମନେହୁଏ ଆଗରୁ ରାଜାରାଜୁଡ଼ାମାନେ ଏଠାରେ ରହୁଥିଲେ। କିନ୍ତୁ ସତକଥା ହେଉଛି ବ୍ରିଟିଶ ଶାସନ ପୂର୍ବରୁ ଭାରତରେ କୌଣସି ରାଜଭବନ ନ ଥିଲା। ସେତେବେଳେ ରାଜାରାଜୁଡ଼ା, ମୋଗଲ ବାଦଶାହମାନେ ମୁଖ୍ୟତଃ ରାଜମହଲ, ଦୁର୍ଗ ଆଦିରେ ରହୁଥିଲେ। କିନ୍ତୁ ଭାରତରେ ବ୍ରିଟିଶ ଶାସନ ଆରମ୍ଭ ହେବା ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପକ୍ଷରୁ ଦେଶର କୋଲକାତା, ବମ୍ବେ ଓ ମାଡ୍ରାସ ପ୍ରେସିଡେନ୍ସି ସ୍ଥାପନ କରାଗଲା। ଏସବୁ ପ୍ରେସିଡେନ୍ସିଗୁଡ଼ିକର ପରିଚାଳନା ପାଇଁ ଗଭର୍ନରମାନଙ୍କୁ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ରହିବା ପାଇଁ ବାସଭବନ ନିର୍ମାଣ କରାଯାଇଥିଲା। ସେଗୁଡ଼ିକୁ ଗଭରମେଣ୍ଟ ହାଉସ କୁହାଯାଉଥିଲା। କିନ୍ତୁ ପ୍ରଥମେ ସେଗୁଡ଼ିକ ସାଧାରଣ କୋଠା ଥିଲା, ପରେ ସେଗୁଡ଼ିକ ବୃହତ୍ ବଙ୍ଗଳାରେ ପରିଣତ କରାଗଲା, ଯାହାକୁ ଗଭର୍ନର ହାଉସ କୁହାଗଲା। ୧୭୭୩ରେ ରେଗୁଲେଟିଂ ଆକ୍ଟ ଅନୁସାରେ କାଲକାଟାକୁ ରାଜଧାନୀ କରାଗଲା ଓ ତାହାର ଗଭର୍ନରଙ୍କୁ ଗଭର୍ନର ଜେନେରାଲ କୁହାଗଲା ଓ ସେ କାଲକାଟା ଗଭରମେଣ୍ଟ ହାଉସରେ ରହିଲେ। ୧୯୧୧ ପର୍ଯ୍ୟନ୍ତ ଭାରତର ଭାଇସରୟ ଏଠାରେ ରହୁଥିଲେ। ସେହିପରି ବମ୍ବେ ଓ ମାଡ୍ରାସ ଗଭରମେଣ୍ଟ ହାଉସଗୁଡ଼ିକର କଳେବରକୁ ବୃଦ୍ଧି କରାଗଲା। ୧୯୧୨ରେ ଦିଲ୍ଲୀରେ ଭାଇସରୟଙ୍କ ବାସଭବନକୁ ଭାଇସରୟ ଲଜ ବୋଲି କୁହାଗଲା। ସ୍ୱାଧୀନତା ପରେ ତାହାକୁ ରାଷ୍ଟ୍ରପତି ଭବନ କୁହାଗଲା। ସେହିପରି ପ୍ରୋଭିନ୍ସିଆଲ ଗଭର୍ନର ହାଉସଗୁଡ଼ିକୁ ରାଜଭବନ ବୋଲି କୁହାଗଲା। ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ରାଷ୍ଟ୍ରପତି ଭବନ ହେଉ କିମ୍ବା ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳଙ୍କ ସରକାରୀ ବାସଭବନ ରାଜଭବନ ବ୍ରିଟିଶ ଶାସନ ସମୟର ଏ ସମସ୍ତ ସରକାରୀ ବାସଭବନ ସ୍ୱାଧୀନତାର ପରବର୍ତ୍ତୀ ମୁହୂର୍ତ୍ତରେ ନାମ ପରିବର୍ତ୍ତନ ହୋଇଥିଲା।

ଓଡ଼ିଶାର ପ୍ରଥମ ରାଜଭବନ କଟକରେ ପ୍ରତିଷ୍ଠିତ ହୋଇଥିଲା। ଏହି ରାଜଭବନ କୋଠାକୁ ଆଜି ଦେଖିପାରିବେ। ଏହାର ମୂଳ ନାଁ ଲାଲବାଗ ପ୍ୟାଲେସ। ଓଡ଼ିଶାକୁ ଶାସନ କରୁଥିବା ଅନେକ ଶାସକ ଓ କ୍ଷମତାଶାଳୀଙ୍କୁ ଦେଖିଛି ଏହି ମହଲ। ଏହାକୁ କଟକରେ ରହୁଥିବା ମୋଗଲ ସୁବେଦାରଙ୍କ ପାଇଁ ୧୬୩୩ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିଲା। ପରେ ଏହା ମରାଠାମାନଙ୍କ ହାତକୁ ଚାଲିଯାଇଥିଲା। ସେମାନେ ଏହି କୋଠାରେ କେତେକ ପରିବର୍ତ୍ତନ କରିଥିଲେ। ମରାଠାଙ୍କ ପରେ ୧୮୦୩ ଖ୍ରୀଷ୍ଟାବ୍ଦରେ ବ୍ରିଟିଶମାନଙ୍କ ଅକ୍ତିଆରକୁ ଚାଲିଯାଇଥିଲା। ତେବେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଏହାକୁ ବିକ୍ରି



କରିଦେଇଥିଲା। ୧୮୬୨ରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ ଇରିଗେଶନ କମ୍ପାନୀ ଏହାକୁ ଖରିଦ କରିଥିଲା। ଏହାର ପରବର୍ଷ ୧୮୬୩ରେ ବ୍ରିଟିଶ ସରକାର ଏହି ଇରିଗେଶନ କମ୍ପାନୀର ଅଧିଗ୍ରହଣ କରିବା ସହ କୋଠାଟି ବ୍ରିଟିଶ ସରକାରଙ୍କ ଅଧୀନକୁ ଆସିଥିଲା। ସେବେଠାରୁ କଟକରେ ଅବସ୍ଥାପିତ ବ୍ରିଟିଶ କମିଶନର ଓ କଲେକ୍ଟରମାନେ ଏହି କୋଠାରେ ରହୁଥିଲେ। ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ୧୯୪୧ରେ କିଛି ସମୟ ପାଇଁ ଏହି କୋଠାରେ ରହୁଥିଲେ।

ଉଲ୍ଲେଖଯୋଗ୍ୟ ଯେ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାଠାରୁ ୧୯୪୨ ପର୍ଯ୍ୟନ୍ତ ପୁରୀରେ ଥିବା ଗଭରମେଣ୍ଟ ହାଉସକୁ ଗଭର୍ନରଙ୍କ ବାସଭବନ କରାଯାଇଥିଲା। ୧୯୪୨ରେ ରାଜଭବନ କଟକକୁ ଯିବା ପରେ ବି ଏହା ଏପର୍ଯ୍ୟନ୍ତ ଗଭର୍ନରଙ୍କ ଗ୍ରୀଷ୍ମକାଳୀନ ବାସଭବନ ଅଥବା ଓଡ଼ିଶାର ଦ୍ୱିତୀୟ ରାଜଭବନ ହୋଇ ରହିଛି। ୧୮ ଜୁଲାଇ ୧୯୪୨ରେ ବ୍ରିଟିଶ ସରକାର ଲାଲବାଗ ପ୍ୟାଲେସକୁ ଗଭର୍ନର ହାଉସ ରୂପେ ଘୋଷଣା କଲେ। ସାର୍ ହାଥ୍ରୋନ ଲୁଇସ ଏହି କୋଠାରେ ରହିଥିବା ଓଡ଼ିଶାର ପ୍ରଥମ ଗଭର୍ନର ଥିଲେ। ୧୯୪୨ରୁ ୧୯୬୦ ପର୍ଯ୍ୟନ୍ତ ଏହା ଗଭର୍ନର ହାଉସ ରହିଥିଲା। ସ୍ୱାଧୀନତା ପରେ ଗଭର୍ନରମାନଙ୍କୁ ରାଜ୍ୟପାଳ ବି କୁହାଗଲା ଓ ଲାଲବାଗ ପ୍ୟାଲେସକୁ କୁହାଗଲା ରାଜଭବନ।

ସ୍ୱାଧୀନତା ପରେ ଓ ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ କରାଯିବା ପରେ ଏକ ନୂଆ ରାଜଭବନର ପରିକଳ୍ପନା କରାଗଲା। ଏହି ରାଜଭବନର ନିର୍ମାଣ କାର୍ଯ୍ୟ ୧୯୫୯ରେ ଶେଷ ହେଲା ଓ ତତ୍କାଳୀନ ରାଜ୍ୟପାଳ ୟଶୋବନ୍ତ ନାରାୟଣ ସୁକତାନକର ୧୯୬୦ରେ ନୂଆ ରାଜଭବନରେ ରହିବା ଆରମ୍ଭ କଲେ। ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନଭେମ୍ବର ୨୫ର ଚିଠି ଆଧାରରେ ଭୁବନେଶ୍ୱର ରାଜଭବନ ଓ ପୁରୀ ରାଜଭବନର ନାମ ପରିବର୍ତ୍ତନ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ଡିସେମ୍ବର ୧ରୁ ଭୁବନେଶ୍ୱର ଏବଂ ପୁରୀରେ ଥିବା ରାଜଭବନର ନାମକୁ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ଭାବେ ନାମିତ କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟ ପାଇଁ ଡିସେମ୍ବର ୧ରୁ ଏହି ନାମ ପରିବର୍ତ୍ତନ ତତ୍କାଳ ଲାଗୁ ହୋଇଛି। ୨୦୨୪ରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନମାନଙ୍କର ନାମକୁ 'ଲୋକଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଲୋକଙ୍କୁ ରାଜଭବନର ନିକଟତର କରିବା ଲାଗି ଏହାର ନାମ ପରିବର୍ତ୍ତନ କରାଯିବା ଜରୁରୀ ଥିଲା। ଏହା ଦ୍ୱାରା ଐତିହାସିକ କୋଠା ସମସ୍ତଙ୍କ ପାଇଁ ଆଉ ଏକ ଭୟ ପ୍ରତୀକ ହୋଇ ରହିବ ନାହିଁ। ଏହା ସମସ୍ତଙ୍କ ପାଇଁ ଖୋଲା ରହିବ।

– ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ-୯୪୩୭୯୫୫୫୬୮

# ଶିଷ୍ଟାଚାରର ଅଧଃପତନ



ଡ. ଚିନ୍ତାମଣି ପଣ୍ଡା

ଦୀର୍ଘବର୍ଷର ପରାଧୀନତା ଆମ ସମାଜ ତଥା ସାମାଜିକ ଆଚାର ବ୍ୟବହାର ଉପରେ ଏତେ ପ୍ରଭାବ ପକାଇଛି ଯେ, ତାହା ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ସୁଧୁରିବାର ନାଁ ନେଉନାହିଁ। ନିର୍ଯାତିତ, ନିଷ୍ପେଷିତ ଭାରତୀୟଙ୍କ ଉତ୍ତରଦାୟାଦମାନେ ଯଥେଷ୍ଟ ଆତ୍ମକୈନ୍ଦ୍ରିକ ହୋଇ ଯାଇଛନ୍ତି, ଯଦ୍ଦ୍ୱାରା ନିହିତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ଖାଲି ଯେ ନିଜର ବୁଦ୍ଧି ବିବେକକୁ ଜଳାଞ୍ଜଳି ଦେଇ ଦେଉଛନ୍ତି ତା' ନୁହେଁ, ବରଂ ସମାଜର ପ୍ରଭୂତ କ୍ଷତିସାଧନ କରିବାକୁ ପଛାଉ ନାହାନ୍ତି। ଫଳତଃ, ସାରାବିଶ୍ୱ ଆଜି ଭାରତୀୟଙ୍କ ଅସଭ୍ୟ ଆଚରଣ ପ୍ରତି ଅଙ୍ଗୁଳି ଉଠାଇଲାଣି। ଏହାର ଉଦାହରଣଟିଏ ହେଲା, ତୀର୍ଥରୁ ଫେରିବା ସମୟରେ ପ୍ରଥମ ଶ୍ରେଣୀରେ ଯାତ୍ରା କରିଥିବା ଜଣେ ଉଚ୍ଚ ଶିକ୍ଷିତା ବୟସ୍କା ମହିଳା ଏକାଦିକ୍ରମେ ଚାରିଚାରିଟି ଧଳା ବେଡ୍‌ଶିଟ୍ ଟ୍ରେନ୍‌ରୁ ଚୋରି କରି ବ୍ୟାଗରେ ନେଇ ଆସିବାବେଳେ ଧରାହେବାର ଦୃଶ୍ୟ, ଯାହାକୁ ଅନ୍ୟମାନଙ୍କୁ ଅବଗତି ଓ ସତର୍କ ନିମନ୍ତେ ରେଳ ବିଭାଗ ବହୁଳ ପ୍ରସାରଣ କରାଇଥିଲେ। ଖାଲି ବେଡ୍‌ଶିଟ୍‌ରେ ସୀମିତ ନ ରହି କିଛି ଯାତ୍ରୀ ରେଳ ପାଇଖାନାର ଦର୍ପଣ, ଅନ୍ୟାନ୍ୟ ଫିଟିଙ୍ଗ୍ସ ନେଇଯିବାର ବି ଦେଖାଯାଏ। ତେଣୁ ମଗଟିଏ ହେଲେ ମଧ୍ୟ ଆମ ଦେଶରେ ଶିକୁଳିରେ ବନ୍ଧା ହୋଇ ରହିଥାଏ, ବ୍ୟାଙ୍କ ଅଫିସରେ କଲମ ବନ୍ଧା ହେବା ପରି। କିଛିଦିନ ତଳେ ପ୍ରସାର ଭାରତୀ ସଂସ୍ଥାନରେ, ସଭ୍ୟ ଶିକ୍ଷିତ କର୍ମଚାରୀମାନେ ଅଫିସର ବହୁତ ଛୋଟ ମୋଟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଚୋରି କରି ନେଉଥିବାରୁ ତାଗିଦା ସହିତ କଡ଼ା କାର୍ଯ୍ୟାନୁଷ୍ଠାନର ଚେତାବନୀ ଥିବା ଆଦେଶନାମାଟିଏ ସୂଚନା ଫଳକରେ ଲଟକି ଥିବାର ଦେଖିଥିଲି। ଶିକ୍ଷିତ ଲୋକେ ସୁଯୋଗ ପାଇଲେ ଯଦି ଚୋରି ତସ୍କରି କରିବେ, ଏହା ଆମ ସଭ୍ୟ ସମାଜର ଚାରିତ୍ରିକ ସ୍ଖଳନ ନୁହେଁ କି? ଚେନ୍ନାଇରୁ ଦିଲ୍ଲୀକୁ ଆସିବାବେଳେ ଲୋକପ୍ରତିନିଧି, ଜଣେ ସହଯାତ୍ରୀଙ୍କ ମୋବାଇଲ୍ ଚୋରି କରି ସିସିଟିଭି ଦ୍ୱାରା ଧରାପଡ଼ିବା ଯେତିକି ଉଦ୍‌ବେଗଜନକ; ତା'ଠାରୁ ବେଶି ଆଶ୍ଚର୍ଯ୍ୟ ଚକିତ କରେ ଏହି ଦେଶ ସେବକମାନେ ନିର୍ବାଚନରେ ହାରି ସରକାରୀ ଦପ୍ତର ଓ ବଙ୍ଗଳା ଛାଡ଼ିବା ବେଳେ ମୂଲ୍ୟବାନ୍ ଆସବାବପତ୍ର ସବୁ ନିଜ ଘରକୁ ବୋହି ନେବା। ବିଦେଶ ମାଟିରେ ଆମେରିକାର ବିପଣୀରୁ ଛୋଟ ମୋଟ ଚୋରିକରି ଦୁଇଜଣ ଛାତ୍ରୀ ନିକଟରେ ଗିରଫ ହୋଇ ଜେଲ୍ ଯାଇଛନ୍ତି। ଏ ପ୍ରକାରର ଚୌର୍ଯ୍ୟ ପ୍ରକୃତି ଲାଗି ଆମ ମୁଣ୍ଡ ତଳକୁ ନଇଁ ଯାଉନାହିଁ କି।

ଦ୍ୱିତୀୟ ବିଷୟଟି ହେଲା ପରିଚ୍ଛନ୍ନତା। ଆକୁମାରୀ ହିମାଚଳ ଯାଏ ରେଳ ଲାଇନକୁ ଆମେ ଜାତି ଧର୍ମ ବୟସ ନିର୍ବିଶେଷରେ ବାଛି ନେଇଥାଉ ଖୋଲା ମଳତ୍ୟାଗ ପାଇଁ। ରାଜଧାନୀ ଦିଲ୍ଲୀରେ ଏ ଦୃଶ୍ୟ ଏକ ମାମୁଲି କଥା, ଯେଉଁଠିକୁ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ଆସିଥାନ୍ତି। ସ୍ୱାଧୀନ ଭାରତରେ



ଯିଏ ଯେଉଁଠି ଯେତେବେଳେ ଚାହିଁଲେ ପରିସ୍ରା କଲେ। ସାଧାରଣ ଶୌଚାଳୟମାନଙ୍କ ଅବସ୍ଥା ତ କହିଲେ ନସରେ। ରେଳ ପାଇଖାନା ଆଡ଼କୁ ଯିବା କାହିଁକି? ଏପରିକି କିଛି ବ୍ୟକ୍ତି ବିମାନ ପାଇଖାନାରେ ମଧ୍ୟ କଠିନ ବର୍ଜ୍ୟବସ୍ତୁ ପକାଇ ଜାମ କରିଦେଇଥିବାରୁ ବିମାନ ଉଡ଼ାଣ ବାତିଲ ହେବାର ନଜିର ମଧ୍ୟ ରହିଛି। ସରକାରୀ ଦପ୍ତରମାନଙ୍କରେ ଶିଡ଼ିରେ ଠାକୁରଙ୍କ ଫଟୋକୁ ପାନପିକ ପକାଇ ବିକୃତ କରି ଦେଇଥିବା ଚିତ୍ର ପ୍ରାୟ ସମସ୍ତେ ଦେଖିଥିବେ। ଆମେ ବଣଭୋଜିକୁ ଯାଇ ବିଭିନ୍ନ ପ୍ରାକୃତିକ ସ୍ଥଳ ତଥା ଝରଣା, ନଦୀ, ଜଳପ୍ରପାତ କିମ୍ବା ସମୁଦ୍ର କୂଳକୁ ପ୍ଲାଷ୍ଟିକ ଆବର୍ଜନାରେ ପରିପୂର୍ଣ୍ଣ କରିଦେବା, ରେଳ ଷ୍ଟେଶନରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଅଳିଆକୁ ନିର୍ଦ୍ଦିଷ୍ଟ ଜାଗାରେ ନ ପକାଇ ମନଇଚ୍ଛା ଏଣେତେଣେ ପକାଇବା ଆମ କଦର୍ଯ୍ୟ ବ୍ୟବହାରର ନିଦର୍ଶନ।

ତୃତୀୟ କଥାଟି ହେଲା ଆମର ଅନୁଶାସନ ହୀନତା। ଟ୍ରାଫିକ୍ ନିୟମ ନ ମାନି ଭୁଲ୍ ରାସ୍ତାରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇବା। ଜନଗହଳିପୂର୍ଣ୍ଣ ସ୍ଥାନରେ ଦ୍ରୁତ ଗାଡ଼ିଚାଳନା ତଥା ଗାଡ଼ି ଉପରେ ବିଭିନ୍ନ ଦୁଃସାହସିକ କଳାକୌଶଳ ପ୍ରଦର୍ଶନ ଆମର ନିତିଦିନିଆ ଘଟଣା। ରାସ୍ତା ନିୟମ ନ ମାନି ଅଯଥା ଭିଡ଼ ଜମେଇବା, ରାସ୍ତା ମଝିରେ ଗାଡ଼ି ରଖି କଥାବାର୍ତ୍ତା ହେବା, ଧାନ ଶୁଖାଇ, ବେଙ୍ଗଳା ପକାଇ, ଇଟା, ବାଲି ରଖି ରାସ୍ତାକୁ ସଙ୍କୁଚିତ କରିବା ଆମ ଶୃଙ୍ଖଳିତ ଆଚରଣର ପ୍ରତୀକ। ଆମେ ରାସ୍ତା ଖୋଳି ଜଳୁଥିବା ଲାଲ ପ୍ଲାଷ୍ଟିକଗୁଡ଼ିକୁ ବି ନଷ୍ଟ କରିଦେଉ, ନଚେତ ରାସ୍ତାରୁ ଚିପ୍ସ ଗୋଡ଼ି ନେଇ ନିଜ କାମରେ ଲଗାଉ। ଅନ୍ୟମାନେ ପଛରେ ଅସୁବିଧାରେ ପଡ଼ନ୍ତୁ ଆମର କି ଯାଏ? ଯେଉଁ ଅଫିସ୍‌ରେ ଚାକିରି କରୁ, ଆନ୍ଦୋଳନ କରି ତା'ର ଆସବାବପତ୍ର ନଷ୍ଟ କରିବା, ଡାକ୍ତରଖାନା, ପୋଷ୍ଟ ଅଫିସ୍, ଥାନାରେ ଗଣ୍ଡଗୋଳ କରି ନିଆଁ ଲଗେଇଦେବା, ସର୍ବସାଧାରଣଙ୍କ ସମ୍ପତ୍ତିକୁ ନଷ୍ଟ କରିବା ଏପରିକି ଟିକେଟ କାଉଣ୍ଟର୍‌ରେ ଧାଡ଼ି ବାନ୍ଧିବାକୁ ଆମର ଧୈର୍ଯ୍ୟଚ୍ୟୁତି ଘଟିବା ଅନୁଶାସନ ହୀନତାର ପରିଚାୟକ। ନିଜର ଅସ୍ମିତାକୁ ଜଳାଞ୍ଜଳି ଦେଇ ଦେଶର ଗୁପ୍ତ ତଥ୍ୟକୁ ଶତ୍ରୁ ହାତରେ ଟେକିଦେବା କିମ୍ବା ଅନ୍ୟ ପାଇଁ ଗୁପ୍ତଚରଗିରି କରି ଆମ ଦେଶର ସମ୍ଭ୍ରମତା ପ୍ରତି କ୍ଷତି ପହଞ୍ଚାଇବା ଇତ୍ୟାଦି ଆମ ଚରିତ୍ରଗତ ତ୍ରୁଟିର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ଉଚ୍ଚ ସ୍ୱରରେ କଥାବାର୍ତ୍ତା ହୋଇ କିମ୍ବା ଗୀତ ବଜାଇ, ଡିଜେ ଦ୍ୱାରା ଶବ୍ଦ ପ୍ରଦୂଷଣରେ ଅନ୍ୟକୁ କ୍ଷତି ପହଞ୍ଚେଇବା, ବାକ୍ ସ୍ୱାଧୀନତାର ଦୁହାଇଦେଇ ଅନ୍ୟର ଚରିତ୍ର ସଂହାର କରିବା ଏଠାରେ ଦେହସୁହା। ଏହି ଧାରା ଜାରି ରହିଲେ ଭାରତ ବିଶ୍ୱଗୁରୁ ହେବା ପରିବର୍ତ୍ତେ ଅଚିରେ ଏକ ଶିଷ୍ଟାଚାରହୀନ ନିନ୍ଦିତ ରାଷ୍ଟ୍ରରେ ପରିଗଣିତ ହେବା ସାର ହେବ। ଆଉ ଭାରତୀୟମାନେ ଏତାଦୃଶ ସାମାଜିକ ଅସମ୍ବେଦନଶୀଳ ତଥା ସହାନୁଭୂତିହୀନ ବ୍ୟବହାର ପାଇଁ ଘୃଣାର ପାତ୍ର ହେବା ପୂର୍ବରୁ ଏ ଦିଗରେ ବ୍ୟାପକ ଜନ ସଚେତନତା ସୃଷ୍ଟି ହେବା ଜରୁରୀ। ଆମର ଉତ୍ତର ପିଢ଼ିଙ୍କ ପାଇଁ ବିଦ୍ୟାଳୟ ସ୍ତରରୁ ଶୃଙ୍ଖଳା ଜ୍ଞାନ ତଥା ସଭ୍ୟ ଆଚାର ବ୍ୟବହାରକୁ ପାଠ୍ୟକ୍ରମରେ ସଂଯୋଗ କଲେ ଲୋକ ଚରିତ୍ରରେ ଉନ୍ନତି ଆସିବା ମନେହୁଏ, କିନ୍ତୁ ଏହା ସମୟସାପେକ୍ଷ।

– ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା
ମୋ: ୮୧୪୪୦୬୬୦୧୬

## ଏଇ ଭାରତରେ

ସୁନ୍ଦରବନର ହେନ୍ତାଳବନରେ ମହୁ ସଂଗ୍ରହ କରିବାକୁ ଯାଇ ଅନେକ ପୁରୁଷ ବାଘ ଆକ୍ରମଣ ଯୋଗୁ ମୃତ୍ୟୁମୁଖରେ ପଡ଼ନ୍ତି। ଏହିସବୁ ମୃତ ପୁରୁଷଙ୍କ ବିଧବା ସ୍ତ୍ରୀଙ୍କୁ କୁହାଯାଉଛି ଟାଇଗର ୱିଡୋଜ। ପରିବାରରେ ରୋଜଗାରିଆ ସ୍ୱାମୀଙ୍କୁ ହରାଇବା ପରେ ଟାଇଗର ୱିଡୋଜଙ୍କୁ ସରକାର କିଛି ଟଙ୍କା ଓ ଖାଦ୍ୟସାମଗ୍ରୀ ଯୋଗାଉଛନ୍ତି। ହେଲେ ଏହା ସେମାନଙ୍କ ପାଇଁ ଯଥେଷ୍ଟ ହେଉ ନ ଥିବାବେଳେ ସେମାନେ ଏବେ ମହୁଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏବେ ସୁଦ୍ଧା ସୁନ୍ଦରବନ ଅଞ୍ଚଳରେ ଥିବା ମୋଟ ୩୦୦୦ ଟାଇଗର ୱିଡୋଜଙ୍କ ମଧ୍ୟରୁ ୫୦୦ ମହିଳା ମହୁଚାଷ କରି ପରିବାର ଚଳାଉଛନ୍ତି। ମହିଳାଙ୍କୁ ମହୁଚାଷରେ ସହଯୋଗ କରୁଛନ୍ତି ନୀତି ଗୋୟଲ। କେବଳ ଏତିକି ନୁହେଁ, ସେମାନେ ମଧ୍ୟ ମାଛଚାଷ କରୁଛନ୍ତି। ସୁନ୍ଦରବନ ନିକଟରେ ଥିବା ହୋଟେଲଗୁଡ଼ିକୁ ସେମାନେ ମାଛ ଯୋଗାଇ ଲାଭ କରୁଛନ୍ତି। ତେବେ ସମସ୍ତ ୩୦୦୦ ଟାଇଗର ୱିଡୋଜଙ୍କୁ ପର୍ଯ୍ୟାୟକ୍ରମେ ସଶକ୍ତ କରିବା ଲକ୍ଷ୍ୟରେ ନୀତି ଯୋଜନା ପ୍ରସ୍ତୁତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୭୬

- ଦେଶ ଓ ଦଳ ପାଇଁ ମହାନ୍ ଅବଦାନ ଯୋଗୁଁ ସୋଭିଏତ୍ କମ୍ୟୁନିଷ୍ଟ ଦଳର ସାଧାରଣ ସମ୍ପାଦକ ଲିଓନିଦ ବ୍ରେଜନେଭ୍‌ଙ୍କୁ 'ଅର୍ଡର ଅଫ୍ ଲେନିନ୍' ଉପାଧି ପ୍ରଦାନ।
- ଅର୍ଥନୀତିକ, ବାଣିଜ୍ୟିକ, ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ସହଯୋଗ ନିମନ୍ତେ ଭାରତ ଓ ପୋଲାଣ୍ଡ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ।
- ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ କେନ୍ଦ୍ର ଶାସିତ ଅଞ୍ଚଳର ମର୍ଯ୍ୟାଦା ଦେବା ଓ ବିଧାନସଭାର ସୁଯୋଗ ଦେବା ପାଇଁ ଆଣ୍ଡାମାନରେ ଅନୁଷ୍ଠିତ ରାଜନୀତିକ ସମ୍ମିଳନୀରେ ଏକ ପ୍ରସ୍ତାବ ଗୃହୀତ।

## ଚିରନ୍ତନୀ

ବୁଲିଗଲି କାହିଁ ବଣ-ପାହାଡ଼ର ରାଇଜେ
ମନେପଡ଼େ କେତେ ଆଉ କେତେ ମନେ ନାହିଁ ଯେ!
ଜୟପୁର ମାଳ ପାହାଡ଼ ପାଚେରି
ରହିଥିଲା ମୋର ଚଉପାଶେ ବେଢ଼ି
ଦେଖି ସେ ବିରାଟ ରୂପ ଉଠିଥିଲି ଗାଇ ଯେ
ବୁଲିଗଲି କେଉଁ ବଣ ପାହାଡ଼ର ରାଇଜେ।

–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ତ୍ରୀ, ବିଧାୟକଙ୍କ ଦରମାରେ ଓଡ଼ିଶା ନମ୍ବରୱାନ୍

ମହାଶୟ,

ସରକାର କହି ବୁଲୁଛନ୍ତି – ଓଡ଼ିଶା ରାଜ୍ୟ ଗଠନର ଶତବାର୍ଷିକୀ ପାଳନ (୨୦୩୬ ମସିହା) ପୂର୍ବରୁ ଆମ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଦେଶର ନମ୍ବରୱାନ୍ ହେବ। ଯାହାହେଉ ଏହି ଅବଧିର ଦଶବର୍ଷ ପୂର୍ବରୁ ବିଧାୟକଙ୍କ ଦରମା ବୃଦ୍ଧିରେ ଦେଶରେ ନମ୍ବରୱାନ୍ ରାଜ୍ୟ ହୋଇପାରିଛି। ବିକଶିତ ମହାରାଷ୍ଟ୍ର, ପଞ୍ଜାବ, ଗୁଜରାଟ ଆଦି ରାଜ୍ୟକୁ ପଛରେ ପକେଇ ଓଡ଼ିଶା ବାଜିମାରି ନେଇଛି। ତ୍ରିପୁରା ବିଧାୟକଙ୍କ ଦରମାର ଏହା ପ୍ରାୟ ସାତଗୁଣ, ଦିଲ୍ଲୀ ବିଧାୟକଙ୍କ ଦରମାଠାରୁ ଢେର୍ ଅଧିକ। ଅପହଞ୍ଚ ଇଲାକାରେ ଲୋକେ ବିକାଶର ସାମାନ୍ୟତମ ଆଲୋକ ପାଇନାହାନ୍ତି। ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟର ଶିକ୍ଷକ ୩୦/୪୦ ବର୍ଷ ଭିତରେ ମାତ୍ର କେତୋଟି ବର୍ଷ ସରକାରୀ ଭାଡିଆ ପାଇ ଶୂନ୍ୟହସ୍ତରେ ଅବସର ନେଉଛନ୍ତି। ଅଥଚ ଜଣେ ନିର୍ବାଚିତ ବିଧାୟକ ଦରମା, ଭତ୍ତା, ଅବସରକାଳୀନ ସୁବିଧା ପାଉଛନ୍ତି। ଏ ପ୍ରକାର ପଦକ୍ଷେପକୁ 'ବାଡ଼ ଫସଲ ଖାଇବା' ପରି ମନେହେଉଛି।

– ତ୍ରିଲୋଚନା ମହାପାତ୍ର, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅବ୍ୟବସ୍ଥାରେ କନ୍ଧଗୁଡ଼ା ପ୍ରାଥମିକ ବିଦ୍ୟାଳୟ

## ୨ ଗୃହରେ ଚାଲୁଛି ୫ଟି ଶ୍ରେଣୀର ପାଠପଢ଼ା

କୋରୁକୋଣ୍ଡା,୨୦।୧୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଶିକ୍ଷା କ୍ଷେତ୍ରରେ ଲାଗିରହିଥିବା ଅବ୍ୟବସ୍ଥାକୁ ନେଇ ଚର୍ଚ୍ଚାରେ ରହିଛି। ବିଦ୍ୟାଳୟର ଛାତରୁ ପାଣି ଗଳିବା ସହ ଶ୍ରେଣୀ ଗୃହ, ଅଫିସ ଗୃହ, ଚତୁର୍ପାଶରେ ସ୍ଥାୟୀ ସୁରକ୍ଷା ପାଚେରୀ ଓ ଶୌଚାଳୟ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ର ଅସୁରକ୍ଷିତ ଶ୍ରେଣୀ ଗୃହରେ ବସି ପାଠ ପଢୁଥିବା ଦେଖିବାକୁ ମିଳେ। କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧୀନ କନ୍ଧଗୁଡା ଗାଁସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ୨୦୧୧ରେ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମରୁ ୫ମ ଶ୍ରେଣୀକୁ ନେଇ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥଲା। ଏହି ସ୍କୁଲରେ ବାଲବାଟିକାରେ ୩ ଓ ପ୍ରଥମରୁ ୫ମ ଶ୍ରେଣୀରେ ମୋଟ ୩୩ ଛାତ୍ରୀଛାତ୍ର ପଢୁଛନ୍ତି। ପ୍ରଧାନଶିକ୍ଷକଙ୍କ ସମେତ ମୋଟ ୨ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ବିଦ୍ୟାଳୟରେ ୫ ଶ୍ରେଣୀର ପିଲାଙ୍କ ପାଇଁ କେବଳ ୨ ଶ୍ରେଣୀ ଗୃହ ରହିଛି। ୨ ଶ୍ରେଣୀ ଗୃହରେ ୫ ଓ ବାଲବାଟିକାର ପିଲାମାନଙ୍କୁ ବସାଇ ପାଠ ପଢାଇବାରେ ବହୁ ଅସୁବିଧା ହେଉଥିବା ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଭାପତି ଧୂଳି ଖରା କହିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ, କିଛି ବର୍ଷ ହେବ ବର୍ଷା ହେଲେ ବିଦ୍ୟାଳୟ ଗୃହ ଓ ରୋଷେଇ ଘର ଛାତରୁ ପାଣି ଗଳୁଛି। ପ୍ରଥମରୁ ୫ମ ଶ୍ରେଣୀ ପିଲାଙ୍କ ପଢିବା ପାଇଁ ବିଭାଗ ପକ୍ଷରୁ ଟେବୁଲ ବେଞ୍ଚ ଦିଆଯାଇନାହିଁ। ପିଲାମାନେ ଚଟାଣରେ ବସି ପଢୁଛନ୍ତି। ସ୍କୁଲର ଚତୁଃପାର୍ଶ୍ୱରେ ସ୍ଥାୟୀ ସୁରକ୍ଷା ପାଚେରୀ ନିର୍ମାଣ ହୋଇନାହିଁ। ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ରାୟଙ୍କ ଚେଷ୍ଟାରେ ସ୍କୁଲ ଚାରିପଟେ ଖୁଣ୍ଟି ପୋତାଯାଇ କଣ୍ଟା ତାର ବାଡ ଲଗାଯାଇଛି। ଏହି ସ୍କୁଲ ଗୃହର ପଛ ପଟେ ପ୍ରାୟ ୧୦-୧୫ ଫୁଟ ଦୂରରେ ଘଞ୍ଚ ଜଙ୍ଗଲ ଓ ଏକ ଝରଣା ପ୍ରବାହିତ ହେଉଛି। ସ୍କୁଲର ସ୍ଥାୟୀ ସୁରକ୍ଷା ପାଚେରୀ ନ ଥିବାରୁ ପିଲାଙ୍କ ସୁରକ୍ଷା ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ଚିନ୍ତାରେ ରହିଛନ୍ତି। ସ୍କୁଲ ସମ୍ମୁଖରେ ଥିବା ଏକ ଗର୍ତ୍ତକୁ ପୋତିବା ପାଇଁ ପଞ୍ଚାୟତ ପକ୍ଷରୁ ଦୀର୍ଘ ଦିନ ହେବ ଅନୁଦାନ ରାଶି ଆସିଥିଲେ ସୁଦ୍ଧା ଏ ଯାଏ ଏହାକୁ ପୋତା ଯାଇନାହିଁ। ବିଦ୍ୟାଳୟର ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଓ ସ୍କୁଲ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ସତ୍ତ୍ୱେ କର୍ଣ୍ଣପାତ କରାଯାଉ ନ ଥିବା ଗାଁର ୱାର୍ଡମେମ୍ବର ପାନ ଖରା, ଦାସ ଗୋଲରୀ, ଗୋବିନ୍ଦ ଗୋଲରୀ, ବନ୍ଧୁ ଖରା, ଆନ୍ଦରୁ ଖରା ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ସ୍କୁଲ ଦାୟିତ୍ୱରେ ଥିବା ସିଆରସିସି ସୁରେଶ ପ୍ରଧାନଙ୍କୁ ପଚାରିବାରୁ ସ୍କୁଲ ଗୃହର ମରାମତି ପାଇଁ ପଞ୍ଚାୟତ ପକ୍ଷରୁ ୧ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ରାଶି ଆସିଛି, କାମ ଆରମ୍ଭ ହୋଇନାହିଁ। ସ୍କୁଲର ଅନ୍ୟ ସମସ୍ୟାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲେଖି ଦିଆଯାଇଛି ବୋଲି ସେ କହିଛନ୍ତି। ଏ ନେଇ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ଅସିତ ମିସ୍ତ୍ରୀଙ୍କୁ ପଚାରିବାରୁ ସ୍କୁଲ ବିଲଡିଂ ମରାମତି କରିବା ଓ ଆବଶ୍ୟକୀୟ ସମସ୍ୟାର ସମାଧାନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ବ୍ଲକ ପ୍ରଶାସନ ଅଧୀନରେ ସମ୍ପୃକ୍ତ ପଞ୍ଚାୟତ କର୍ତ୍ତୃପକ୍ଷ ଏହି କାର୍ଯ୍ୟ କରିବାକୁ ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି।


କନ୍ଧଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ।

# ଖଳାରେ ନିଆଁ ଲାଗି ଧାନ, ମାଣ୍ଡିଆ ନଷ୍ଟ



ମାଲକାନଗିରି,୨୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନୁଆଗୁଡ଼ା ପଞ୍ଚାୟତ ଆର୍‌ଏସ୍‌ସି ୧୧ ଗ୍ରାମରେ ଅମଳ ହୋଇ ରଖାଯାଇଥିବା ଧାନ ଓ ମାଣ୍ଡିଆରେ ନିଆଁ ଲାଗି ଶୁକ୍ରବାର ରାତିରେ ନଷ୍ଟ ହୋଇଯାଇଛି। ଆରଏସ୍‌ସି ୧୧ ଗ୍ରାମର ଚାଷୀ ଏକ ଖଳାରେ ଧାନ ଓ ମାଣ୍ଡିଆ ଗଦା କରି ରଖିଥିଲେ। କୌଣସି କାରଣରୁ ଏଥିରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଏହା ସତ୍ତ୍ୱେ ଅମଳ ଧାନ ଓ ମାଣ୍ଡିଆ ପୋଡ଼ି ନଷ୍ଟ ହୋଇଯାଇଥିଲା। ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗକୁ ମଧ୍ୟ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖଳାରେ ଆର୍‌ଏସ୍‌ସି ୧୧ ଗ୍ରାମର ସୁବା ତାମରବୁଆ, ମଙ୍ଗଳା ମଲ୍ଲିକ, ବଳରାମ ହନ୍ତାଳ, ନାରାୟଣ ଖିଲଙ୍କ ମାଣ୍ଡିଆ ଓ ଧାନ ରହିଥିଲା। ମୋଟ ୧୨୦ ବସ୍ତା ଧାନ ଓ ୨୪୦ ବସ୍ତା ମାଣ୍ଡିଆ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଖବର ପାଇ ଚିତ୍ରକୋଣ୍ଡା ରାଜସ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

# ନବୋଦୟ ବିଦ୍ୟାଳୟ-୨ ପରିସରରେ ଗଣ୍ଡଗୋଳ

## ୭ ଛାତ୍ରଙ୍କୁ ୧ ସପ୍ତାହ ପାଇଁ ନିଲମ୍ବନ

କୋରୁକୋଣ୍ଡା,୨୦।୧୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ବାଲିମେଳା ସହରର ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ-୨ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ୪ ଦିନ ତଳେ ହଷ୍ଟେଲରେ ରହୁଥିବା ଜଣେ ନବମ ଶ୍ରେଣୀର ଛାତ୍ର ଅନ୍ୟ ଜଣେ ନବମ ଶ୍ରେଣୀର ଛାତ୍ରଙ୍କ କିଛି ଶୁଖିଲା ଖାଦ୍ୟ ଖାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ ଏକାଦଶ ଶ୍ରେଣୀର ଛାତ୍ରଙ୍କ କ୍ୟାପଟେନ ଓ କେୟାର ଟେକର ଜାଣି ନବମ ଶ୍ରେଣୀର କେତେକ ଛାତ୍ରଙ୍କୁ ଏକାଦଶ ଶ୍ରେଣୀର ଛାତ୍ରାବାସକୁ ଡାକି ପଚରାଉଚରା କରିଥିଲେ। ସମ୍ପୃକ୍ତ ଛାତ୍ରଙ୍କୁ ମାଡ଼ ମାରିଥିଲେ। ତାଙ୍କ ସହ କେୟାର ଟେକର ବିଶ୍ୱଜିତ୍ ସରକାର ମଧ୍ୟ ନବମ ଶ୍ରେଣୀ ଛାତ୍ରମାନଙ୍କୁ ବାରମ୍ବାର ମାଡ଼ ମାରିଥିଲେ। କେତେକ ଛାତ୍ରଙ୍କ ପରିସ୍ରା ହୋଇ ଯାଇଥିଲା। ଏହା ସତ୍ତ୍ୱେ ସେ ମାଡ଼ ମାରିବା ଛାଡ଼ି ନ ଥିବା ଅଭିଯୋଗ ହୋଇଛି। ଫଳରେ ନବମ ଶ୍ରେଣୀର ଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଶାନ୍ତି ଶୃଙ୍ଖଳା ପାଇଁ ଏକାଦଶ ଶ୍ରେଣୀର ଛାତ୍ର କ୍ୟାପଟେନ ନିୟୋଜିତ କରାଯାଇଥିବା ବେଳେ ସେ ଏଥିରେ ସମ୍ପୃକ୍ତ ରହିବା ଠିକ୍ ନୁହେଁ ବୋଲି ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରାମୁ ରାଚାଙ୍କୁ ପଚାରିବାରୁ ଉଭୟ ଅଭିଭାବକଙ୍କ ଡକାଇ ଆଲୋଚନା ମାଧ୍ୟମରେ ବୁଝାମଣା କରାଯାଇଥିବା ସେ କହିଛନ୍ତି। ଏହି ଘଟଣାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଏକାଦଶ ଶ୍ରେଣୀର ୭ ଛାତ୍ରଙ୍କୁ ଏକ ସପ୍ତାହ ପାଇଁ ନିଲମ୍ବନ କରିଥିବା ସୂଚନା ରହିଛି। କେୟାର ଟେକରଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି ବୋଲି ସ୍କୁଲ ଅଧ୍ୟକ୍ଷ ଚାରା କହିଛନ୍ତି। ଘଟଣାରେ କେତେକ ଅଭିଭାବକ ଭୟଭୀତ ରହିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଓ ସେମାନଙ୍କ ମଧ୍ୟରେ କୌଣସି ସମାଧାନ ହୋଇ ନ ଥିବା କହିଛନ୍ତି। ବିଦ୍ୟାଳୟରେ ଘଟଣାର ପୁନରାବୃତ୍ତି ହେବା ଆଶଙ୍କା କରି ୫ ଅଭିଭାବକ ତାଙ୍କ ପିଲାମାନଙ୍କୁ ଘରକୁ ନେଇ ଆସିଥିବା ଜଣାପଡିଛି। ଗଣ୍ଡଗୋଳକୁ ନେଇ କେତେକ ଅଭିଭାବକ ସ୍କୁଲ ଅଧ୍ୟକ୍ଷଙ୍କୁ ପଚାରିବାରୁ ୪ ଦିନ ପରେ ଘଟଣା ମୋ ନଜରକୁ ଆସିଲା ବୋଲି ସେ ସ୍ୱୀକାର କରିଛନ୍ତି। ଜିଲା ପ୍ରଶାସନ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ମାଲାକନଗିରି,୨୦।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକେ ମାଲକାନଗିରି ଥାନାରେ ଅଭିଯୋଗ କରିଛନ୍ତି। ଏହା ଭିତ୍ତି କରି ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏମ୍‌ଭି ୪୩ ଗ୍ରାମର ଦୀପକ ବାରୋଇ।

ସୂଚନାନୁଯାୟୀ, ସଦର ବ୍ଲକ୍ ଅଞ୍ଚଳର ଦମ୍ପତି ଗତ ୧୫ ତାରିଖରେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଘରେ ତାଙ୍କର ୧୨ ବର୍ଷର ଦିବ୍ୟାଙ୍ଗ ଝିଅ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନାବାଳିକାଙ୍କ ବଡ଼ ଭଉଣୀ ଓ ତାଙ୍କ ପଡ଼ୋଶୀ ଦୀପକ ବଳାତ୍କାର କରିବାକୁ ଚେଷ୍ଟା କରୁଥିବା ଦେଖି ଚିତ୍କାର କରିଥିଲେ। ଅଭିଯୁକ୍ତ ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇ ଚାଲିଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ଉଭୟ ଦମ୍ପତି ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୬୬/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।


**SBI**

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-I, କୋଲକାତା**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩, ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ଦଖଲ ନୋଟିସ ପରିଶିଷ୍ଟ - IV [ନିୟମ ୮(୧)]**

ଯେହେତୁ
ନିମ୍ନ ସ୍ୱାକ୍ଷରକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ଭାବେ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ (୨୦୦୨ର ଅଧିନିୟମ ୫୪) ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର **ନିୟମ ୩** ସହିତ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୩୦।୦୭।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ନ୍ୟୁ ମଡର୍ଣ୍ଣ ଟେକ୍ନୋମେକ୍ ପ୍ରାଇଭେଟ୍ ଲିମିଟେଡ୍** ଏବଂ ଏହାର ଗ୍ୟାରେଣ୍ଟିଦାତା(ଗଣ) (୧) ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀ (୨) ଶ୍ରୀମତୀ ସେବା ଷଡ଼ଙ୍ଗୀ ଏବଂ (୩) ଶ୍ରୀ ସୁମିତ ଷଡ଼ଙ୍ଗୀଙ୍କୁ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି ଅର୍ଥାତ୍ **ତା୨୯।୦୭।୨୦୨୫ରିଖ** ସୁଦ୍ଧା ଥିବା **ଟ.୬୨,୫୨,୭୦,୧୦୪.୦୬ (ବାଷଠି କୋଟି ବାଉନ ଲକ୍ଷ ସତୁରୀ ହଜାର ଏକଶହ ଚାରି ଟଙ୍କା ଛଅ ପଇସା ମାତ୍ର)** ଉକ୍ତ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।
**ତତ୍‌ପଶ୍ଚାତ୍, ତା୩୦।୦୭।୨୦୨୫ରିଖର ଡିମାଣ୍ଡ ନୋଟିସ ଜାରି କରିବା ପରେ ସୁରକ୍ଷିତ ଋଣଦାତା ବ୍ୟାଙ୍କ ବିଭିନ୍ନ ତାରିଖରେ** (ପ୍ରତିଦାବୀର ଅଧିକାର ପ୍ରୟୋଗ କରି ସୀମାଶୁଳ୍କ ବିଭାଗ ତରଫରୁ ଋଣଗ୍ରହୀତାଙ୍କ ଖାତାରେ ପ୍ରାପ୍ତ ହୋଇଥିବା କ୍ରେଡିଟ୍, ବିବିଧ କ୍ରେଡିଟ୍, ନଗଦ ପାର୍ଶ୍ୱିକ ବନ୍ଧକ/ ଏସ୍‌ଟିଡିଆର୍/ ମାର୍ଜିନ ଧନ, ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦ୍ୱାରା କରାଯାଇଥିବା ଜମା ଏବଂ ବକେୟା ବ୍ୟାଙ୍କ ଗ୍ୟାରେଣ୍ଟିର ସମୟସୀମା ଅତିକ୍ରାନ୍ତ ହେବା କାରଣରୁ ମଧ୍ୟ) **ଟ.୧୨,୫୬,୪୭,୧୯୪.୦୦ ଅସୁଲ କରିଛି।**
**ଏବେ, ତା୧୧।୧୨।୨୦୨୫ରିଖ ସୁଦ୍ଧା ବର୍ତ୍ତମାନର ମୋଟ ବକେୟା ହେଉଛି ଟ.୫୦,୦୧,୧୯,୨୩୭.୦୦ (ପଚାଶ କୋଟି ଏକ ଲକ୍ଷ ଊଣେଇଶ ହଜାର ଦୁଇଶହ ସଇଁତିରିଶ ଟଙ୍କା ମାତ୍ର)** ଓ ତା୧୨।୧୨।୨୦୨୫ରିଖ ସୁଦ୍ଧା ତାହା ଉପରେ ଲାଗୁ ସୁଧ ସହ ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ, ଶୁଳ୍କ ଆଦି। ତଥାପି ଉକ୍ତ ନୋଟିସ ତାରିଖ ସୁଦ୍ଧା ମୋଟ ଟ.୫,୪୧,୨୮,୩୮୨.୦୦ର ଅପରିଶୋଧିତ ବ୍ୟାଙ୍କ ଗ୍ୟାରେଣ୍ଟି (ଆକସ୍ମିକ ଦେୟତା) ମଧ୍ୟ ବାକି ରହିଛି ଯାହାକୁ ବର୍ତ୍ତମାନର ବକେୟା ଟ.୫୦,୦୧,୧୯,୨୩୭.୦୦ (ପଚାଶ କୋଟି ଏକ ଲକ୍ଷ ଊଣେଇଶ ହଜାର ଦୁଇଶହ ସଇଁତିରିଶ ଟଙ୍କା ମାତ୍ର)ରେ ଅନ୍ତର୍ଭୁକ୍ତ କରାଯାଇଛି।
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ) ଉକ୍ତ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା(ଗଣ)ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଅଧିନିୟମର ଧାରା ୧୩ର ଉପ-ଧାରା (୪) ସହ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **୧୧ ଡିସେମ୍ବର, ୨୦୨୫** ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ସମ୍ପୃକ୍ତ ସମ୍ପତ୍ତି ନାମ ବାବଦରେ ଡାହାଣ ପାର୍ଶ୍ୱ ସ୍ତମ୍ଭରେ ଦର୍ଶାଯାଇଥିବା ତାରିଖରେ ନିଜ ଦଖଲକୁ ନେଇଛନ୍ତି।
ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ)/କର୍ପୋରେଟ୍ ଗ୍ୟାରେଣ୍ଟିଦାତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଉକ୍ତ ସମ୍ପତ୍ତି ସହ କୌଣସି କାରବାର ନ କରିବା ପାଇଁ ସତର୍କ କରାଇଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା **ତା୧୧।୧୨।୨୦୨୫ରିଖ** ସୁଦ୍ଧା ଥିବା **ଟ.୫୦,୦୧,୧୯,୨୩୭.୦୦ (ପଚାଶ କୋଟି ଏକ ଲକ୍ଷ ଊଣେଇଶ ହଜାର ଦୁଇଶହ ସଇଁତିରିଶ ଟଙ୍କା ମାତ୍ର)** ଓ ତା୧୨।୧୨।୨୦୨୫ରିଖ ସୁଦ୍ଧା ତାହା ଉପରେ ଲାଗୁ ସୁଧ ସହ ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ, ଶୁଳ୍କ ଆଦି ଚାର୍ଜ କରାଯିବ।
ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ଚାର୍ଜ କରାଯାଇଥିବା ଋଣଗ୍ରହୀତାଙ୍କ ନାମରେ ଥିବା ସମସ୍ତ ନିର୍ମାଣ, ଯନ୍ତ୍ରପାତି ଏବଂ ଫିକ୍ସର୍ ସମେତ ଲିଜ୍ ହୋଲ୍ଡ କାରଖାନା ଜମି ଓ ବିଲଡିଂର ସମସ୍ତ ଭାଗ ଓ ଅଂଶବିଶେଷ। ଲିଜ୍ ହୋଲ୍ଡ ଜମିର ବିବରଣୀ (ଲିଜଦାତା: ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ, ଲିଜଗ୍ରହୀତା: ନ୍ୟୁ ମଡର୍ଣ୍ଣ ଟେକ୍ନୋମେକ୍ ପ୍ରାଇଭେଟ୍ ଲିମିଟେଡ୍) ତଳେ ଦର୍ଶାଗଲା:

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୧ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି) | ଏ.୦.୧୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ. ୯/୧୨୭୪, ସି.ଏସ୍. ଖାତା ନଂ.୧, ପ୍ଲଟ୍ ନଂ. ୨୩(ପି), **ଇଡ୍‌କୋ ଶେଡ୍ ନଂ.୩୩** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ଖାଲି ଜମି, **ଦକ୍ଷିଣ**: ଇଡକୋ ଶେଡ୍ ନଂ. ଏସ୍୨/୨୯, **ପୂର୍ବ**: ପ୍ଲଟ୍ ନଂ.୩୪, **ପଶ୍ଚିମ**: ରାସ୍ତା।
ଆର୍.ଏଲ୍.ଡି. ନଂ. ୪୦୧୭, ତାରିଖ: ୨୯।୧୨।୨୦୦୬, ସ୍ଥାନ ଏସ୍‌ଆରଓ- ବାରିପଦା, ଲିଜ୍ ୨୦୮୧ ପର୍ଯ୍ୟନ୍ତ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୨ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି) | ଏ.୦.୪୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

[illegible]

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୩ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୮(ପି) / ୯/୧୨୭୪(ପି) | [illegible] | ଘରବାରି | ୧୭।୧୨।୨୦୨୫ |

[illegible]

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୪ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | [illegible] | [illegible] | ଘରବାରି | ୧୭।୧୨।୨୦୨୫ |

[illegible]

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୫ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି) | [illegible] | ଘରବାରି | ୧୭।୧୨।୨୦୨୫ |

[illegible]

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୬ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୮(ପି) / ୯/୧୨୭୪(ପି) | [illegible] | ଘରବାରି | ୧୭।୧୨।୨୦୨୫ |

[illegible]

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୭ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪ | [illegible] | ଘରବାରି | ୧୭।୧୨।୨୦୨୫ |

[illegible]

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୮ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | [illegible] | [illegible] | ଘରବାରି | ୧୭।୧୨।୨୦୨୫ |

[illegible]

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ବିଲ୍ଡିଂ/ସଂରଚନା ନ୍ୟାୟସଙ୍ଗତ ବନ୍ଧକ।

[illegible]

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ବିଲ୍ଡିଂ/ସଂରଚନା ନ୍ୟାୟସଙ୍ଗତ ବନ୍ଧକ।

[illegible]

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀ ଏବଂ ଶ୍ରୀମତୀ ସେବା ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ବିଲ୍ଡିଂ/ସଂରଚନା ନ୍ୟାୟସଙ୍ଗତ ବନ୍ଧକ।

[illegible]

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ସୀମା ପାଚେରୀ/ନିର୍ମାଣ ନ୍ୟାୟସଙ୍ଗତ ବନ୍ଧକ।

[illegible]

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୧୨.୨୦୨୫
ସ୍ୱା./- ପ୍ରାଧିକୃତ ଅଧିକାରୀ
ଚାପଗ୍ରସ୍ତ ପରିସମ୍ପତ୍ତି ଅସୁଲି ଶାଖା-I, କୋଲକାତା



No.T-117

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.22/12/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0212/2526



**वरीय पुलिस अधीक्षक का कार्यालय, राँची।**
**सर्वसाधारण के लिए सूचना।**



**नाम–बिशु बड़ाईक, उम्र–22 वर्ष, रंग–साँवला, ऊँचाई–05 फीट, 04 ईंच**
**पहनावा–काला रंग का शर्ट एवं काला रंग का पैंट पहने हुए है।**

उपरोक्त लापता व्यक्ति बिशु बड़ाईक, उम्र–22 वर्ष, पिता–बुधवा बड़ाईक, सा0–बालालौंग, थाना–नगड़ी, जिला–राँची जो दिनांक–06.12.2025 को अपने घर से बगैर बताए कहीं चले गए है जो आजतक अपने घर वापस नहीं आए है। जिनकी मानसिक स्थिति ठीक नहीं है। जिसके संबंध में नगड़ी थाना सन्हा सं0–19/2025, दिनांक–15.12.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, द्वितीय, राँची। – 9431706142
थाना प्रभारी नगड़ी, राँची। – 9431706176

वरीय पुलिस अधीक्षक,
राँची।

PR 369107 Police(25-26)D



ଫର୍ମ ନଂ.-୧୩
**ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ.-୪୦୧/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ
**ଶ୍ରୀ ରମାକାନ୍ତ ମହାପାତ୍ର,** ପିତା: ଶ୍ରୀ ଗୋବିନ୍ଦ ଚନ୍ଦ୍ର ତରାଇ, ସା: ପ୍ଲଟ୍ ନଂ.: ୧୬୪୨/୭୧, ଗଣ୍ଡମୁଣ୍ଡା, ପୋ/ଥାନା: ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, **ଅନ୍ୟ ଠିକଣା-** କ୍ୱାର୍ଟର ନଂ.: ଜେସି ୮୬, ପୋ: ମଧୁବନ, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୪୨ .....ପ୍ରତିବାଦୀ

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.-୪୦୧/୨୦୨୫** ଦ୍ୱାରା **ଟ.୩୫,୨୯,୭୪୪/-** (ପଞ୍ଚତିରିଶ ଲକ୍ଷ ଅଣତିରିଶ ହଜାର ସାତ ଶହ ଚଉରାଳିଶ ଟଙ୍କା ମାତ୍ର) ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଅଛନ୍ତି। ତେଣୁ ଏତଦ୍ଦ୍ୱାରା ଉପରିଲିଖିତ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍‌ର ଖବରକାଗଜ ପ୍ରକାଶନର **ତିରିଶ ଦିନ** ମଧ୍ୟରେ କିମ୍ବା **ତା୨୫.୦୨.୨୦୨୬ରିଖ ପୂର୍ବାହ୍ନ ୧୦:୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ଆପଣ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ଏବଂ ମୋ ଦ୍ୱାରା ଅଦ୍ୟ ଦିନାଙ୍କ **୧୦ ଡିସେମ୍ବର, ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ଜିତେନ୍ଦ୍ର ନାଥ ପତି)
ରେଜିଷ୍ଟ୍ରାର (ଭାରପ୍ରାପ୍ତ)



**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**
ପ୍ଲଟ୍ ନଂ ୪, ଚୁନକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧, ଇ-ମେଲ୍ : orierc@odisha.gov.in, orierc@gmail.com Web : www.orerc.org

**ସାଧାରଣ ବିଜ୍ଞପ୍ତି**
**କେସ୍ ନଂ ୧୩୩/୨୦୨୫**

**ଓଇଆରସି (ହୁଇଲିଂ ଟାରିଫ ଏବଂ ରିଟେଲ ସପ୍ଲାଏ ଟାରିଫ ତାରିଫ ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ)ନିୟାମକ ୨୦୨୨ ପାଠ ସହ ଅନ୍ୟାନ୍ୟ ନିୟମ ଓ ନିୟାମକ ଏବଂ ଓଇଆରସି (ବ୍ୟବସାୟ ପରିଚାଳନା) ନିୟାମକ ୨୦୦୪ (ର ସଂପୃକ୍ତ ବ୍ୟବସ୍ଥାବଳୀର ପାଠ ବିଦ୍ୟୁତ ଅଧିନିୟମ ୨୦୦୩ର ଧାରା ୬୨ ଓ ୮୬ (୧) ଅନୁଯାୟୀ ଆର୍ଥିକ ବର୍ଷ ୨୦୨୩-୨୪ ଓ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଟ୍ରୁଇଅପ୍‌ର ଅନୁମୋଦନ ଉଦ୍ଦେଶ୍ୟରେ ଟିପିଏସଓଡିଏଲର ଆବେଦନ ଶୁଣାଣି**

ଟିପିଏସଓଡିଏଲ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଠାରେ ୨୯.୧୧.୨୦୨୫ରେ ଆର୍ଥିକ ବର୍ଷ ୨୦୨୩-୨୪ ଓ ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ଟ୍ରୁଇଅପ ଅନୁମୋଦନ ଲାଗି ଆବେଦନ ଦାଖଲ କରିଛି, ଯାହା **କେସ ନଂ.୨୦୨୫ ର ୧୩୩**ରେ ପଞ୍ଜିକୃତ ହୋଇଅଛି। ଏହି ଆବେଦନଟି ଓଇଆରସି (ହୁଇଲିଂ ଟାରିଫ ଓ ରିଟେଲ ସପ୍ଲାଏ ଟାରିଫ ନିର୍ଦ୍ଧାରଣ ଲାଗି ସର୍ତ୍ତ ଓ ବ୍ୟବସ୍ଥା) ଓଇଆରସି ସହ ବିଦ୍ୟୁତ ଅଧିନିୟମ ୨୦୦୩ର ଧାରା ୬୨ ଓ ୮୬ (୧) ତଥା ଅନ୍ୟାନ୍ୟ ବ୍ୟବସ୍ଥାବଳୀ ଅନୁସାରେ ରହିଛି। ଆୟୋଗ ଏହି କେସଟିକୁ ଜନ ଶୁଣାଣି ଜରୀଆରେ ସମାଧାନ କରିବାକୁ ନିଷ୍ପତି ନେଇଛନ୍ତି ଯାହା **କେସ ନଂ ୨୦୨୫ ର ୧୩୨** ଏଆରଆର ଓ ଆରଏସଟି ଆବେଦନ ଅଟେ।

ଏହି ପରିପ୍ରେକ୍ଷୀରେ ମେସର୍ସ ଟିପିଏସଓଡିଏଲ ଦ୍ୱାରା ପିଟିସନ ସହ ସମସ୍ତ ଆନେକ୍ସର ଦାଖଲ କରାଯାଇଛି ଏହା ଟିପିଏସଓଡିଏଲ ର ୱେବସାଇଟ www.tpsouthernodisha.com ଏବଂ ଆୟୋଗଙ୍କ ୱେବସାଇଟ www.orierc.org ରେ ଉପଲବ୍ଧ ହୋଇପାରିବ। ବର୍ତ୍ତମାନର ପିଟିସନ ଉପରେ ଆଗ୍ରହୀ ବ୍ୟକ୍ତି/ସଂସ୍ଥା ଯେଉଁମାନେ ପୂର୍ବ ବର୍ଷର ପ୍ରୋସିଡିଂ ଅର୍ଥାତ ୨୦୨୩-୨୪ ଓ ଆର୍ଥିକ ବର୍ଷ ୨୦୨୪-୨୫ ଉପରୋକ୍ତ କାର୍ଯ୍ୟକ୍ରମରେ ଭାଗନେବାକୁ ଚାହାନ୍ତି ସେମାନେ ନିଜର ପ୍ରତିବାଦ/ମତାମତକୁ ଯଦିକିଛି ଥାଏ ତାହାକୁ **୧୬.୦୧.୨୦୨୬** ସୁଦ୍ଧା ଟିପିଏସଓଡିଏଲକୁ ଏକ କପି ପଠାଇପାରିବେ। ଟିପିଏସଓଡିଏଲ ଏହି ପ୍ରତିବାଦ/ମତାମତ ସମ୍ବଳିତ ରିଜଏଣ୍ଡରକୁ **୨୭.୦୧.୨୬** ସୁଧା ପ୍ରତିବାଦି ଙ୍କୁ କପି ପ୍ରଦାନ କରି ଫାଇଲ କରିବ। ଯେଉଁମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ଜନଶୁଣାଣିରେ ଭାଗ ନେବାକୁ ଚାହାନ୍ତି ସେମାନେ ମଧ୍ୟ ଆୟୋଗଙ୍କୁ ଓଇଆରସି ଇମେଲ oerc.vc@gmail.com ତାଙ୍କର ଇମେଲ ଠିକଣା ଓ ମୋବାଇଲ ନମ୍ବରକୁ ଯଥାକ୍ରମେ ପ୍ରଦାନ କରିବା ଆବଶ୍ୟକ।

ତା୧୭.୧୨.୨୦୨୫
ଆଦେଶକ୍ରମେ
ସଚିବ



**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-39, ତା.11.12.2025ରିଖ

**କାର୍ଯ୍ୟର ନାମ :** ଟ୍ରାକ୍ ନବୀକରଣ କାର୍ଯ୍ୟର ସଙ୍କେତ ଏବଂ ଦୂରସଂଚାର ଅଂଶ : (1) ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) / ସମ୍ବଲପୁର ପରିସୀମା ଅଧିନସ୍ଥ ଝାରସୁଗୁଡ଼ା ରୋଡ୍-କେରେଜାଙ୍ଗ ସେକ୍ସନ ମଧ୍ୟରେ TTR (TWS)-55 ସେଟ୍, TTR (CMSC)-53 ସେଟ୍, TTR (FS+TWS+WCMSC)-1 ସେଟ୍, SEJ-14 ସେଟ୍ ଏବଂ ଗ୍ଲୁଡ୍ ଜଏଣ୍ଟ-94 ସଂଖ୍ୟକ।
(2) ମଣ୍ଡଳ ଯନ୍ତ୍ରୀ / ପଶ୍ଚିମ / ସମ୍ବଲପୁର ପରିସୀମା ଅଧିନସ୍ଥ ଲଖୋଲୀ-ଟିଟିଲାଗଡ଼ ସେକ୍ସନ ମଧ୍ୟରେ TTR (FS+TWS+WCMSC)-6 ସେଟ୍ (1:12), TTR (WCMSC)-7 ସେଟ୍ (1:8.5) ଏବଂ TTR (TWS)-7 ସେଟ୍ (1:8.5)।
(3) ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ସମ୍ବଲପୁର ପରିସୀମା ଅଧିନସ୍ଥ ଝାରସୁଗୁଡ଼ା ରୋଡ୍-ଟିଟିଲାଗଡ଼ ସେକ୍ସନ ମଧ୍ୟରେ TTR (FS+TWS+ WCMS)-21 ସେଟ୍ (1:12), TWS-4 ସେଟ୍ (1:8.5), WCMSC-4 ସେଟ୍ (1:8.5), SEJs-5 ସେଟ୍ ଏବଂ ଗ୍ଲୁଡ୍ ଜଏଣ୍ଟ-67 ସଂଖ୍ୟକ।
(4) ସମ୍ବଲପୁର ମଣ୍ଡଳ - TTR (FS+TWS+ WCMSC)-41 ସେଟ୍, FS-105 ସେଟ୍, CMSC-46 ସେଟ୍, FS+CS+CMSC-2 ସେଟ୍, ଗ୍ଲୁଡ୍ ଜଏଣ୍ଟ-376 ସଂଖ୍ୟକ ଏବଂ SEJs-79 ସଂଖ୍ୟକ।
(5) ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ପୂର୍ବ ପରିସୀମା ଅଧିନରେ TTR (FS) ଏବଂ TTR (TWS+CMSC)-108 ସେଟ୍ (1 IN 12- 68 ସେଟ୍ ଏବଂ 1 IN 8.5-40 ସେଟ୍), GJ-209 ସଂଖ୍ୟକ ଏବଂ ସାଇଡ୍ ଡ୍ରେନ-3510 ମିଟର।
(6) ସମ୍ବଲପୁର-ଦେଓଗାଁ ରୋଡ୍ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ / ଦକ୍ଷିଣ ପରିସୀମା ଅଧିନରେ TRR (P)-8.665 TKM., TRR (S)-0.83 TKM., TTR (CMSC) 1 IN 12-100 ସେଟ୍, TTR (DS) 1 IN 8.5-5 ସେଟ୍, TTR (TWS+CMSC) 1 IN 12-3 ସେଟ୍, TTR (FS+TWS+CMSC) 1 IN 12-1 ସେଟ୍ ଏବଂ 1 IN 8.5-20 ସେଟ୍, ସାଇଡ୍ ଡ୍ରେନ-4778 ମିଟର।

**ଟେଣ୍ଡର ମୂଲ୍ୟ :** ₹ 2,80,13,742.30, ବିଡ୍ ସିକ୍ୟୁରିଟି : ₹ 2,90,100/-
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.01.2026ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-917/Q/25-26



**COURT NOTICE**

NATIONAL CONSUMER DISPUTES REDRESSAL COMMISSION (Constituted under Consumer Protection Act 1986)
UPBHOKTA NYAY BHAWAN, F Block, General Pool Office Complex INA. New Delhi-23

**REVISION PETITION NO. 1761 OF 2022**
(Against the order dated 14.09.2022 in First Appeal No. 394 of 2016
Of the State Consumer Disputes Redressal Commission, Orrisa)

International Cars & Motors Limited &Anr., ...Petitioner
Vs.
Sri Partap Kumar Pattnaik & Ors., ...Respondent
To
1. Sri Pratap Kumar Pattnaik s/o Late Naba Kishore Pattnaik r/o Village Bhagbanpanur , Plot No 216/1561, PO Patrapada, PS Khandagiri, Bhubaneswar, Distt Khordha.
2. M/s Ananta International Cars & Motors, Plot No 94, Pahal, Bhubaneswar, Distt Khordha. Represented through Director Shri B.Raj Sekhar Subudhi.
3. M/s Maa Bhagabati Auto Centre, Authorised Service Centre Sonalika International Car & Motors Pvt Ltd, Plot No 26 Pahl, Bhubaneswar, Distt Khordha.

**NOTICE**
**WHEREAS International Cars & Motors Limited** has filed a Revision Petition No 1761 OF 2022 against the order dated 14.09.2022 in First Appeal No. 394 of 2016 the State Commission, Orissa. The above mentioned Revision Petition is pending before the National Commission, New Delhi wherein you have been arrayed as Respondent.
**WHEREAS** this Commission has ordered vide order dated 18.03.2024 to effect service upon you by this Publication
**NOW, THEREFORE, TAKE NOTICE** that you are hereby directed to appear before this Commission in person or through your counsel/authorised representative on **26.12.2025.** at 10.30 a m., failing which the Petition will be disposed of ex-parte on merits.

**Dated this the18 th March, 2024.**

**SECTION OFFICER**

# ୨୪ରେ ମୁକ୍ତା ପାର୍କରେ ସ୍ଥାପନ ହେବ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି

**ରାୟଗଡ଼ା,୨୦।୧୨(ଆଶିଷ ରଞ୍ଜନ ପଣ୍ଡା)**

**ସର୍ବଦଳୀୟ ବୈଠକରେ ନିଷ୍ପତ୍ତି**

- ରାମଚନ୍ଦ୍ର ଉଲାକାଙ୍କ ନାମରେ ପାର୍କ ନାମକରଣ ହେବ
- ପ୍ରଶାସନ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ରାଜ୍ୟସ୍ତରୀୟ ମନ୍ତ୍ରୀ

ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନା ଘଟଣାକୁ ନେଇ ଲାଗିଥିବା ବିବାଦର ସମାଧାନ ପାଇଁ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସର୍ବଦଳୀୟ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବସିଥିଲା। ବୈଠକରେ ଭାଜପା, କଂଗ୍ରେସ ଓ ବିଜେଡି ପ୍ରତିନିଧିମାନେ ଯୋଗଦେଇ ପ୍ରତିମୂର୍ତ୍ତି ସ୍ଥାପନା ନେଇ ଆଲୋଚନା କରିଥିଲେ। ସର୍ବସମ୍ମତି କ୍ରମେ ଆସନ୍ତା ୨୪ତାରିଖରେ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାନୀୟ ଓଏମପି ନିକଟସ୍ଥ ମୁକ୍ତା ପାର୍କରେ ଲୋକାର୍ପିତ କରିବା ନେଇ ସମସ୍ତେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୨୪ତାରିଖରେ ସ୍ୱର୍ଗତ ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର ସମ୍ଭାବନା ରହିଛି ବୋଲି ଶିବ ଉଲାକା ଓ କାଳୀରାମ ମାଝି କହିଛନ୍ତି। ଏପରି ନ ହେଲେ ଅନ୍ୟ କୌଣସି ମନ୍ତ୍ରୀ ଆସି ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ବୋଲି ଭାଜପା ନେତା ପ୍ରତିଶ୍ରୁତି ଦେଇଛନ୍ତି।

ଜାତୀୟ ରାଜପଥ କଡ଼ରେ କୌଣସି ପ୍ରତିମୂର୍ତ୍ତି ସ୍ଥାପନା ନିୟମ ନାହିଁ ବୋଲି ବୈଠକ ଆରମ୍ଭରେ ଭାଜପା ନେତାମାନେ କହିଥିଲେ। ତେଣୁ ଜାତୀୟ ରାଜପଥ କଡ଼ ବଦଳରେ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଓଏମ୍‌ପି ନିକଟସ୍ଥ ମୁକ୍ତା ପାର୍କରେ ସ୍ଥାପନ ପାଇଁ ଭାଜପା ବରିଷ୍ଠ ନେତା ତଥା ସ୍ୱର୍ଗତ ଉଲାକାଙ୍କ ପୁଅ ଶିବଶଙ୍କର ଉଲାକା, କାଳୀରାମ ମାଝି, ବସନ୍ତ ଉଲାକା ଓ ଜିଲା ସଭାପତି ଗୋପୀ ଆନନ୍ଦ ମତ ପ୍ରକାଶ କରିଥିଲେ। ଏଥି ସହିତ ସ୍ୱର୍ଗତ ଉଲାକା ଜଣେ ନିର୍ବିବାଦୀୟ ଓ ଜନପ୍ରିୟ ଲୋକନେତା ଥିଲେ। ତେଣୁ ଏହି ପ୍ରତିମୂର୍ତ୍ତି ମୁକ୍ତ ପାର୍କରେ ଲୋକାର୍ପିତ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ ଶିବ ଉଲାକା ମତ ଦେଇଥିଲେ। ଶିବ ଉଲାକା କହିଥିଲେ ଯେ, ବର୍ତ୍ତମାନ ଗଜପତି ଛକରେ କଂଗ୍ରେସ ଚିହ୍ନଟ କରିଥିବା ଜାଗା ପାଇଁ କୌଣସି ଅନୁମତି ନେଇନାହିଁ। ଏହା ଜନସାଧାରଣଙ୍କ ଦ୍ୱାରା ବ୍ୟବହୃତ ହେଉଛି। ତତସହିତ କଂଗ୍ରେସ ରାଜନୈତିକ ଉଦ୍ଦେଶ୍ୟରେ ଏଭଳି କରି ସ୍ୱର୍ଗତ ଉଲାକାଙ୍କ ପ୍ରତି ଅପମାନ କରୁଛି ବୋଲି କହିଥିଲେ। ବିଜେଡି ଜିଲା ସଭାପତି ଜଗନ୍ନାଥ ସାରକା କହିଥିଲେ ଯେ, ଅନେକ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ନେତାଙ୍କ ପ୍ରତିମୂର୍ତ୍ତି ଲଗାଯାଉ ଏବଂ ନୀତି ନିୟମ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉ। ତେବେ ଏନେଇ ଜିଲା କଂଗ୍ରେସ ସଭାପତି ତଥା ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା କହିଛନ୍ତି ଯେ, କଂଗ୍ରେସ କୌଣସି ରାଜନୈତିକ ଉଦ୍ଦେଶ୍ୟରେ ସ୍ୱର୍ଗତ ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରୁନଥିଲା। ବରଂ ଜଣେ ନିର୍ବିବାଦୀୟ ଜନନାୟକ ଏବଂ ଅବିଭକ୍ତ କୋରାପୁଟ ଜିଲାର ବିକାଶ ପ୍ରତି ତାଙ୍କର ଅନନ୍ୟ ଅବଦାନ ରହିଥିଲା। ତେଣୁ କୋରାପୁଟ ଏମ୍‌ପି ତଥା ସ୍ୱର୍ଗତ ଉଲାକାଙ୍କ ପୁଅ ସପ୍ତଗିରି ଉଲାକା ଏହି ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ନିର୍ଣ୍ଣୟ ନେବା ସହିତ କଂଗ୍ରେସ ମଧ୍ୟ ସହମତି ପ୍ରକାଶ କରିଥିଲା ବୋଲି କହିଥିଲେ। ସର୍ବଦଳୀୟ ବୈଠକରେ ପ୍ରଶାସନ ପକ୍ଷରୁ ପ୍ରତିମୂର୍ତ୍ତିକୁ ମୁକ୍ତା ପାର୍କକୁ ସ୍ଥାନାନ୍ତରିତ କରାଯିବା ସହିତ ଉକ୍ତ ପାର୍କକୁ ରାମଚନ୍ଦ୍ର ଉଲାକାଙ୍କ ନାମରେ ନାମିତ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିବା ବିଧାୟକ କାଡ୍ରାକା ସୂଚନା ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା କାଉନସିଲର ମଞ୍ଜୁଳା ମିଣିଆକା, କଂଗ୍ରେସରୁ ସୁନୀଲ ପଣ୍ଡା, ଟାଉନ ସଭାପତି ମନୋଜ ରଥ, ବରିଷ୍ଠ ଆଇନଜୀବୀ ମଦନମୋହନ ପାଢ଼ୀ, ଦେବୀ ପଟନାୟକ, ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁର, ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

**ରାୟଗଡ଼ା/ଜେକେପୁର,୨୦।୧୨ (ଆଶିଷ ରଞ୍ଜନ ପଣ୍ଡା/ରାଜେଶ ବିଶ୍ୱାଳ)**

ଟ୍ରକ ଓ ବାଇକ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କ ଶନିବାର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ରହିଛନ୍ତି। ମୃତକ ହେଲେ ରାୟଗଡା ବ୍ଲକ୍ ଆଲୁବାଡି ପଞ୍ଚାୟତ ସାନକୋଶାପାଡୁ ଗ୍ରାମର ଅଜିତ ଜିଲାକାରା।

ସୂଚନା ଅନୁଯାୟୀ, କୋଲନରାଠାରୁ ରାୟଗଡା ଅଭିମୁଖେ ଅଜିତ ଓ ଜିତୁ ଜିଲାକାରା ବାଇକ(ନଂ.ଓଡି-୧୮-ଜି-୭୬୪୯) ଯୋଗେ ଆସୁଥିବା ବେଳେ ଜେକେପୁରସ୍ଥିତ ନାଗାବଳୀ ପୋଲରେ ରାୟପୁର ଅଭିମୁଖେ ଯାଉଥିବା ଟ୍ରକ୍(ଓଡି-୧୮-କେ-୪୬୫୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଘଟଣାସ୍ଥଳରେ ବାଇକ୍ ଚାଳକ ଅଜିତଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପଛରେ ବସିଥିବା ଜିତୁ ଗୁରୁତର ହୋଇଥିଲେ। ଜିତୁଙ୍କୁ ଜେକେପୁର ଇଏସ୍‌ଆଇ ହସ୍ପିଟାଲରେ ଭର୍ତ୍ତି କରାଯାଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଧାନମଣ୍ଡି ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଚାଷୀମାନେ।

**ବିଷମକଟକ,୨୦।୧୨ (ପ୍ରସନ୍ନ କୁମାର ପଣ୍ଡା)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅଧୀନ ହାଟ ମୁନିଗୁଡା ପଞ୍ଚାୟତ ନିୟନ୍ତ୍ରଣ ବଜାର ଗୃହରେ ଧାନ ମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଷମକଟକ ତହସିଲଦାର କେ.ଭେଙ୍କେଟଶ୍ୱର ରେଡ୍ଡୀ ଉଦଘାଟନ କରିଥିଲେ। ଏଥିରେ ବିଷମକଟକ ଏମ୍‌ଆଇ ଧିରେନ ସାହୁ ଗୁଣୁପୁର ନିୟନ୍ତ୍ରଣ ବଜାର କମିଟି କର୍ମଚାରୀ, ସମବାୟ ସମିତି ଏମ୍‌ଡି ସାନ୍ତୁନୁ ସାହୁ, ସ୍ଥାନୀୟ ସରପଞ୍ଚ ନାରାୟଣ ହୁଇକା, ସମସ୍ତ ସମବାୟ ସମିତି କର୍ମଚାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମବାୟ ସମିତି ଏମ୍‌ଡି ସାହୁ ପରିଚାଳନା କରିଥିଲେ।

# ସଫଳ ହେବାକୁ ଉତ୍ତମ ବିଦ୍ୟାର୍ଥୀ, ଶ୍ରୋତା ହେବାକୁ ପଡ଼ିବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ରାୟଗଡ଼ା,୨୦।୧୨(ଆଶିଷ ରଞ୍ଜନ ପଣ୍ଡା)**

**ପିଏମ୍‌ଶ୍ରୀ ଜିସିଡି ହାଇସ୍କୁଲର ୮୮ତମ ବାର୍ଷିକୋତ୍ସବ**

ରାୟଗଡ଼ା ସଦର ସ୍ଥିତ ପିଏମ୍‌ଶ୍ରୀ ଜିସିଡି (ଜିଲା) ହାଇସ୍କୁଲର ୮୮ତମ ବାର୍ଷିକ ଉତ୍ସବ ଶନିବାର ସ୍କୁଲ ପରିସରରେ ପାଳିତ ହୋଇଛି। ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ନବୀନ ନାଏକ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ସମ୍ମାନିତ ଅତିଥି, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ ଅନ୍ୟତମ ଅତିଥି, ଏଡିଇଓ ଶାନ୍ତିଲତା ମୁନି ମୁଖ୍ୟ ବକ୍ତାଭାବେ ଯୋଗଦେଇ ଥିଲେ। ଜୀବନରେ ସଫଳତା ହାସଲ କରିବାକୁ ହେଲେ ଉତମ ବିଦ୍ୟାର୍ଥୀ ଓ ଉତ୍ତମ ଶ୍ରୋତା ହେବାକୁ ପଡ଼ିବ ବୋଲି ଏଡିଇଓ ମୁନି ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଜିସଡି ହାଇସ୍କୁଲ ରାୟଗଡ଼ା ଜିଲାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମୁଖ୍ୟ ଅତିଥି ବିଧାୟକ କାଡ୍ରାକା କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ପରିଚାଳନା ଓ ବିକାଶରେ ଜିଲା ଶିକ୍ଷାଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ରହିଥିବା ସେ କହିଥିଲେ। ସମସ୍ତ ଅତିଥି ଜିସିଡି ହାଇସ୍କୁଲ ଓ ଏହାର ଖେଳ ପଡ଼ିଆର ରହିଥିବା ସ୍ୱତନ୍ତ୍ର ପରିଚୟ ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟନାୟକ ଓ ଅନ୍ୟ ଅବସରପ୍ରାପ୍ତ ଶିକ୍ଷକମାନେ ଯୋଗଦେଇଥିଲେ। ଗତ ଶିକ୍ଷା ବର୍ଷମାନଙ୍କରେ ସରକାରୀ ବିଦ୍ୟାଳୟରୁ ଜଣେ ହେଲେ ଛାତ୍ରୀଛାତ୍ର ଜିଲାରେ ଟପ୍ ୧୦ରେ ସ୍ଥାନ ଅକ୍ତିଆର କରିପାରିନଥିବାରୁ ଚଳିତ ଶିକ୍ଷା ବର୍ଷରେ ଏଥିପ୍ରତ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହି ଅବସରରେ ୫୦ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ ପାଇଁ ପୁରସ୍କୃତ କରାଯାଇଥିଲା।

# କୂଅରେ ପଡ଼ି ମହିଳା ମୃତ

**ଖଜୁରୀପଡ଼ା,୨୦।୧୨( ବିଦୁର ବେହେରା)**

ଖଜୁରୀପଡ଼ା ଥାନା ଅଞ୍ଚଳରେ ଶନିବାର ଜଣେ ମହିଳା କୂଅରେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପିରିକୁଡ଼ି ପଞ୍ଚାୟତ କରଡ଼ାକୁମ୍ପା ଗ୍ରାମର ବାବୁଲା ବେହେରାଙ୍କ ସ୍ତ୍ରୀ ସରସତୀ ବେହେରା (୩୫)। ସରସ୍ୱତୀ ପୂର୍ବାହ୍ନ ୧୧ଟାରେ କୁଅରୁ ପାଣି କାଢୁଥିବା ବେଳେ ଅସାବଧାନତା ଯୋଗୁ କୁଅ ଭିତରକୁ ଖସି ପଡିଥିଲେ। ଏନେଇ ସ୍ୱାମୀ ବାବୁଲା ପୋଲିସ ଏବଂ ଦମକଳବାହିନୀକୁ ଖବର ଦେବାରୁ ଘଟଣା ସ୍ଥଳରେ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ସରସ୍ୱତୀଙ୍କ ଉଦ୍ଧାର କରି ଫୁଲବାଣୀ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ନଂ. ୧୯/୨୫ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ କହିଛନ୍ତି।

# ଘର ଭିତରୁ ବୃଦ୍ଧାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ


ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ଯାଞ୍ଚ କରୁଛନ୍ତି।

**ଅମ୍ବାଦଳା,୨୦।୧୨(ରବୀନ୍ଦ୍ର ପଣ୍ଡା)**

**ସୁନା ପାଇଁ ଯୋଜନା ବଦ୍ଧ ହତ୍ୟା ସନ୍ଦେହ**

ରାୟଗଡା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଥାନା ଅଧୀନ କୁମୁଡ଼ାବାଲି ଗାଁରେ ଜଣେ ବୃଦ୍ଧାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଅମ୍ବାଦଳା ଥାନା ଅମ୍ଲାଭଟା ପଞ୍ଚାୟତ ଷ୍ଟେସନ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରି (୭୫)। ଶନିବାର ସକାଳୁ ପୋଡ଼ାଗନ୍ଧ ଆସୁଥିବା ଏବଂ ବୃଦ୍ଧା ବାହାରକୁ ବାହରି ନ ଥିବା ଦେଖି ଗ୍ରାମବାସୀ ତାଙ୍କ ଘର ଭିତରକୁ ପଶିଥିଲେ। ଖବର ପାଇ ଆମ୍ବଦୋଳା ଆଇଆଇସି କଳ୍ପନା ବେହେରା, ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରା ଏବଂ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଘଟଣାସ୍ଥଳରେ ପହଞ୍ଚି ଥିଲେ। ରାୟଗଡା ଏସ୍‌ପି ଛୁଟିରେ ରହିଥିବାରୁ ରାୟଗଡା ଜିଲା ଅତିରିକ୍ତ ଦାୟିତ୍ୱରେ କଳାହାଣ୍ଡି ଏସ୍‌ପି ଦେବରକୋଣ୍ଡା ନାଗରାଜ ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ଘଟଣାରୁ ଗୁରୁତ୍ୱକୁ ଅନୁଭବ କରି ପୋଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍‌କୁ ଡକାଇଥିଲେ। ବୃଦ୍ଧାଙ୍କ ଗଳା କଟାଯାଇ ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କୁ ପୋଡିଦେଇଥିବା ସାଇଣ୍ଟିଫିକ୍ ଟିମ୍ ସନ୍ଦେହ କରିଛି। ଘରଟି ସୁରକ୍ଷିତ ଅବସ୍ଥାରେ ରହିଥିବା ଏବଂ ଘରେ ଭିତରେ ବୃଦ୍ଧାଙ୍କ ପୋଡ଼ା ମୃତଦେହ ମିଳିବା, କବାଟ ଭଙ୍ଗାଯାଇଥିବା ଘଟଣାକୁ ଲକ୍ଷ୍ୟ କରି ସ୍ଥାନୀୟ ଲୋକ ଏହା ଏକ ହତ୍ୟାକାଣ୍ଡ ବୋଲି ଆଲୋଚନା କରିଥିଲେ। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ବୃଦ୍ଧା ଜଣଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ। ଘରେ ସେ ଏକୁଟିଆ ରହୁଥିଲେ। ବୃଦ୍ଧାଙ୍କ ସୁନା ଲୁଟିବା ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ ହେଉଥିବା ପୋଲିସ କହିଛି। ପୋଲିସ ବୃଦ୍ଧାଙ୍କ ଗୋଡ ଏବଂ ପାଉଁଶ ଉଦ୍ଧାର କରି ବ୍ୟବଚ୍ଛେଦ ଏବଂ ଅଧିକା ତଦନ୍ତ ପାଇଁ ଏଫ୍‌ଏମଟି ବ୍ରହ୍ମପୁର ପଠାଇଥିବା ଜଣାପଡିଛି। ପୋଲିସ ଘଟଣାରେ ତଦନ୍ତ କରୁଛି। ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି।

# ବଂଶଧାରା ସୃଜନୀ କମିଟି ବୈଠକ


ବୈଠକରେ ଆଲୋଚନା ଚାଲିଛି।

**ଗୁଣପୁର,୨୦।୧୨( ପ୍ରଦୀପ କୁମାର ପାଢ଼ୀ)**

ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ସୃଜନୀ କମିଟି ବୈଠକ କମିଟି ମୁଖ୍ୟ ଚିନ୍ନାରି ଭାନୁମତୀଙ୍କ ପୌରହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଛି। ଆସନ୍ତା ମାସ ୧୧ ତାରିଖରେ ୱାଟର ବଲ୍, କଳଶ ଚାଲି, ଡାଟ୍ ଗ୍ୟାମ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ସେହିଭଳି ଉତ୍ସବ ଚାଲିବା ସମୟରେ ୨୬ ତାରିଖ ସନ୍ଧ୍ୟାରେ ଦକ୍ଷିଣ ଓଡିଶା ପାରମ୍ପରିକ ନିରାମିଷ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥର ଏହି କାର୍ଯ୍ୟକ୍ରମକୁ ଅଧିକ ଆଦୃତ କରିବାକୁ ସମସ୍ତ ପ୍ରତିଯୋଗିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଲ୍.ଟି.ସସ୍ମିତା ବାଉରୀ, ଚାରୁବାଳା ଶତପଥୀ, ରୋଜୀ କୋରା, ନନ୍ଦିନୀ ପଣ୍ଡା, ଜୟଶ୍ରୀ ଶତପଥୀ, ଭି ସର୍ମିଳା, ଉମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ ସୃଜନ ୪.୦ ଉଦ୍‌ଘାଟିତ

**ଗୁଣପୁର,୨୦।୧୨(ପ୍ରଦୀପ କୁମାର ପାଢ଼ୀ)**

**ବିଏସ୍‌ଏନ୍‌ଏଲ, ଜିଆଇଇଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ତିନିଦିନିଆ ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ ସୃଜନ ୪.୦ ଶନିବାର ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମ ଆବାହକ ଡ.ଶ୍ରୀକାନ୍ତ ମିଶ୍ର ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଏଆଇସିଟିଇ ଇନୋଭେସନ ସେଲର ସହକାରୀ ଇନୋଭେସନ ନିର୍ଦ୍ଦେଶକ ଡ. ଦିପନ ସାହୁ ଯୋଗଦେଇ ଗବେଷଣା ଓ ଆଧୁନିକ ଚିନ୍ତାଧାରାର ନିରନ୍ତର ବିକାଶ ଓ ଉଦ୍ୟୋଗ ହେବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ହାଇଦ୍ରାବାଦସ୍ଥିତ ଆଇଦାସ ଟେକ୍ ସଲ୍ୟୁସନର ପରିଚାଳନା ନିର୍ଦ୍ଦେଶକ କୋଲୁରୀ କଲ୍ୟାଣ ଚକ୍ରବର୍ତ୍ତୀ, ବିଶାଖାପାଟଣାସ୍ଥିତ ବିଏସଏନଏଲର ଡିଜେ ଏମ୍ ଡ.ମାଲା ସତ୍ୟପ୍ରସାଦ, ବିଶ୍ୱବିଦ୍ୟାଳୟ ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, କୁଳପତି ଡ. ଏ.ଭି.ଏନ୍.ଏଲ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭାରତ ସରକାରଙ୍କ ବିଏସଏନଏଲ ଓ ଜି ଆଇଇଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଇନକ୍ୟୁବେସନ କେନ୍ଦ୍ର ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ବିଏସଏନଏଲର ଡିଜେଏମ୍ ଡ.ମାଲା ସତ୍ୟପ୍ରସାଦ ଓ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ.ଏନ୍.ଭି.ଜଗନ୍ନାଧା ରାଓ ଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ସହ ଆବାହକ ଡ.ତୁଷାର କାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ। ପୂର୍ବରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ସହ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ସହ ପୁରସ୍କୃତ କରିଥିଲେ। ସଭାରେ ସମସ୍ତ ବିଭାଗର ଡିନ, ପ୍ରଫେସର,ଅଧ୍ୟାପକ, ଅଧ୍ୟାପିକା, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କେଡ଼ର ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

# ଚଇତି ମିନି ମାରାଥନ,ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

**ତରୁଣ ଷ୍ଟ୍ରଙ୍ଗ୍ ମ୍ୟାନ, ଦେବଜାନୀ ଷ୍ଟ୍ରଙ୍ଗ୍ ଓମେନ**

**ଗୁଣପୁର,୨୦।୧୨( ପ୍ରଦୀପ କୁମାର ପାଢ଼ୀ)**


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ଚଇତି ଉତ୍ସବ ଇଡିତାଲ ପାଳନ ପୂର୍ବରୁ ଶନିବାର ମିନି ମାରାଥନ କରାଯାଇଥିଲା। ଗାୟତ୍ରୀ ଶିକ୍ଷାନୁଷ୍ଠାନରୁ ବାଇପାସ ଛକ ପର୍ଯ୍ୟନ୍ତ ୬ କି.ମି. ଏହି ଦୌଡ ଅନୁଷ୍ଠିତ ହୋଇଥିଲା। ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଉପ ଜିଲାପାଳ ଦୁଧାଳ ଅଭିଷେକ ଦୀଲିପ ସବୁଜ ପତାକା ଦେଖାଇ ମାରାଥନ ଶୁଭାରମ୍ଭ କରିଥିଲେ। ପୁରୁଷ ବର୍ଗରେ ତିଷ୍ଣୁ ଶବର ପ୍ରଥମ, ଇମାନୁଏଲ ଶବର ଦ୍ୱିତୀୟ, ଈଶ୍ୱର ଶବର ତୃତୀୟ ସ୍ଥାନ ହାସଲ କରିଥିଲେ। ମହିଳା ବର୍ଗରେ ସୋନି ଶବର ପ୍ରଥମ, ମୋନିସା ଶବର ଦ୍ୱିତୀୟ, ସୁଭଦ୍ରା ଶବର ତୃତୀୟ ହୋଇଥିଲେ। ଏହି ଅବସରରେ ଗୁଣପୁର ସୋସିୟାଲ ସର୍ଭିସ ଆଣ୍ଡ ସ୍କେଟିଙ୍ଗ କ୍ଲବ ସଭାପତି ତଥା ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ଆମୁସମ୍ୟାନ ଅକ୍ଷୟ ଦାଶ, ଚଇତି କ୍ରୀଡ଼ା କମିଟି ଅଧ୍ୟକ୍ଷ ତଥା ବିଡିଓ ସ୍ୱସ୍ତିକ ଜମାଦାର, ଆବାହକ ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା, ଓକିଲ ସଂଘ ସଭାପତି ଗୌରୀ ଦାସ ଉପସ୍ଥିତ ଥିଲେ।

ଶୁକ୍ରବାର ଇଣ୍ଡୋର ଷ୍ଟାଡିୟମ ପ୍ରାଙ୍ଗଣରେ ଆୟୋଜିତ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାକୁ ଗୁଣପୁର ସୋସିୟାଲ ସର୍ଭିସ ଆଣ୍ଡ ସ୍କେଟିଙ୍ଗ କ୍ଲବର ସଭାପତି ତଥା ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଆମୁସମ୍ୟାନ ଅକ୍ଷୟ ଦାଶ, ଚଇତି କ୍ରୀଡ଼ା କମିଟି ଅଧ୍ୟକ୍ଷ ତଥା ବିଡିଓ ସ୍ୱସ୍ତିକ ଜମାଦାର, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଓ ଆବାହକ ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା ଯୋଗ ଦେଇଥିଲେ। ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ବରିଷ୍ଠ ମହିଳା ବର୍ଗରେ ଦେବଜାନୀ କୌଶଲ୍ୟା ପ୍ରଥମ, ନିର୍ମଳା ଘୋଷ ଦ୍ୱିତୀୟ, ସୁମନ୍ତି ଶବର ତୃତୀୟ , କନିଷ୍ଠ ମହିଳା ବର୍ଗରେ ସସ୍ମିତା ମହାକୁଡ଼ ପ୍ରଥମ , ସନ୍ତୋଷନି ସାହୁକାର ଦ୍ୱିତୀୟ, ଖୁସୁବୁ ଶବର ତୃତୀୟ, କନିଷ୍ଠ ପୁରୁଷ ବର୍ଗରେ ବିଶ୍ୱ ରଞ୍ଜନ ପାଣି ପ୍ରଥମ, ସମେନ୍ଦ୍ର ସେନାପତି ଦ୍ୱିତୀୟ, କେ. ରାମଦାଶ ତୃତୀୟ, କନିଷ୍ଠ ୨ ବର୍ଗରେ ୱାସା ଶବର ପ୍ରଥମ, ଦେବାଶିଷ କର ଦ୍ୱିତୀୟ,ଏସ୍ ରାକେଶ ତୃତୀୟ ହୋଇଥିଲେ। ସବ ଜୁନିୟର ବର୍ଗରେ ନିମାଲପୁରୀ ତରୁଣ ପ୍ରଥମ, ଏସ୍. ଦିଲ୍ଲୀପ ଦ୍ୱିତୀୟ, ଏଲ ଭାରସିତ ତୃତୀୟ, ବରିଷ୍ଠ ପୁରୁଷ ବିଭାଗର ଆଶୁତୋଷ ବାଗ ପ୍ରଥମ, ସାନ ଗୌଡ଼ ଦ୍ୱିତୀୟ, ରାଜେଶ ଶବର ତୃତୀୟ, ବରିଷ୍ଠ-୨ ରେ ଜଗନ୍ନାଥ ଶବର ପ୍ରଥମ, ଜଗଦୀଶ ମାଣ୍ଡାଙ୍ଗୀ ଦ୍ୱିତୀୟ, ସୂର୍ଯ୍ୟ ପାତ୍ର ତୃତୀୟ, ଯୁବ ବର୍ଗରେ ରାଜୁ ଶବର ପ୍ରଥମ, ଜଗନ୍ନାଥ ଶବର ଦ୍ୱିତୀୟ, ବନ୍ତିଆଲ ଶବର ତୃତୀୟ, ମାଷ୍ଟର ବର୍ଗରେ ଗୋପାଳ ସାହୁ, ରାଧାରମଣ ମହାନ୍ତି, ଅଜୟ କୁମାର ନାହାକ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ନିମାଲପୁରୀ ତରୁଣ ଷ୍ଟ୍ରଙ୍ଗ ମ୍ୟାନ ଓ ଦେବଜାନୀ କୌଶଲ୍ୟା ଷ୍ଟ୍ରଙ୍ଗ ଓମେନଭାବେ ମନୋନୀତ ହୋଇଥିଲେ। ଏହି ପ୍ରତିଯୋଗିତାରେ ଜାତୀୟସ୍ତର ରେଫେରି ରାୟଗଡାର ଦୋରା କଣ୍ଡାଗିରି, ରବି କୁମାର ଦାୟିତ୍ୱ ତୁଲାଉଥିଲେ। ଡ ପଦ୍ମଚରଣ ପଣ୍ଡା, ଭି.ଟି. ରାବଣା, ହାଡ଼ିଆ ଶବର ପ୍ରମୁଖ ପରିଚାଳନା କରିଥିଲେ। ଚଇତି ଇଡତାଲ ମୋହତ୍ସବ ଅଧ୍ୟକ୍ଷ ତଥା ଉପଜିଲାପାଳ ଦୁଧାଲ ଅଭିଷେକ ଦୀଲିପ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାଗୁଡ଼ିକୁ କ୍ରୀଡ଼ା କମିଟିର ସଦସ୍ୟ ସପନ ଦାଶ, କ୍ରୀଡା ଅଧ୍ୟାପକ ରବୀନ୍ଦ୍ର ପଣ୍ଡା ,ଅନନ୍ତ ପାତ୍ର ପ୍ରମୁଖ ଙ୍କ ସମେତ ବିଭିନ୍ନ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପରିଚାଳନା କରଥିଲେ।

# ୨ଶହ ଲୋକଙ୍କ ଶୋଷ ମେଣ୍ଟାଉଛି ଗୋଟିଏ ନଳକୂପ

ତେନ୍ତୁଳିଖୁଣ୍ଟି, ୨୦।୧୨ (ଚିଦାନନ୍ଦ ସାହୁ)

■ ମେଗାଜଳ ଯୋଗାଣ ପ୍ରକଳ୍ପରୁ ବଞ୍ଚିତ ତଳଗୋଡ଼ି ଗାଁ
■ ସମସ୍ୟା ସମାଧାନ ଦାବି

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ା ପଞ୍ଚାୟତ ଅଧୀନରେ ରହିଛି ଦୁର୍ଗମ ପାହାଡିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତଳଗୋଡି ଗାଁ। ଏହି ଗାଁରେ ରୁହନ୍ତି ୬୦ ପରିବାରର ପ୍ରାୟ ୨୦୦ ଲୋକ। ଏଠାରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗ୍ରାମରେ ୩ଟି ନଳକୂପ ରହିଥିବା ବେଳେ ଗୋଟିଏ ନଳକୂପରୁ ଦୂଷିତ ପାଣି ବାହାରିଥାଏ। ଆଉ ଗୋଟିଏ ନଳକୂପ ରେ ଜଳସ୍ତର ହ୍ରାସ ଯୋଗୁଁ ଗୋଟିଏ ବାଲଟିଏ ପାଣି ପାଇଁ ୫ରୁ ୧୦ ମିନିଟ ଅପେକ୍ଷା କରିବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। କେବଳ ଗୋଟିଏ ନଳକୂପ ଅନବରତ ଭାବେ ଗ୍ରାମବାସୀଙ୍କୁ ଜଳ ଯୋଗାଣ କ୍ଷେତ୍ରରେ ସହାୟକ ହୋଇଥାଏ। ଉପର ଗୋଡି, ଉପରପାଇକପଡ଼ା, ତଳପାଇକପଡ଼ାରେ ସୋଲାର ପ୍ରକଳ୍ପର ପାଇପ ଲାଇନ ଜଳ ଯୋଗାଣ ହେଉଥିବା ବେଳେ ତଳ ଗୋଡି ଗାଁକୁ କାହିଁକି ସରକାର ହତାଦର କରିଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଲମତାଗୁଡା ପଞ୍ଚାୟତ ସମିତି ସଭ୍ୟା ଦାନାରଦେଇ ଯାନୀ ଏହି ଗ୍ରାମର। କିନ୍ତୁ ଏହି ଗ୍ରାମରେ ସୋଲାର ଜଳ ଯୋଗାଣ ହୋଇପାରିନଥିବା ଦୁର୍ଭାଗ୍ୟର ବିଷୟ ବୋଲି ଗ୍ରାମର ରାଇସିଂ ଯାନୀ, ଜୈସିଂ ଯାନୀ, ଡ଼ମ୍ବୁ ଯାନୀ, ପେଟା ଯାନୀ, ବାରୁ ଯାନୀ, ଲାଣ୍ଡୁ ମାଝୀ, ଚନ୍ଦ୍ର ମାଝୀ, ବିଶ୍ୱନାଥ ମାଝୀ, ଲେଲି ମାଝୀ ପ୍ରକାଶ କରିଛନ୍ତି। ପ୍ରଶାସନ ଏହି ଆଦିବାସୀ ବହୁଳ ତଳଗୋଡି ଗ୍ରାମକୁ ସୋଲାର ଚାଳିତ ପାଇପ ଲାଇନ ପାନୀୟ ଜଳଯୋଗାଣ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ପ୍ରକାଶ ଥାଉ କି ମେଗା ଜଳ ଯୋଗାଣ ପ୍ରକଳ୍ପ ଲମତାଗୁଡା ଠାରେ ହୋଇଥିବା ବେଳେ ଏହି ପଞ୍ଚାୟତ ର ଅନେକ ପାହାଡିଆ ଗ୍ରାମ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହି ମେଗା ଜଳ ଯୋଗାଣ ପ୍ରକଳ୍ପରୁ ବଞ୍ଚିତ ଗ୍ରାମଗୁଡିକୁ ପାଇପ ଲାଇନରେ ସୋଲାର ପ୍ରକଳ୍ପ ମାଧମରେ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।



ଲୋକମାନେ ପାଣି ନେବାକୁ ଭିଡ଼ ଜମାଇଛନ୍ତି।

# ନବରଙ୍ଗପୁରର ଶୁଭଜ୍ୟୋତି, ଭାଗ୍ୟଜ୍ୟୋତି ପୁରସ୍କୃତ



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ନବରଙ୍ଗପୁର, ୨୦।୧୨ (ସଦାଶିବ ପ୍ରହରାଜ)

**ରାଜ୍ୟସ୍ତରୀୟ ସର୍ଗିଫୁଲ୍ ପ୍ରତିଯୋଗିତା ଉଦ୍‌ଯାପିତ**

ଅନୁସୂଚିତ ଜାତି ଜନଜାତି ମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ଦୁଇଜଣ ଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ନବରଙ୍ଗପୁର ଜିଲା କସ୍ତୁରୀଗୁଡ଼ା ଗାଁର ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶୁଭଜ୍ୟୋତି ହରିଜନ ବରିଷ୍ଠ ବିଭାଗ ବକ୍ତୃତାରେ ଦ୍ୱିତୀୟ ଏବଂ ଅନ୍ୱେଷା ବିଦ୍ୟାଳୟ ଛାତ୍ରୀ ଭାଗ୍ୟଜ୍ୟୋତି ହରିଜନ କନିଷ୍ଠ ବର୍ଗ ଏକକ ନୃତ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କମିଶନର ବି. ପରମେଶ୍ୱରନ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆଠାରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା କରାଯାଇଥିଲା। ଜିଲାରୁ ଏକକ ସଙ୍ଗୀତ, ଦଳଗତ ନୃତ୍ୟ, ବିଜ୍ଞାନ ମେଳା, ବକ୍ତୃତା ଆଦି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାରୀ କରିଥିବା ଛାତ୍ରୀ ଛାତ୍ର ଉକ୍ତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲାରୁ ଗଣଉତ୍ସବ ପ୍ରତିଯୋଗିତାରେ ୩୯ ଜଣ ଭୁବନେଶ୍ୱର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଛାତ୍ରୀମାନଙ୍କ ଏହି ସଫଳତା ପରେ ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ନିବେଦିତା ବିଶ୍ୱାଳ, କ୍ରୀଡ଼ା ପ୍ରଶିକ୍ଷକ କାଳୀକିଙ୍କର ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଶେଷ

ଡାବୁଗାଁ, ୨୦।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ପଞ୍ଚାୟତ (ନୂତନ) ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଓ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କ୍ରିକେଟ, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର ଦୌଡ, ଲମ୍ବ ଡିଆଁ ଆଦି ପ୍ରତିଯୋଗିତା କରାଯାଇଛି। ଉକ୍ତ ଖେଳରେ ୧୦୦ ମିଟର ଦୌଡରେ ପିଣ୍ଟୁ କନ୍ଧପାନ ପ୍ରଥମ, ସୁଭାଶିଷ ରୟ ଦ୍ୱିତୀୟ, ୨୦୦ ମିଟର ଦୌଡରେ ଦଳେନ୍ଦ୍ର ଭତ୍ରା ପ୍ରଥମ ଓ ପିଣ୍ଟୁ କନ୍ଧପାନ ଦ୍ୱିତୀୟ, ଲମ୍ବ ଡିଆଁରେ ପିଣ୍ଟୁ କନ୍ଧପାନ ପ୍ରଥମ ଓ ଦଳେନ୍ଦ୍ର ଭତ୍ରା ଦ୍ୱିତୀୟ ହୋଇଛନ୍ତି। ଫୁଟବଲରେ ଡ଼ଙ୍ଗରିଗୁଡା ଦଳ ପ୍ରଥମ ଓ କୋଇଲାରୀ ଦଳ ଦ୍ୱିତୀୟ, କ୍ରିକେଟରେ ଡାବୁଗାଁ ଦଳ ପ୍ରଥମ ଓ ଡ଼ଙ୍ଗରିଗୁଡା ଦଳ ଦ୍ୱିତୀୟ, ଭଲିବଲରେ ଡ଼ଙ୍ଗରିଗୁଡା ଦଳ ପ୍ରଥମ ଓ ଡାବୁଗାଁ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ଅତିଥି ଭାବେ ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଭାଜପା ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ଦିବାନ ସିଂ, ବାବି ଜେନା, ନରେଶ ସିଂ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ସାମଲ, ଉମାକାନ୍ତ ବିଶ୍ୱାଳ, ବାସୁଦେବ ରଥ ଓ ତ୍ରିନାଥ ବାରିକ, ସମସ୍ତ ଗ୍ରାମ ରୋଜଗାର ସେବକ, ଏସ୍‌ଡିଓ ଓ ଯୋଗାଣ ସହାୟକମାନେ ଖେଳ ପରିଚାଳନା କରିଥିଲେ।



କୃତୀ ପ୍ରତିଯୋଗୀ।

# ଜେଆର୍‌ସି ଶିକ୍ଷା, ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

କୋଷାଗୁମୁଡ଼ା, ୨୦।୧୨ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ବିଇଓ ସମରେନ୍ଦ୍ର ଭୌମିକ, ରେଡ୍‌କ୍ରସ ପତାକା ଉତ୍ତୋଳନ କରିଥିଲେ। ଆୟୋଜକ ସମ୍ପାଦକ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ହାଲଦାର, ରେଡ୍‌କ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ଜିଲା ରେଡ୍‌କ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ, ରେଡ୍‌କ୍ରସ ଯୁଗ୍ମ ସମ୍ପାଦକ ନଳିନୀକାନ୍ତ ପାତ୍ର ଏବଂ ସମସ୍ତ କାଉନ୍‌ସିଲର ଓ ଜୁନିୟର୍ସଙ୍କୁ ନେଇ ସର୍ବଧର୍ମ ପାର୍ଥନା ଓ ପରେ ଯୋଗ ଶିବିର କରାଯାଇଥିଲା। ଅଂଶଗ୍ରହଣକାରୀ ରେଡ୍‌କ୍ରସ ବାର୍ତ୍ତାର ପ୍ଲାକାର୍ଡ ନେଇ କୋଷାଗୁମୁଡ଼ା ନଗର ପରିକ୍ରମା କରିଥିଲେ। ରାସ୍ତା ପାର୍ଶ୍ୱ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିଦ୍ୟାଳୟ ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲା ରେଡ୍‌କ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରାଥମିକ ଚିକିତ୍ସା ବିଷୟରେ ସମସ୍ତ ଜୁନିଅର୍ସମାନଙ୍କୁ ତାଲିମ ଦିଆଯାଇଛି। ପ୍ରାଥମିକ ଚିକିତ୍ସା ସଚେତନତା ସମ୍ପର୍କୀୟ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥଲା। ଏହି ଅବସରରେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ହସ୍ତକଳା ପ୍ରଦର୍ଶନୀ ହୋଇଥିଲା। ପରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟ ପରେ ଉଦଯାପନୀ ଉତ୍ସବ ଆୟୋଜନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ତଥା ରେଡ୍‌କ୍ରସ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଶ୍ୟାଗେନ୍ଦ୍ର ସ୍ୱାଇଁ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୁଞ୍ଜ ବିହାରୀ ଦାଶ, ବିଡିଓ ଆଶିଷ ତ୍ରିପାଠୀ, ବିଇଓ ସମରେନ୍ଦ୍ର ଭୌମିକ, ଜିଲା ରେଡ୍‌କ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ଜିଲା ରେଡ୍‌କ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ହାଲଦାର ମଞ୍ଚାସୀନ ଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନଳିନୀକାନ୍ତ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ପଣ୍ଡୁଗୁଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିଲେ।

# ଦୋକାନରେ ଚୋରିକୁ ନେଇ ବଣିକ ସଂଘର ଧାରଣା

କୋଡ଼ିଙ୍ଗା, ୨୦।୧୨ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ି ଚାଲିଛି। ପ୍ରାୟ ୩ ମାସରେ ୮ରୁ ଅଧିକ ଚୋରି ହୋଇଛି। ଏନେଇ ଶନିବାର ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବଣିକ ସଙ୍ଘର କାର୍ଯ୍ୟକର୍ତ୍ତାମାନେ ଥାନାରେ ଏତଲା ଦେବା ସହ ଦିନ ତମାମ ଦୋକାନ ବଜାର ବନ୍ଦ କରି ଧାରଣା ଦେଇଛନ୍ତି । ଏହାପରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକର ପହଞ୍ଚି ଧାରଣାରତ ବଣିକ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ବୁଝାଶୁଝା କରିଥିଲେ।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ବଣିକ ସଙ୍ଘ ସଭ୍ୟ ୱାକାର ଅହମ୍ମଦ ଦୋକାନ ବନ୍ଦ କରି ଯାଇଥିଲେ। ଦୋକାନର ସଟର ତାଡି ଭିତର ଜିନିଷ ପତ୍ର ବାହାରରେ ପଡ଼ିଥିବା ଶନିବାର ସକାଳେ ସେ ଦେଖିଥିଲେ। ସେ ବଣିକ ସଂଘ ସଭାପତି ତ୍ରିଲୋଚନ ସିଂଙ୍କୁ ଘଟଣାସମ୍ପର୍କରେ ଜଣାଇବା ସହ କୋଡ଼ିଙ୍ଗା ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଛି। ଡଗ୍ ସ୍କ୍ୱାର୍ଡ ଏବଂ ସାଇଣ୍ଟିଫିକ ଟିମ୍ ଆସି ଅନୁସନ୍ଧାନ କରିଥିଲେ। ବଣିକ ସଙ୍ଘର ସମସ୍ତ କାର୍ଯ୍ୟକର୍ତ୍ତା ସମସ୍ତ ଦୋକାନ ବଜାର ବନ୍ଦ କରି ଥାନା ସମ୍ମୁଖରେ ଧାରଣା ଦେଇଥିଲେ।



ବଣିକ ସଂଘ ସଦସ୍ୟମାନେ ଥାନା ଆଗରେ ଧାରଣା ଦେଇଛନ୍ତି।

# ଅବକାରୀ ବିଭାଗର ମିଳିତ ଚଢ଼ାଉ, ୨ ଗିରଫ

କୋରାପୁଟ, ୨୦।୧୨ (ଅମିତାଭ ବେହେରା)

କୋରାପୁଟ ଜିଲାରେ ଅବକାରୀ ବିଭାଗ ପକ୍ଷରୁ ଅବକାରୀ କମିଶନର ପି.ଅନଶେ ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାରଠାରୁ ବେଆଇନ ମଦ କାରବାର ରୋକିବାକୁ ସ୍ୱତନ୍ତ୍ର ଧର ପଗଡ ଅଭିଯାନ ଆରମ୍ଭ ହୋଇଛି। ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ସୀମାନ୍ତ ବନ୍ଧୁଗାଁ ଥାନାର ବିଭିନ୍ନ ସ୍ଥାନରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅବକାରୀ ବିଭାଗ ମିଳିତ ଚଢାଉ କରି ୨ ମହିଳା ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ମିଳିତ ଟିମ ବନ୍ଧୁଗାଁ ବ୍ଲକ କେ.ଜଗୁଗୁଡ଼ା, କାର୍ଲୀ, କୁମ୍ଭାରୀପୁଟ, ହାତୀଗୁଡ଼ା ଗ୍ରାମରେ ଚଢ଼ାଉ କରି ୬୮୦୦ ଲିଟର ପୋଚ ସହ ୨୧୬ ଲିଟର ଦେଶୀ ମଦ ଜବତ କରିଥିଲେ। କୁମ୍ଭାରିପୁଟର ପି. ଜୟନ୍ତୀଙ୍କଠାରୁ ୬୦ ଲିଟର ଦେଶୀ ମଦ ଜବତ ହୋଇଛି। କେ. ଜଗୁଗୁଡାର ଆର. ଆଚାମାଙ୍କଠାରୁ ୬ ଲିଟର ମଦ ଜବତ କରାଯାଇଛି। ଅନ୍ୟ ସ୍ଥାନରେ ଚଢ଼ାଉ କରି ୬୮୦୦ ଲିଟର ପୋଚ ଓ ୧୫୦ ଲିଟର ଦେଶୀ ମଦ ଜବତ ସହ ନଷ୍ଟ କରାଯାଇଛି। ଚଢ଼ାଉରେ ଡିଏଫଏସ୍ ଇନ୍ସପେକ୍ଟର ଚନ୍ଦ୍ରଶେଖର ପଢ଼ିଆରୀ, ଏଏସଆଇ ଏଲିୟା ବିଶୋଇ, ଉମେଶ କୁମାର ଦୋରା, ପାର୍ବତିପୁରମ ଅବକାରୀ ବିଭାଗ ଅତିରିକ୍ତ ଅଧିକ୍ଷକ ସାମିଲ ହୋଇଥିଲେ।

# ଗାଁରେ ମୃତଦେହ ପହଞ୍ଚିବା ପରେ ଶେଷକୃତ୍ୟ

ନବରଙ୍ଗପୁର, ୨୦।୧୨ (ସଦାଶିବ ପ୍ରହରାଜ)

**ରାମେଶ୍ୱରମ୍‌ରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟଣା**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୁଡ୍ରା ଗ୍ରାମର ଅବସର ପ୍ରାପ୍ତ ପଞ୍ଚାୟତ ସମ୍ପାଦକ ତ୍ରିନାଥ ବିଷୋୟୀଙ୍କ ରାମେଶ୍ୱରମରେ ବୁଧବାର ରାତିରେ ପରଲୋକ ହୋଇଥିଲା। ୩ ଦିନ ପରେ ଶନିବାର ଅପରାହ୍ନ ୧ଟା୩୦ରେ ତାଙ୍କର ଗାଁରେ ମୃତଦେହ ପହଞ୍ଚିଥିଲା। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସେଠାରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଓ ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଜିଲା ପୋଲିସ କନଷ୍ଟେବଳ ସଂଘର ସଭାପତି ଅରୁଣ ସୁନାଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ। ଅପରାହ୍ନ ୩ଟାରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତକଙ୍କ ବଡ଼ପୁଅ ମୁରଲୀଧର ବିଷୋୟୀ ଓ ସାନପୁଅ ଗୋପୀନାଥ ବିଷୋୟୀଙ୍କର ସମେତ ତାଙ୍କର ପରିବାର ବର୍ଗ ଉପସ୍ଥିତ ଥିଲେ।

# ଆର୍‌ଡିସି କାର୍ଯ୍ୟାଳୟ, ସ୍ୱତନ୍ତ୍ର ସର୍କିଟ ହାଉସ ପ୍ରତିଷ୍ଠା ଦାବି

ଜୟପୁର, ୨୦।୧୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଗସ୍ତରେ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଜୟପୁର ବିକାଶ ମଞ୍ଚ ପକ୍ଷରୁ ଶନିବାର ଏକ ଦାବିପତ୍ର ଦିଆଯାଇଛି। ଅବିଭକ୍ତ କୋରାପୁଟ ଜିଲାର ମୁଖ୍ୟ ଏବଂ ଜୟପୁରରେ ନୂତନ ଭାବେ ରାଜସ୍ୱ ଡିଭିଜନାଲ କମିଶନ ଆରଡିସି କାର୍ଯ୍ୟାଳୟ ଏବଂ ସ୍ୱତନ୍ତ୍ର ସର୍କିଟ ହାଉସ ସ୍ଥାପନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଅବିଭକ୍ତ କୋରାପୁଟ ଜିଲାର ୪ଟି ଜିଲା ବ୍ରହ୍ମପୁର ଆରଡିସି ଅଧୀନରେ ରହିଛି। ବିଭିନ୍ନ ସମୟରେ କାର୍ଯ୍ୟ ନିମନ୍ତେ ଆରଡିସି କାର୍ଯ୍ୟାଳୟକୁ ଯିବାରେ ସମସ୍ୟା ହେଉଛି। ତେଣୁ ଜୟପୁରରେ ଏହା ପ୍ରତିଷ୍ଠା କରି ଅବିଭକ୍ତ କୋରାପୁଟ ଜିଲାର କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ସମେତ କଳାହାଣ୍ଡି ଜିଲାକୁ ଏଥିରେ ସାମିଲ କଲେ ସାଧାରଣ ଲୋକ ସୁବିଧାରେ ନିଜ କାର୍ଯ୍ୟ କରିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି। ଜୟପୁର ଅବିଭକ୍ତ କୋରାପୁଟ ଜିଲାର ରାଜନୈତିକ, ସାମାଜିକ, ଅର୍ଥନୈତିକ, ବ୍ୟବସାୟିକ ଏବଂ ସାଂସ୍କୃତିକ କେନ୍ଦ୍ରଭାବେ ପରିଗଣିତ। ଏହା ଏକ ପ୍ରାଚୀନ ସହର । ତେଣୁ ବିଭିନ୍ନ କାର୍ଯ୍ୟପାଇଁ ଅବିଭକ୍ତ କୋରାପୁଟ ଜିଲାର ସାଧାରଣ ଲୋକ, ବୁଦ୍ଧିଜୀବୀ, ପର୍ଯ୍ୟଟକ ଏବଂ ସରକାରୀ ଓ ବେସରକାରୀ ଅଧିକାରୀମାନେ ଏଠାକୁ ଆସିଥାଆନ୍ତି। ତେଣୁ ଜୟପୁରରେ ଏକ ସ୍ୱତନ୍ତ୍ର ସର୍କିଟ ହାଉସର ନିର୍ମାଣ ନେଇ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ ମଞ୍ଚର ସାଧାରଣ ସମ୍ପାଦକ ନବକୃଷ୍ଣ ରଥ, ନରସିଂହ ପାଣିଗ୍ରାହୀ, ସୁଧାଂଶୁ ଶେଖର ପଟ୍ଟନାୟକ, ନରସିଂହ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶୃଙ୍ଖଳିତ, ସମୟାନୁବର୍ତ୍ତୀ ହେଲେ ସଫଳତା ମିଳିବ

ତେନ୍ତୁଳିଖୁଣ୍ଟି, ୨୦।୧୨ (ଚିଦାନନ୍ଦ ସାହୁ)

**ଲକଡିପାଲ୍ଲାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକଡିପାଲ୍ଲାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଡା ଏକ ନୟି ସୋଚ ଶନିବାର ବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଏମ୍‌ପିଙ୍କ ତେନ୍ତୁଳିଖୁଣ୍ଟି ପ୍ରତିନିଧି ସନ୍ତୋଷ ପାତ୍ର, ଅଧ୍ୟାପକ ବିମଳ ବେହେରା, ବ୍ଲକ ଅଧ୍ୟକ୍ଷା ନିଲେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, କଂଗ୍ରା ସରପଞ୍ଚ ତମେଶ୍ୱରି ଭୋଇ, ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମା ପୂଜାରୀ, ପିଟିଏ ସଭାପତି ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ବିଇଓ ସୁଦୀପ୍ତ ଦାସ ଉପସ୍ଥିତ ଥିଲେ। ଛାତ୍ରୀ ସୁଚିସ୍ମିତା ପଟ୍ଟନାୟକ, ସୁଭସ୍ମିତା ସାହୁ , ସିମରନ ପ୍ରଧାନ, ଗୁଂଶିକା ଭକ୍ତ, ଶୁଭସ୍ମିତା ଗରଡ଼ା, ଅଭିପ୍ସା ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର ପ୍ରମୁଖ ସମସ୍ୟା ଜଣାଇ ସାନି ସମାଧାନ ପାଇଁ ଅନୁରୋଧ କରିଥିଲେ। ଶିକ୍ଷାକୁ ମାପକାଠି କରି ପିତାମାତା ଓ ଗୁରୁଜନମାନଙ୍କୁ ଭକ୍ତିକରି ଚାଲିଲେ ଜୀବନ ସାର୍ଥକ ହୋଇପାରିବ ବୋଲି ମୁଖ୍ୟ ଅତିଥି ବିଧାୟକ ମାଝୀ ପ୍ରକାଶ କରିଥିଲେ। ଛାତ୍ର ଜୀବନରେ ଶୃଙ୍ଖଳା, ସମୟାନୁବର୍ତ୍ତିତା ପାଳନ କରିଲେ ସଫଳତା ମିଳିବ ବୋଲି ଅନ୍ୟ ଅତିଥିମାନେ କହିଥିଲେ। ବିଡିଓ ମନୋଜ ପାଣିଗ୍ରାହୀ ଯୋଗଦେଇ ଶିକ୍ଷକ ଓ ଛାତ୍ରୀ ଛାତ୍ରଙ୍କ ସମ୍ପର୍କ କିପରି ଗୁରୁକୁଳ ପରମ୍ପରା ଭଳି ହୋଇ ପାରିବ ସେ ନେଇ ବାର୍ତ୍ତା ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଯୁକ୍ତ ଦୁଇ ଓ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ପାଇଁ ସଫଳତା ଆଣିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଥିଲା। ସେମାନଙ୍କ ଅଭିଭାବକ ମୁଖ୍ୟ ଅତିଥିଙ୍କଠାରୁ ତାହା ଗ୍ରହଣ କରିଥିଲେ। ଏସ୍‌ଏସ୍‌ଟି ଶିକ୍ଷକ ଶ୍ରୀରାମ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିସହ ତାଙ୍କ ରଚିତ ତଥା ନିର୍ଦ୍ଦେଶିତ ନାଟକ ଏ ବାପା ତମେ ‘କାହିଁକି କାନ୍ଦୁଛ’ ମଞ୍ଚସ୍ଥ ହୋଇଥିଲା। ଏହା ଭ୍ରୁଣ ହତ୍ୟା, ବଧୂ ନିର୍ଯ୍ୟାତନା ଭଳି ସାମାଜର କଳଙ୍କକୁ ଅପସାରଣର ବାର୍ତ୍ତା ଭିତ୍ତିକ ଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ଶ୍ରୀ ରାମଙ୍କ ସହିତ ଶୁଭସ୍ମିତା ସାହୁ, ସିମାରାନ ପ୍ରଧାନ, ଗୁଂଶିକା ସୁଚିସ୍ମିତା ଏହାକୁ ସଂଯୋଜନା କରିଥିଲେ। ଇଂରାଜୀ ଶିକ୍ଷକ ସୁମିତ୍ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।




ନବରଙ୍ଗପୁର ବିଧାୟକ ନିଜ ମତ ରଖୁଛନ୍ତି।

# ୨୨ରୁ ୩ ବ୍ଲକ୍‌ରେ ଚକ ଅଖ ବନ୍ଦ

**ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ**

ଉମରକୋଟ, ୨୦।୧୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାରେ ତେଜୁଛି ଚାଷୀ ଆନ୍ଦୋଳନ। ଧାନ ଓ ମକାର ଅଭାବୀ ବିକ୍ରିକୁ ନେଇ ଜିଲାର ୩ ବ୍ଲକ୍ ଉମରକୋଟ, ଝରିଗାଁ ଓ ରାଇଘରରେ ଆସନ୍ତା ୨୨ରୁ ୨୯ ତାରିଖ ଯାଏ ଚକ, ଅଖ ବନ୍ଦ ରହିବ ବୋଲି ଶନିବାର ନବରଙ୍ଗପୁର ଜିଲା ଉମରକୋଟ ଦର୍ଗାଗୁଡ଼ାରେ ଏକ ଖବରଦାତା ସମ୍ମିଳନୀକରି ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି। ମଣ୍ଡି ଅବ୍ୟବସ୍ଥାକୁ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉପରେ ସେ ବର୍ଷିଛନ୍ତି।

ରାଜ୍ୟ ସରକାର ଅନେକ ପ୍ରତିଶ୍ରୁତି ଦେଉଥିବାବେଳେ ଏ ଯାଏ ନବରଙ୍ଗପୁର ଜିଲାରେ କେଜିଏ ମଧ୍ୟ ଧାନ ମଧ୍ୟ ଉଠାଇପାରିଲେ ନାହିଁ। ଚାଷୀ ନିରାଶ ଓ ହତାଶ ହୋଇ ଆତ୍ମହତ୍ୟା କରିବା ଛଡ଼ା ଆଉ ଅନ୍ୟ ଉପାୟ ନାହିଁ। ଚଳିତ ବର୍ଷର ଧାନ ସରକାର ୨୦୨୬ ରେ ଉଠାଇବେକି ବୋଲି ପ୍ରଦୀପ ମାଝୀ ପ୍ରଶ୍ନ କରିଛନ୍ତି। ମକା କୁଇଣ୍ଟାଲ ପିଛା କେନ୍ଦ୍ର ସରକାର ୨୪୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ହେଲେ ଏଠାରେ ଚାଷୀ ୧୭୦୦ରୁ ୧୮୦୦ ଟଙ୍କାରେ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମକା ମିଶନ କୁଆଡ଼େ ଗଲା ବୋଲି ପ୍ରଦୀପ ପ୍ରଶ୍ନ କରିଛନ୍ତି। ୨ ଦିନ ମଧ୍ୟରେ ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ୨୨ ତାରିଖ ସକାଳୁ ଚାଷୀ ଧାନ ଓ ମକା ରଖି ବିକ୍ଷୋଭ କରିବେ। ଓଡ଼ିଶା ଓ ଛତିଶଗଡ଼କୁ ସଂଯୋଗ କରୁଥିବା ରାସ୍ତା ଓ ଜିଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ବନ୍ଦ କରିଦିଆଯିବ ବୋଲି କୁହାଯାଇଛି। ଅତ୍ୟାବଶ୍ୟକ ସେବାକୁ ବାଦ୍ ଦିଆଯିବ। ଦୋକାନ ବଜାର, ସରକାରୀ ବେସରକାରୀ ସ୍କୁଲ, କଲେଜ ସବୁ ଖୋଲା ରହିବ ବୋଲି ସେ କହିଛନ୍ତି। ୨୯ ସୁଦ୍ଧା ଯଦି ଚାଷୀଙ୍କ ସମସ୍ୟା ନ ଶୁଣନ୍ତି ତା’ହେଲେ ଜିଲା ସାରା ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଚାଷୀଙ୍କୁ ନ୍ୟାୟ ଦେବାକୁ ସମସ୍ତ ବ୍ୟବସାୟୀ ଅନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ସହଯୋଗ ପୂର୍ବକ ଆନ୍ଦୋଳନକୁ ସଫଳ କରିବାକୁ ପ୍ରଦୀପ ମାଝୀ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଖାଙ୍କର, ଅଶୋକ ମୂର୍ତ୍ତି, ଶୁକଦେବ ଗଣ୍ଡ, ପେଣ୍ଡ୍ରା ସ୍ୱାଇଁ , କିଶୋର ସାହୁ, ପ୍ରେମା ପାଣ୍ଡେ, ଦେବୀ ସିଂ ମାଝି, କୈଳାସ ନାୟକ, ପ୍ରଫୁଲ୍ଲ ପଣ୍ଡା, ଚନ୍ଦନ ବେହେରା, ତପନ ଦେବନାଥ, ଭିକି ନାୟକ, ଶୋଭା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପା ଏହାକୁ ହସ୍ୟାସ୍ପଦ କହିବା ସହ ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଚାଷୀଙ୍କ କାନ୍ଧରେ ବନ୍ଧୁକ ରଖି ପ୍ରଦୀପ ଗୁଳି ଫୁଟାଇବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛି। କୃଷକ ସମାଜ ଏଥିରେ ବିଚଳିତ ହେବେ ନାହିଁ। ଚାଷୀମାନେ ସବୁବେଳେ ଡବଲ ଇଞ୍ଜିନ ସରକାର ପଛରେ ରହିଛନ୍ତି। ଏଣୁ ଏହି ଆନ୍ଦୋଳନକୁ ସେମାନେ ଭଣ୍ଡୁର କରିବେ। ଯଦି ଆନ୍ଦୋଳନ ହୁଏ ତା’ହେଲେ ସେମାନଙ୍କ ସାଥିରେ କେହି ଚାଷୀ ରହିବେ ନାହିଁ କେବଳ କେତେଜଣ ବିଜେଡି କର୍ମୀ ହିଁ ଦେଖାଦେବେ ବୋଲି ଭାଜପା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ କହିଛନ୍ତି।




ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝୀଙ୍କ ସହ ଅନ୍ୟ ବିଜେଡି ନେତାମାନେ।

## ସଂକ୍ଷେପରେ

### କଣ୍ଟେନର ଓଲଟି ୪୦ ଗୋରୁ ମୃତ,୫ ଉଦ୍ଧାର

କୋଟପାଡ଼, ୨୦।୧୨(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ରୁ ୪ କି.ମି. ଦୂର ଘୁମର ପଞ୍ଚାୟତ ଜୟପୁର- କୁସୁମୀ ରାସ୍ତା ଶୁକ୍ରବାର ଏକ ଗୋରୁ ବୋଝେଇ କଣ୍ଟେନର ଜମିକୁ ଓଏଟି ପଡ଼ିବାରୁ ୪୦ରୁ ପୋଡ଼ିବାରୁ ୪୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଛି। ୫ରୁ ଉର୍ଦ୍ଧ୍ୱ ଗୋରୁ ମୁମୂର୍ଷୁ ଅବସ୍ଥାରେ ଶନିବାର ଉଦ୍ଧାର କରାଯାଇଛି। ଏ ନେଇ କୋଟପାଡ଼ ପୋଲିସକୁ ଖବର ଦିଆଯାଇଥିଲା। କୋଟପାଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଓ ଗୋ ସୁରକ୍ଷା ସମିତିର ସଦସ୍ୟମାନଙ୍କ ସହାୟତାରେ ଏକ ପୋଖଲିନ ଦ୍ୱାରା ଗୋରୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ କଣ୍ଟେନର ଚାଳକ ଓ ହେଲପେର ଫେରାର ହୋଇଯାଇଥିବା ସୂଚନା ରହିଛି। କୋଟପାଡ଼ ଥାନାଧିକାରୀ ପରମାନନ୍ଦ ସୁନାନୀ ଘଟଣାସ୍ଥଳରେ ତଦନ୍ତ କରୁଥିବା ଜଣାପଡିଛି । ଅଞ୍ଚଳରୁ ଗୋରୁ ଚାଲାଣ ହେଉଥିବା ନେଇ ପ୍ରଶାସନକୁ ଅଭିଯୋଗ କଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗୋ ସୁରକ୍ଷା କମିଟି ଓ ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଗୋ ସୁରକ୍ଷା ସଦସ୍ୟ ଓ ପୋଲିସ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଶନିବାର ସନ୍ଧ୍ୟା ଯାଏ ଉଦ୍ଧାର ଜାରି ରଖି କେନ୍ଦୁଗୁଡା ଜଙ୍ଗଲ ମଧ୍ୟରେ ଏକ ବିରାଟ ଗର୍ତ୍ତ କରି ସମସ୍ତ ଗୋରୁଙ୍କ ମୃତଦେହ ପୋତିଥିଲେ।

### ଜାତୀୟସ୍ତରରେ ଓଡ଼ିଆ ଝିଅ ଅଙ୍କିତାଙ୍କ ସଫଳତା



ସୁନାବେଡ଼ା ୨୦।୧୨(କୃତ୍ତିବାସ ପ୍ରଧାନ)

ପଞ୍ଜାବ ଚଣ୍ଡିଗଡ଼ାରେ ଥିବା ଇଞ୍ଜିନିୟରିଂ କଲେଜରେ ଅନୁଷ୍ଠିତ ଜାତୀୟସ୍ତରୀୟ ସ୍ମାର୍ଟ ଇଣ୍ଡିଆ ହାକାଥନ ୨୦୨୫ ଫାଇନାଲରେ ଓଡ଼ିଆ ଝିଅ ଅଙ୍କିତା ବେହେରା ତାଙ୍କ ଟିମ୍ ସହ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ଅଙ୍କିତା ଓ ତାଙ୍କ ଟିମ୍ ପ୍ରତିଯୋଗିତାରେ ଖୁବ୍ କମ ସମୟ ଓ ସ୍ୱଳ୍ପ ଖର୍ଚ୍ଚରେ ଏକ ମୋବାଇଲ ସଫ୍ଟୱେର ତିଆରି କରିଥିଲେ। ଏହାଦ୍ୱାରା ଶିକ୍ଷାଦାନ ଦକ୍ଷତା ବୃଦ୍ଧି, ଆର୍‌ଏଫଆଇଡି ଓ ଚେହେରା-ସ୍ୱୀକୃତୀ ପ୍ରଣାଳୀ ବ୍ୟବହାର କରି ଉପାନ୍ତ ତଥା ଗାଁ ଗହଳିରେ ଡାଟା ଚାଳିତ ମିଡ ଡେ ମିଲ ସମ୍ପର୍କିତ ରେକର୍ଡ କରିବା ଓ ଛାତ୍ରୀଛାତ୍ରୀଙ୍କ ଉପସ୍ଥାନ ସମ୍ପର୍କରେ ଅଭିଭାବକଙ୍କ ନିକଟକୁ ମୋବାଇଲ ମେସେଜ ପଠାଇବ ଏହି ପ୍ରଣାଳୀ। ଏହା ସମସ୍ତ ସରକାରୀ ତଥା ବେସରକାରୀ ଶିକ୍ଷା ଅନୁଷ୍ଠାନରେ ବ୍ୟବହାର ଉପଯୋଗୀ ହେବ। ବିଚାରକଙ୍କ ଦ୍ୱାରା ପ୍ରଶଂସିତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲା। ବିଜେତା ଦଳରେ ଅଙ୍କିତାଙ୍କ ସହ ପି.ଭମସି କ୍ରିଷ୍ଣା, ବରୁଣ ଶର୍ମା, ଭି. ଯଶୱନ୍ତ, ମଧୁହାନ ଶେଖର ଓ ପ୍ରଭସିର୍ କଉର୍ ଥିଲେ। ସେମିଳିଗୁଡ଼ା ନେତାଜୀ ନଗର ଅଞ୍ଚଳର ବ୍ୟବସାୟୀ ପ୍ରିୟରଞ୍ଜନ ବେହେରା ଓ ରଶ୍ମିରେଖାଙ୍କ ଝିଅ ହେଉଛନ୍ତି ଅଙ୍କିତା। ସେ ବିଟେକ ୩ୟ ବର୍ଷର ଛାତ୍ରୀ ଅଟନ୍ତି। ବିଜେତା ଦଳକୁ ଟ୍ରଫି ସହ ଦେଢ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମିଳିଥିବା ଜଣାପଡିଛି । ଅଙ୍କିତା ଓ ତାଙ୍କ ପରିବାରକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ମଣ୍ଡିକୁ ଆସୁଥିବା ସମସ୍ତ ଚାଷୀଙ୍କ ଧାନ ତୁରନ୍ତ ନେବାକୁ ନିର୍ଦ୍ଦେଶ

### ୧୦ ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ

କୋରାପୁଟ,୨୦।୧୨(ଅମିତାଭ ବେହେରା)



ବୈଠକରେ ଉପସ୍ଥିତ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କୋରାପୁଟ ବିଧାୟକ ରଘୁରାମ ମାଛ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ବୈଠକରେ ଯୋଗଦେଇ ବିଭିନ୍ନ ବ୍ୟବସ୍ଥାର ଶନିବାର ସମୀକ୍ଷା କରିଛନ୍ତି। ଜିଲାର ସମସ୍ତ ମଣ୍ଡିରେ ଆବଶ୍ୟକ ସୁବିଧା କରିବା ସହ ଦୂରଦୂରାନ୍ତରୁ ଧାନ ଆଣି ମଣ୍ଡିକୁ ଆସୁଥିବା ସମସ୍ତ ଚାଷୀଙ୍କଠାରୁ ତୁରନ୍ତ ଧାନ ନେବାକୁ ଯୋଗାଣ ମନ୍ତ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲାରେ ଥିବା ମୋଟ ୯୬(ଜୟପୁର ଉପଖଣ୍ଡର ୭୧ ଓ କୋରାପୁଟ ଉପଖଣ୍ଡର ୨୫)ଧାନମଣ୍ଡିରେ ଚାଷୀମାନଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ମଣ୍ଡିରେ ପାଇଖାନା ସ୍ଥାପନ, ପାନୀୟ ଜଳଯୋଗାଣ, ବସିବା ବ୍ୟବସ୍ଥା, ବିଦ୍ୟୁତ୍ ସୁବିଧା, ସ୍ୱଚ୍ଛତା ଅବଲମ୍ବନ ଆଦି ବ୍ୟବସ୍ଥା କରିବା ସହ ବର୍ତ୍ତମାନ ସୁଦ୍ଧା ଧାନ ଦେବାକୁ ପଞ୍ଜୀକୃତ ହୋଇଥିବା ଚାଷୀଙ୍କ ସମ୍ପର୍କରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ନକଲି ଖାଉଟି କାର୍ଡ ତୁରନ୍ତ କାଟିବା ଓ ଉପଯୁକ୍ତ ବ୍ୟକ୍ତିଙ୍କୁ ଚିହ୍ନଟକରି କାର୍ଡ ପ୍ରଦାନ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ଶୃଙ୍ଖଳିତ ଭାବେ ଏହି ସମସ୍ତ କାର୍ଯ୍ୟ କରିବାକୁ ତାଗିଦା କରିଛନ୍ତି। ଏହି ଅବସରରେ ୧୦ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଚଳିତମାସ ୧୧ ତାରିଖରେ ଜିଲାରେ ମଣ୍ଡି ଆରମ୍ଭ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଦନାର୍ଦ୍ଦନ ଦଳେଇ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ଜିଲା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ,ଜୟପୁର ଓ କୋରାପୁଟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପରବ ପଲ୍ଲିଶ୍ରୀ ମେଳାରେ ୨ ଦିନରେ ୩.୨୮ କୋଟିର ବ୍ୟବସାୟ

କୋରାପୁଟ,୨୦।୧୨(ଅମିତାଭ ବେହେରା)

ଜାତୀୟସ୍ତରୀୟ ଆଦିବାସୀ ମହୋତ୍ସବ ପରବରେ ପଲ୍ଲିଶ୍ରୀ ମେଳାରେ ୨ ଦିନରେ ୩.୨୮ କୋଟି ଟଙ୍କାର ବ୍ୟବସାୟ ହୋଇଛି। ଶୁକ୍ରବାର ୨ୟ ଦିନ ପଲ୍ଲିଶ୍ରୀ ମେଳାରେ ୧୧୪୩୨୪୫୦ ଟଙ୍କାର ବିକ୍ରି ହୋଇଛି। ହ୍ୟାଣ୍ଡଲୁମ୍‌ରେ ୧୦୬୭୨୦୦, ଜିଏମ୍-ଓଆଇସି ମେଳାରେ ୪୩୬୦୦୦, ଖାଦ୍ୟ ଷ୍ଟଲରେ ୩୬,୭୫,୦୦୦ଟଙ୍କା, ମିନାବଜାରରେ ୧୨,୫୬,୦୦୦ କୃଷି ମେଳାରେ ୪୬୬୮୦୦୦ ଟଙ୍କାର ବ୍ୟବସାୟ ହୋଇଛି। ସେହିପରି ୨ୟ ଦିନରେ ପଲ୍ଲିଶ୍ରୀ ମେଳାରେ ୪୮,୩୨,୪୫୦ଟଙ୍କା ଟଙ୍କାର ବିକ୍ରି ହୋଇଥିଲା। ହ୍ୟାଣ୍ଡଲୁମ୍‌ରେ ୬୨୪୮୪୦, ଜିଏମ୍-ଓଆଇସି ମେଳାରେ ୩୮୬୦୦୦, ଖାଦ୍ୟ ଷ୍ଟଲରେ ୩୨୬୫୦୦୦ଟଙ୍କା, ମିନାବଜାରରେ ୮୩୪୦୦୦ ମୋଟ ୧୦୩୪୨୩୦୦ ଟଙ୍କାର ବ୍ୟବସାୟ ହୋଇଥିଲା। ୨ ଦିନରେ ୩୨୮୬୭୩୪୫୦ ଟଙ୍କାର ବ୍ୟବସାୟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଓଏଭିର ବାର୍ଷିକ ଉତ୍ସବ

ଲକ୍ଷ୍ମୀପୁର,୨୦।୧୨(ଅନନ୍ତ ପ୍ରସାଦ ନାୟକ)



ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ଗୌଡଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା ନିବେଦିତା ପାଇରପୁଙ୍କ ଅଧ୍ୟକ୍ଷତାରେ ବିଧାୟକ ପବିତ୍ର ସାଉଁନ୍ତା,କାକିରିଗୁମା ମେଡିକାଲ ଅଫିସର ଡ.ଅବିନାଶ କୁମାର ବେହେରା, ବିଏମ୍ ଏସବିଆଇ କାକିରିଗୁମା ବିଶ୍ୱରଞ୍ଜନ କାଇସଥ, ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ଦାସ ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ,ଶିକ୍ଷକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳିକୁ ଚିହ୍ନଟ କରିବାକୁ କହିଥିଲେ। କ୍ରୀଡା ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ମିନାକ୍ଷୀ ଖିଲ, ଆର୍ଶୀବାଦ ସୁବୁଦ୍ଧି ରାୟ ମଞ୍ଚ ପରିଚାଳନା କରିଥିଲେ। ମୋତିଲାଲ ବାଗ, ସ୍ୱପ୍ନିଲ ସାହୁ, ମୁକେଶ ସାହୁ,ତ୍ରିନାଥ ଗୋମାଙ୍ଗୋ,ଟୁନା ମୁଦୁଲି,ପ୍ରଗତି ସ୍ୱାଇଁ, ସତ୍ୟଜିତ୍ ବେହେରା,ଜଗତଜନନୀ ଦେ, ପ୍ରୀତି ସୁନେଲି ଖରା,ଅଜୟ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଉତ୍ତମ ଭବିଷ୍ୟତ ଗଠନ ଲକ୍ଷ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ପଟ୍ଟାଙ୍ଗି,୨୦।୧୨(ଶରତ କୁମାର ଧଳ)



ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ପ୍ରିନ୍ସିପାଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଗାୟତ୍ରୀ ମଲ୍ଲିକ ୮ମ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ସୁନାବେଡ଼ା ହାଲ ଆଇଟି ଜେନେରାଲ ମ୍ୟାନେଜର ତନର୍ଭି ଆଲାମ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ସହ ନିଜ ଭବିଷ୍ୟତ ନେଇ ଏକ ଲକ୍ଷ୍ୟ ବା ସ୍ୱପ୍ନ ରହିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ କ୍ରୀଡ଼ା ଲୁକ୍କାୟିତ ଥିବା ପ୍ରତିଭା ଲୋକଲୋଚନକୁ ଆଣିବାର ମାଧ୍ୟମ ବୋଲି କହିଥିଲେ। ଜୋନ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ଜୋନ ୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସରପଞ୍ଚ ଆଲମେ ଫୁଲ, ଅବିଭାବକ ଓ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଅତିଥିମାନେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହା ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଆଦିତ୍ୟ ପ୍ରସାଦ ଦଳେଇ, ରୋଶନ କୁମାର ମେହେର, ଜୟ ଗୋପାଳ ପରଦିଆ, ସଞ୍ଜୟ କୁମାର ଦାସ,ଚିଦାନନ୍ଦ ନାୟକ, ଲିଙ୍ଗରାଜ ମାଝୀ, ଦିନେଶ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ସାଗରିକା ଓଝା, ବବିତା କ୍ରିଷାନି ଓ ଶୁଭସ୍ମିତା ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଯୋଗାଣ ନିରୀକ୍ଷକ, ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ

ନନ୍ଦପୁର,୨୦।୧୨(ତୁଷାର କାନ୍ତ ମହାନ୍ତି)

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୋରାପୁଟ ଜିଲା ନନ୍ଦପୁର ବ୍ଲକ ଆଦର୍ଶ ଲ୍ୟାମ୍ପସ ପରିଦର୍ଶନ କରିଛନ୍ତି। ରାଶନ କାର୍ଡ କାଟି ୪ ଜଣିଆ ପରିବାରକୁ ୨ ବର୍ଷ ହେବ ଚାଉଳ ଦିଆଯାଉ ନ ଥିବା ଅଭିଯୋଗ ଶୁଣି ମନ୍ତ୍ରୀ ବିଗିଡ଼ିଥିଲେ। ୨୪ ଘଣ୍ଟା ମଧ୍ୟରେ ଏହି ପରିବାରକୁ ଚାଉଳ ପ୍ରଦାନ କରିବାକୁ ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ସିଏସ୍‌ଓ ଏବଂ ଏସିଏସ୍‌ଓଙ୍କୁ ତାଗିଦ କରି ବ୍ଲକ ଯୋଗାଣ ନୀରିକ୍ଷକ ଜନସନ ବୁରୁଙ୍କୁ ସସ୍‌ପେଣ୍ଡ ଓ ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତଙ୍କୁ ଚାଉଳ ମିଳିବା ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଟୁଆ ପଞ୍ଚାୟତ ଉପରକଣ୍ଡାପାଲି ଗ୍ରାମର ମହିଳା କମଳା ଗେମେଲ ମନ୍ତ୍ରୀଙ୍କୁ ଭେଟି ତାଙ୍କ ପରିବାରର ରାଶନ କାର୍ଡ କାଟି ଦିଆଯାଇଥିବା ଓ ପରିବାରକୁ ୨ ବର୍ଷ ହେବ ଚାଉଳ ମିଳୁ ନ ଥିବା ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଯୋଗାଣ ନିରୀକ୍ଷକଙ୍କୁ ଏ ନେଇ ପ୍ରଶ୍ନ କରିଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ରାଶନ କାର୍ଡ କାଟି ଦିଆଯାଉଥିବାରୁ ଏହାର ତଦନ୍ତ କରିବାକୁ ଦାବି ହୋଇଛି।

## ମୁଷ୍ଟିଯୋଦ୍ଧା ପ୍ରତିଯୋଗିତା: ଜୟପୁରର ଅର୍ଜିତଙ୍କୁ ସ୍ୱର୍ଣ୍ଣ ପଦକ

ଜୟପୁର,୨୦।୧୨(ପବନ ପାଣିଗ୍ରାହୀ)



ଅର୍ଜିତ ମହାପାତ୍ର

ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ନବମ ସର୍ବୋତ୍କୃଷ୍ଟ ପୁରୁଷ ଓ ମହିଳା ରାଜ୍ୟ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ଜୟପୁରର ଅର୍ଜିତ ମହାପାତ୍ର ୯୦ କି.ଗ୍ରା. ପ୍ଲସ୍ ବର୍ଗରେ ଅଂଶଗ୍ରହଣକରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପ୍ରତିଯୋଗିତା ପାଇଁ କୋରାପୁଟ ଜିଲାରୁ ୨ ମୁଷ୍ଟିଯୋଦ୍ଧା ଅଂଶଗ୍ରହଣ କରିଥିଲେ। ଅନ୍ୟ ମୁଷ୍ଟିଯୋଦ୍ଧା ବିକାଶ ସାହୁ ୬୦-୬୫ କି.ଗ୍ରା. ବର୍ଗରେ ଅଂଶଗ୍ରହଣ କରିଥିଲେ। ଅର୍ଜିତଙ୍କୁ ଆମେଚର ବକ୍ସିଂ ସଂଘ କୋରାପୁଟ ପକ୍ଷରୁ ସଭାପତି ଶଶିଭୂଷଣ ଦାଶଙ୍କ ସମେତ ସମସ୍ତ ନେତୃବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

## ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

କୁନ୍ଦୁରା,୨୦।୧୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗୁଣ୍ଡାଳ ପଞ୍ଚାୟତସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୯ମ ବାର୍ଷିକ ଉତ୍ସବ ସପ୍ତରଙ୍ଗ ଶନିବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବିଡିଓ ପି.ମନସ୍ୱିତା ଯୋଗଦେଇଥିଲେ। ଆଦର୍ଶ ବିଦ୍ୟାଳୟ ଏକ ସ୍ୱତନ୍ତ୍ର ଲକ୍ଷ ନେଇ ଗଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ସମଗ୍ର ବିକାଶ ପାଇଁ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ଦାୟିତ୍ୱ ସୂଚାରୁ ଭାବେ ତୁଲାଇଲେ ବିଦ୍ୟାଳୟ ଉନ୍ନତି କରିବ ଓ ମୂଳ ଉଦ୍ଦେଶ୍ୟ ସାଧିତ ହେବ ବୋଲି ଅତିଥି କହିଥିଲେ। ବରିଷ୍ଠ ଶିକ୍ଷାବିତ ପଞ୍ଚାନନ ଗୌଡ଼ ଶିକ୍ଷା ସହ ନିଜ ଭିତରେ ଥିବା ଲୁକାୟିତ ଶକ୍ତିକୁ ସୁଦୃଢ଼ କରି ତାହାର ଉପଯୋଗ କଲେ ନିଜ ସହ ସମାଜର ବିକାଶ ଘଟିପାରିବ ବୋଲି କହିଥିଲେ। ଜିଲା ଶାରିରୀକ ଶିକ୍ଷାଧିକାରୀ ଲଲାଟେନ୍ଦୁ ପୂଜାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପପେୟା ବେହେରା, ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରୀତାରାଣୀ କରଣ, ରାଜନୀତି ବିଜ୍ଞାନ ଅଧ୍ୟାପକ ଶତେ ବସନ୍ତ ରଥ,ବିଦ୍ୟାଳୟର ଭିଏମଡିସି ସଦସ୍ୟ ବୃନ୍ଦାବନ ପାତ୍ର,ଅନୀଲ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ର, ଖେଳ ଚମ୍ପିୟାନ, ଉତ୍ତମ ହାଉସ, ଉତ୍ତମ ଛାତ୍ରଙ୍କୁ ଅତିଥି ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ନିରଞ୍ଜନ ପରିଡ଼ା, ଶିକ୍ଷକ ଦେବାଶିଷ ପଟ୍ଟନାୟକ, ଛାତ୍ର ରାହୁଲ ଗଣ୍ଡା ଓ ଛାତ୍ରୀ ଅଳକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ କାଜଲ ବିଶୋୟୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଓଏଭି ଛାତ୍ରଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

### ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ନନ୍ଦପୁର, ୨୦।୧୨(ତୁଷାର କାନ୍ତ ମହାନ୍ତି)

ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ନନ୍ଦପୁର ଆଦର୍ଶ ବିଦ୍ୟାଳୟ ଛାତ୍ର ଶୁଭାଶୀଷ ତ୍ରିପାଠୀଙ୍କୁ ସଫଳତା ମିଳିଛି। ତାଙ୍କ ବିକଶିତ ଆତ୍ମ ନିର୍ଭର ଭାରତ ସମ୍ପର୍କିତ ପ୍ରକଳ୍ପ ଜିଲା ସ୍ତରରେ ପ୍ରଥମ ସ୍ଥାନ ଅକ୍ତିଆର କରି ରାଜ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଛି। ଉଦଯାପନୀରେ ଶିକ୍ଷା ବିଭାଗର ଅଧିକାରୀ ତାଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଛନ୍ତି। ଏଭଳି ସଫଳତା ପାଇଁ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ଓଏଭି ଅଧ୍ୟକ୍ଷ ନନ୍ଦ ଖରା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭାଶୀଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟସ୍ତରରେ ସଫଳତା ହାସଲ କରନ୍ତୁ ବୋଲି ଆଶା ରଖିଥିବା କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୦।୧୨(ପବନ ପାଣିଗ୍ରାହୀ)

୨୦୨୦ରେ ସୁନାବେଡ଼ା ଥାନା ଅଞ୍ଚଳରେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜୟପୁର ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟର ଆଡହକ ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରଜ୍ଞା ନଳିନୀ ମିଶ୍ର ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୨୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ ରାଜପଲାମ ଗ୍ରାମର ଲକ୍ଷ୍ମଣ ଦାଡ଼ିଆ (୨୫)। ତାଙ୍କୁ ଭାରତୀୟ ପିଙ୍ଗଲ କୋଡ୍ ଧାରା ୩୬୩ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା, ପିଓସିଏସ୍‌ଓ ଆଇନ ଧାରା ୪(୨)ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା ଏବଂ ୬ ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧୪ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଦର୍ଶାଇଛନ୍ତି। ଆଦାୟ ଜରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬,୦୦,୦୦୦ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ୧୬।୮।୨୦୨୦ରେ ନାବାଳିକା ତାଙ୍କ ବଡ଼ବାପାଙ୍କ ଘରକୁ ଯାଉଥିବା ବେଳେ ସୁନାବେଡ଼ା ଡିଅର ପାର୍କ ନିକଟରେ ଲକ୍ଷ୍ମଣ ତାଙ୍କର ଜଣ ନାବାଳକ ସହଯୋଗୀଙ୍କ ସହ ବାଇକ୍‌ରେ ବଡ଼ବାପାଙ୍କ ଗ୍ରାମରେ ଛାଡ଼ିଦେବୁ କହି ନାବାଳିକାଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣେ ମହିଳାଙ୍କ ଘରେ ଆଶ୍ରୟ ନେବା ସହ ଘର ଲୋକଙ୍କୁ ଖବର ଦେଇଥିଲେ। ଏହା ପରେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ସୁନାବେଡ଼ା ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଓକିଲ ଡକ୍ଟର ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ବିଜ୍ଞାନ,ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

କୋରାପୁଟ,୨୦।୧୨(ଅମିତାଭ ବେହେରା)

କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ ୫୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୯୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଘାଟନୀରେ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ, ୨ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ଚମେଲି ମଜୁମଦାର,ମଣ୍ଡଳ ଶିକ୍ଷା ଅଧିକାରୀ ସମୂହ,ପ୍ରଧାନଶିକ୍ଷକ ସମୂହ ଓ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗଦେଇଥିଲେ। ଉଦଯାପନୀରେ ସହାୟକ ପ୍ରାଧ୍ୟାପକ ଡ.ରଞ୍ଜନ କୁମାର ବାରିକ,ମଣ୍ଡଳ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ଓ ସ୍ୱପ୍ନେଶ୍ୱର ନାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ୭ ଭିନ୍ନ ପ୍ରସଙ୍ଗରେ ଶ୍ରେଷ୍ଠ ବିବେଚିତ ୭ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛନ୍ତି।

## ରାଜସ୍ୱ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉଦ୍‌ଘାଟନକଲେ ମନ୍ତ୍ରୀ

ଜୟପୁର,୨୦।୧୨(ପବନ ପାଣିଗ୍ରାହୀ)

ଜୟପୁର ନିକଟ ଫୁଲବାଡ଼ସ୍ଥିତ ନବନିର୍ମିତ ରାଜସ୍ୱ ନିରିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ହଷ୍ଟେଲକୁ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରି ବିଧିବଦ୍ଧ ଭାବେ ଶନିବାର ଉଦ୍‌ଘାଟନ କରିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ରାଜସ୍ୱ ନିରୀକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ରାଜସ୍ୱ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ହେବା ଦ୍ୱାରା ଅବିଭକ୍ତ କୋରାପୁଟ ଜିଲାରେ ନିଯୁକ୍ତି ପାଇଥିବା ନୂତନ ରାଜସ୍ୱ ନିରିକ୍ଷକମାନେ ପ୍ରଶିକ୍ଷଣ ନେଇ ଦାୟିତ୍ୱ ତୁଲାଇବେ। ପ୍ରଶିକ୍ଷଣ ପାଇଁ ପୂର୍ବରୁ ଖଲିକୋଟ, କଟକ ଓ ଭୁବନେଶ୍ୱର ଯିବାକୁ ପଡୁଥିଲା। ଜୟପୁରରେ ପ୍ରତିଷ୍ଠା ଦ୍ୱାରା ଏଠାରେ ତାଲିମ ନେଇପାରିବେ ବୋଲି କହିଛନ୍ତି। ପ୍ରତିଷ୍ଠାନରେ ମୋଟ ୭୬ ଜଣଙ୍କ ପାଇଁ ହଷ୍ଟେଲ ସୁବିଧା ସହ ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରଶିକ୍ଷଣ ନେବେ। କାର୍ଯ୍ୟକ୍ରମ ପରେ ରାଜସ୍ୱ ମନ୍ତ୍ରୀ ରାଜସ୍ୱ ନିରୀକ୍ଷକଙ୍କୁ ପାଠ ପଢ଼ାଇଥିଲେ। ସରକାରୀ ଜମି ଜବରଦଖଲ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଯମର ଅଜାଣତରେ ମଣିଷର ମୃତ୍ୟୁ ନ ହେବା ଭଳି ବେଆଇନ ଜମି ଜବରଦଖଲ ଆରଆଇଙ୍କ ଅଜାଣତରେ ହୁଏ ନାହିଁ ବୋଲି କହିଥିଲେ। ବେଆଇନ ଜମି ଜବରଦଖଲ ରୋକିବା ତହସିଲଦାରଙ୍କ ଅପେକ୍ଷା ରାଜସ୍ୱ ନିରୀକ୍ଷକଙ୍କ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ସରକାରୀ ଜମି ଜବରଦଖଲରେ ରହିବା ଦ୍ୱାରା ବିକାଶମୂଳକ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ରାଜସ୍ୱ ନିରିକ୍ଷକମାନେ ନିଜ ଦାୟିତ୍ୱ ଠିକ୍‌ରେ ତୁଲାଇଲେ ବିକାଶ ହୋଇପାରିବ ବୋଲି କହିଥିଲେ। ଗରିବ ଲୋକଙ୍କ କାର୍ଯ୍ୟ କରି ତୁରନ୍ତ ପ୍ରମାଣ ପତ୍ର, ଜମି ପଟ୍ଟା, ବସୁନ୍ଧରା ଯୋଜନା ଶିଘ୍ର କାର୍ଯ୍ୟକାରିତା ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଆଇଏଏସ ପ୍ରବେଶନାରି ସନ୍ତୋଷ କୁମାର ପାତ୍ର, ତହିଲଦାର ସବ୍ୟସାଚୀ ଜେନା, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ଅଧିକାରୀମାନେ।

## ଚାଷୀଙ୍କ ସମସ୍ତ ସମସ୍ୟାର ସମାଧାନ ହେବ: ମନ୍ତ୍ରୀ

ନନ୍ଦପୁର,୨୦।୧୨(ତୁଷାର କାନ୍ତ ମହାନ୍ତି)



ନନ୍ଦପୁର ଲ୍ୟାମ୍ପସ ନିର୍ଦ୍ଦେଶକ ଓ କର୍ମକର୍ତ୍ତାଙ୍କ ସହ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଲୋଚନା କରୁଛନ୍ତି।

ରାଜ୍ୟ ଖାଦ୍ୟ ଯୋଗାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନନ୍ଦପୁର ବ୍ଲକ୍ ସଦର ମହକୁମାସ୍ଥିତ ଆଦର୍ଶ ଲ୍ୟାମ୍ପସ୍ ଶନିବାର ପରିଦର୍ଶନ କରିଛନ୍ତି। ଲ୍ୟାମ୍ପସ୍‌ର ଭିତ୍ତିଭୂମି, ମଣ୍ଡିରେ ଚାଷୀଙ୍କ ପାଇଁ ଥିବା ଆନୁଷଙ୍ଗିକ ବ୍ୟବସ୍ଥା ପରଖିଥିଲେ। ମଣ୍ଡି ଓ ଆସୁଥିବା ଚାଷୀଙ୍କ ପାଇଁ ସମସ୍ତ ସୁବିଧା କରାଯିବ ବୋଲି ସୂଚନା ଦେଇଥିଲେ। ମନ୍ତ୍ରୀ ପାତ୍ରଙ୍କୁ ନନ୍ଦପୁର ବସ୍‌ଷ୍ଟାଣ୍ଡଠାରୁ ଜିଲା ଭାଜପା ଉପସଭାପତି ସରୋଜ ମିଶ୍ର, ଚୈତନ୍ୟ ନନ୍ଦୀବାଲି, ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ, ରାଜ୍ୟ କାଉନସିଲ ସଦସ୍ୟ ଭଗବାନ ମୁଦୁଲି, ନନ୍ଦପୁର ମଣ୍ଡଳ ସଭାପତି ତ୍ରିନାଥ ବାଟଘରିଆ, ପାଡୁଆ ମଣ୍ଡଳ ସମ୍ପାଦକ ଲକ୍ଷ୍ମଣ ଖିଲ ଓ ଶେଖ ଗଫୁର ପ୍ରମୁଖ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଲ୍ୟାମ୍ପ ଫାଟକରେ ବୋର୍ଡ ଅଫ୍ ଡାଇରେକ୍ଟର ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ସୀମାଞ୍ଚଳ ଖିଲ, ମଧୁ ଦୋରା, ଲ୍ୟାମ୍ପ ପରିଚାଳକ ସୁରେଶ ପଣ୍ଡା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଲ୍ୟାମ୍ପ କାର୍ଯ୍ୟାଳୟ ଓ ମଣ୍ଡି ପାଇଁ ଥିବା ବ୍ୟବସ୍ଥା ଦେଖାଇଥିଲେ। ପରିସରରେ ସମସ୍ତ ଲ୍ୟାମ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ନିର୍ଦ୍ଦେଶକମାନେ ବ୍ଲକ୍‌ରେ ଏକ ଶୀତଳ ଭଣ୍ଡାର ସ୍ଥାପନ, ୧୯୬୨ର ବନ୍ଦୋବସ୍ତ(ସେଟେଲମେଣ୍ଟ) ବ୍ୟବସ୍ଥା ପ୍ରକାରେ ଜମିର କିସମ ବର୍ତ୍ତମାନ ସୁଦ୍ଧା ଅପରିବର୍ତ୍ତିତ ରହିଛି। ଚାଷୀ ନିଜ ଅର୍ଥରେ ଢେପ ଜମି କାଟି ଦ୍ୱୈତ ଫସଲ ଅମଳକ୍ଷମ ହେବା ଯୋଗ୍ୟ ଜମି ତିଆରି କରୁଥିଲେ ସୁଦ୍ଧା ସେଗୁଡ଼ିକର କିସମ ପରିବର୍ତ୍ତନ ହୋଇପାରୁ ନ ଥିବାରୁ ଅଧିକ ଚାଷୀ ପଞ୍ଜୀକୃତ ହୋଇପାରୁ ନ ଥିବା, ବ୍ଲକ୍‌ରେ ମାତ୍ର ୪-୫ଟି ଜଳସେଚନ ପ୍ରକଳ୍ପ ଥିବାରୁ ଜଳସେଚିତ ଜମିର ପରିମାଣ ବୃଦ୍ଧି ପାଉ ନ ଥିବା ଓ ଲ୍ୟାମ୍ପ ପରିସରରେ ଅଧିକ ୨ ଗୋଦାମ ଗୃହ ସହ କେତେଜଣ ଚାଷୀଙ୍କ ହିତରେ ଆନୁଷଙ୍ଗିକ ବ୍ୟବସ୍ଥାର ନିର୍ମାଣ କରିବା ସମ୍ପର୍କରେ ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ। ଏହାର ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଉପଜିଲାପାଳ ପ୍ରେମଲାଲ ହିଆଲ ଆଗାମୀ ୧୫ ଦିନ ମଧ୍ୟରେ ଲ୍ୟାମ୍ପସର ଶୀତଳ ଭଣ୍ଡାର ପାଇଁ ଜମି ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି ସମୟରେ ଯୋଗାଣ ଓ ସମବାୟ ବିଭାଗର ରାଜ୍ୟ ଜିଲା ଓ ବ୍ଲକ୍‌ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ନନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ବିଦ୍ୟୁତ୍ ଆଘାତରେ ହାତୀଛୁଆ ମୃତ

## ବ୍ୟବଚ୍ଛେଦ ପରେ ପୋତି ଦିଆଗଲା

ଓଡ଼ାପଡ଼ା,୨୦।୧୨(ରଞ୍ଜିତ୍ ନାୟକ)



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗଦାଶିଳା ସେକ୍ସନ ଅଧୀନ ମହାଦିଆ ଗ୍ରାମଠାରେ ଶୁକ୍ରବାର ରାତିରେ ବିଦ୍ୟୁତ୍ ଆଘାତରେ ଏକ ହାତୀଛୁଆର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ହାତୀପଲ ଧାନ ଫସଲ ଖାଇବା ଉଦ୍ଦେଶ୍ୟରେ ମଠରଗଡ଼ି ଜଙ୍ଗଲରୁ ବାହାରି ଯିବା ସମୟରେ ମହାଦିଆ ଗ୍ରାମରେ ଫସଲ ରକ୍ଷା ପାଇଁ ଚାଷଜମି ଚାରିପଟେ ଦିଆଯାଇଥିବା ସୋଲାର କରେଣ୍ଟରେ ଲାଗି ଯାଇଥିଲା। ଫଳରେ ଛୁଆହାତୀଟି ମୁକୁଳି ନ ପାରି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୋଲାର ସହ ବିଦ୍ୟୁତ୍ ସଂଯୋଗ ହୋଇଥିବା କିମ୍ବା ହାଇଭୋଲଟ୍ ପାଇଁ ହାତୀଛୁଆ ମରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ତେବେ ମା' ହାତୀଛୁଆଟିକୁ କିଛି ସମୟ ଜଗିରହିବା ପରେ ଗୋଡ଼ରେ ଠେଲିଠେଲି କିଛି ବାଟ ମହାଦିଆ ଆମ୍ବତୋଟା ଜଙ୍ଗଲ ଆଡ଼କୁ ନେଇ ତୋଟା ଭିତରେ ଛୁଆକୁ ଛାଡି କେଉଁଆଡେ ଛପି ରହିଥିବା ଜଣାପଡିଥିଲା। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ଜଗି ରହି ମା' ହାତୀର ଗତିବିଧି ଉପରେ ନଜର ରଖିଥିଲେ। ଶନିବାର ଅପରାହ୍ନରେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଅନ୍ୟାନ୍ୟ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତ ହାତୀଛୁଆକୁ ବ୍ୟବଚ୍ଛେଦ କରି ସେଠାରେ ପୋତି ଦେଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଅଧିକାରୀଙ୍କ ଠାରୁ ଜଣାପଡ଼ିଛି।

# ବିଦ୍ୟୁତ୍ ଆଘାତରେ ଦର୍ଶନ ସାରି ଫେରିବାବେଳେ ଦୁର୍ଘଟଣା, ୩ ମୃତ

ପାରଳାଖେମୁଣ୍ଡି,୨୦।୧୨
(ଗିରିଧାରୀ ପରିଚ୍ଛା)

ଠାକୁରଙ୍କୁ ଦର୍ଶନ କରି ଫେରୁଥିବା ସମୟରେ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପି. କାନ୍ତାରାଓ, ସ୍ତ୍ରୀ ସନ୍ଧ୍ୟା ଓ ଝିଅ ମହେଶ୍ୱରୀ। ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଏମ୍ଏନ୍ ପେଟା ଗ୍ରାମରେ ସେମାନଙ୍କ ଘର। ଖବରରୁ ଜଣାପଡିଛି, କାନ୍ତାରାଓ ଗତ କିଛି ବର୍ଷ ହେଲା ବିଶାଖାପାଟଣାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରୁ ସେ ଶୁକ୍ରବାର ସିଂହାଚଲମ୍ ଭଗବାନଙ୍କୁ ଦର୍ଶନ ପାଇଁ ସ୍ତ୍ରୀ ଓ ଝିଅକୁ ଧରି ବାଇକ୍ ଯୋଗେ ଯାଇଥିଲେ। ଠାକୁରଙ୍କ ଦର୍ଶନ ସାରି ଫେରିବା ବେଳେ ସିଂହାଚଲମ ପାହାଡ଼ ପାଦ ଦେଶରେ ଥିବା ଗୋଶାଳା ଛକ ନିକଟରେ ଏକ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ଘଟଣା ସ୍ଥଳରେ କାନ୍ତା ରାଓଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ସନ୍ଧ୍ୟା ଓ ଝିଅ ମହେଶ୍ୱରୀଙ୍କୁ ହସ୍ପିଟାଲ ନେବା ସମୟରେ ରାସ୍ତାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ସୌଭାଗ୍ୟବଶତଃ ପରିବାର ସହ ପୁଅ ଗୁରୁନାଥ (୧୧) ଯାଇ ନ ଥିଲେ। ଘଟଣାର ତଦନ୍ତ ଆନ୍ଧ୍ର ପ୍ରଦେଶର ପେନ୍ଦୁର୍ତ୍ତି ଥାନା ପୋଲିସ କରୁଥିବା ଜଣାପଡିଛି। ଶନିବାର ୩ ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଖବର ପାଇବା ପରେ ଏମ୍ଏନ୍ ପେଟା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



ପି. କାନ୍ତାରାଓ, ସ୍ତ୍ରୀ ସନ୍ଧ୍ୟା ଓ ଝିଅ ମହେଶ୍ୱରୀ

# ଜାନୁଆରୀ ୯ରେ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା

## ଡିସେମ୍ବର ୩୦ରୁ ମିଳିବ ଆଡ୍‌ମିଟ୍ କାର୍ଡ

କଟକ,୨୦।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ୯ରେ ଅନୁଷ୍ଠିତ ହେବ। ସମଗ୍ର ରାଜ୍ୟରେ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଷଷ୍ଠ ଶ୍ରେଣୀ ନିମନ୍ତେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଏବଂ ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ନିମନ୍ତେ ପୂର୍ବାହ୍ନ ୧୦ଟାରୁ ଅପରହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ଷଷ୍ଠ ଶ୍ରେଣୀ ପରୀକ୍ଷାର୍ଥୀମାନେ ପୂର୍ଣ୍ଣାଙ୍ଗ ୬୦ରେ ୬୦ଟି ବହୁ ବିକଳ୍ପ ପ୍ରଶ୍ନର ଉତ୍ତର ଲେଖିବେ। ସେହିପରି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ପରୀକ୍ଷାର୍ଥୀମାନେ ପୂର୍ଣ୍ଣାଙ୍ଗ ୧୦୦ରେ ୧୦୦ଟି ବହୁ ବିକଳ୍ପ ପ୍ରଶ୍ନର ଉତ୍ତର ଲେଖିବେ। ଏହି ପରୀକ୍ଷା ନିମନ୍ତେ ଆସନ୍ତା ୩୦ ତାରିଖରୁ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ସେମାନଙ୍କ ନାମ, ପିତାଙ୍କ ନାମ ଓ ଶ୍ରେଣୀ ତଥ୍ୟ ପ୍ରଦାନ କରି ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଶନିବାର ସୂଚନା ଦିଆଯାଇଛି।

---

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No.RDM-LAA-BLS-0006-2025-22168/** **R&DM, Dated 19 JUN 2025**

**No. III-08:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡାଙ୍ଗି ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଦିଗାପଦା, ଥାନା: ବାଲେଶ୍ୱର ସଦର, ନଂ. ୪୩, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡାଙ୍ଗି ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ଦିଗାପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭.୯୫ | ଏ. ୧.୬୪ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୨୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ସୁରଞ୍ଜନ ପ୍ରଧାନ
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା–୫୦/୨୦୨୨
ଏ.୧.୬୪ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡାଙ୍ଗି ମାଇନର ନିମନ୍ତେ ମୌଜା–ଦିଗାପଦା, ଥାନା–ବାଲେଶ୍ୱର ସଦର,ନଂ.–୪୩, ତହସିଲ–ରେମୁଣା, ଜିଲ୍ଲା–ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୫୨ | ୦.୩୩ | ୦.୧୪ | ଶାରଦ ଦୁଇ | ଅପର୍ତ୍ତି ରାଉତ, ପି:କୃଷ୍ଣ ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| ୮ | ୪୭ | ୦.୫୫ | ୦.୧୩ | ଶାରଦ ଦୁଇ | ଉଦୟ ଚରଣ ମହାପାତ୍ର, ପି:କପିଳ ଚରଣ ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୫୬ | ୦.୦୬ | ୦.୦୨ | ଶାରଦ ଦୁଇ | |
| | ୪୮/୨୦୦ | ୦.୦୬ | ୦.୦୩ | ଶାରଦ ଦୁଇ | |
| ୯ | ୧୧୩ | ୧.୦୩ | ୦.୨୫ | ଶାରଦ ଦୁଇ | ଉମାକାନ୍ତ ବିଶ୍ୱାଳ, ପି:ନେତ୍ରାନନ୍ଦ ବିଶ୍ୱାଳ, ଜା:ଖଣ୍ଡାୟତ,ବା:ନିଜଗାଁ |
| ୧୧ | ୪୮ | ୧.୦୬ | ୦.୦୨ | ଶାରଦ ଦୁଇ | କରୁଣାକର ପରିଡା,ପି:ନନ୍ଦ କିଶୋର ପରିଡା, ଜା:ଖଣ୍ଡାୟତ,ବା:ନିଜଗାଁ |
| ୧୩ | ୪୬ | ୦.୮୮ | ୦.୦୧ | ଶାରଦ ଦୁଇ | ଗଣେଶ କୁମାର ରାଉତ, ଅଶୋକ କୁମାର ରାଉତ, ପି:ଅପର୍ତ୍ତି ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୫୧ | ୦.୧୦ | ୦.୦୧ | ଶାରଦ ଦୁଇ | |
| ୩୦ | ୫୯/୧୮୬ | ୦.୪୩ | ୦.୧୧ | ଶାରଦ ଦୁଇ | ଭରତ ପରିଡା, ଶତ୍ରୁଘ୍ନ ପରିଡା, ଅର୍ଜୁନ ପରିଡା, ଭୀମ ପରିଡା, ପି: କୃଷ୍ଣ ପରିଡା, ଜା: ଖଣ୍ଡାୟତ, ବା:ନିଜଗାଁ |
| ୩୨ | ୪୯ | ୦.୩୫ | ୦.୦୧ | ଶାରଦ ଦୁଇ | ମାଳତୀ ରାଉତ, ସ୍ୱା:ଶ୍ରୀଧର ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୫୩ | ୦.୧୧ | ୦.୦୧ | ଶାରଦ ଦୁଇ | |
| ୪୧ | ୪୬/୧୯୮ | ୦.୦୯ | ୦.୦୯ | ଶାରଦ ଦୁଇ | ରୁକ୍ମଣୀ ପରିଡା, ପି:ଗଙ୍ଗାଧର ପରିଡା, ଜା:ଖଣ୍ଡାୟତ ବା:ନିଜଗାଁ |
| ୫୧ | ୧୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ଶ୍ରୀହରି ମହାନ୍ତି, ପି:ରଘୁନାଥ ମହାନ୍ତି, ଜା:କରଣ, ବା:ଭଣ୍ଡେଶ୍ୱର |
| ୫୪ | ୫୭ | ୦.୨୪ | ୦.୦୩ | ଶାରଦ ଦୁଇ | ସୋମନାଥ ମହାପାତ୍ର, ପି:ଚିନ୍ତାମଣି ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୧୧୦ | ୦.୫୨ | ୦.୦୧ | ଶାରଦ ଦୁଇ | |
| ୫୮/୬ | ୫୨/୨୩୦ | ୦.୩୨ | ୦.୧୪ | ଶାରଦ ଦୁଇ | ମନୋରଞ୍ଜନ ରାଉତ, ଚିତ୍ତରଞ୍ଜନ ରାଉତ, ପି:ଶ୍ରୀଧର ରାଉତ, ଜା.ଖଣ୍ଡାୟତ, ବା:ନିଜଗାଁ |
| ୫୮/୧୨ | ୪୭/୨୨୫ | ୦.୫୦ | ୦.୧୨ | ଶାରଦ ଦୁଇ | ଉଦୟ ନାରାୟଣ ମହାପାତ୍ର, ପି:କପିଳ ଚରଣ ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ, ଥା:ବାଲେଶ୍ୱର, ଜି:ବାଲେଶ୍ୱର |
| ୫୮/୩୨ | ୬୩/୨୫୦ | ୦.୧୫ | ୦.୧୧ | ଶାରଦ ଦୁଇ | ନିରଞ୍ଜନ ପରିଡା, ପି:ମୋତିଲାଲ ପରିଡା, ଜା:ଖଣ୍ଡାୟତ, ବା:ଦିଗାପଡା, ଥା:ଖନ୍ତାପଡା, ଜି:ବାଲିଶ୍ୱର |
| ୫୮/୩୭ | ୬୩/୨୬୩ | ୦.୧୫ | ୦.୦୪ | ଶାରଦ ଦୁଇ | ଅନନ୍ତ କୁମାର ପରିଡା, ପି:ମୋତିଲାଲ ପରିଡା, ଜା:ଖଣ୍ଡାୟତ, ବା:ଦିଗାପଦା,ଥା:ସଦର, ଜି:ବାଲେଶ୍ୱର |
| ୫୮/୩୮ | ୪୨ | ୦.୦୩ | ୦.୦୧ | ଶାରଦ ଦୁଇ | ସୁବଳ କୁମାର ପରିଡା, ପି:ଜହରଲାଲ ପରିଡା, ଜା:ଖଣ୍ଡାୟତ, ବା:ଦିଗାପଦା, ଥା:ସଦର, ଜି:ବାଲେଶ୍ୱର |
| | ୧୮୫/୨୨୭ | ୦.୨୧ | ୦.୦୨ | ଶାରଦ ଦୁଇ | |
| ୫୮/୩୯ | ୬୩ | ୦.୨୫ | ୦.୦୭ | ଶାରଦ ଦୁଇ | ସୁବଳ କୁମାର ପରିଡା, ପି:ଜହରଲାଲ ପରିଡା, ଜା:ଖଣ୍ଡାୟତ, ବା:ଦିଗାପଦା, ଥା:ସଦର, ଜି:ବାଲେଶ୍ୱର |
| ଗୋଚର ପ୍ରତିବଦଳ | | | | | |
| ୧୩ | ୧୧୮ | ୦.୦୪ | ୦.୦୪ | ଶାରଦ ତିନି | ଗଣେଶ କୁମାର ରାଉତ, ଅଶୋକ କୁମାର ରାଉତ, ପି: ଅପର୍ତ୍ତି ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| ୪୧ | ୧୧୭ | ୦.୧୭ | ୦.୧୭ | ଶାରଦ ତିନି | ରୁକ୍ମଣୀ ପରିଡା, ପି:ଗଙ୍ଗାଧର ପରିଡା, ଜା:ଖଣ୍ଡାୟତ, ବା:ନିଜଗାଁ |
| ମୋଟ | ୨୪ ପ୍ଲଟ | ଏ. ୭.୯୫ ଡେ.ମି. | ଏ. ୧.୬୪ ଡେ.ମି. | | |

| Sd./- AMIN, Baripada Zone | Sd./- REV-INSPECTOR ZONE-I, BARIPADA | Sd./- Zone Officer-1 cum-L.A. Collector, S.J.P. Baripada Zone | Sd./- Spl.Land Acquisition Officer S.I.P. Baripada |
|---|---|---|---|

OIPR-24001/14/0233/2526

---

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-MBJ-0010-2024-17218** **R&DM, Dated 08.05.2025**

No.XXI-33: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ଗୁରେଇ, ଥାନା–ବୈଶିଙ୍ଗା, ନଂ.୨୧୭, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ସାପଗାଡିଆ ମାଇନର ଏବଂ ସବ୍–ମାଇନର, ତୋଟାପୋଡା ସବ୍–ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୮୧୮, ତା.୦୧.୧୦.୨୦୨୪ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଗୁରେଇ, ଥାନା–ବୈଶିଙ୍ଗା, ନଂ.୨୧୭, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ–କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା–ମୟୂରଭଞ୍ଜ — ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁରେଇ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧୯.୫୪ | ଏକର ୫.୬୯ | ଏଥିସହିତ ସଂଲଗ୍ନ |

**ତଫସିଲ–ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା–ମୟୂରଭଞ୍ଜ — ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୦୭.୧୧.୨୦୨୪।

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା–୧୦୬/୨୦୨୩
ଏ.୫.୬୯ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡିଆ ମାଇନର ଏବଂ ସବ୍–ମାଇନର୍ ତୋଟାପୋଡା ସବ୍–ମାଇନର ନିମନ୍ତେ ମୌଜା–ଗୁରେଇ, ଥାନା–ବୈଶିଙ୍ଗା, ନଂ–୨୧୭, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 67/574 | 0.07 | 0.01 | ଶାରଦ ଦୁଇ | ଉଷା ପଣ୍ଡା, ଶ୍ରୀନିବାସ ପଣ୍ଡା, ପି:ପୁରୁଷୋତ୍ତମ ପଣ୍ଡା, ଶ୍ରୀବତ୍ସ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପି:ଚକ୍ରଧର ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| 9 | 208 | 0.20 | 0.02 | ଶାରଦ ଦୁଇ | କସ୍ତୁରି ଭୋଇ, ପି:ଭିକାରୀ ଭୋଇ, ଜା:ଖଣ୍ଡାୟତ, ବା:ନିଜଗାଁ |
| 10 | 110 | 0.45 | 0.13 | ଶାରଦ ଦୁଇ | କାରୁ ମାଝୀ, ପି:ଚରଣ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 11 | 402 | 0.27 | 0.08 | ଶାରଦ ଦୁଇ | କାଳି ଚରଣ ମାଝୀ, ପି:ଚରଣ ମାଝୀ, ଜା:ସାନ୍ତାଳ, ବା:ଭୁରୁଡୁବଣି |
| 12 | 112 | 1.43 | 0.25 | ଶାରଦ ଦୁଇ | କାଳି ଚରଣ ମାଝୀ, ଦୁବରାଜ ମାଝୀ, ପି:ଚରଣ ମାଝୀ, ଜା:ସାନ୍ତାଳ, ବା:ଭୁରୁଡୁବଣି |
| 17 | 164 | 0.30 | 0.07 | ଶାରଦ ଦୁଇ | କୈଳାସ ଚନ୍ଦ୍ର ମହାନ୍ତି, ରାଧା ଗୋବିନ୍ଦ ମହାନ୍ତି, ପି:ଶ୍ୟାମ ସୁନ୍ଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| 32 | 146/544 | 0.26 | 0.01 | ଶାରଦ ଦୁଇ | ଜଗବନ୍ଧୁ ମହାନ୍ତି, ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି:ଦାମୋଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| | 146/545 | 0.12 | 0.06 | ଶାରଦ ଦୁଇ | |
| | 147 | 0.17 | 0.06 | ଶାରଦ ଦୁଇ | |
| | 391 | 0.34 | 0.06 | ଶାରଦ ଦୁଇ | |
| | 103 | 0.25 | 0.01 | ଶାରଦ ଦୁଇ | |
| 34 | 151 | 0.45 | 0.15 | ଶାରଦ ଦୁଇ | ଜଗଦିଶ ଚନ୍ଦ୍ର ମହାନ୍ତି, ପି:ଭଗବାନ ଚନ୍ଦ୍ର ମହାନ୍ତି, ଜା:କରଣ, ବା:ବାଉଁଶକୋଠି, ଜି–ମେଦିନପୁର |
| | 162 | 0.42 | 0.01 | ଶାରଦ ଦୁଇ | |
| 37 | 390 | 0.26 | 0.06 | ଶାରଦ ଦୁଇ | ଡମନ ବେହେରା, ପି:ବୈଷ୍ଣବ ବେହେରା, ଜା:ମାହେଶ, ବା:କୁଳଶୁଳ, ଜି–ମେଦିନିପୁର |
| 39 | 104 | 0.26 | 0.12 | ଶାରଦ ଦୁଇ | ତୁଳସୀ ମାଝୀ, ପି:ସମ୍ଭୁ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 41 | 3 | 0.37 | 0.28 | ଶାରଦ ଦୁଇ | ଦାଶରଥି ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ମୁରଲୀ ସିଂ, ପି:କଟି ସିଂ, ଜା:ଭୂମିଜ, ବା:ତୋଟାପଡା |
| 48 | 395 | 0.09 | 0.08 | ଶାରଦ ଦୁଇ | ନବଘନ ମହାନ୍ତି, ନିରଞ୍ଜନ ମହାନ୍ତି, ପି:ରଘୁନାଥ ମହାନ୍ତି, ଜା:କରଣ, ବା:ନିଜଗାଁ |
| | 393 | 0.29 | 0.08 | ଶାରଦ ଦୁଇ | |
| 57 | 187 | 0.53 | 0.17 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି:ପହଲି ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 58 | 107 | 0.81 | 0.10 | ଶାରଦ ଦୁଇ | ଭାଗବତ ନାଏକ, ପି:ପୁରୁଷୋତ୍ତମ ନାଏକ, ଜା:ତନ୍ତୀ, ବା:ନିଜଗାଁ |
| 65 | 105 | 0.24 | 0.14 | ଶାରଦ ଦୁଇ | ବଂଶୀଧର ପଧାନ, ଲକ୍ଷ୍ମୀଧର ପଧାନ, କୈଳାଶ ପଧାନ, ରାମେଶ୍ୱର ପଧାନ, ପି:ବିର ପଧାନ, ଜା:ଗୋପାଳ, ବା:ନିଜଗାଁ |
| 93 | 165 | 0.31 | 0.06 | ଶାରଦ ଦୁଇ | ମହେଶ୍ୱର ଜେନା, ସୋମନାଥ ଜେନା, ପି: ମୋହନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| | 192 | 0.15 | 0.08 | ଶାରଦ ଏକ | |
| 94 | 135 | 0.58 | 0.09 | ଶାରଦ ଦୁଇ | ଦୀନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ଯଶୋଦା ଜେନା, ଶ୍ରୀମତି ପ୍ରଧାନ, ସୁକାନ୍ତୀ ମଲ୍ଲିକ, ଜୟନ୍ତୀ ଗିରି, ରେବତୀ ସାମଲ, ପି:ସମ୍ଭୁନାଥ ଜେନା, ସରୋଜିନୀ ଜେନା, ସ୍ୱା:କୈଳାସ ଜେନା, କାର୍ତ୍ତିକ ଜେନା, ସୁଦାମ ଜେନା, ପଦ୍ମଲୋଚନ ଜେନା, ମନୋଜ ଜେନା, ମାନସ ଜେନା, ଗୀତାଞ୍ଜଳି ଜେନା, ପି:କୈଳାସ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| | 190 | 0.68 | 0.09 | ଶାରଦ ଏକ | |
| | 108 | 0.45 | 0.26 | ଶାରଦ ଦୁଇ | |
| 97 | 416 | 0.50 | 0.13 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି:ଦାମଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| 98 | 109 | 0.39 | 0.15 | ଶାରଦ ଦୁଇ | ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି:ଦାମୋଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| 105 | 193 | 0.36 | 0.02 | ଶାରଦ ଏକ | ଦିନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ପି:ସମ୍ଭୁନାଥ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 117 | 403 | 0.22 | 0.03 | ଶାରଦ ଦୁଇ | ସାରଦାମଣି ଲେଙ୍କା, ସ୍ୱା:ମହେଶ୍ୱର ଲେଙ୍କା, ଜା:ଖଣ୍ଡାୟତ, ଦ୍ରୌପଦୀ ନାୟକ, ସ୍ୱା:କିଶୋରୀ ନାୟକ, ଜା:ଭୂୟାଁ, ବା:ପାଇକସାହି |
| 124/12 | 392 | 0.12 | 0.02 | ଶାରଦ ଦୁଇ | କନ୍ଦା ମାଝୀ, ମାନସା ମାଝୀ, ପି:ସରେନ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 124/39 | 106 | 0.65 | 0.14 | ଶାରଦ ଦୁଇ | ଲୁସ୍କୁ ମାଝୀ, ଶ୍ୟାମ ମାଝୀ, ମୋହନ ମାଝୀ, ପି:ମାହାତାନ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 124/53 | 64/624 | 0.25 | 0.06 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ସ୍ୱା:ଗୋପାଳ ମହାନ୍ତ, ଜା:କୁଡୁମି, ବା:ହାଟସାହି |
| 124/56 | 397 | 0.35 | 0.14 | ଶାରଦ ଦୁଇ | ପ୍ରକାଶ କୁମାର ମହାନ୍ତି, ପି:ବିପିନ ଚନ୍ଦ୍ର ମହାନ୍ତି, ଜା:ଖଣ୍ଡାୟତ, ବା:ହରିପୁର |
| 124/63 | 113/630 | 0.90 | 0.12 | ଶାରଦ ଦୁଇ | ସନ୍ତୋଷ ମହାନ୍ତ, ପି:ହାଡିରାମ ମହାନ୍ତ, ଜା:କୁଡୁମି, ବା:ଟୁକପଳାସିଆ |
| 124/64 | 64 | 0.13 | 0.10 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ପି:ଗୋପାଳ ଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ହାଟସାହି |
| | 65 | 0.40 | 0.16 | ଶାରଦ ଦୁଇ | |
| 124/71 | 163 | 0.32 | 0.07 | ଶାରଦ ଦୁଇ | ଲମ୍ବୋଦର ପାତ୍ର, ପି:ପୂର୍ଣ୍ଣ ଚନ୍ଦ୍ର ପାତ୍ର, ଜା:ଖଣ୍ଡାୟତ, ବା:ହାଟସାହି |
| 124/77 | 156 | 0.68 | 0.14 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି:ପହଲି ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/82 | 396 | 0.25 | 0.10 | ଶାରଦ ଦୁଇ | ଜଳଧର ନାୟକ, ପି:ଦିବାକର ନାୟକ, ଜା:ଖଣ୍ଡାୟତ, ବା:ପାଇକସାହି |
| 124/83 | 18 | 0.92 | 0.55 | ଶାରଦ ଦୁଇ | ସୌମ୍ୟଜିତ ନାୟକ, ପି:ସନାତନ ନାୟକ, ଜା:ତନ୍ତୀ, ବା:ନିଜଗାଁ |
| 124/85 | 3/542 | 0.47 | 0.34 | ଶାରଦ ଦୁଇ | ହାମ୍ବାଏ ହାଁସଦାଃ, ପି:ପର୍ଶୁ ହାଁସଦାଃ, ଜା:ସାନ୍ତାଳ, ବା:ହାଟସାହି |
| 124/95 | 211 | 0.41 | 0.21 | ଶାରଦ ଦୁଇ | ବ୍ରଜମୋହନ ଭୋଇ, ପି:ନରେନ୍ଦ୍ର ଭୋଇ, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/100 | 157 | 0.20 | 0.01 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି:ପହଲି ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/101 | 205 | 0.56 | 0.08 | ଶାରଦ ଦୁଇ | ଗୀତାଞ୍ଜଳି ମହାନ୍ତି, ସ୍ୱା:ସୁଶାନ୍ତ କୁମାର ମହାନ୍ତି,ଜା:କରଣ, ବା:ନିଜଗାଁ |
| | 205/664 | 0.04 | 0.04 | ଘରବାରି | |
| 124/107 | 209 | 0.30 | 0.11 | ଶାରଦ ଦୁଇ | ଚନ୍ଦ୍ରମଣି ଭୋଇ,ସ୍ୱା:ନଟବର ଭୋଇ, ରାଧାଗୋବିନ୍ଦ ଭୋଇ, ପରମାନନ୍ଦ ଭୋଇ, ସତ୍ୟାନନ୍ଦ ଭୋଇ, ପି:ନଟବର ଭୋଇ, ହରିହର ଭୋଇ, ରମେଶ ଚନ୍ଦ୍ର ଭୋଇ, ଉମେଶ ଚନ୍ଦ୍ର ଭୋଇ, ପି:କସ୍ତୁରୁ ଭୋଇ, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/118 | 111 | 0.23 | 0.05 | ଶାରଦ ଦୁଇ | ପ୍ରଫୁଲ୍ଲ ମଳିକ, ପି:ପୂର୍ଣ୍ଣଚନ୍ଦ୍ର ମଳିକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/126 | 368/580 | 0.18 | 0.05 | ଶାରଦ ଏକ | ରାମଚନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା, ଉମାକାନ୍ତ ଜେନା, ପି:ଫକିର ଜେନା, ଜା:ଖଣ୍ଡାୟତ, ବା:ପାଇକସାହି |
| 124/138 | 414/666 /670 | 0.04 | 0.04 | ଘରବାରି | ପଦ୍ମାବତୀ ଧାଉଁଡିଆ, ସ୍ୱା:ମୁରଲୀ ଧାଉଁଡିଆ, ମୁରଲୀ ଧାଉଁଡିଆ, ପି:ପୂର୍ଣ୍ଣଚନ୍ଦ୍ର ଧାଉଁଡିଆ, ଜା:ଗଉଡ, ବା:ଅସନଖାଲି |
| 124/140 | 414/666 /672 | 0.04 | 0.04 | ଘରବାରି | ଜ୍ୟୋସ୍ନା ବିନ୍ଧାଣୀ, ସ୍ୱା:ରୁନା ବିନ୍ଧାଣୀ, ରୁନା ବିନ୍ଧାଣୀ, ପି:ରବି ବିନ୍ଧାଣୀ, ଜା:କମାର, ବା:ତୋଟାପଡା |
| 132/7 | 66 | 0.88 | 0.21 | ଶାରଦ ଦୁଇ | ଶ୍ରୀଗ୍ରାମ ଦେବତୀ ବାସୁଳୀ ଠାକୁରାଣୀ ବିଜେ ହାଟସାହି, ମାର୍ଫତ କପିଳ ଚରଣ ନାୟକ, ପି:ରବିନ୍ଦ୍ର ରାଉତ, ବା:ହାଟସାହି |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 97 | 416 | | 0.05 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି:ଦାମଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| ମୋଟ | ୫୨ ପ୍ଲଟକୁ | ଏ.୧୯.୫୪ ଡେ.ମି. | ଏ. ୫.୬୯ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/14/0231/2526

## ବସ୍‌ଷ୍ଟାଣ୍ଡ ପାଇଁ ଗଛକଟାକୁ ବିରୋଧ | କୋଲକାତା ଆଇନଜୀବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

ବାରିପଦା, ୨୦।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପାଲବଣୀଠାରେ ଆନ୍ତଃରାଜ୍ୟ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଲିଥିବା ଗଛକଟାକୁ ତୀବ୍ର ବିରୋଧ କରାଯାଇଛି। ପରିବେଶବିତ୍ ଓ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାକୁ ପରିବେଶଗତ ସଙ୍କଟର ସଙ୍କେତ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାକୁ ନେଇ କଲିକତା ହାଇକୋର୍ଟ ଆଇନଜୀବୀ ଆକାଶ ଶର୍ମା ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଏକ ଲେଟର ପିଟିଶନ ପଠାଇ ତୁରନ୍ତ ଗଛକଟା ବନ୍ଦ କରିବାକୁ ଦାବି କରିଛନ୍ତି। ଏହାସହିତ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପ୍ରଧାନ ମୁଖ୍ୟ ବନସଂରକ୍ଷକ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ, ମୟୂରଭଞ୍ଜ ଜିଲାପାଳ ଓ ବାରିପଦା ବନଖଣ୍ଡ ଅଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଛି।

ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୫ ଏକର ଜମି ଚିହ୍ନଟ କରାଯାଇ ବନ ବିଭାଗ ଅନୁମତିକ୍ରମେ ଗଛକଟା ଆରମ୍ଭ ହୋଇଛି। ରିପୋର୍ଟରେ ୧,୬୮୯ ଗଛ ଦର୍ଶାଯାଇଥିବା ବେଳେ ପାଖାପାଖି ୫ ହଜାର ଗଛକଟା ହେବା ଚିନ୍ତାଜନକ ହୋଇଛି। ଅବାଧ ଭାବେ ଗଛକଟାକୁ ନେଇ

### ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଲିଛି ଗଛକଟା

ବାରିପଦା,୧୯।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦାସ୍ଥିତ ପାଲବଣୀଠାରେ ଆନ୍ତଃରାଜ୍ୟ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନେକ ହଜାର ଗଛ କଟାଯାଉଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିବେଶବିତ୍ ତଥା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଗଛକଟା ବନ୍ଦ କରାଯାଉ ବୋଲି ସୋସିଆଲ ମିଡିଆରେ ନିବେଦନ କରିଛନ୍ତି। ପ୍ରସ୍ତାବିତ ବସ୍ଷ୍ଟାଣ୍ଡ ୫ ଏକର ଜମିରେ ନିର୍ମାଣ ହେବ। ଏଥିପାଇଁ ବୁଧବାର ପ୍ରାୟ ୫,୦୦୦ ଗଛ କଟାଯାଇଛି। ଗଛ କଟା କେବଳ ୫ ଏକର ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଆଗାମୀ ଦିନରେ ଆଖପାଖ ୩୬ ଏକର ଜମିରୁ ଅଧିକ ଗଛ କଟାଯିବ। ଖୋଲା ଓ ସବୁଜ ସ୍ଥାନ ସଙ୍କୁଚିତ ହେଉଥିବାରୁ ଏହି ଜମିକୁ ସହରାଞ୍ଚଳ ଜଙ୍ଗଲ ଭାବରେ ସଂରକ୍ଷିତ କରାଯାଇପାରିଥାନ୍ତା। ଏତେ ଗଛକଟା ହେଲେ ପକ୍ଷୀ ଏବଂ କୀଟପତଙ୍ଗଙ୍କ ବାସସ୍ଥାନ ହରାଇବେ। ଜିଲା ପ୍ରଶାସନ ଯଦି ଗଛ କାଟିବା କାର୍ଯ୍ୟ କରେ, ତେବେ ବନ ସୁରକ୍ଷା ଗୋଷ୍ଠୀ ନିରୁତ୍ସାହିତ ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଆନ୍ତଃରାଜ୍ୟ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରର ପାଲବଣୀ ଅଞ୍ଚଳକୁ ଚିହ୍ନଟ କରାଯାଇଥିଲା। ରାଜସ୍ୱ ବିଭାଗ, ଓଏଫ୍‌ଡିସି, ବନ ବିଭାଗ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ପକ୍ଷରୁ ମିଳିତ ତଦନ୍ତ କରାଯାଇ ୫ଏକର ଜମି ବିଶିଷ୍ଟ ଅଣଜଙ୍ଗଲ ଜମିରେ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଧାର୍ଯ୍ୟ କରାଯାଇଥିଲା। ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୨୦୯/୧୫।୧୨।୨୦୨୫ରେ ବାରିପଦା ରେଞ୍ଜ ଅଧିକାରୀଙ୍କୁ ଉକ୍ତ ଜମିରେ ଥିବା ୧୬୮୯ ଗଛ କାଟିବାକୁ ଅନୁମତି ଦିଆଯାଇଥିଲା। ଓଏଫ୍‌ଡିସି ପକ୍ଷରୁ ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଛି। ଚିହ୍ନଟ ସ୍ଥାନରେ ପାଖାପାଖି ୫ ହଜାର ଗଛ ଥିବାବେଳେ ଏହା ସହରକୁ ସବୁଜ ସୁନ୍ଦର ଭାବେ ତୋଳି ରଖିଛି। ଅନ୍ୟପକ୍ଷରେ ସହରରେ ବହୁ ସରକାରୀ ଜାଗା ଥିବା ସତ୍ତ୍ୱେ ପାଲବଣୀ ଅଞ୍ଚଳରୁ ଏତେ ସଂଖ୍ୟକ ଗଛ କାଟିବା ଦୁର୍ଭାଗ୍ୟଜନକ ବୋଲି ଜିଲାର ଅଗ୍ରଣୀ ଛାତ୍ର ସଂଗଠନ ଭଞ୍ଜସେନା କହିଛି। ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ବହୁମାତ୍ରାରେ ଯୋଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନୂତନ ବସ୍ଷ୍ଟାଣ୍ଡ ନିର୍ମାଣ ସ୍ଥାନ ଚିହ୍ନଟ ଓ ସେଠାରେ ହଜାର ହଜାର ଗଛ କଟାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗା କେଶରୀ ଜେନା କହିଛନ୍ତି। ସଂଗଠନ ପକ୍ଷରୁ ଗଛ ନ କାଟି ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍ଷ୍ଟାଣ୍ଡ ଅନ୍ୟତ୍ର ନିର୍ମାଣ ପାଇଁ ୪/୫ ମାସ ପୂର୍ବରୁ ମୟୂରଭଞ୍ଜ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ତା'ସତ୍ତ୍ୱେ ସେହି ଜାଗାରେ ହଜାର ହଜାର ଗଛ କାଟି ବସ୍ଷ୍ଟାଣ୍ଡ ନିର୍ମାଣ କରିବାର ଜିଦ ପ୍ରକୃତରେ ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ପ୍ରଦାନ ପାଇଁ ଜିଲା ପ୍ରଶାସନ ପ୍ରତ୍ୟକ୍ଷ ସହଯୋଗ କରୁଛି ବୋଲି ସଂଗଠନ ଅଭିଯୋଗ କରିଛି। ଏଭଳି କାର୍ଯ୍ୟ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆଇନର ଆଶ୍ରୟ ନେବ ବୋଲି ଭଞ୍ଜସେନା ଚେତାବନୀ ଦେଇଛି।



ମୟୂରଭଞ୍ଜ ଜିଲା ପ୍ରଶାସନର ଅନୁମତିକ୍ରମେ ବାରିପଦାସ୍ଥିତ ପାଲବଣୀଠାରେ ଗଛକଟା ଚାଲିଛି।

ଧରିତ୍ରୀରେ ଡିସେମ୍ବର ୨୦ରେ ପ୍ରକାଶିତ ଖବର।

ଆଇନଜୀବୀ ଶର୍ମା ପ୍ରକଳ୍ପ ପାଇଁ ଅନୁମୋଦିତ ବୃକ୍ଷ ତୁଳନାରେ ଅଧିକ କଟାଯାଇଥିବା ନେଇ ଧରିତ୍ରୀରେ ପ୍ରକାଶିତ ସ୍ୱତନ୍ତ୍ର ରିପୋର୍ଟରୁ ଜାଣିବାକୁ ପାଇଥିଲେ। ଗଛକଟାର ଫଟୋ, ଭିଡିଓ ଏବଂ ସାଟେଲାଇଟ ଚିତ୍ର ମାଧ୍ୟମରେ ତାହାକୁ ପ୍ରମାଣିତ କରିଛି। ୪୦/୫୦ବର୍ଷର ପୁରୁଣା ଗଛକୁ ଦିନରାତି ଏକକରି କାଟିବା ସହିତ ପରିବହନ କରାଯାଉଛି। ଦିନ ବଦଳରେ ରାତିରେ ତରବରିଆ ଭାବେ କାହିଁକି ଗଛ କଟାଯାଉଛି ବୋଲି ଆଇନଜୀବୀ ଶର୍ମା ଅଭିଯୋଗରେ ଦର୍ଶାଇଛନ୍ତି। ଏପରି କି ସତକୁ ଲୁଚାଇବା ପାଇଁ କଟାଯାଇଥିବା ଗଛକୁ ଗୁପ୍ତରେ ନିଆଯାଉଛି। ସାଟେଲାଇଟ୍ ଚିତ୍ର(ଗୁଗୁଲ ଆର୍ଥ ପ୍ରୋ) ଅନୁଯାୟୀ ପ୍ରକଳ୍ପ କ୍ଷେତ୍ରଫଳ ସରକାରୀ ସ୍ତରରେ ୫ ଏକର ନୁହେଁ, ବରଂ ସମଗ୍ର ୩୬.୮୩ ଏକର ଅଞ୍ଚଳରେ ଏହା କ୍ରମାଗତ ଭାବେ ବିସ୍ତାରିତ ହେବାର ଆଶଙ୍କା ରହିଛି ବୋଲି ସେ ଦର୍ଶାଇଛନ୍ତି। ଏହି ସବୁଜ ବନାନୀର ବିନାଶ ଯୋଗୁ ବାରିପଦା ସହର ଏକଦା ବିଶ୍ୱର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ଚାଷ, ଜୀବନଜୀବିକା ଓ ପରିବେଶ ପ୍ରତି କ୍ଷତି ପହଞ୍ଚିବା ଯୋଗୁ ସାଧାରଣ ଲୋକେ ଏବେ ପ୍ରମାଦ ଗଣୁଛନ୍ତି। ସେହିପରି ଗଛ କାଟିବା ଦ୍ୱାରା ଜଳବାୟୁର ତାପମାତ୍ରା ବୃଦ୍ଧି ପାଇବା ସହ ପ୍ରତିରୋଧ କ୍ଷମତା ହ୍ରାସ ପାଇବ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି। ଏପରି କି ପ୍ରକଳ୍ପ ପାଇଁ କୌଣସି ଯଥାର୍ଥ ସ୍ଥାନ ଚିହ୍ନଟ ନ କରିବା, ଜନପରାମର୍ଶ ନ ନେବା, ଆବଶ୍ୟକ ଅନୁମତି ଓ ସ୍ୱଚ୍ଛତା ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ। ସହର ସୀମା ମଧ୍ୟରେ ଏକ ସମ୍ପୂର୍ଣ୍ଣ ଜଙ୍ଗଲ ଅଞ୍ଚଳକୁ ପ୍ରଶାସନ କାହିଁକି ବାଛିଲା, ସେନେଇ କୌଣସି ବିଶ୍ୱସନୀୟ ବାଖ୍ୟା ପ୍ରଦାନ କରାଯାଇନାହିଁ। ଏପରି କି କ୍ଷତିପୂରଣ ବାବଦରେ ୨/୩ଗୁଣା ଚାରାରୋପଣ କରାଯିବା ଅପର୍ଯ୍ୟାପ୍ତ ହେବ। ନୂତନ ଚାରା ଲଗାଇ ବଞ୍ଚାଇବା ହାର କମ୍ ରହିଥିବାବେଳେ ଜୈବବିବିଧତା ହ୍ରାସ ହେବ ବୋଲି ଅଭିଯୋଗରେ ସେ ଦର୍ଶାଇଛନ୍ତି। ଗଛ କାଟିବା ମଣିଷ ହତ୍ୟାଠାରୁ ମଧ୍ୟ ଭୟଙ୍କର ବୋଲି ସୁପ୍ରିମକୋର୍ଟଙ୍କ ଏକ ଟିପ୍ପଣୀକୁ ଆଇନଜୀବୀ ଶର୍ମା ଆବେଦନରେ ଉଲ୍ଲେଖ କରିଛନ୍ତି । ଏହାସହ ପ୍ରଶାସନର ମିଳିତ ଷଡ଼ଯନ୍ତ୍ରକୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ଗଛ କାଟିବା ବନ୍ଦ କରିବା, ୩୬.୮୩ ଏକର ସବୁଜ ଅଞ୍ଚଳରେ ସ୍ଥିତି ବଜାୟ ରଖିବା, ସମସ୍ତ ଅନୁମତି ପ୍ରକାଶ କରିବା ଏବଂ ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

---

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**WITHDRAWAL NOTIFICATION**

**No RDM-LAA-BLS-0005-2023-13873** **/R&DM, dated:11.04.2025**

In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw an area of **Ac.1.06 dec.** out of the total notified area of Ac.14.496 dec. as per the land schedule attached herewith from acquisition of land in Village-Lachhmankhunta, Tahasil-Basta, P.S-Basta No. 146, District- Balasore covered by Revenue & DM Department Notification No. 4790 dated 21.02.2024 published in the extraordinary issue of the Odisha Gazette No.920 dated 08.04.2024 for construction of Baisinga Branch Canal, Haripur distributary, Kura Minor, Lachhmankhunta sub-minor, Paschimsimilia sub-minor under Subarnarekha Irrigation Project of which possession has not been taken.

**ପ୍ରତ୍ୟାହାର ଭୂମି ଅନୁସୂଚି**

ଭୂଅର୍ଜନ ମାମଲା ସଂଖ୍ୟା–୨୧/୨୦୨୨
ଏ ୧.୦୬ ଡେ.ମି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କୁରା ମାଇନର ନିମନ୍ତେ ମୌଜା–ଲଛମନଖୁଣ୍ଟା, ଥାନା–ବସ୍ତା–୧୪୬, ତହସିଲ–ବସ୍ତା, ଜିଲ୍ଲା–ବାଲେଶ୍ୱର**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | Notified Area | ପ୍ରତ୍ୟାହାର ରକବା | ଅବଶିଷ୍ଟ ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୨୫୦ | ୫୫୭ | ୦.୩୬ | ୦.୧୪ | ଘରବାରି | ୦.୧୪ | ୦.୦୪ | ୦.୧୦ | ମୀର ରୋଶେନ ଅଲ୍ଲୀ, ପି: ସୟଦ ମହମ୍ମଦ ଅଲ୍ଲୀ, ଜା:ମୁସଲମାନ, ବା:ନିଜଗାଁ | |
| | ୫୬୧ | ୦.୪୩ | ୦.୦୭ | ଘରବାରି | ୦.୦୭ | ୦.୦୫ | ୦.୦୨ | | |
| ୨୯୩ | ୭୪୬ | ୩.୫୨ | ୦.୩୯ | ଚକ | ୦.୩୯ | ୦.୩୯ | ୦.୦୦ | ସାହେବୁନ ନିଶା ବିବି ସ୍ୱା:ମହମ୍ମଦ ଅବଦୁଲ ଫାରୁକ, ଜା:ମୁସଲମାନ, ବା:ନିଜଗାଁ | |
| ୩୪୧/୯ | ୭୪୬/୧୧୬୨ | ୧.୫୦ | ୦.୨୧ | ଚକ | ୦.୨୧ | ୦.୨୧ | ୦.୦୦ | ଏମାମି ଖାଁ, ପି:ରହେମତ ଖାଁ, ଜା:ମୁସଲମାନ, ବା:ନିଜଗାଁ | |
| ୩୪୧/୧୧ | ୭୪୬/୧୧୫୫ | ୧.୦୧ | ୦.୨୨ | ଚକ | ୦.୨୨ | ୦.୨୨ | ୦.୦୦ | ରସୁଲ ଖାଁ, ପି:ଅମୁଦ ଖାଁ, ଜା:ମୁସଲମାନ, ବା:ଲଛମନଖୁଣ୍ଟା | |
| ୩୪୧/୨୩ | ୭୪୬/୧୧୬୧ | ୧.୦୦ | ୦.୧୫ | ଚକ | ୦.୧୫ | ୦.୧୫ | ୦.୦୦ | ଆକବର ଖାନ, ପି:ଆସଲାମ ଖାନ, ଜା:ମୁସଲମାନ, ବା:ନିଜଗାଁ | |
| ମୋଟ | ୬ | ୭.୮୨ | ୧.୧୮ | | ୧.୧୮ | ୧.୦୬ | ୦.୧୨ | | |

**By Order of the Governor**
**Suranjan Pradhan**
**Additional Secretary to Government**

**OIPR-24001/14/0234/2526**

---

# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-MBJ-0018-2024-17719** **R&DM, Dated 14.05.2025**

No. XXI-32: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ଅଶନଖାଲି, ଥାନା–ବୈଶିଙ୍ଗା, ନଂ.୨୧୯, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ହାଣ୍ଡିଧୁଆ ଏବଂ ଅଶନଖାଲି ସବ୍–ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୨୭୨୫, ତା.୧୨.୦୭.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଅଶନଖାଲି, ଥାନା–ବୈଶିଙ୍ଗା, ନଂ.୨୧୯, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ–କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା–ମୟୂରଭଞ୍ଜ — ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅଶନଖାଲି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୬୦.୨୨ | ଏକର ୯.୬୩ | ଏଥିସହିତ ସଂଲଗ୍ନ |

**ତଫସିଲ–ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା–ମୟୂରଭଞ୍ଜ — ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୦୧.୧୧.୨୦୨୪

## ଭୂମି ଅନୁସୂଚୀ

ଭୂ–ଅର୍ଜନ ମାମଲା ସଂଖ୍ୟା–୧୧୬/୨୦୨୩
ଏ.୯.୬୩ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ହାଣ୍ଡିଧୁଆ ସବ୍–ମାଇନର ଏବଂ ଅସନଖାଲି ସବ୍–ମାଇନର–୧ ଏବଂ ୨, ଟେଲ ମାଇନର ନିମନ୍ତେ ମୌଜା–ଅସନଖାଲି, ଥାନା–ବୈଶିଙ୍ଗା ନଂ.–୨୧୯, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| 10 | 447 | 1.73 | 0.12 | ଶାରଦ ଦୁଇ | ଉମାକାନ୍ତ ଦାସ, ପି.ଗୁରୁ ଅଭିରାମ ପରମହଂସ, ଜା.ବୈଷ୍ଣବ, ବା.ନିଜଗାଁ |
| | 572 | 0.15 | 0.01 | ଶାରଦ ଏକ | |
| | 676 | 1.24 | 0.30 | ଶାରଦ ଏକ | |
| | 681 | 0.96 | 0.06 | ଶାରଦ ଏକ | |
| | 683 | 1.53 | 0.11 | ଶାରଦ ଏକ | |
| | 571/712 | 0.25 | 0.13 | ଶାରଦ ଏକ | |
| 16 | 27 | 1.50 | 0.15 | ଶାରଦ ଏକ | କାଳି ଚରଣ ମାଝୀ, ପି:ବାର୍ସା ମାଝୀ, ଜା:ସାନ୍ତାଳ, ବା:ସାମାନନ୍ଦପୁର |
| 28 | 148 | 0.20 | 0.05 | ଶାରଦ ତିନି | ଗଗନ ବେହେରା, ପି:ଦୈନ ବେହେରା, ଜା:ଗୋଲା, ବା:ନିଜଗାଁ |
| 32 | 353 | 0.48 | 0.23 | ଶାରଦ ଏକ | ଗଜେନ୍ଦ୍ର ମାହାନ୍ତ, ମାଲି ମାହାନ୍ତ, ପି:ମୋଚିରାମ ମାହାନ୍ତ, ସାଦୁ ମାହାନ୍ତ, ସ୍ୱା:ପ୍ରେମ ମାହାନ୍ତ, ଜା:କୁଡୁମି,ବା:ନିଜଗାଁ |
| 34 | 92 | 0.74 | 0.31 | ଶାରଦ ଏକ | ଗଜେନ୍ଦ୍ର ପରିଡା, ପି:ବିଶୋ ପରିଡା, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 46 | 425 | 0.83 | 0.12 | ଶାରଦ ଏକ | ଚକ୍ରଧର ନାୟକ, ଗଦାଧର ନାୟକ, ପି:ହରେକୃଷ୍ଣ ନାୟକ, ଜା:ଖଣ୍ଡାୟତ, ବା:ନିଜଗାଁ |
| | 429 | 0.70 | 0.27 | ଶାରଦ ଏକ | |
| | 146 | 0.06 | 0.06 | ଶାରଦ ତିନି | |
| 54 | 571 | 0.22 | 0.13 | ଶାରଦ ଏକ | ଛୋଟରାଏ ମାଝୀ, ପି:କୁଶୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 59 | 687 | 1.06 | 0.07 | ଶାରଦ ଏକ | ଜଗଦିଶ ଚନ୍ଦ୍ର ମାହାନ୍ତି, ପି:ଭଗବାନ ଚନ୍ଦ୍ର ମାହାନ୍ତି, ଜା:କରଣ, ବା:ବାଆଁଶକୁଠି |
| 62 | 438 | 1.27 | 0.15 | ଶାରଦ ଏକ | ଜନାର୍ଦ୍ଦନ ପଣ୍ଡା, ପି:ଦୈତାରି ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 467 | 0.65 | 0.24 | ଶାରଦ ଦୁଇ | |
| | 469 | 0.85 | 0.10 | ଶାରଦ ଦୁଇ | |
| | 472 | 0.13 | 0.07 | ଶାରଦ ଦୁଇ | |
| 63 | 354 | 0.70 | 0.04 | ଶାରଦ ଏକ | ଶ୍ରୀ କଖାରୁଆ ବୈଦ୍ୟନାଥ ମହାଦେବ ବିଜେ ନିଜଗାଁ ମାର୍ଫତ ବା:ଜନାର୍ଦ୍ଦନ ପଣ୍ଡା, ପି:ଦୈତାରୀ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| 64 | 427 | 0.76 | 0.10 | ଶାରଦ ଏକ | ଜଗନ୍ନାଥ ଜେନା, ପି:ଭାଗବତ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 77 | 149 | 0.48 | 0.07 | ଶାରଦ ତିନି | ଦାମୋଦର ମହାନ୍ତ, ଉମେଶ ମହାନ୍ତ, ପି:ଆହ୍ଲାଦ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 343 | 0.09 | 0.02 | ଶାରଦ ଏକ | |
| 84 | 569 | 1.25 | 0.26 | ଶାରଦ ଏକ | ଜାନକୀ ନାଏକ, ସ୍ୱା:ନରହରି ନାଏକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 89 | 473 | 0.08 | 0.03 | ଶାରଦ ଦୁଇ | ନାରାୟଣ ଧଳ, ପି:ନରସିଂହ ଧଳ, ଜା:ରଜକ, ବା:ଶ୍ୟାମନନ୍ଦପୁର |
| 91 | 442 | 1.00 | 0.15 | ଶାରଦ ଦୁଇ | ନାରାୟଣ ଜେନା, ହରିଶ୍ଚନ୍ଦ୍ର ଜେନା, ପି:ଜଗନ୍ନାଥ ଜେନା, ରାଧାମଣି ପ୍ରଧାନ, ସରସ୍ୱତୀ ପ୍ରଧାନ, ପି:ମହନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ, ରାଧାମଣି ପ୍ରଧାନ, ସରସ୍ୱତୀ ପ୍ରଧାନ ଅଂଶପକ୍ଷେ ଜବରଦଖଲ, ନାରାୟଣ ଜେନା, ହରିଶ୍ଚନ୍ଦ୍ର ଜେନା, ଖାତା ରୟତ, |
| 92 | 688 | 0.70 | 0.05 | ଶାରଦ ଏକ | ନିରଞ୍ଜନ ବାରିକ, ଗିରିଶ ବାରିକ, ବାସନ୍ତୀ ବାରିକ, ସୁଶାନ୍ତୀ ବାରିକ, ପି:ଗଙ୍ଗାଧର ବାରିକ, ଆସାମଣି ବାରିକ, ସ୍ୱା:ଗଙ୍ଗାଧର ବାରିକ, ଗୋକୁଳି ବାରିକ, ଶ୍ରୀନାଥ ବାରିକ, ପି:ହରି ବାରିକ, ଜା:ଭଣ୍ଡାରୀ, ବା:ପାଇକସାହି |
| 95 | 567 | 0.89 | 0.21 | ଶାରଦ ଏକ | ପରମେଶ୍ୱର ବେହେରା, ପି:ମାଧବ ଚନ୍ଦ୍ର ବେହେରା, ଜା:କୈବର୍ତ୍ତ, ବା:ନିଜଗାଁ |
| | 671 | 0.74 | 0.20 | ଶାରଦ ଏକ | |
| 124 | 342 | 0.78 | 0.01 | ଶାରଦ ଏକ | ବାଇୟା ମାଝୀ, ପି:ସାଉନା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 129 | 672 | 0.31 | 0.12 | ଶାରଦ ଏକ | ବିରଜାମଣି ପଧାନ, ସ୍ୱା:ପ୍ରଭାକର ପଧାନ, ଜା:ଖଣ୍ଡାୟତ, ବା:ନିଜଗାଁ |
| 140 | 377 | 0.69 | 0.10 | ଶାରଦ ଏକ | ଭଗବାନ ଜେନା, ପି:ଚେମା ଜେନା, ଜା:ଖଣ୍ଡାୟତ, ବା:ଶ୍ୟାମାନନ୍ଦପୁର |
| 144 | 687/733 | 0.84 | 0.02 | ଶାରଦ ଏକ | ଭାଗବତ ସାହୁ, ପି:ଦିନବନ୍ଧୁ ସାହୁ, ଜା:କୁବେର, ବା:ହାଟସାହି |
| 146 | 466 | 1.29 | 0.18 | ଶାରଦ ଦୁଇ | ଭାସ୍କର ରାଉତ, ପି:ବାବୁ ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| 158 | 96 | 0.49 | 0.01 | ଶାରଦ ଏକ | ରମାନାଥ ରାଉଳ, ପି:ପାଣ୍ଡବ ରାଉଳ, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 166 | 432 | 0.59 | 0.14 | ଶାରଦ ଏକ | ରାଧାମଣି ପ୍ରଧାନ, ସରସ୍ୱତୀ ପ୍ରଧାନ, ପି:ମହନ ଜେନା, ଜା:ଖଣ୍ଡାୟତ, ବା:ସିଙ୍ଗାରପୁର |
| 176 | 568 | 0.32 | 0.07 | ଶାରଦ ଏକ | ରୁକୁମଣି ଗୁଛାୟତ, ସ୍ୱା:ଭିମ ଗୁଛାୟତ, ଜା:ଖଣ୍ଡାୟତ, ବା:ନିଜଗାଁ |
| 189 | 422 | 0.04 | 0.04 | ଶାରଦ ଏକ | ସନ୍ନ୍ୟାସୀ ପାଣି, ପି:ଭଗବାନ ପାଣି, ଜା:ବ୍ରାହ୍ମଣ, ବା:ମାଣିକପୁର |
| 195 | 692 | 0.20 | 0.06 | ଶାରଦ ଏକ | ଶଶି ଭୁଷଣ ପଣ୍ଡା, ପି:ଜନାର୍ଦ୍ଦନ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 693 | 0.11 | 0.05 | ଶାରଦ ଏକ | |
| 196 | 94 | 1.09 | 0.22 | ଶାରଦ ଏକ | ସାଉନା ମାଝୀ, ପି:ବାର୍ଷା ମାଝୀ, କୁଆଁର ମାଝୀ, ପି:ବାସୁ ମାଝୀ, ଜା:ସାନ୍ତାଳ, ବା:ଶ୍ୟାମାନନ୍ଦପୁର |
| 201 | 577 | 0.44 | 0.02 | ଶାରଦ ଏକ | ଶ୍ରୀବତ୍ସ ଦାସ, ପି:ହରେକୃଷ୍ଣ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ |
| 202 | 575 | 0.41 | 0.03 | ଶାରଦ ଏକ | ଶ୍ରୀବତ୍ସ ଦାସ, ମଧୁସୂଦନ ଦାସ, ଧନଞ୍ଜୟ ଦାସ, ଗୋପାଳ ଦାସ, ପି:ହରେକୃଷ୍ଣ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 576 | 0.71 | 0.08 | ଶାରଦ ଏକ | |
| 204 | 444 | 0.64 | 0.07 | ଶାରଦ ଦୁଇ | ଶ୍ରୀବତ୍ସ ଜେନା, ଶ୍ରୀନିବାସ ଜେନା, ନିନା ଜେନା, କମଳା ଜେନା, ପି:ଅନାଦି ଚରଣ ଜେନା, ଆଶାମଣି ଜେନା, ସ୍ୱା:ଅନାଦି ଚରଣ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| | 446 | 1.60 | 0.11 | ଶାରଦ ଦୁଇ | |
| | 468 | 0.34 | 0.09 | ଶାରଦ ଦୁଇ | |
| 211 | 378 | 0.32 | 0.12 | ଶାରଦ ଏକ | ସୃଷ୍ଟିଧର ବେହେରା, ବାଙ୍ଗୁରୁ ଓରଫ ମଙ୍ଗୁଳି ବେହେରା, ମାଧବ ବେହେରା, ପି:ନରେନ୍ଦ୍ର ବେହେରା, ସରସ୍ୱତୀ ବେହେରା, ସ୍ୱା:ନରେନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ଦେବେନ୍ଦ୍ର ବେହେରା, ପି:ଶ୍ୟାମ ବେହେରା, ଜା:କୈବର୍ତ୍ତ, ବା:ହାଣ୍ଡିଧୁଆ |
| | 378/737 | 0.96 | 0.13 | ଶାରଦକ | |
| 216 | 145 | 0.20 | 0.06 | ଶାରଦ ତିନ | ହରେକୃଷ୍ଣ ଦାସ, ପି:ଭୋଳାନାଥ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 147 | 0.30 | 0.09 | ଶାରଦ ତିନ | |
| | 579 | 0.43 | 0.05 | ଶାରଦ ଏକ | |
| | 581 | 0.45 | 0.16 | ଶାରଦ ଏକ | |
| | 678 | 0.45 | 0.27 | ଶାରଦ ଏକ | |
| | 679 | 0.22 | 0.08 | ଶାରଦ ଏକ | |
| | 684 | 0.30 | 0.08 | ଶାରଦ ଏକ | |
| 227/1 | 367 | 1.59 | 0.05 | ଶାରଦ ଏକ | ଶ୍ରୀ ଶ୍ରୀ ଚୈତନ୍ୟ ଦେବ ମହାପ୍ରଭୁ ବିଜେ ହାଟସାହି ମାର୍ଫତ, ପ୍ରେସିଡେଣ୍ଟ ମେନେଜିଂ ଟ୍ରଷ୍ଟି ବୋର୍ଡ, ହାଟସାହି, ବା: |
| | 674 | 0.50 | 0.01 | ଶାରଦ ଏକ | |
| | 435 | 3.65 | 0.19 | ଶାରଦ ଏକ | |
| 227/9 | 244 | 0.50 | 0.14 | ଶାରଦ ଏକ | କାଳି ଚରଣ ନାୟକ, ରବିନ୍ଦ୍ର ନାୟକ, ପି:ବାଉରିବନ୍ଧୁ ନାୟକ, କୈଳାସ ନାୟକ, ପି:ବନମାଳି ନାୟକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/11 | 424/728 | 0.06 | 0.06 | ଶାରଦ ଏକ | ମଧୁସୂଦନ ହେମ୍ବ୍ରମ, ତପନ କୁମାର ହେମ୍ବ୍ରମ, ପି.ସିଙ୍ଗରାୟ ହେମ୍ବ୍ରମ, ଜା:ସାନ୍ତାଳ, ବା:ମୂଷାମାରି |
| | 423 | 0.37 | 0.04 | ଶାରଦ ଏକ | |
| 222/15 | 687/732 | 1.07 | 0.05 | ଶାରଦ ଏକ | ରେଖାରାଣୀ ରାଉତ, ସ୍ୱା:ଭାଗବତ ରାଉତ, ଜା:ଖଣ୍ଡାୟତ, ବା:ପାଇକସାହି |
| | 680/762 | 1.47 | 0.46 | ଶାରଦ ଏକ | |
| 222/23 | 687/733 /766 | 0.93 | 0.05 | ଶାରଦ ଏକ | ରଙ୍ଗଲାଲ ମହାନ୍ତ, ପି:ଜାନକି ରାମ ମହାନ୍ତ, ଜା:କୃମି କ୍ଷତ୍ରିୟ, ବା:ବଇଅଁଡିହା |
| 222/29 | 108/768 | 0.20 | 0.01 | ଶାରଦ ଦୁଇ | ଘନଶ୍ୟାମ ମାର୍ଣ୍ଡି, ପି:ରୁହ୍ୟା ମାର୍ଣ୍ଡି, ଜା:ସାନ୍ତାଳ, ବା:ଶ୍ୟାମାନନ୍ଦପୁର |
| | 355 | 0.35 | 0.12 | ଶାରଦ ଏକ | |
| 222/31 | 370 | 0.22 | 0.06 | ଶାରଦ ଏକ | ରତ୍ନାକର ସେଠୀ, ପି:ହାଡିବନ୍ଧୁ ସେଠୀ, ଜା:ଧୋବା, ବା:ନିଜଗାଁ |
| 222/37 | 695 | 0.53 | 0.04 | ଶାରଦ ଏକ | ତ୍ରିଲୋଚନ ମହାନ୍ତ, କମଳ ଲୋଚନ ମହାନ୍ତ, ପି:ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ତୋଟାପଡା |
| 222/45 | 158/778 | 0.54 | 0.18 | ଶାରଦ ଦୁଇ | ସୁନାରାମ ମାରାଣ୍ଡି, ପି:ଗୋପିନାଥ ମାରାଣ୍ଡି, ଜା:ସାନ୍ତାଳ, ବା:ନିଜଗାଁ |
| 222/53 | 366/784 | 0.69 | 0.01 | ଶାରଦ ଏକ | ନିରଞ୍ଜନ ବେହେରା, ପି:ଗଙ୍ଗାଧର ବେହେରା, ଜା:କୈବର୍ତ୍ତ, ବା:ବଡଧନାଡି, ଥାନା–ବସ୍ତା, ଜି–ବାଲେଶ୍ୱର |
| 222/62 | 356/790 | 0.33 | 0.08 | ଶାରଦ ଏକ | ସୁରେନ୍ଦ୍ରନାଥ ମହାନ୍ତ, ପି:ବିଶ୍ୱନାଥ ମହାନ୍ତ, ଜା:କୁଡୁମି, ବା:ତୋଟାପଡା |
| 222/65 | 93 | 0.25 | 0.09 | ଶାରଦ ଏକ | ରଂଗଲାଲ ମହାନ୍ତ, ପି:ଜାନକିରାମ ମହାନ୍ତ, ଜା:କୁଡୁମି, ବା:ବଇଁଚାଡିହା |
| 222/70 | 733/798 | 0.50 | 0.07 | ଶାରଦ ଏକ | ବୈକୁଣ୍ଠ ସେଠୀ, ପି:ଭାସ୍କର ସେଠୀ, ଜା:ଧୋବା, ବା:ନିଜଗାଁ |
| 222/74 | 150 | 0.19 | 0.05 | ଶାରଦ ତିନି | ପ୍ରତାପ ଚନ୍ଦ୍ର ପରିଡା, ପି:ଗଜେନ୍ଦ୍ର ପରିଡା, ଜା:ଲକ୍ଷ୍ମୀନାରାୟଣ ଗୋଲା, ବା:ଶ୍ୟାମାନନ୍ଦପୁର |
| | 152 | 0.12 | 0.06 | ଶାରଦ ତିନି | |
| 222/85 | 463/803 | 0.89 | 0.14 | ଶାରଦ ଦୁଇ | ହରିଶ୍ଚନ୍ଦ୍ର ସେଠୀ, ପି:ଭାସ୍କର ସେଠୀ, ଜା:ଧୋବା, ବା:ନିଜଗାଁ |
| 222/87 | 421 | 0.52 | 0.02 | ଶାରଦ ଏକ | ଲମ୍ବୋଦର ପାତ୍ର, ପି:ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା:ଖଣ୍ଡାୟତ, ବା:ହାଟସାହି |
| | 424 | 0.32 | 0.01 | ଶାରଦ ଏକ | |
| 222/95 | 689 | 1.00 | 0.05 | ଶାରଦ ଏକ | ତ୍ରିଲୋଚନ ସାହୁ, ପି:ମାଗୁଣି ସାହୁ, ଜା:କୁବେର, ବା:ହାଟସାହି |
| 222/99 | 470 | 0.28 | 0.10 | ଶାରଦ ଦୁଇ | ଗୌରହରି ସେନାପତି, ପି:ହାଡିବନ୍ଧୁ ସେନାପତି, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/106 | 344/815 | 0.50 | 0.06 | ଶାରଦ ଏକ | ହରିହର ମହାନ୍ତ, ଶ୍ରୀହରି ମହାନ୍ତ, ପି:ହରିଶ୍ଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 222/117 | 365/785 | 0.69 | 0.24 | ଶାରଦ ଏକ | ସଞ୍ଜୟ କୁମାର ବେହେରା, ପି:ନିରଞ୍ଜନ ବେହେରା, ଜା:କୈବର୍ତ୍ତ, ବା:ହାଣ୍ଡିଧୁଆ |
| 222/123 | 105 | 0.30 | 0.16 | ଶାରଦ ଏକ | ଦୁଃଖିଆ ହେମ୍ବ୍ରମ, ପି:ବଗଲା ହେମ୍ବ୍ରମ, ଜା:ସାନ୍ତାଳ, ବା:ଶ୍ୟାମାନନ୍ଦପୁର |
| | 106/829 | 0.14 | 0.04 | ଶାରଦ ଦୁଇ | |
| 222/143 | 566 | 0.10 | 0.04 | ଶାରଦ ଏକ | କମଳା ନାୟକ, ସ୍ୱା:ରବିନ୍ଦ୍ର ନାୟକ, ଜା:ଖଣ୍ଡାୟତ, ବା:ଅସନଖାଲି |
| 222/146 | 694/837 | 1.00 | 0.06 | ଶାରଦ ଏକ | ରୁଦ୍ରନାରାୟଣ ବେହେରା, ଦିବ୍ୟ ଅର୍ପଣ ବେହେରା, ପି:ଅଜିତ କୁମାର ବେହେରା, ରବିନ୍ଦ୍ର ବେହେରା, ପି:ଜଗେଶ୍ୱର ବେହେରା, ଜା:କୈବର୍ତ୍ତ, ବା:ହାଣ୍ଡିଧୁଆ |
| 222/151 | 569/845 | 0.69 | 0.02 | ଶାରଦ ଏକ | ଦେବକାନ୍ତ ନାୟକ, ଦୁର୍ଗାମାଧବ ନାୟକ, ପି:ବ୍ରଜକିଶୋର ନାୟକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/152 | 353/846 | 0.48 | 0.04 | ଶାରଦ ଏକ | ବିଷ୍ଣୁପ୍ରିୟା ମହାନ୍ତ, ସ୍ୱା:ଗୌର ମୋହନ ମହାନ୍ତ, ଜା:କୁଡୁମି, ବା:କାପୋଇ |
| 222/181 | 463 | 0.910 | 0.11 | ଶାରଦ ଦୁଇ | ପଦ୍ମାବତୀ ଜେନା, ସ୍ୱା:ପଦ୍ମଲୋଚନ ଜେନା, ପ୍ରବୀର କୁମାର ଜେନା, ଶାନ୍ତନୁ କୁମାର ଜେନା, ପି:ପଦ୍ମଲୋଚନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/187 | 160 | 0.900 | 0.10 | ଶାରଦ ଦୁଇ | ରତିକାନ୍ତ ବେହେରା, ବରଦା କାନ୍ତ ବେହେରା, ଶ୍ରୀକାନ୍ତ ବେହେରା, ପି:ଦୟାନିଧି ବେହେରା, ଲାବଣ୍ୟ ବେହେରା, ସ୍ୱା:ଦୟାନିଧି ବେହେରା, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 222/190 | 158 | 0.760 | 0.21 | ଶାରଦ ଦୁଇ | ତିଲୋତ୍ତମା ବେହେରା, ପି:ଗଗନ ବେହେରା, ଜା:ଗୋଲା, ବା:ଆରୁହା, ଥା:ଜଳେଶ୍ୱର, ଜି–ବାଲେଶ୍ୱର |
| 222/191 | 107 | 0.350 | 0.02 | ଶାରଦ ଦୁଇ | ପଦ୍ମାବତୀ ବେହେରା, ସ୍ୱା:ବ୍ରଜକିଶୋର ବେହେରା, କୁମୁଦିନୀ ଦଳାଇ, ଅଭିମାନୀ ବେହେରା, ବିନୋଦିନୀ ବେହେରା, ପି:ବ୍ରଜକିଶୋର ବେହେରା, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 222/192 | 160/888 | 0.55 | 0.12 | ଶାରଦ ଦୁଇ | ଶ୍ୟାମସୁନ୍ଦର ବେହେରା, ପି:ଗଗନ ବେହେରା, ଜା:ଗୋଲା, ବା:ଗନିପୁର, ଥା–ରେମୁଣା, ଜି–ବାଲେଶ୍ୱର |
| | **94** | **60.22** | **9.63** | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./–(ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

**OIPR-24001/14/0230/2526**

# ଭିଜିଲାନ୍ସ ଜାଲରେ ରାହାମା ବନ ବିଭାଗ ରେଞ୍ଜର

- ୩ କୋଠା, ୫ ପ୍ଲଟ୍, ୮୦ ଲକ୍ଷ ଟଙ୍କାର ଜମାରାଶି ଠାବ
- ୨୫୦ ଗ୍ରାମ୍ ସୁନାଗହଣା, ନଗଦ ୩. ୬୯ ଲକ୍ଷ, କାର୍, ବାଇକ୍ ଜବତ
- ଏକକାଳୀନ ୪ ସ୍ଥାନରେ ଚଢ଼ାଉ

ଜଗତ୍‌ସିଂହପୁର, ୨୦।୧୨
(ପ୍ରମୋଦ କୁମାର ନାୟକ)


ଚାଟରାସ୍ଥିତ ୩ ତଳ ବିଶିଷ୍ଟ କୋଠା।


ରାଜେନ୍ଦ୍ର କୁମାର ସାମନ୍ତରାୟ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ଜଗତ୍‌ସିଂହପୁର ଜିଲା ରାହାମା ବନ ବିଭାଗ ରେଞ୍ଜର ରାଜେନ୍ଦ୍ର କୁମାର ସାମନ୍ତରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କୁ ଭିଜିଲାନ୍ସ ଟିମ୍ ଅଟକ ରଖି ପଚରାଉଚରା ଜାରି ରଖିଛି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ୪ଟି ଦଳ ସାମନ୍ତରାୟଙ୍କ ୪ଟି ସ୍ଥାନରେ ଅର୍ଥାତ୍ ତାଙ୍କ ଜଗତ୍‌ସିଂହପୁର ଚାଟରାସ୍ଥିତ ଘର, ଦୋଦୋ ସାମନ୍ତରାପୁରସ୍ଥିତ ପୈତୃକ ଘର, ସାଁପୁରସ୍ଥିତ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ଓ ଜଗତ୍‌ସିଂହପୁର ଫରେଷ୍ଟ ରେଞ୍ଜ ସରକାରୀ କ୍ୱାର୍ଟର୍ସରେ ପୃଥକ୍ ଭାବେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସାମନ୍ତରାୟ ୧୯୮୫ ନଭେମ୍ବର ୨୬ରେ ଫରେଷ୍ଟର ଭାବେ ନିଯୁକ୍ତି ପାଇଥିଲେ। ସେତେବେଳେ ତାଙ୍କ ଦରମା ମାସକୁ ମାତ୍ର ୧୫୦୦ ଟଙ୍କା ଥିଲା। ତା'ପରେ ୨୦୨୧ ସେପ୍ଟେମ୍ବର ୧୫ରେ ଡେପୁଟି ରେଞ୍ଜର ପଦବୀକୁ ପଦୋନ୍ନତି ପାଇ ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ଯୋଗଦେଇଥିଲେ। ୨୦୨୩ ଅଗଷ୍ଟ ୧ରେ ରେଞ୍ଜର ଭାବେ ପଦୋନ୍ନତି ପାଇ ରାହାମା ଫରେଷ୍ଟ ରେଞ୍ଜରେ ଅଦ୍ୟାବିଧି କାର୍ଯ୍ୟରତ ଅଛନ୍ତି। ଚାକିରି କରିବା ଭିତରେ ଅର୍ଥାତ୍ ପାଖାପାଖି ୪ ଦଶନ୍ଧି ଧରି ସେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ କାମ କରିଆସୁଛନ୍ତି। କିନ୍ତୁ ସରକାରୀ ଭାବେ ସେ ଯେତିକି ରୋଜଗାର କରିଛନ୍ତି ତାଠାରୁ ଯଥେଷ୍ଟ ଅଧିକ ସମ୍ପତ୍ତି କରିଥିବା ଜଣାପଡ଼ିଛି। ଜଗତ୍‌ସିଂହପୁରର ଚାଟରାରେ ୫୫୦୦ ବର୍ଗଫୁଟ ଜାଗାରେ ୩ ତଳ ବିଶିଷ୍ଟ କୋଠା ଏବଂ ସାମନ୍ତରାପୁରସ୍ଥିତ ନିଜ ଗାଁରେ ୨୫୦୦ ବର୍ଗଫୁଟର ୨ ତଳ ବିଶିଷ୍ଟ କୋଠା ଅଛି। ଏହାବ୍ୟତୀତ ଜଗତ୍‌ସିଂହପୁର ସହରରେ ୩ ଓ କଟକ ସହର ନିକଟରେ ୨ଟି ମୂଲ୍ୟବାନ୍ ପ୍ଲଟ୍ ରହିଛି। ଏଗୁଡ଼ିକର ମୂଲ୍ୟ ଭିଜିଲାନ୍ସ ବୈଷୟିକ ଶାଖା ନିର୍ଦ୍ଧାରଣ କରିବ। ଏହାବାଦ ତାଙ୍କ ଘରୁ ନଗଦ ୩ ଲକ୍ଷ ୬୯ ହଜାର ୬୬୦ ଲକ୍ଷ ଟଙ୍କା, ୨୫୦ ଗ୍ରାମ ସୁନାଗହଣା ସମେତ ବ୍ୟାଙ୍କ, ବୀମା ଓ ପୋଷ୍ଟାଲ ଆଦିରେ ୮୦ ଲକ୍ଷ ୬୮ ହଜାର ୬୬୨ ଟଙ୍କାର ଜମାରାଶି, ଗୋଟିଏ ୪ ଚକିଆ ଓ ୨ଟି ବାଇକ୍ ମିଳିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗର ୨ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୮ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ ସହଯୋଗୀ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।

# କାର୍ ଭିତରେ ସିକ୍ରେଟ୍ ଚାମ୍ବର କରି ଗଞ୍ଜେଇ ଚାଲାଣ

## ଧରାପଡ଼ିଲା ଆନ୍ତଃରାଜ୍ୟ ନିଶା ର୍‍ୟାକେଟ୍

ବଲାଙ୍ଗୀର, ୨୦।୧୨
(ବୀରେନ୍ଦ୍ର କୁମାର ଝାଙ୍କର)


ଗଞ୍ଜେଇ ଚାଲାଣରେ ଗିରଫ ଛତିଶଗଡର ୨ ଅଭିଯୁକ୍ତ।


କାର ଡେସବୋର୍ଡରେ ତିଆରି ସିକ୍ରେଟ୍ ଚ୍ୟାମ୍ବରରୁ ଗଞ୍ଜେଇ ପ୍ୟାକେଟ ବାହାର କରାଯାଉଛି।

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ବଲାଙ୍ଗୀର ଟାଉନ୍ ପୋଲିସ ସନ୍ଦେହ ପ୍ରକାଶ କରି ଏକ କାରକୁ ତନ୍ନତନ୍ନ କରି ଯାଞ୍ଚ କଲାବେଳେ ଅଭିନବ ଉପାୟରେ କିଭଳି ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ର୍‍ୟାକେଟ୍ ଚାଲିଛି ତା'ର ଏକ ନମୁନା ଦେଖିବାକୁ ମିଳିଛି। ଏହି ଘଟଣା ପୋଲିସ କର୍ମଚାରୀମାନଙ୍କୁ ବି ଚକିତ କରିଛି। ଦାମୀ କାର ଭିତରେ ସିକ୍ରେଟ୍ ଚାମ୍ବର ତିଆରି କରି କିଭଳି ଗଞ୍ଜେଇ ଚୋରାଚାଲାଣ କରାଯାଉଛି ତା'ର ପର୍ଦ୍ଦାଫାଶ ହୋଇଛି।

ବଲାଙ୍ଗୀର ଟାଉନ୍ ଥାନା ପୋଲିସ ପକ୍ଷରୁ ବଲାଙ୍ଗୀର ସହର ଉପକଣ୍ଠ ଟ୍ରକ୍ ଟର୍ମିନାଲ ପାଖରେ ବଲାଙ୍ଗୀର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥରେ ଶନିବାର ସକାଳୁ ପୋଲିସ ଟିମ୍ ପାଟ୍ରୋଲିଂ କରିବା ସହ ଗାଡି ଯାଞ୍ଚ କରୁଥିଲେ। ଏତିକିବେଳେ ସିନ୍ଖମନ ପଟରୁ ଏକ କ୍ରେଟା ଗାଡି ସିଜି ୦୪ଏଲୟୁ ୦୦୧୧ ବଲାଙ୍ଗୀର ସହର ଅଭିମୁଖେ ଆସୁଥିଲା। ଟ୍ରକ୍ ଟର୍ମିନାଲ ପାଖରେ ପୋଲିସ ଗାଡି ଯାଞ୍ଚ କରୁଥିବା ଦେଖି ଉକ୍ତ ନିର୍ଦ୍ଦିଷ୍ଟ କାରଟି ତତ୍‌କ୍ଷଣାତ୍ ସେଠାରୁ ଆସୁଥିବା ଦିଗକୁ ପୁଣି ଯିବାକୁ ଚେଷ୍ଟା କରିଥିଲା। ଉକ୍ତ କାରର ଏଭଳି ଗତିବିଧି ସନ୍ଦେହଜନକ ମନେକରି ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ଉକ୍ତ କାରକୁ ପିଛା କରି ଅଟକାଇ ଥିଲେ। ସେଥିରେ ୨ଜଣ ଯୁବକ ବସିଥିଲେ। କାର ଭିତରେ ବାହାରୁ କିଛି ନ ଥିବା ଭଳି ଦେଖାଯାଉଥିଲା। ତେବେ ଉକ୍ତ ୨ଯୁବକଙ୍କ ଗତିବିଧି ସନ୍ଦେହଜନକ ହେବାରୁ ସେମାନଙ୍କୁ ପୋଲିସ ଅଧିକ ପଚରାଉଚରା କରି ଗାଡ଼ି ଯାଞ୍ଚ କରିଥିଲେ। ତନ୍ନତନ୍ନ କରି ଯାଞ୍ଚ କରିବା ପରେ କାରର ସମ୍ମୁଖ ପଟ ଡେକ୍ସବୋର୍ଡ ଭିତରେ ଏବଂ ପଛପଟ ସିଟ୍ ତଳେ ଦୁଇଟି ସିକ୍ରେଟ୍ ଚାମ୍ବର ତିଆରି କରାଯାଇ ସେଥିରେ ସିଲ୍ ଗଞ୍ଜେଇ ପ୍ୟାକେଟ୍ ରଖାଯାଇଥିବା ଜଣାପଡ଼ିଥିଲା। ପୋଲିସ ଅଧିକାରୀମାନେ ମେକାନିକ୍‌କୁ ଡାକି ଉକ୍ତ ସିକ୍ରେଟ୍ ଚାମ୍ବର ଖୋଲି ଗଞ୍ଜେଇ ବାହାର କରିଥିଲେ। କାର ଭିତରୁ ୨୪ କେଜି ଗଞ୍ଜେଇ ଜବତ ହୋଇଥିଲା। ଏଭଳି ଅଭିନବ ଉପାୟରେ ୨ ଯୁବକ ବୌଦ୍ଧ ଜିଲାରୁ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇ ଓ କାର ଜବତ କରିବା ସହ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ଛତିଶଗଡର ଚାନ୍ଦିନୀ ଥାନା ଅନ୍ତର୍ଗତ ପାସଲ ଗାଁର ମନୀଶ ବ୍ୟାସ (୧୯) ଓ ଜବାହୀର ସିଂ (୨୪)। ୨ଜଣ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଟାଉନ୍ ଥାନାରେ ଖବରଦାତା ସମ୍ମିଳନୀ କରି ଉପରୋକ୍ତ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସେ ସୂଚନା ଦେଇଥିଲେ। ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ସବ୍‌ଇନ୍ସପେକ୍ଟର ଦେବାଶିଷ ଶତପଥୀ, ଏଏସ୍‌ଆଇ ବୈକୁଣ୍ଠନାଥ ଦେହୁରୀ, କେ.ପାଣ୍ଡେ, ବିଡି ଭୋଇ, ହାବିଲଦାର ଯୋଗେଶ୍ୱର ମୁଗୁରି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓପିଆର୍‌ବି ଏସ୍‌ପିଙ୍କୁ ପଚରାଉଚରା କଲା ସିବିଆଇ

ଭୁବନେଶ୍ୱର,୨୦।୧୨(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ସନ୍ଦେହ ଘେରରେ ଓପିଆର୍‌ବି, ଆଉ ୩ ଜଣଙ୍କୁ ହାଜର ନୋଟିସ
- ଶଙ୍କର ପୃଷ୍ଟିଙ୍କ ଜାଲିଆତି ମଡ୍ୟୁଲ୍ ତିଆରି କରିଥିବା ଶିକ୍ଷକଙ୍କୁ ସମନ

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ସିବିଆଇ ରିମାଣ୍ଡର ଶନିବାର ଦ୍ୱିତୀୟ ଦିନରେ ମାଷ୍ଟରମାଇଣ୍ଡ ତଥା ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି, ସିଲିକନ୍ ଟେକ୍ ଲାବ୍‌ର ମାଲିକ ସୁରେଶ ନାୟକ ଏବଂ ସାଗର ଗୌଡ଼ଙ୍କୁ ୩ଘଣ୍ଟା ମାରାଥନ ଜେରା କରିଛି। ଏଥିସହ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ର ଏସ୍‌ପିଙ୍କୁ ମଧ ପଚରାଉଚରା କରିଛି। ତାଙ୍କୁ ପରୀକ୍ଷା ପରିଚାଳନା ପାଇଁ ହୋଇଥିବା ଟେଣ୍ଡର ପେପର ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଆଣିବାକୁ କୁହାଯାଇଥିଲା। ସେ ସମସ୍ତ ଦସ୍ତାବିଜ୍ ସହ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ତଦନ୍ତ ଅଧିକାରୀମାନେ ଟେଣ୍ଡର ପକ୍ରିୟା ଏବଂ କିଭଳି ପରୀକ୍ଷା ପରିଚାଳନା କରାଯାଉଥିଲା ଆଦି ଅନେକ ବିଷୟରେ ପଚରାଉଚରା କରିଥିଲେ। ଏପରିକି ସିଲିକନ୍ ଟେକ୍ ଲାବ୍ ମୁଖ୍ୟ ସୁରେଶ ନାୟକଙ୍କ ସହ ଓପିଆର୍‌ବି ଏସ୍‌ପିଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା। କିଭଳି ସିଲିକନ୍ ଟେଣ୍ଡର ପାଇଲା, ପରୀକ୍ଷା ପରିଚାଳନା ନେଇ ଓପିଆର୍‌ବି ମନିଟରିଂ କରୁଥିଲା କି ନାହିଁ, ସବୁକିଛି ଦସ୍ତାବିଜ୍ ଯାଞ୍ଚ କରିଛି ସିବିଆଇ। ଏହି ଆଧାରରେ ସିବିଆଇ ଓପିଆର୍‌ବିର ଆଉ ୩ଜଣ ଅଧିକାରୀଙ୍କୁ ନୋଟିସ୍ କରାଯାଇଛି। ସେମାନେ ସୋମବାର ହାଜର ହେବେ ବୋଲି ଜଣାପଡ଼ିଛି। ଜାଲିଆତିରେ ମୁଖ୍ୟ ଶଙ୍କର ପୃଷ୍ଟିଙ୍କୁ ସବୁ ପରାମର୍ଶ ଏବଂ ଜାଲିଆତିର ମଡ୍ୟୁଲ କରିଥିବା ଜଣେ ଶିକ୍ଷକ ଏବେ ସିବିଆଇର ସ୍କାନରକୁ ଆସିଛନ୍ତି। ତଦନ୍ତବେଳେ ସିବିଆଇ ତାଙ୍କ ନାମ ଜାଣିବାକୁ ପାଇଥିଲେ। ତେଣୁ ତାଙ୍କୁ ପଚରାଉଚରା କରିବା ପାଇଁ ସିବିଆଇ ସମନ କରିଛି। ସେ ଶଙ୍କରଙ୍କ ରିମାଣ୍ଡ ଶେଷ ପୂର୍ବରୁ ହାଜର ହୋଇ ନିଜ ମତ ରଖିବେ ବୋଲି ଜଣାପଡ଼ିଛି। ଦେଶର ସବୁଠାରୁ ବଡ଼ ନିଯୁକ୍ତି ଜାଲିଆତିରେ ଓପିଆର୍‌ବିର ଭୂମିକା ସନ୍ଦେହ ଘେରକୁ ଆସିଛି। ଓପିଆର୍‌ବି ବିଜ୍ଞାପନରେ ଟେଣ୍ଡର ସମ୍ପର୍କରେ ତଥ୍ୟ ନ ଦେଇ ଲୁଚାଛପା ଭାବେ କୋଲକାତାର ଆଇଟିଆଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଇଥିଲା। ଆଇଟିଆଇ ସବ୍ ଟେଣ୍ଡର ଭାବେ ଅଭିଯୁକ୍ତ ସୁରେଶଙ୍କ ସିଲିକନ୍ ଟେକ୍ ଲାବ୍‌କୁ ଦେଇଥିଲେ। ସିଲିକନ୍ ସଂସ୍ଥା ପରୀକ୍ଷା ପରିଚାଳନା ନେଇ ଓପିଆର୍‌ବିକୁ ଡିକ୍ଲେରେଶନ ଦେଇଥିଲା। କାରଣ ସିଲିକନ୍ ଟେକ୍‌ଲ୍ୟାବ୍ ଏହି ପରୀକ୍ଷାର ସବୁକିଛି ବୁଝୁଥିଲା। ହେଲେ ବଡ଼ ଆଶ୍ଚର୍ଯ୍ୟର କଥା ସିଲିକନ୍ ଟେକ୍ ଲାବ୍ କମ୍ପାନୀ ୨୦୨୩ରେ ପଞ୍ଜୀକରଣ ହୋଇଥିଲା। କିନ୍ତୁ ସିଲିକନ୍‌ର ଅଂଶ ଗତ ମେ' ମାସରୁ ବିକ୍ରି କରି ଦିଆଯାଇଥିଲା। ଶଙ୍କରଙ୍କ ସହଯୋଗୀ ସୁରେଶ ଅନ୍ୟ ଏକ କମ୍ପାନୀ କରିଥିଲେ ମଧ ସେ ସିଲିକନ୍‌ର ନିର୍ଦ୍ଦେଶକ ଥିଲେ। କମ୍ପାନୀର ଅଂଶ ବିକ୍ରି କରିବା ପରେ ଜାଲିଆତି କରିବା ପାଇଁ ନାମକୁ ମାତ୍ର ସୁରେଶ ନିର୍ଦ୍ଦେଶକ ରହିଥିଲେ। ଓପିଆର୍‌ବି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ବେଳେ କିଭଳି ସିଲିକନ୍‌ର ଏପରି କାର୍ଯ୍ୟକଳାପକୁ ମନିଟରିଂ କଲାନା। ସେହିଭଳି ସଂସ୍ଥାର କର୍ମଚାରୀ ଏବଂ ଭିତ୍ତିଭୂମି ଅଭାବ ସତ୍ତ୍ୱେ କିଭଳି ପରୀକ୍ଷା ପରିଚାଳନା ପାଇଁ ସବ୍ ଟେଣ୍ଡର ମିଳିଥିଲା ତାହାକୁ ନେଇ ସନ୍ଦେହ ଘେରରେ ରହିଛନ୍ତି ଓପିଆର୍‌ବିର ବଡ଼ ଅଧିକାରୀ। ସିବିଆଇ ଏବେ ଓପିଆର୍‌ବି କରିଥିବା ତ୍ରୁଟିକୁ ପଦାକୁ ଆଣୁଛି।

# ଶିଶୁକନ୍ୟା ହତ୍ୟାକାରୀ ବାପାଙ୍କୁ ୧୦ ବର୍ଷ ଜେଲ

ଆଠଗଡ଼,୨୦।୧୨(ସତ୍ୟ ପ୍ରସାଦ ରଥ)

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡିପଡା ଗ୍ରାମରେ ୨୦୧୮ ମସିହାରେ ଏକ ଶିଶୁକନ୍ୟାଙ୍କୁ ବାପା ହତ୍ୟା କରିଥିଲେ। ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜ କୁମାର ଦାସ ଏହି ମାମଲାର ବିଚାର କରି ଅଭିଯୁକ୍ତ ସମୀର ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ନିଜ ଶିଶୁକନ୍ୟାଙ୍କୁ ହତ୍ୟା ଅଭିଯୋଗରେ ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ରାଶି ଅନାଦାୟରେ ଅଧିକ ୩ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ୨୦୧୮ ଜୁଲାଇ ୨୨ରେ ଏହି ଘଟଣା ଘଟିଥିଲା। ସମୀର ତାଙ୍କ ୫ ବର୍ଷର ଶିଶୁକନ୍ୟା କାବେରୀଙ୍କୁ ଏକ ଘରେ ପୂରାଇ ଠେଙ୍ଗାରେ ନିସ୍ତୁକ ମାଡ଼ ମାରି ଗୁରୁତର କରିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କାବେରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପଡ଼ୋଶୀ କୈଳାସଙ୍କ ଅଭିଯୋଗକ୍ରମେ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ.୧୨୨/୧୮) ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଓକିଲ ଶରତ କୁମାର ଦାଶ ଓ ଦେବାଶିଷ ସିଟ ଏହି ମାମଲା ପରିଚାଳନା କରିଥିଲେ।

# ୨୩ ଗ୍ରାମ୍ ବ୍ରାଉନସୁଗାର ଜବତ: ମହିଳାଙ୍କ ସମେତ ୩ ଗିରଫ

ବାଲେଶ୍ୱର,୨୦।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ ଶନିବାର ଭୋର୍ ସମୟରେ ଅରଡ଼ବଜାର ମସଜିଦ୍ ଗଳିରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୩ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରଡ଼ବଜାର ଅଞ୍ଚଳର ମହିଳା ରଜନୀ ବେହେରା (୫୦), କଟକ ମଙ୍ଗଳାବାଗ ଥାନା ମଚୁଆ ବଜାର ଅଞ୍ଚଳର ଲକ୍ଷ୍ମୀଧର ଲେଙ୍କା (୨୬) ଓ ଢେଙ୍କାନାଳ ଟାଉନ ଥାନା ଦୁର୍ଗାବଜାର ଅଞ୍ଚଳର ବିକ୍ରମ ବିଶ୍ୱାଳ (୪୦)। ସେମାନଙ୍କଠାରୁ ୨୩ଗ୍ରାମ ବ୍ରାଉନସୁଗାର, ୭ ହଜାର ୫ଶହ ଟଙ୍କା, ୨ଟି ମୋବାଇଲ ଓ ଗୋଟିଏ ବାଇକ୍ (ନଂ. ଓଡ଼ି୦୯ଏଫ୍-୫୬୩୭) ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨ଲକ୍ଷ ୩୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଶନିବାର ଏକ ମାମଲା (ନଂ. ୪୯୨/୨୫) ରୁଜୁ କରି ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ଅଭିଯୁକ୍ତ ଲକ୍ଷ୍ମୀଧର ଓ ବିକ୍ରମ ବାଇକ୍ ଯୋଗେ ମସଜିଦ୍ ଗଳିରେ ପହଞ୍ଚି ବ୍ରାଉନସୁଗାର କାରବାର ନେଇ ରଜନୀଙ୍କ ସହ ଡିଲ୍ କରୁଥିଲେ। ଖବର ପାଇ ଆଇଆଇସି ବିରଞ୍ଚି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅରବିନ୍ଦ ପାଣିଗ୍ରାହୀ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ରଜନୀଙ୍କ ନାମରେ ପୂର୍ବରୁ ସହଦେବଖୁଣ୍ଟା ଥାନାରେ ଗୋଟିଏ, ଲକ୍ଷ୍ମୀଧରଙ୍କ ନାମରେ ମଙ୍ଗଳାବାଗ ଥାନାରେ ୩ଟି ଏବଂ ବିକ୍ରମଙ୍କ ନାମରେ ଢ଼େଙ୍କାନାଳ, କେନ୍ଦୁଝର, ଖାରସୁଗୁଡ଼ା, କୁମ୍ଭାରପଦା, ପୁରୀଘାଟ, ଚାଉଳିଆଗଞ୍ଜ, ଖଣ୍ଡଗିରି, ଭୁବନେଶ୍ୱର, କଟକେ ଥାନାରେ ୯ଟି ମାମଲା ରହିଥିବା ଆଇଆଇସି ସାହୁ ସୂଚନା ଦେଇଛନ୍ତି।

# ଚାକିରି ନାଁରେ ଠକେଇ ଅଭିଯୋଗ, ଢାବା ମାଲିକ ଗିରଫ

କ.ନୂଆଗାଁ, ୨୦।୧୨(କାଳିପ୍ରସାଦ ତ୍ରିପାଠୀ)

ବିଭିନ୍ନ ଉପାୟରେ ଜନସାଧାରଣଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗରେ କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ଦାରିଙ୍ଗବାଡ଼ି ଛକରେ କରିଥିବା ଢ଼ାବା ମାଲିକ ପ୍ରିୟରଞ୍ଜନ ନାୟକ ଓରଫ ପିଣ୍ଟୁ (୨୯)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

ନଭେମ୍ବର ୧୭ରେ କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳର ପଦ୍ମନାଭ ଛତ୍ରିଆ କରିଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ଦାରିଙ୍ଗବାଡ଼ି ଥାନା କୁମ୍ଭାରବାଡ଼ିର ଗୁଞ୍ଜୁଲୁ ନାୟକଙ୍କ ପୁଅ ପ୍ରିୟରଞ୍ଜନ ଓରଫ ପିଣ୍ଟୁଙ୍କ ସହ ଦୁମୁଡ଼ିବନ୍ଧରେ ପ୍ରଥମେ ଦେଖାହୋଇଥିଲା। ସେଠାରେ ସମ୍ପର୍କ ସୃଷ୍ଟି କରି ସେ ଝିଅକୁ ବାଲିଗୁଡ଼ା ପିଡବ୍ଲୁଡିରେ ଡାଟା ଏଣ୍ଟ୍ରି ଅପରେଟର ଚାକିରି କରାଇ ଦେବାକୁ କହି ତାଙ୍କୁ ଟଙ୍କା ମାଗିଥିଲେ। ତାଙ୍କୁ ବିଶ୍ୱାସ କରି ପଦ୍ମନାଭ ଗତ ଫେବୃଆରୀ ୧୭ରେ ଝିଅର ବିଭିନ୍ନ ଡକ୍ୟୁମେଣ୍ଟ ସହ ପ୍ରଥମେ ଫୋନ ପେ ମାଧ୍ୟମରେ ୨୦ ହଜାର ଟଙ୍କା ପ୍ରିୟରଞ୍ଜନଙ୍କ ଆକାଉଣ୍ଟକୁ ପଠାଇ ଥିଲେ। ପରେ ବିଭିନ୍ନ ସମୟରେ ସେ ଏପରି ମୋଟ ୨ ଲକ୍ଷ ୫୬ ହଜାର ୫ ଶହ ଟଙ୍କା ପ୍ରିୟରଞ୍ଜନଙ୍କ ପାଖକୁ ପଠାଇଥିଲେ। ହେଲେ ଝିଅର ଚାକିରି ନ ହେବା ଏବଂ ଦେଖା କରି ଟଙ୍କା ନ ପାଇ ପଦ୍ମନାଭ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ।


## ଓଡ଼ିଶା ସରକାର
## ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

ସଂଖ୍ୟା–୧୩୯୬ ତା.୦୪.୧୨.୨୦୨୫

**No.XXVIII-15**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ରେଲିବାନୀ ଗାଁ**, ତହସିଲ-କୋଲନରା, ଥାନା-ଚାନ୍ଦିଲି, ଜିଲ୍ଲା-ରାୟଗଡ଼ାରେ ନିମ୍ନସୂଚିତ 'କ' ତଫସିଲ ଜମି ନିମନ୍ତେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଟିଟିଲାଗଡ଼-ବିଜୟନଗରର ତୃତୀୟ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୭୫, ତା.୦୭.୦୮.୨୦୨୫ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ରେଲିବାନୀ ଗାଁ,** ତହସିଲ-କୋଲନରା, ଥାନା-ଚାନ୍ଦିଲି, ଜିଲ୍ଲା-ରାୟଗଡ଼ାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ–କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା–ରାୟଗଡ଼ା

| କ୍ର. ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ରେଲିବାନୀ ଗାଁ | ଖେଦାପଡା | କୋଲନରା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୮.୨୬ ଡି. | ଏ.୦.୬୩୦ ଡି. | ଏଥିସହ ସଂଲଗ୍ନ ଅଛି |

ପ୍ରଯୁଜ୍ୟ ନୁହେଁ
ତଫସିଲ–ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ

| କ୍ର. ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ପ୍ରଯୁଜ୍ୟ ନୁହେଁ | | | | | | | | | | |

ଅଧିସୂଚନା ବୈଧ ତାରିଖ ୦୪.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ରାୟଗଡ଼ା

(ଭୂମି ଅଧିଗ୍ରହଣ ଅନୁସୂଚୀ)
ପୂର୍ବତଟ ରେଳପଥ ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ ବିବରଣୀ
ମୌଜା–ରେଲିବାନି ଗାଁ, ତହସିଲ–କୋଲନରା, ଥାନା–ଚାନ୍ଦିଲି, ଜିଲ୍ଲା–ରାୟଗଡ଼ା
ବ୍ୟକ୍ତିଗତ ଜମି–

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୨/୧ | ୩୮ | ୨.୫୭ | ୦.୩୦୦ | ଡଙ୍ଗର/୧ | ଆଖଡିୟା ନାଏକ, ପି–ରଘୁନାଥ ନାଏକ, ଜା–ପାଇକ, ବା–ଥେରୁବାଲି |
| ୨ | ୧୧ | ୩୦ | ୦.୬୮ | ୦.୦୫୦ | ଡଙ୍ଗର/୨ | ଅଟକା ସିରିପତି, ପି–ଅଟକା ନାଇକାମା, ଜା–କନ୍ଧ, ବା–ନିଜଗାଁ |
| | | ୨୮ | ୧.୨୬ | ୦.୧୦୦ | | |
| ୩ | ୧୨ | ୬ | ୦.୪୪ | ୦.୧୦୦ | ଡଙ୍ଗର/୩ | ଅଟକା ସିଲି, ପି–ଅଟକା ଲଛମନ, ଜା–କନ୍ଧ, ବା–ନିଜଗାଁ |
| ୪ | ୭ | ୩ | ୩.୩୧ | ୦.୦୮୦ | ଡଙ୍ଗର/୩ | ହିକକା ମୁଗୁରି, ହିକକା ନାରୀ, ହିକକା ଦେବୁରୁ, ହିକକା ଡାଲିଗା, ପି–ହିକକା ସାଲୁପୁ, ଜା–ପରଜା, ବା–ନିଜଗାଁ |
| | | ମୋଟ | ଏ ୮.୨୬ | ଏ ୦.୬୩୦ | | |

ସ୍ୱା./– ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ,
ଟିଟିଲାଗଡ଼–ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ, ରାୟଗଡ଼ା

OIPR-24169/14/0022/2526



## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
### ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍–୫, ଭୁବନେଶ୍ୱର

No.PP-04:ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରି କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର **''ଜୀବନବ୍ୟାପୀ ସଫଳ ହସ୍ତଶିଳ୍ପ କୃତି ପୁରସ୍କାର''**, **''ରାଜ୍ୟ ହସ୍ତଶିଳ୍ପ ପୁରସ୍କାର''** ଓ **''କଳାକୃତି ପୁରସ୍କାର''** ପ୍ରଦାନ କରି ଆସୁଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୪ ବର୍ଷ ପାଇଁ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସମ୍ପୃକ୍ତ ଜିଲ୍ଲା ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ ପ୍ରତିକୃତି ସହିତ ଆବେଦନର ଶେଷ ତାରିଖ ୩୦.୦୪.୨୦୨୬ ।

**ଆବେଦନ ନିମନ୍ତେ ଆବଶ୍ୟକୀୟ ତଥ୍ୟ**

**କ. ଜୀବନବ୍ୟାପୀ ସଫଳ ହସ୍ତଶିଳ୍ପ କୃତି ପୁରସ୍କାର** (Life Time Achievement Award)
୧) ପ୍ରାର୍ଥୀଙ୍କ ଯୋଗ୍ୟତା :– ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :– ସର୍ବନିମ୍ନ ବୟସ ୬୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :– ଟ.୫,୦୦,୦୦୦ ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ସହିତ ମାନପତ୍ର ।

**ଖ. ରାଜ୍ୟ ହସ୍ତଶିଳ୍ପ ପୁରସ୍କାର** (State Handicrafts Award)
୧) ପ୍ରାର୍ଥୀଙ୍କ ଯୋଗ୍ୟତା :– ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :– ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇନଥିବେ ।
୪) ପୁରସ୍କାର ରାଶି :– ଟ.୧,୦୦,୦୦୦ ଙ୍କା (ଏକ ଲକ୍ଷ ଟଙ୍କା) ସହିତ ପ୍ରମାଣପତ୍ର ।

**ଗ. କଳାକୃତି ପୁରସ୍କାର** (Kalakruti Award)
୧) ପ୍ରାର୍ଥୀଙ୍କ ଯୋଗ୍ୟତା :– ଓଡ଼ିଶାର କାରିଗର ହୋଇଥିବେ ।
୨) ବୟସ ସୀମା :– ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ ।
୩) ପୁରସ୍କାର ରାଶି :– ଟ.୨୫,୦୦୦ ଙ୍କା (ପଚିଶ ହଜାର ଟଙ୍କା) ସହିତ ପ୍ରମାଣପତ୍ର ।

ସବିଶେଷ ବିବରଣୀ ଓ ଆବଶ୍ୟକ ଆବେଦନ ଫର୍ମ ନିମନ୍ତେ ଜିଲ୍ଲା ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଅନୁରୋଧ କିମ୍ବା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାର website:–https://crafts.odisha.gov.in ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶାର website:– https://handloom.odisha.gov.in ପରିଦର୍ଶନ କରିବାକୁ ଅନୁରୋଧ ।

ସ୍ୱା./–ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31034/11/0010/2526



Annexure-I

## Model Bidding Document
## Government of Odisha
## Office of CSO-cum-District Manager, OSCSC Ltd., Malkangiri
### Quotation/Tender Call Notice No. 3788/ Date: 18.12.2025

**No.CAD-2773** : Sealed quotations/tenders are invited from interested reputed Travel Agencies /Tour Operators/ Individuals for providing **01(One)** No. of Diesel driven BS-VI emission complaint vehicle (TUV 300 / Bolero / Sumo Gold/ Ertiga etc.) or any other latest model vehicle having sitting capacity not more than **07 (Seven)** including driver for use in Paddy Procurement Operation, which shall conform to the Terms and conditions (Appendix-A) for official use in Office of the CSO-cum-District Manager, OSCSC Ltd., Malkangiri on monthly rent basis:


1. The service provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. A sum of **Rs.5,000/-** shall be deposited by the intending bidders in shape of Account Payee Bank Draft drawn in favour of the **District Manager, OSCSC Ltd., Malkangiri** and submitted along with the tender as EMD. After completion of tender process, EMD shall be refunded to unsuccessful bidders.
7. The monthly rate of hire charge, excluding GST be quoted separately, excluding fuel.
8. The Vehicle must achieve a fuel efficiency of **10(Ten) KM** per Liter and the maximum hire charges per month excluding taxes of **Rs. 37,200/-** as per Corporation Head Office Letter No.- 14955, Dt. 30.10.2025 and Finance Deptt., Govt. of Odisha memorandum No.- 15836, Dt. 27.05.2025.
9. The contract period shall be for minimum 3(Three) years which may be extended by maximum 1(One) year subject to satisfactory performances of engaged vehicles. No further extension shall be allowed beyond the stipulated period.
10. The details of the make and year of manufacture of the vehicle, registration No., mileage (KM covered per liter) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/Tender (Appendix-B).
11. The Quotation completed in all respect should reach the undersigned on or before **29.12.2025** by **3.00 P.M.** and shall be opened on the same day at **4.00 P.M.** in presence of the bidders or their authorized representatives.
12. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available with CSO-cum-District Manager, OSCSC Ltd., Malkangiri from **19.12.2025 to 29.12.2025** or can be downloaded from Malkangiri Official website **malkangiri.odisha.gov.in** or **OSCSC.in** from Date 19.12.2025 to 29.12.2025.

Sd./- Seal & Signature of Tender Calling Authority with Designation
CSO-cum-District Manager, OSCSC Ltd., Malkangiri

OIPR-07035/11/0008/2526

# ଧ୍ୟାନ ପାଇଁ ଆବଶ୍ୟକ ମନୋଭାବ

ଶ୍ରୀ ଶ୍ରୀ ରବିଶଙ୍କର



ଯେଉଁ ଚିନ୍ତା, ପ୍ରଶ୍ନ, ଉତ୍ତେଜନା ମନ ଭିତରେ ପ୍ରତିଫଳିତ ହୋଇ ଆପଣଙ୍କୁ ବିଚଳିତ କରୁଛି, ପ୍ରକୃତପକ୍ଷେ ସେ ସବୁ ମନ ଭିତରର ହିଁ ସୃଷ୍ଟି। ଯେତେବେଳେ ଆମ୍ଭସଚେତନ ହେବେ ଏବଂ ତାହାକୁ ଛାଡ଼ିବାକୁ ଅଭ୍ୟାସ କରିବେ, ସେତେବେଳେ ଅନୁଭବ କରିବେ ସେହି ମନ ଭାବନାଗୁଡ଼ିକ ଧୀରେ ଧୀରେ ଅନ୍ତର୍ଦ୍ଧାନ ହୋଇଯାଉଛି। ବାସ୍ତବ ପକ୍ଷେ ଏଭଳି ଅଭ୍ୟାସ ମନକୁ ଶାନ୍ତ କରିପାରିବ। ଆଉ ଧ୍ୟାନ କଷ୍ଟକର ପରିସ୍ଥିତିରୁ ସୃଷ୍ଟିକୁ ଆଣିପାରିବ, ଆବଶ୍ୟକ ହେଲେ ଘରେ ରଖିପାରିବ, ଏହି ସକ୍ଷମତା ସମସ୍ତଙ୍କ ଭିତରେ ରହିଛି। ଧ୍ୟାନ ଚଳନ୍ତା ଅବସ୍ଥାରୁ ସ୍ଥିରତାକୁ ଆସିବା ସ୍ଥିତି। ଧ୍ୟାନର ବାସ୍ତବ ଉଦ୍ଦେଶ୍ୟ ହେଉଛି ମନର ବିଭିନ୍ନ ଅବସ୍ଥାକୁ ସମାନତାରେ ରଖିବା।

### ଧ୍ୟାନସ୍ଥ ହେବାରେ ଯାହା ଗୁରୁତ୍ୱପୂର୍ଣ୍ଣ

ଜୀବନରେ ଯେକୌଣସି ନିପୁଣତାକୁ ଅର୍ଜନ କରିବା ପାଇଁ ସମୟ ଦରକାର। ଯେପରିକି ଏକ ବାଦ୍ୟଯନ୍ତ୍ର ଶିଖିବା ଦିନକରେ ହେବନାହିଁ, ଏଥିଲାଗି ସମୟ ଆବଶ୍ୟକ। ସେହିଭଳି ଶରୀର ରାତାରାତି ତିଆରି ହୋଇପାରେନି। ଏହାର ସ୍ୱାଭାବିକ ବୃଦ୍ଧି ଲାଗି ନିର୍ଦ୍ଧାରିତ ସମୟ ଦରକାର। ସେହିଭଳି ମନକୁ ନିୟନ୍ତ୍ରଣ ଲାଗି ଯେକୌଣସି ଅଭ୍ୟାସ ପର୍ଯ୍ୟାପ୍ତ ସମୟ ନେଇଥାଏ, କିନ୍ତୁ ଏଥିପାଇଁ ଅପରିହାର୍ଯ୍ୟ ନିରନ୍ତର ଅଭ୍ୟାସ। ସାଧାରଣତଃ ଆମେ କିଛିଦିନ ଅଭ୍ୟାସ କରି କିଛିଦିନ ଛାଡ଼ିଦେଉ, ପୁଣି ଆରମ୍ଭକରୁ। ଯଦି ଆପଣ ଧ୍ୟାନକୁ ଅନୁଭବ କରିଛନ୍ତି – ଏକ ଦିନ, ଏକ ସପ୍ତାହ କିମ୍ବା ଏକ ମାସ, ମାତ୍ର ତା'ପରେ ଛାଡ଼ିଦିଅନ୍ତି; ତେବେ ଆପଣଙ୍କର ଧ୍ୟାନ ଓ ସମ୍ପର୍କ ଭାଙ୍ଗିଗଲା। ଯଦି ମନରେ ଏଭଳି ଭାବନା ଜାଗ୍ରତ ହୁଏ, ଆପଣ ମନେକରନ୍ତି– କରିବି, କରିବି ନାହିଁ – ତେବେ ଧ୍ୟାନର ଫଳ ମିଳିବ ନାହିଁ। ତେଣୁ ଅବିରତ ଅଭ୍ୟାସ ନିତାନ୍ତ ଆବଶ୍ୟକ। ଯିଏ ପ୍ରତିଦିନ ଧ୍ୟାନ କରନ୍ତି, ସେ ତେଜ ଓ ସ୍ଥିର ମନ ପାଇଥାନ୍ତି। ଅନବରତ ଅଭ୍ୟାସ ନ କଲେ କିଛି ମିଳିବ ନାହିଁ। ଯେତେବେଳେ ଆପଣ ନିଜର ଧ୍ୟାନ ପ୍ରତି ଗଭୀର ସମ୍ମାନ ଓ ସତର୍କ ରହିବେ – ସେତେବେଳେ ଆପଣ ଶାନ୍ତ ରହିବେ । ଯଦି ଆପଣ ଗୋଷ୍ଠୀରେ ଧ୍ୟାନ କରନ୍ତି, ତେବେ ଧ୍ୟାନ ଅଧିକ ଗଭୀର ହୁଏ। ଏହାର କାରଣ – ଆପଣ ଜଣଙ୍କ ପ୍ରତି ଧ୍ୟାନ ବିଷୟରେ ଗଭୀର ସମ୍ମାନ ଓ ସଚେତନତା ରଖି କରୁଛନ୍ତି, ଜ୍ଞାନ ପ୍ରତି ସମ୍ମାନ ରହିଛି ।

# ଆଜି 'ବିଶ୍ୱ ଧ୍ୟାନ ଦିବସ'

ମାନସିକ ଚାପ ହ୍ରାସ ଏବଂ ଆଭ୍ୟନ୍ତରୀଣ ଶାନ୍ତି ପାଇଁ ଧ୍ୟାନର ଉପକାରିତା ବିଷୟରେ ସଚେତନତା ସୃଷ୍ଟି ଲାଗି ଡିସେମ୍ବର ୨୧ରେ ପାଳିତ ହେଉଛି 'ବିଶ୍ୱ ଧ୍ୟାନ ଦିବସ'। ଗତବର୍ଷ ଏହି ଦିବସ ପ୍ରଥମେ ପାଳିତ ହୋଇଥିଲା। ସୂଚନାଯୋଗ୍ୟ ଜାତିସଂଘ ସାଧାରଣ ସଭା ଦ୍ୱାରା ଗତବର୍ଷ ଡିସେମ୍ବର ୨୧କୁ ବିଶ୍ୱ ଧ୍ୟାନ ଦିବସ ଭାବେ ପାଳନ ଲାଗି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲା। ଏହା ପ୍ରାଚୀନ ଭାରତୀୟ ଅଭ୍ୟାସରେ ମୂଳ ସହିତ ସୁସ୍ଥତାକୁ ପ୍ରୋତ୍ସାହିତ କରେ, ଚାପ ହ୍ରାସ ଓ ଆଭ୍ୟନ୍ତରୀଣ ଶାନ୍ତି ପାଇଁ ଧ୍ୟାନର ଲାଭକୁ ଚିହ୍ନଟ କରେ ଏବଂ ବିଭିନ୍ନ ସଂଗଠନ ଦ୍ୱାରା ପ୍ରାୟତଃ ମେ ୨୧ରେ ପାଳନ କରାଯାଉଥିବା ପୂର୍ବ ଉତ୍ସବ ଉପରେ ଆଧାରିତ। ତେବେ ଚଳିତ ବର୍ଷ ବିଶ୍ୱ ଧ୍ୟାନ ଦିବସ ଲାଗି ବିଷୟବସ୍ତୁ 'ଆଭ୍ୟନ୍ତରୀଣ ଶାନ୍ତି, ବିଶ୍ୱ ସମନ୍ୱୟ ଏବଂ ନିଜ ଭିତରରୁ ବିଶ୍ୱକୁ ସୁସ୍ଥ କରିବା ଲାଗି ଉଦ୍ୟମ' ଉପରେ କେନ୍ଦ୍ରିତ। ପ୍ରକୃତପକ୍ଷେ ଯାହା ବ୍ୟକ୍ତିଗତ ଶାନ୍ତିର ସାମୂହିକ ମଙ୍ଗଳ ସହିତ ସଂଯୋଗକୁ ଗୁରୁତ୍ୱ ଦିଏ। ଅବଶ୍ୟ ଏଭଳି ଦିବସ ପାଳନ ଜାତିସଂଘ, ଆର୍ଟ ଅଫ ଲିଭିଙ୍ଗ୍ ଓ ହାର୍ଟଫୁଲନେସ୍ ଭଳି ବିଶ୍ୱ ସଂଗଠନର କାର୍ଯ୍ୟକ୍ରମ ଦ୍ୱାରା ସମର୍ଥିତ ଏବଂ ଏଥିସହିତ ଚାପମୁକ୍ତି, ମାନସିକ ସ୍ୱାସ୍ଥ୍ୟ ଏବଂ ଏକତା ଉପରେ ଧ୍ୟାନ ଦିଏ।

# ରାସ୍ତାକଡ଼ରେ ସରକାରୀ ଔଷଧ

ମୋହନା,୨୦।୧୨(ମନ୍ମଥ ମିଶ୍ର)

ରାଜ୍ୟ ସରକାର ନିରାମୟ ଯୋଜନାରେ ରୋଗୀଙ୍କୁ ଚିକିତ୍ସା ପରେ ମାଗଣା ଔଷଧ ଯୋଗାଇ ଦେଉଛନ୍ତି। ରାଜ୍ୟର ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ବହୁ କୋଟି ଟଙ୍କାର ଔଷଧ ସରକାର ଯୋଗାଇ ଦେଉଛନ୍ତି। ମାତ୍ର ସେହି ଔଷଧ ଲୋକଙ୍କୁ ଦେବା ପରିବର୍ତ୍ତେ ରାସ୍ତାକଡ଼କୁ ଫୋପଡ଼ା ଯାଉଛି। ଏପରି ଦେଖିବାକୁ ମିଳିଛି ଗଜପତି ଜିଲାର ମୋହନା ବ୍ଲକର ୩୨୬ ନଂ. ଜାତୀୟ ରାଜପଥରେ। ରାଜପଥ କଡରେ ବହୁ ପରିମାଣରେ ଔଷଧ ପଡ଼ିଛି। ସେଥି ମଧ୍ୟରେ ଆଣ୍ଟି ବାୟୋଟିକ, ଅଏଣ୍ଟମେଣ୍ଟ, ଇଞ୍ଜେକ୍ସନ ଭଳି ବିଭିନ୍ନ ଔଷଧ ରହିଛି।



୩୨୬ ନଂ. ଜାତୀୟ ରାଜପଥ କଡରେ ଫିଙ୍ଗା ଯାଇଥିବା ଔଷଧ।

ମୋହନା ସହରଠାରୁ ୩ କି.ମି. ଦୂରରେ ପଡ଼ିଥିବା ଏହି ଔଷଧଗୁଡ଼ିକର ବ୍ୟବହାର ଅବଧି ଅତିକ୍ରମ କରି ନ ଥିବା ଜଣାପଡ଼ିଛି। ଏହି ଖବର ପ୍ରଚାର ହେବା ପରେ ଶନିବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଟିମ ଘଟଣା ସ୍ଥଳରେ ପହଞ୍ଚି ସାମ୍ପୁଲ ସଂଗ୍ରହ କରିବା ସହ ଯାଞ୍ଚ କରିଛି। ତେବେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏହି ମେଡ଼ିସିନଗୁଡ଼ିକ ଆମ ଡାକ୍ତରଖାନାର ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟ କୌଣସି ଜିଲ୍ଲାରୁ ଗାଡ଼ିରେ ଏହି ମେଡ଼ିସିନ ଆଣି ଏଠାରେ ଫୋପଡ଼ା ଯାଇଥିବା ବିଭାଗ ସନ୍ଦେହ କରୁଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୋଲିସର ସହାୟତା ନିଆଯାଇଛି। ଏଥିପାଇଁ ଏକ ଟିମ୍ ଗଠନ ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜୟ ପଣ୍ଡା କହିଛନ୍ତି।

**ଥାନାରେ ଲିଖିତ ଅଭିଯୋଗ, ସ୍ୱାସ୍ଥ୍ୟ ବିଭାଗ ଗଠନ କଲା ଟିମ୍**

# ସେବାଶ୍ରମରେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ନୂଆପଡ଼ା/କୋମନା,୨୦।୧୨(ମକାରୁ ବେମାଲ/ମହେଶ ବାଗ)

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୋସେଙ୍ଗ ସେବାଶ୍ରମରେ ଶନିବାର ଜଣେ ପ୍ରଥମଶ୍ରେଣୀ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଅତାର (କେଞ୍ଚୁପଖାନ) ଗାଁର ଜଳସିଂ ମାଝୀଙ୍କ ୭ବର୍ଷର ପୁଅ ପବିତ୍ର ମାଝୀ। ପବିତ୍ର ସେବାଶ୍ରମରେ ରହି ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୧୧ ତାରିଖରେ ହଠାତ୍ ସ୍ୱାସ୍ଥ୍ୟ ଖରାପ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଭେଲା ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଗୁରୁତର ହେବାରୁ ତାଙ୍କୁ କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। ହେଲେ ୧୮ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।


No.PP-05

## DIRECTORATE OF HANDICRAFTS, ODISHA

1ST FLOOR, HOD BUILDING, UNIT-V,
BHUBANESWAR-751001

**TENDER FOR SUPPLY OF IMPROVED TOOLKIT SETS ON TERRACOTTA, DHOKRA CASTING & TRIBAL JEWELLERY CRAFTS**

No. 7738 Date : 19.12.2025

The Directorate of Handicrafts, Odisha under the administrative control of the Handlooms, Textiles & Handicrafts Department, Government of Odisha, is engaged in the promotion and development of the handicrafts sector in the State.

Sealed tenders in big size envelope along with the requisite documents are invited from interested and experienced agencies having the required eligibility and expertise in the relevant field to provide end-to- end services for the supply of Improved Toolkit Sets in Terracotta, Dhokra Casting and Tribal Jewellery Crafts to the Directorate of Handicrafts, Odisha.

The Bid Document can be downloaded from the website https://crafts.odisha.gov.in. The bidder is required to submit the cost of the bid document amounting to Rs. 5,000/- (Rupees Five Thousand only) in the form of a Demand Draft drawn in favour of The Director of Handicrafts, Odisha along with the Technical Bid.

The last date for receipt of sealed bids in this Directorate is up to **5.00 PM** on **09.01.2026** through Speed Post / Registered Post / Courier only. The Technical Bids will be opened at **11.00 AM** on **13.01.2026** in the presence of the bidders or their authorized representatives. The Financial Bids of technically qualified bidders will be opened on a suitable date and time, which will be intimated separately to the qualified bidders.

The bidders must submit all documents as specified in the bid document along with the Technical Bid and Financial Bid strictly in accordance with the detailed terms and conditions.

The competent authority reserves the right to accept or reject any or all bids without assigning any reason thereof.

Sd./- Director of Handicrafts, Odisha
OIPR-31034/11/0008/2526

## Zilla Swasthya Samiti, Ganjam

(Contractual appointment of doctors under National Health Mission, Ganjam)

Adv. No. 19961 **Walk-in-Interview** Date : 18.12.2025

**No.E-604** : Zilla Swathya Samiti (ZSS), Ganjam invites the eligible candidates for filling up the post of Medical Officer (SNCU) at City Hospital & SDH Bhanjanagar, Medical Officer (NTEP) & at MKCG Berhampur & Medical Officer of Urban Ayushman Arogya Mandir (UAAM) under National Health Mission, Ganjam district. The Interested candidates fulfilling the eligibility criteria are requested to attend the Walk-in-Interview on 06.01.2026 at 11.30 A.M in the Office Chamber of CDM&PHO, Ganjam with all relevant documents. The eligibility criteria, vacancy, monthly remuneration, selection procedure, age etc and application form can be down loaded from district website. Interested candidates may log on to https://ganjam.odisha.gov.in for details.

Time to time notification regarding status of selection process will be hoisted in the district web- site only. The undersigned reserves the right to cancel / reject this advertisement without assigning any reason thereof.

OIPR-10041/11/0016/2526 Sd./- CDM & PHO-Cum-DMD, Ganjam

HOUSING AND URBAN DEVELOPMENT DEPARTMENT

## OFFICE OF THE BARGARH MUNICIPAL COUNCIL : BARGARH

AT/PO/DIST. - BARGARH, PIN-768028

No.5356/, Date.18.12.2025

**Tender Call Notice**

**No.C-1831** : The Executive Officer, Bargarh Municipality on behalf of Municipality invites bid in offline mode.

1. Nature of Work : Civil Work
2. No. of works : 10 (TEN) Nos
3. Estimated Cost : Rs.4,30,674/- to 4,98,319/-
4. Class of Contractor : "C" or "D" Class
5. date & Time of availability of Tender Paper in the office during office hour : **10.00 A.M. on dt.18.12.2025 up to 11.00 A.M. on dt.26.12.2025**
6. Original Bids document received shall be : **Before 1.00 P.M. on dt.26.12.2025**
7. Bid opening Date : Dt.26.12.2025 at 3.00 P.M.

The details of the tender can be obtained from Works section of Bargarh Municipality during office hours.

Sd./- Executive Officer, Bargarh Municipality
OIPR-13103/11/0022/2526

## Government of Odisha "e" Tender Notice (2nd time)

Bid Identification No.FE&CC-DFO(K.L.) KJR-03/2025-26
Office Order No.202 Dt.18.12.2025

No.MM-413: e-mail:keonjharkldivision@gmail.com

1. No. of the Work : A. Construction of New Range Office-cum-Residence at Asana under Bangiriposi (K.L.) Range.
2. Estimated Cost : Item 'A' Rs.59.22 Lakh
3. Period of Completion : 3 (Three) Calendar Months
4. Date and Time of availability of Bid document in the portal : From 10.00 Hour of 21.12.2025 to 17.00 Hour of 02.01.2026
5. Last date/Time for receipt of bids in the portal : 17.00 Hour of 02.01.2026
6. Date of Opening of Bid from Portal : 11.30 Hour of 03.01.2026
7. Name and address of the Officer Inviting Bid : Divisional Forest Officer Keonjhar Kenduleaf Division At-Judia, Keonjhar,PIN-758002

Further details can be seen from the e-procurement portal "http://tendersodisha.gov.in"

Sd./- Divisional Forest Officer, Keonjhar Kenduleaf Division
OIPR-08154/11/0007/2526

## GRIDCO LIMITED

(A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
No.CAD-2778

**NOTICE INVITING TENDER FOR STANDALONE BESS IN ODISHA**

Tender No - **SECI/C&P/IPP/15/0015/25-26 dated 18.12.2025**
Tender Search Code on ISN-ETS - **SECI -2025-TN000027**

The SECI on behalf of GRIDCO Ltd. has issued a tender for setting up of projects of 125 MW/ 500 MWh Standalone Battery Energy Storage Systems across the state of Odisha under Tariff-Based Competitive Bidding with VGF support through PSDF.

Interested bidders may visit ETS portal (**www.bharat-electronictender.com**), SECI website (**www.seci.co.in**) and GRIDCO website (**www.gridco.co.in**) for detailed terms and conditions, information, corrigendum, Amendment etc. with respect to the Tender.

OIPR-04056/11/0041/2526 **Chief General Manager (PP)**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୨୨୨ **ବିଜ୍ଞାପନ** ତା.୦୬.୧୨.୨୫

**No.CAD-2758**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ.ଏମ୍.ଆଇ.ଜି.-୨-୧୮୪, (MIG-II-184)କୁ କରମଚାନ୍ଦ କରନ, ପି-ଧନେଶ୍ୱର କରନ୍, ଗ୍ରା/ପୋ-ସୁଜନପୁର, ଥା-ଚଣ୍ଡିଖୋଲ, ଜି-ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା କରମଚାନ୍ଦ କରନ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଅଜୟ କୁମାର ପ୍ରଧାନ, ପି-ଗଦାଧର ପ୍ରଧାନ, ଗ୍ରା/ପୋ-ମେରମେରା, ଥା-ଚକ୍ରଧରପୁର, ଜି-ୱେଷ୍ଟ ସିଂଭୂମ୍ (ଝାଡଖଣ୍ଡ)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/1006/2526

GOVERNMENT OF ODISHA
DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER, MAIN DAM DIVISION, BURLA

Email Id: semaindamdivn@gmail.com

**AUCTION SALE NOTICE No. MDD-02/2025-26**

No.MDD/ 14478 Dated:16.12.25

No.A-1146: Sealed tender in conformity with the terms & conditions are invited from interested persons/ firms for sale of unserviceable surplus stock materials of Main Dam Division, Burla.

1. No. of unserviceable surplus stock materials : 2 Lots
2. Upset Value : Rs.25240/-
3. Date & Time of availability of Tender document : From 29.12.2025 at 10.00 AM upto 07.01.2026 at 11.00 AM
4. Last Date & Time for receipt of Tender in Division office drop box. : 07.01.2026 upto 5.00 PM
5. Date & Time of Opening of Tender in the Division Office : 08.01.2026 at 11.30 AM

Please visit website https://dowrodisha.gov.in or https://odisha.gov.in or https://tenderodisha or https://sambalpur.nic.in for details.

Sd./- Superintending Engineer, Main Dam Division, Burla
OIPR-32017/11/0018/2526

## Sambalpur Municipal Corporation Sambalpur

Email id: sambalpurm.hud@nic.in

Notice No. 14817 Dt.16.12.2025

**'e' Procurement NOTICE**
Bid Reference No: 24/SMC_SBP/2025-26
Tender ID No : 2025_ORULB_123015

**No.C-1828** : The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil Works : **32 (Thirty Two) numbers**
2. Estimated Costs : **1.68 lakhs & 42.14 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 17.12.2025 to 05.00 P.M. of 26.12.2025.**
5. Last Date/Time for receipt of bids in the portal : **05.00 P.M. of 26.12.2025**
6. Bids will be opened on : **11.00 A.M. of Dt. 29.12.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur.**

Sd./- Commissioner, Sambalpur Municipal Corporation
OIPR-13122/11/0153/2526

GOVERNMENT OF ODISHA

## OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION, JHARSUGUDA

E-mail ID : eepwdjsg2014@gmail.com, Telephone : 06645-271242, Kalimandir Road, Jharsuguda - 768202

No.B-870 **"e"-Procurement Notice**

**Bid Identification No.-SE-R&B-JSG-14 OF 2025-26**

| | | |
|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single Cover** system on ON-LINE mode from eligible contractors for Construction of **Civil Works as detailed in DTCN**. | |
| 2. | Nature of Work | **Civil Works** |
| 3. | Estimated cost | Rs.14.00 Lakhs to Rs.28.61 Lakhs |
| 4. | No. of work | 04 (Four) Nos |
| 5. | Tender Cost | Rs.6000.00 (as per DTCN) |
| 6. | Class of Contractor | Sl No - 1 - "D" &"C" Class<br>Sl No - 2, 3 & 4 - "C" & "B" Class |
| 7. | Availability of bid document in the website | **10.00 A.M. of 22.12.2025 to 05.00 P.M. of 31.12.2025** |
| 8. | Date of opening of Technical Bid (Cover-I) | **11.00 A.M. on Dt.01.01.2026** |
| 9. | The bidders have to participate in ON-LINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/cancellation of tender can also be seen in the said website. | |

Sd./- Superintending Engineer, Jharsuguda (R&B) Division
OIPR-34094/11/0028/2526

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

Dept. of Health & Family Welfare, Govt. of Odisha
District Head Quarter Hospital, Bargarh-768028
Phone/Fax: 06646- 231763

Advt. No: 82/NHM, BARGARH / 2025-26 Date: 17/12/2025

**TENDER CALL NOTICE**

**No.E-603** : Sealed tenders are invited from individuals/Tour Operators/Travel Agency / Society / Firm for Hiring of Vehicles for SSDDY, DPMU, NHM, Bargarh & RBSK programme, Supply of BLS BS6 AC Ambulance, Type-B" and Supply of Morbidity Management & Disability Prevention Kit (MMDP). Details regarding eligibility criteria, terms & conditions and the formats for submission of bids (Technical & Price bid) are mentioned in the tender document which may be downloaded from the website: www.bargarh.odisha.gov.in. Interested agencies have to submit their tenders in a sealed envelope super-scribing on the top of the sealed envelope as **"Tender for Hiring of Vehicles for SSDDY, DPMU, NHM, Bargarh & RBSK programme, Supply of BLS BS6 AC Ambulance, Type-B" and Supply of Morbidity Management & Disability Prevention Kit (MMDP)" separately**. The tenders should reach to the address mentioned in the RFP documents by Dt.18/12/2025 (till 4 P.M.) through Speed Post/Regd. Post/Courier only. The undersigned reserves the right to reject any or all the tenders without assigning any reason thereof. The authority will not held responsible for any postal delay.

Sd./- Chief District Medical & Public Health Officer, Bargarh
OIPR-10124/11/0027/2526

No.MM-410

## FOREST DEPARTMENT OFFICE OF THE DEPUTY DIRECTOR, SIMILIPAL SOUTH WL DIVISION, BARIPADA

e-mail - dfo.similipalsouthwl@odisha.gov.in.

**TENDER CALL NOTICE**

No. : 7777 Date : 17.12.2025

| Sl. No. | Description of the Item | Cost of Tender Paper | EMD to be deposited in Rs. |
|---|---|---|---|
| 1 | Supply, Installation of Software for AI based detection & Surveillance on Forest Fire with Real time Alert System with Comprehensive Maintenance Contract (CMC) for 5 Years in Similipal Tiger Reserve, Mayurbhanj, Odisha | Rs.5,000/- | Rs.1,00,000/- |

1. Tender papers / documents will be available in online at www.similipal.org and in the O/o the Deputy Director, Similipal South Wildlife Division, Baripada, Mayurbhanj from **dt.19.12.2025** to **dt.28.12.2025**.
2. Receiving of Tender papers will be within **dt.19.12.2025** until 04.00 PM of to **dt.28.12.2025**.
3. Date of Technical Presentation on **dt.02.01.2026**, 11.00 AM onwards.
4. Date of opening of technical on **dt.03.01.2026**, 11.00 AM onwards.
5. Date of Opening of financial bid on **dt.04.01.2026**, 11.00 AM onwards.
The authority reserves the right to accept or reject any or all tenders without assigning any reason.

Sd./- Deputy Director, Similipal South WL Division, Baripada
OIPR-08127/11/0044/2526

## ORISSA STATE AIDS CONTROL SOCIETY (OSACS)

(Department of Health & Family Welfare, Government of Odisha)

Tender / Bid No.2937/OSACS Date : 19.12.2025
File No. : OSACS-Proc.-Tend-0008-2025

**NOTICE INVITING BID**
**For Supply of Laboratory Consumables for Viral Load & CD4 (Lab. Services-2025-26)**

**No.E-607** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders (offline) under **two bid systems** from the interested and eligible bidders for **Supply of Lab. Consumables for Viral Load & CD4 (Lab. Services)**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details and to download the tender documents, please visit :

i) Website i.e. osacs.odisha.gov.in
ii) Social media handles twitter (X) (https://x.com/odishasacs) instagram (https://instagram.com/odishasacs) facebook (https://www.facebook.com/profile.php?id=61558382519204)

| | |
|---|---|
| Date of availability of Tender Document | **24.12.2025, 11.00 A.M.** |
| Closing Date & Time of Receiving of Sealed Tender | **15.01.2026 upto 5.00 P.M.** |

OIPR-10009/11/0056/2526 **Sd./- Project Director**

GOVERNMENT OF ODISHA
DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI

Email : eemikldbpt@gmail.com

**e-PROCUREMENT NOTICE**

**Bid Identification Notice No. : SE MID BPT-08/2025-26**

Lt No. : 5047 Dt. : 17.12.2025

**No.A-1160** : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | |
|---|---|---|
| 1. | Name of work | Improvement to MIPs under M.I. Division, Kalahandi |
| 2. | Total No. of works | 13 (Thirteen) Nos. Only |
| 3. | Estimated cost | Varies from Rs.8.47 Lakhs to Rs.31.40 Lakhs Approximately |
| 4. | Class of Contractor | "D", "C" & "B" |
| 5. | Period of completion | 03 (Three) Calendar Months |
| 6. | Date and time of availability of Bid Document in portal | **From 11:00 A.M. on 22.12.2025 and up to 5:30 P.M. on 31.12.2025** |
| 7. | Last date / time for receipt of Bid Document in portal | **Up to 5:30 PM on 31.12.2025** |
| 8. | Date / Time of opening | **From 11:00 A.M. on 01.01.2026** At O/o M.I. Division, Kalahandi, Bhawanipatna |
| 9. | Name and Address of Tender Inviting Officer | Superintending Engineer, M.I. Division, Kalahandi, Officer inviting the Bid |
| 10. | Mode of Payment of Bid cost and Bid security | Online |
| 11. | Date of Lottery (If required) | **On 12.01.2026 at 11.00 A.M.** |

Sd./- Superintending Engineer, M.I. Division, Kalahandi
OIPR-32531/11/0013/2526

## BHUBANESWAR DEVELOPMENT AUTHORITY

AKASH SHOVA BUILDING,
SACHIVALAYA MARG, BHUBANESWAR-751001
Visit us at: http://www.bda.gov.in/

**INVITATION FOR BIDS**

Bid Identification No.1197/EE-I/BDA/2025-26 Date:19.12.2025

No.CAD-2776: Executive Engineer, Division No.I, BDA on behalf of Bhubaneswar Development Authority, Bhubaneswar invites percentage rate bids in single cover system in ONLINE MODE from eligible contractors for civil works as mentioned below:

1. Nature of Works : Civil Work
2. Total No. of Works : 01 (One) No.
3. Amount put to tender : Rs.16.24 Lakh
4. Class of Contractor : 'D' & 'C' Class
5. Period of Completion : 01 (One) Calendar Month
6. Cost of Bid Documents : Rs.6000.00+ 18% GST (Online transfer by the last date & time for receipt of bids)
7. Earnest Money Deposit (EMD) : 1% of estimated cost put to tender (Online transfer by the last date & time for receipt of bids)
8. Availability of Tender : From 20.12.2025 to 5.00 PM of 29.12.2025 https://tendersodisha.gov.in
9. Date of Opening of Tender : Dt.30.12.2025 at 11.30 AM
10. Place of Opening of Tender : O/o. Executive Engineer, Div-I, BDA Bhubaneswar

Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Executive Engineer, Division No-I, BDA
OIPR-13033/11/0425/2526

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼ OFFICE OF THE MUNICIPAL COUNCIL, TITILAGARH

(Dept. of Housing & Urban Development, Govt.of Odisha)
At/Po.Ps.Titilagarh, Dist.Balangir-767033, e-mail: titilagarhmunicipality@gmail.com

**e-tender notice details**
Bid identification No.TIG-MPL-18-2025
DTCN No.3744/Dt.17.12.2025

No.C-1822: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

1. Name of the Work : Civil Construction works as mentioned in website.
2. No. of Works : **1 no. of Civil Projects**
3. Tender Cost : **As per DTCN**
4. Period of Completion : 60 days
5. Date & Time of availability of Bid documents in the Portal : From **19.12.2025, 12.00 am to 29.12.2025, 5.00 P.M.**
6. Last date & time for receipt of bids in the portal : upto **29.12.2025 at 5.00 P.M.**
7. Last date & time for deposit Of Fees & Documents (in sealed envelope) at Office tender box : upto **30.12.2025 at 05.00 PM**
8. Bids received online & Offline will be opened on : On **31.12.2025 at 11.00 AM**
9. Name and address of the Officer Inviting Bid : Executive Officer, Titilagarh Municipality

Further details can be seen from the procurement portal i.e. **https://tendersodisha.gov.in.**

Sd./- Executive Officer, Titilagarh Municipality
OIPR-13095/11/0041/2526

## OFFICE OF THE SUPERINTENDING ENGINEER MINOR IRRIGATION DIVISION, JAJPUR

Letter No.3509/ Dt.17.12.2025
Bid Identification No. online SEMIDJAJ-07/2025-26, eemijajpur@gmail.com

No.A-1149: The Superintending Engineer, Minor Irrigation Division Jajpur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work: | Construction of Canal lining under M.I. Division, Jajpur |
| No. of Works: | 02 (Two) Only |
| Estimated Cost: | Varies from 83.91 to 84.72 lakh (Approximately) |
| Cost of Tender Paper: | 10000/- |
| Period of Completion: | 02 (Two) Calendar Months |
| Availability of bid documents for sale and receipt through online | From dt.20.12.2025, 10.00 AM to dt.29.12.2025, upto 5.00 P.M. |
| Last date/time of receipt of bids in the portal: | 29.12.2025 (5.00 PM) |
| Date of Opening technical bid through online | On dt.30.12.2025 at 11.00 AM in the Office of the S.E.,M.I. Division, Jajpur |
| Date of Opening Financial Bid through online: | On dt.02.01.2026 at 11.00 AM in the Office of the S.E., M.I. Division, Jajpur |
| Mode of Payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) |
| Date of Lottery if required | 08.01.2026 (12.00 Noon) |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Jajpur, At-Bhabaniganj, P.O./ District-Jajpur, Pin No.755001, Email ID: eemijajpur@gmail.com |
| Further details can be seen from the e-Procurement http://tendersorissa.gov.in | |

Sd./- Superintending Engineer, M.I. Division, Jajpur
OIPR-32280/11/0023/2526

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ........................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏମ୍‌ଜି ହେକ୍ଟରର ବଜାର ପ୍ରବେଶ

ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)

ପ୍ରିମିୟମ ଏସ୍‌ୟୁଭି ଏମ୍‌ଜି ହେକ୍ଟରର ଭୁବନେଶ୍ୱର ଖଣ୍ଡଗିରିସ୍ଥିତି ଏମ୍‌ଜି ସେଣ୍ଟ୍ରାଲ ଶୋ'ରୁମ୍‌ରେ ବଜାର ପ୍ରବେଶ କରାଯାଇଛି। ୟୁକୋ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ସୌଭାଗ୍ୟ ସାହୁ ଓ ଆକ୍ସିସ ବ୍ୟାଙ୍କର ସେଲ୍‌ସ ମ୍ୟାନେଜର ସୁଶୀଲ ପ୍ରଧାନ ଓ ଏମ୍‌ଜି ଏହାର ଅନାବରଣ କରିଥିଲେ। ଏମ୍‌ଜି ସେଣ୍ଟ୍ରାଲର ସେଲ୍‌ସ ହେଡ୍ ଦେବାଶିଷ ଦାଶ କହିଛନ୍ତି, ହେକ୍ଟରର ମୂଲ୍ୟ ୧୧ଲକ୍ଷ ୯୯ ହଜାର ଟଙ୍କାରୁ ଆରମ୍ଭ ହେଉଛି। ନୂତନ ଆକର୍ଷଣୀୟ ଅଉରା-ହେକ୍ସ ଗ୍ରିଲ୍, ଅଉରା ବୋଲ୍ଟ ଆଲୟ ହୁଇଲ, ଆଉରା ସ୍କଲ୍ପଟ୍ ବମ୍ପର୍, ଏଲଇଡି କଣ୍ଟିନ୍ୟୁଆସ



ଟେଲ୍ ଲାଇଟ, ଏଲ୍ଇଡି ଫ୍ରଣ୍ଟ ଫଗ୍ ଲ୍ୟାମ୍ପ ଏବଂ ଫ୍ଲୋଟିଂ ଲାଇଟ ଟର୍ନ ଇଣ୍ଡିକେଟର ସହିତ ଡିଜାଇନ କରାଯାଇଛି। ୫ ସିଟର୍ ପାଇଁ ଆଇସ ଗ୍ରେ ଏବଂ ୬ ଓ ୭ ସିଟର୍ ପାଇଁ ଅର୍ବାନ ଟାନ ଡ୍ୟୁଆଲ-ଟୋନ ଥିମ, ହାଇଡ୍ରା ଗ୍ଲସ୍ ଫିନିସ ଆକ୍ସେଣ୍ଟ, ଫ୍ରଣ୍ଟ ଭେଣ୍ଟିଲେଟେଡ୍ ସିଟ, ୬-ୱେ ପାୱାର୍ ଆଡ୍‌ଜଷ୍ଟ ଡ୍ରାଇଭର୍ ସିଟ, ଲେଦରେଟ ସିଟ ଓ ଷ୍ଟିୟରିଂ, ଡ୍ୟୁଆଲ-ପେନ୍ ପ୍ୟାନୋରାମିକ ସନ୍‌ରୁଫ୍, ୮ କଲର୍ ଆମ୍ବିୟେଣ୍ଟ ଲାଇଟିଂ, ଏୟାର୍ ପ୍ୟୁରିଫାୟର୍ ସହ ୱେଆରଲେସ୍ ଚାର୍ଜର ରହିଛି। ଏଥିରେ ୭-ଇଞ୍ଚ ଡିଜିଟାଲ କ୍ଲଷ୍ଟର୍, ଆଇ ସ୍ୱାଇପ୍ ଟଚ ଜେଷ୍ଟର୍ କଣ୍ଟ୍ରୋଲ, ୧୦୦+ ଭଏସ୍ କମାଣ୍ଡ, ଏମ୍‌ଜି ଆପ ଷ୍ଟୋର୍, ୭୦ରୁ ଅଧିକ କଣ୍ଟିନ୍ୟୁଆସ କାର୍ ଫିଚର ରହିଛି। ସୁରକ୍ଷା ପାଇଁ ଆଡାସ୍ ଅଟୋନୋମସ ଲେଭେଲ ୨ ସହ ୧୧ଟି ଫିଚର ରହିଛି। ନୂଆ ମଡେଲଟି ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ ବୋଲି ପରିଚାଳନା ନିର୍ଦ୍ଦେଶକ ବିଶାଲ ଧାୱନ, ନିର୍ଦ୍ଦେଶକ ଆଦର୍ଶ ଧାୱନ ଓ ସିନୁ ଧାୱନ ମତ ପ୍ରକାଶ କରିଛନ୍ତି।

# ଇଡିଏଲ୍‌ଆଇ ଯୋଜନା ନିୟମକୁ ସରଳକରିବ ଇପିଏଫ୍‌ଓ

ଭୁବନେଶ୍ୱର,୨୦।୧୨

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) କର୍ମଚାରୀ ଜମା ଲିଙ୍କ୍‌ଡ ବୀମା ଯୋଜନାର ନିୟମକୁ ସରଳ କରିବାକୁ ନିଷ୍ପତ୍ତି ନେଇଛି। ଯେଉଁମାନଙ୍କର ମୃତ୍ୟୁ ଦାବି ଚାକିରି ପରିବର୍ତ୍ତନ କରିବା ସମୟରେ ଏକ ଛୋଟ ବିରତି ଯୋଗୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏହା ସିଧାସଳଖ ସେହି କର୍ମଚାରୀଙ୍କ ପରିବାରକୁ ଲାଭ ଦେବ। ଡିସେମ୍ବରରେ ଇପିଏଫ୍‌ଓ ଦ୍ୱାରା ଜାରି ଏକ ସର୍କୁଲାର ମାଧ୍ୟମରେ ଏହି ସମସ୍ୟା ଦୂରକରିବାକୁ ଏକ ପ୍ରୟାସ କରାଯାଇଛି। ବର୍ତ୍ତମାନ ଚାକିରି ପରିବର୍ତ୍ତନ ସମୟରେ ସାପ୍ତାହିକ ଛୁଟିକୁ ସେବା ବିରତି ଭାବରେ ବିବେଚନା କରାଯିବ ନାହିଁ ବୋଲି ଇପିଏଫ୍‌ଓ ସ୍ପଷ୍ଟ କରିଛି। ସାପ୍ତାହିକ ଛୁଟି ବ୍ୟତୀତ ଜାତୀୟ ଛୁଟି ଏବଂ ରାଜ୍ୟ ସରକାର ଘୋଷିତ ଛୁଟି ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହାର ଅର୍ଥ କର୍ମଚାରୀଙ୍କ ସେବା ନିରନ୍ତର ଭାବରେ ବିବେଚନା କରାଯିବ।



ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶନିବାର ଯାଜପୁର ରୋଡ୍‌ରେ ଶୋ'ରୁମ୍‌ର ଉଦ୍‌ଘାଟନ ଅବସରରେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇବେଳେ ଖିମ୍‌ଜୀ ଜୁଏଲର୍ସର ଅଧ୍ୟକ୍ଷ ଦୀନେଶ ଖିମ୍‌ଜୀ, କିଶୋର ଖିମ୍‌ଜୀ, ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ଓ ଖିମ୍‌ଜୀ ପରିବାରବର୍ଗ ଉପସ୍ଥିତ ଅଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦାର ଉଦଳା ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୧୨

ବ୍ୟାଙ୍କ ଅଫ୍ ବରୋଦାର ଉଦଳା ଶାଖା ମୟୂରଭଞ୍ଜ ଜିଲାରେ ଉଦ୍‌ଘାଟିତ ହୋଇଯାଇଛି । ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା ଏବଂ କଟକ କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଗୌତମ କୁମାର ପାଲଙ୍କ ସମେତ ଉଦଳା ଶାଖାର ଶାଖା ମୁଖ୍ୟ ଗୋପାଳ ଚନ୍ଦ୍ର ସାହୁ ଏବଂ ଶାଖାର ଅନ୍ୟ କର୍ମଚାରୀ ଓ ଶତାଧିକ ଗ୍ରାହକ ଏଥିରେ ଯୋଗଦେଇଥିଲେ। ବ୍ୟାଙ୍କ ଅଫ୍ ବରୋଦା ହେଉଛି ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯାହାର ରାଜ୍ୟରେ ୨୦୨ଟି ଶାଖା ରହିଛି। ମୟୂରଭଞ୍ଜ ଜିଲାର ଏହା ସପ୍ତମ ଶାଖା ।



# କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଦେବ ୬୧.୯୫ ଲକ୍ଷ ଜରିମାନା

ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)

ବ୍ୟାଙ୍କିଙ୍ଗ୍ ନିୟମ ଉଲ୍ଲଂଘନ କରିଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଉପରେ ୬୧.୯୫ ଲକ୍ଷ ଜରିମାନା ଲଗାଇଛି। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର କାର୍ଯ୍ୟରେ ଅବହେଳା ଏବଂ ନିୟମାବଳୀ ଅବମାନନା ଯୋଗୁ ଆର୍‌ବିଆଇ ଏହି ଜରିମାନା ଲଗାଇଛି। ଏକ ତଦନ୍ତରୁ ଜଣାପଡ଼ିଛି, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ପୂର୍ବରୁ ଆକାଉଣ୍ଟ ଥିବା ଗ୍ରାହକଙ୍କ ପାଇଁ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଆକାଉଣ୍ଟ ଖୋଲିବା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିୟମ ପାଳନ କରିବାରେ ବିଫଳ ହୋଇଛି। ବ୍ୟାଙ୍କ ଏହାର ବ୍ୟବସାୟିକ ପ୍ରତିନିଧିଙ୍କ ସହ ଚୁକ୍ତି କରିଥିଲା ଯାହା ବ୍ୟାଙ୍କର କ୍ଷେତ୍ରାଧିକାର ମଧ୍ୟରେ ନ ଥିଲା। ଏହା ବ୍ୟତୀତ ବ୍ୟାଙ୍କ କେତେଜଣ ଗ୍ରାହକଙ୍କ ବିଷୟରେ କ୍ରେଡିଟ୍ ବ୍ୟୁରୋକୁ ଭୁଲ୍ ସୂଚନା ପ୍ରଦାନ କରିଥିବା ଜଣାପଡ଼ିଥିଲା, ଯାହା ସିଧାସଳଖ ଗ୍ରାହକଙ୍କ କ୍ରେଡିଟ୍ ସ୍କୋରକୁ ପ୍ରଭାବିତ କରିଥିଲା। ଏହି ପ୍ରସଙ୍ଗଗୁଡ଼ିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଉକ୍ତ ବ୍ୟାଙ୍କ ଉପରେ ଜରିମାନା ଲଗାଇବାକୁ ନିଷ୍ପତ୍ତି ନେଇଛି। ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଆର୍ଥିକ ସ୍ଥିତି ସମୀକ୍ଷା କରିବା ପରେ କେନ୍ଦ୍ରୀୟ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛି। ତେବେ ଉକ୍ତ କାର୍ଯ୍ୟାନୁଷ୍ଠାନ ସିଧାସଳଖ ବ୍ୟାଙ୍କର ଗ୍ରାହକମାନଙ୍କୁ ପ୍ରଭାବିତ କରିବ ନାହିଁ ବୋଲି ସୂଚନା ଦିଆଯାଇଛି। ଆର୍‌ବିଆଇ ଏକ ବିଜ୍ଞପ୍ତିରେ କହିଛି, ବ୍ୟାଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ବ୍ୟାଙ୍କିଙ୍ଗ୍ ନିୟନ୍ତ୍ରଣ ଆଇନର ପ୍ରାସଙ୍ଗିକ ଧାରା ଏବଂ କ୍ରେଡିଟ୍ ସୂଚନା କମ୍ପାନୀ (ନିୟନ୍ତ୍ରଣ) ଆଇନ, ୨୦୦୫ ର ବ୍ୟବସ୍ଥା ଅନୁଯାୟୀ ଆର୍‌ବିଆଇର କ୍ଷମତା ଅଧୀନରେ ଲାଗୁ କରାଯାଇଛି।


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

ମାଟିବଂଶ ଜାତିର ମାଇନ୍ସ ଅଫିସର ପୁଅ ପାଇଁ ଝିଅ ଆବଶ୍ୟକ। ମୋବାଇଲ- 8839575893. D-2891

## GROOM WANTED

A Bhubaneswar based retired banker is seeking a well settled groom in and around Bhubaneswar and Cuttack for his daughter, aged 37years, height 5ft., Colour wheatish, Khandayat caste, qualification PG and Diploma in IT. Contact 7656947034. D-2889

Beautiful Karan girl, 1992, 5'3", B-Tech, serving American Express Bank, London. S U N A S A N S A R , 9937512659. D-2890

ବୟସ 29, Medical ରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2892

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



REAL ESTATE

## SALE

GHARABARI PLOT MEASURING 4051 SQFT. ON NH 203 OPPOSITE KEC. 9437573430/ 8409225177. D-2868

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347** D-2878

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୫୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Healthcare

Newly open health benefits, Joint pain relax good environment a t m o s p h e r e 7653969971. D-2853

All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

I, JITENDRA BEHERA, S/O.- LATE BASANTA KUMAR BEHERA. RESIDENT OF AT-HARIPUR ROAD. P.S.- PURIGHAT, DIST.- CUTTACK, PIN- 753001, ODISHA DECLARE BY THIS AFFIDAVIT NO.- 70AA 342366 DATED- 03.12.2026, THAT NOW ONWARDS I SHALL BE KNOWN AS JITENDRA KUMAR BEHERA FOR ALL FUTURE PURPOSES. D-2880

I, Sunil K Bhanjdeo, Son of Shri Alekha Chandra Bhanja, Residing At Village- Malabiharpur, P.O.- Kadalibadi, P.S.- Banki, District- Cuttack, State- Odisha. By virtue of an Affidavit No. 3741 Dtd.- 15.12.2025 sworn before Smt. Priyanka Jujharsingh, ORS, Executive Magistrate, Banki, Odisha, I declare that Sunil K Bhanjdeo and Sunil Kumar Bhanja is one and same person. I hereafter will be known as Sunil K Bhanjdeo in all purpose. D-2883

By virtue of an affidavit sworn before Executive Magistrate, Rairangpur, dated 19.12.2025, I, Samya Ranjan, Address: At- Jodapokhari, P.O.- Aharbandh, P.S.- Rairangpur, Dist.- Mayurbhanj declare that I have changed my name from Samyaranjan Murmu to Samya Ranjan. Henceforth, I shall be known as Samya Ranjan for all purposes.
Samya Ranjan D-2881

By virtue of an affidavit before Executive Magistrate, Satyabadi, Dtd.- 21.12.2025, I, Sudarsan Pradhan, S/o.- Biswanath Pradhan, Resident of Gualipari, P.S.- Satyabadi, Dist.- Puri. My actual name is Sudarsan Pradhan in all documents but wrongly mentioned Surendra Pradhan in my L.I.C bond. Surendra Pradhan and SUDARSAN PRADHAN is same and one person for all purposes.
SUDARSAN PRADHAN D-2882

By virtue of an Affidavit sworn before the Executive Magistrate, Bhubaneswar, dated 15.12.2025, I, Sasmi Rekha Mohapatra, W/o.- Sunil Kumar Panda, R/o. Plot No.- 249/2439, Barabari, Jagamara, P.S.- Khandagiri, BBSR-751030, Dist.- Khordha, Odisha declare by this affidavit that, now onwards I shall be known as 'Sashmirekha Mohapatra' for all future purposes. D-2885

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Executive Magistrate, Bhadrak, dtd. 19.12.2025, I, Sumitra Barik, W/o.- Rabindra Barik, Vill.- Kanjikhia, P.O.- Eratal, P.S.- Basudevpur, Dist.- Bhadrak, Odisha, PIN- 756124 declare that I have changed my name from Sukhmati Uranw to Sumitra Barik. Henceforth, I shall be known as Sumitra Barik for all purposes.
Sumitra Barik D-2886

By virtue of an affidavit No. 4653 dated 22.7.25, sworn before the Executive Magistrate, Tihidi Tahasil, Bhadrak, I, Dhumali Malik, S/o.- Raghu Malik, Vill.- Taladapa, P.O.- Tiadisahi, P.S.- Pirahat, Dist.- Bhadrak, Odisha, PIN- 756131 declare that I have changed my son's name from Susanta Malik to Mithun Malik. Henceforth, he shall be known as Mithun Malik for all purposes.
Dhumali Malik D-2887

I, Gufrana Banu, W/o.- Atahar Hussain, resident of Satyavihar, P.O.- Rasulgarh, Bhubaneswar, Odisha declare by this affidavit No. 175 dtd.- 20.12.2025 that now onwards I shall be known as Gufrana Bano for all future purposes. D-2884

ମୁଁ, ଶ୍ରୀମତୀ କବିତା ମଲ୍ଲିଆ, ସ୍ୱାମୀ: ସ୍ୱର୍ଗତ କୂଳମଣି ମଲ୍ଲିଆ, ଏତଦ୍ୱାରା ଜଣାଇବାକୁ ଚାହୁଁଛି ଯେ, ମୋର ବିଭିନ୍ନ ଦସ୍ତାବିଜରେ ମୋର ଭିନ୍ନ ଭିନ୍ନ ନାମ ରହିଥିବା ପରିଲକ୍ଷିତ ହେଉଅଛି । ଏତଦ୍ ସଂଗେ ମୋର ଜନ୍ମ ତାରିଖ ମଧ୍ୟ ଭିନ୍ନ ଭିନ୍ନ ଥିବା ହେତୁ ମୁଁ ଏହି ପ୍ରକାଶନ ମାଧ୍ୟମରେ ସୂଚେଇ ଦେବାକୁ ଚାହେଁ ଯେ ଆଜିଠାରୁ ମୁଁ, ଶ୍ରୀମତୀ କବିତା ମଲ୍ଲିଆ, ସ୍ୱାମୀ: ସ୍ୱର୍ଗତ କୂଳମଣି ମଲ୍ଲିଆ ଜନ୍ମ ତାରିଖ: ୦୩.୦୩.୧୯୭୯ ରୂପେ ପରିଚିତ ହେବି। ଧ-୨୮୯୩

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ୟାମ ସୁନ୍ଦର କର
ରାମଚନ୍ଦ୍ରପୁର, ଭିଙ୍ଗାରପୁର
ଆବିର୍ଭାବ: ୦୧।୧୨।୧୯୫୦
ତିରୋଧାନ: ୧୦।୧୨।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ସନ୍ତୋଷ, ସମିର, ବୁଲୁ, ସାଇ, ମୁମୁ, ରାଧା, କ୍ରୀଷ୍ଣା ଏବଂ କର ପରିବାରବର୍ଗ ।
ଧ-୨୮୮୮

## LEGAL NOTICE

I. No.- 1889, Dtd.- 05.12.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ଆଶୁତୋଷ ସାମଲ, OAS(S.A.G)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.-୨,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେଶ ନଂ.- ୨୭୩/୨୦୨୩
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ସୌମ୍ୟଶ୍ରୀ ଦେବାଶିଷ୍ ମହାନ୍ତି .......ବାଦୀ
ବନାମ
ଶିବାନୀ ଇନ୍ଭେଷ୍ଟର୍ସ୍ ଓ ପ୍ରମୋଟର୍ସ ପ୍ରାଇଭେଟ ଲିମିଟେଡ ମାର୍ଫତ୍‌ଦାର, ମ୍ୟାନେଜିଂ ଡାଇରେକ୍ଟର, ଶ୍ରୀ ରତିକାନ୍ତ କାନୁନ୍‌ଗୋ ଓଗେର .......ପ୍ରତିବାଦୀମାନେ
ନୋଟିସ ଅର୍ଡର -୫ ରୁଲ - ୨୦ C.P.C ମୁତାବକ

ପ୍ରତିବାଦୀ ନଂ-୧ ଶିବାନୀ ଇନ୍ଭେଷ୍ଟ ଓ ପ୍ରମୋଟର୍ସ ପ୍ରାଇଭେଟ ଲିମିଟେଡ ମାର୍ଫତଦାର, ମ୍ୟାନେଜିଂ ଡାଇରେକ୍ଟର, ଶ୍ରୀ ରତିକାନ୍ତ କାନୁନ୍‌ଗୋ, ବୟସ- ୫୧ ବର୍ଷ, ପିତା - ଅନିଲ କୁମାର କାନୁନ୍‌ଗୋ, ସା- ପ୍ଲଟ୍ ନଂ.-୨୫୧, ସହିଦ୍ ନଗର, ପୋ/ଥାନା- ସହିଦ୍ ନଗର, ସି.ଟି.- ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଅଦାଲତ ନଂ.- ୨ ଇଜିଲାସ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯.୦୧.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ନୀଳକଣ୍ଠପୁର, ତହସିଲ- ଖୋର୍ଦ୍ଧା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.-୧୬୭, ପ୍ଲଟ୍ ନଂ.-୨୩୪, କିସମ- ଶାରଦ- ୨, ଏରିଆ- ଏ୦.୨୬୦ ଡିସିମିଲରୁ କ୍ରୟବୃତ୍ତି ଏ୦.୦୨୭ ଡିସିମିଲ ଓ ପ୍ଲଟ ନଂ-୨୩୩, କିସମ- ଶାରଦ-୨, ଏରିଆ- ଏ୦.୨୯୦ ଡିସିମିଲରୁ କ୍ରୟବୃତ୍ତି ଏ୦.୦୨୮ଡିସମିଲ, କିସମ - ଶାରଦ -୨, ମୋଟ କ୍ରୟ ବୃତି ଏରିଆ ଏ୦.୦୫୫ଡିସିମିଲ।

ଏ ସମସ୍ତଙ୍କର ହାଲ ଜମି ବିବରଣୀ ମୌଜା- ନୀଳକଣ୍ଠପୁର, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୨୦୧୩ ବନ୍ଦୋବସ୍ତ ହାଲ ଖାତା ନଂ.-୨୮୪, ପ୍ଲଟ୍ ନଂ.- ୩୯୩, କିସମ- ଶାରଦ ଅଣଜଳସେଚିତ, ଏରିଆ- ଏ୦.୪୬୭୦ ଡିସିମିଲିରୁ ମୋଟ କ୍ରୟବୃତ୍ତି ଏରିଆ- ଏ୦.୦୫୫ଡିସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୧ ଓ ମୃତ ପ୍ରତିବାଦୀଙ୍କ ୱାରିଷମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ତାରିଖ: ୦୮।୧୨।୨୫ ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା/- କୋର୍ଟ ଅଫିସର
ଧ-୨୮୯୩

# ପ୍ରୋଟିନ୍ ସପ୍ଲିମେଣ୍ଟ

**ବର୍ତ୍ତମାନ ନିଜ ଫିଗରକୁ ନେଇ ଅଧିକାଂଶ ଯୁବପିଢ଼ି ବେଶ୍ ସଜାଗ। ତେଣୁ ସେମାନେ ରେଗୁଲାର୍ ଜିମ୍ ଯିବା ସହ ବିଭିନ୍ନ ପ୍ରୋଟିନ୍ ସପ୍ଲିମେଣ୍ଟ ନେବାକୁ ବି ପଛାଉନାହାନ୍ତି। ହେଲେ ମନଇଚ୍ଛା ଏଭଳି ପ୍ରୋଟିନ୍ ସପ୍ଲିମେଣ୍ଟ ନେବା ସ୍ୱାସ୍ଥ୍ୟପକ୍ଷେ କେତେ ହିତକର ତାହା ପ୍ରଶ୍ନବାଚୀ...**

ନିଜକୁ ସୁସ୍ଥ ଓ ସ୍ଲିମ୍ ଫିଟ୍ ରଖିବା ଲାଗି ଯୋଗ, ବ୍ୟାୟାମ କରିବା ସହ ପ୍ରତିଦିନ ସନ୍ତୁଳିତ ତଥା ବିଭିନ୍ନ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ ବିଭିନ୍ନ ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ହେଲେ ଆଜିର ଯୁବପିଢ଼ି ଆଟ୍ରାକ୍ଟିଭ୍ ଫିଗର ପାଇବା ଲାଗି ବିଶେଷକରି ବଡି ବିଲ୍ଡିଂ ପାଇଁ ଜିମ୍ ଯାଉଥିବା ବେଳେ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେବା ଆଳରେ ପ୍ରତିଦିନ ପ୍ରୋଟିନ୍ ଶେକ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ କଥାରେ ଅଛି– ଅତି ସର୍ବତ୍ର ଗର୍ହିତମ୍। ଅର୍ଥାତ୍ କୌଣସି ଜିନିଷ ଆବଶ୍ୟକତାଠାରୁ ଅଧିକ ଖରାପ। ସନ୍ତୁଳିତ ଖାଦ୍ୟ ବଦଳରେ ଅଧିକ ପ୍ରୋଟିନ୍ ସପ୍ଲିମେଣ୍ଟ ଖାଇବା ବିଶେଷକରି ଡାକ୍ତର କିମ୍ବା ଏକ୍ସପର୍ଟଙ୍କ ପରାମର୍ଶ ନ ନେଇ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେଶନ (ହୁ) ଅନୁଯାୟୀ ପ୍ରୋଟିନ୍ ସପ୍ଲିମେଣ୍ଟ ସବୁବେଳେ ଖାଦ୍ୟର ବିକଳ୍ପ ହୋଇ ନ ପାରେ। କାରଣ ଏହା ଶରୀରକୁ ଆବଶ୍ୟକ ହେଉଥିବା ସମସ୍ତ ପ୍ରୋଟିନ୍‌ର ପରିମାଣ ଭରଣା କରିପାରେନାହିଁ। କେବେକେବେ ଏହାର ପରିମାଣ ଆବଶ୍ୟକତାଠାରୁ ଅଧିକ ହେବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଉପୁଜିଥାଏ।



**କେଉଁ ସବୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ**

– ବର୍ତ୍ତମାନ ହ୍ୱେ ପ୍ରୋଟିନ୍ ଏବଂ କ୍ୟାସିନ୍ ପ୍ରୋଟିନ୍ ସବୁଠୁ ବେଶି ବ୍ୟବହାର ହେଉଛି, ଯାହାକି ମୁଖ୍ୟତଃ କ୍ଷୀରରୁ ପ୍ରସ୍ତୁତ ହେଇଥାଏ। ଏଥିରେ ଅଧିକ ପରିମାଣରେ ଲ୍ୟାକ୍ଟୋଜ୍ ଥିବାରୁ ଯେଉଁମାନେ କ୍ଷୀର ପିଅନ୍ତି ନାହିଁ, ସେମାନଙ୍କଠାରେ ଏହି ସପ୍ଲିମେଣ୍ଟ ହଜମକ୍ରିୟାରେ ବାଧା ସୃଷ୍ଟି କରିଥାଏ। ପେଟ ଫମ୍ପେଇବା, ବାନ୍ତି ଲାଗିବା, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦେଖାଦେଇଥାଏ।

– ଆବଶ୍ୟକତାଠାରୁ ଅଧିକ ପ୍ରୋଟିନ୍ ପାଉଡର୍ ସେବନ କଲେ ଶରୀରରେ ଫ୍ୟାଟ୍ ପରିମାଣ ବଢ଼ିଥାଏ, ଯାହାକି ଧୀରେ ଧୀରେ ମେଦବହୁଳତାର କାରଣ ସାଜିଥାଏ।

– ପ୍ରୋଟିନ୍ ପାଉଡର୍ ଅଧିକ ପିଇଲେ ଶରୀରରେ ନାଇଟ୍ରୋଜେନ୍ ସ୍ତର ବୃଦ୍ଧି ପାଇଥାଏ। ଯାହାକୁ ଶରୀରରୁ ନିଷ୍କାଶନ କରିବା ଲାଗି କିଡ୍‌ନୀ ଉପରେ ଅଧିକ ଚାପ ପଡିଥାଏ। ଦୀର୍ଘଦିନ ଏପରି ହେବାଦ୍ୱାରା କିଡ୍‌ନୀ ଷ୍ଟୋନ, କ୍ରନିକ୍ କିଡ୍‌ନୀ ରୋଗ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।

– ମାର୍କେଟ୍‌ରେ ଅନେକ ନକଲି ପ୍ରୋଟିନ୍ ପାଉଡର ମିଳୁଛି, ଯେଉଁଥିରେ ପ୍ରିଜର୍ଭେଟିଭ୍‌ର ପରିମାଣ ଅଧିକ ରହୁଛି। ତେଣୁ ଏସବୁ ଖାଇବା ଦ୍ୱାରା ଫ୍ୟାଟି ଲିଭର ସମସ୍ୟା ଦେଖା ଦେଇଥାଏ। ଏମିତିକି ଏହା ଲିଭର ସମ୍ବନ୍ଧୀୟ ଅନ୍ୟ ସମସ୍ୟା ବି ଉପୁଜାଇଥାଏ।

– ସୋଏ ପ୍ରୋଟିନ୍ ସପ୍ଲିମେଣ୍ଟ ଅଧିକ ସେବନ ଦ୍ୱାରା ଶରୀରରେ ହର୍ମୋନ୍ ସ୍ତରରେ ଅସନ୍ତୁଳନ ଦେଖାଦିଏ। ବିଶେଷ କରି ଯୁବତୀମାନେ ଏହାକୁ ସେବନ କରିବା ଦ୍ୱାରା ଇଷ୍ଟ୍ରୋଜେନ୍ ସ୍ତର ପରିବର୍ତ୍ତନ ହୋଇଥାଏ, ଯଦ୍ୱାରା ଗର୍ଭଧାରଣ ସମୟରେ ଅସୁବିଧା ଦେଖାଦେଇଥାଏ।



– ଏଭଳି ପ୍ରୋଟିନ୍ ସପ୍ଲିମେଣ୍ଟ ଅଧିକ ସେବନ କରିବା ଦ୍ୱାରା ଶରୀରରେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇଥାଏ।

– ହ୍ୱେ ପ୍ରୋଟିନ୍ ଯୁବକଙ୍କ ଠାରେ ଟେଷ୍ଟୋଷ୍ଟେରନ୍ ସ୍ତର ବୃଦ୍ଧି କରିଥାଏ, ଯାହାକି ରକ୍ତରେ ଡିଏଚ୍‌ଟି ନାମକ କେମିକାଲ୍ ପ୍ରସ୍ତୁତ କରିଥାଏ। ଅପରପକ୍ଷେ ଏହି କେମିକାଲ୍ ଅଧିକ ପ୍ରସ୍ତୁତ ହେବା ଦ୍ୱାରା କେଶ ଝଡିବା ଓ ଚନ୍ଦାପଣ ସମସ୍ୟା ଦେଖା ଦେଇଥାଏ।

– କେବଳ ଏତିକି ନୁହେଁ ଡାକ୍ତରଙ୍କ ବିନା ପରାମର୍ଶରେ ଅଧିକ ପ୍ରୋଟିନ୍ ସପ୍ଲିମେଣ୍ଟ ଖାଇବା ଦ୍ୱାରା ବ୍ରଣ ସମସ୍ୟା ବି କେତେକଙ୍କ ଠାରେ ଦେଖାଦେଇଥାଏ।

**ଜାଣିରଖନ୍ତୁ:** ପ୍ରୋଟିନ୍ ସପ୍ଲିମେଣ୍ଟ କେବେ ବି ପୁଷ୍ଟିକର ଖାଦ୍ୟରୁ ମିଳୁଥିବା ପ୍ରୋଟିନ୍ ପରିମାଣ ସହ ସମାନ ନୁହେଁ। ଖାଦ୍ୟ ଯେତିକି ପରିମାଣରେ ପ୍ରୋଟିନ୍ ଯୋଗାଇଥାଏ, ଏହି ଟ୍ୟାବଲେଟ୍ ବା ସେକ୍ ସେତିକି ଯୋଗାଇପାରେ ନାହିଁ। କେବେକେବେ ଏହାର ମାତ୍ରା ଅଧିକ ହେବା ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ତେଣୁ ଶରୀରରେ ପ୍ରୋଟିନ୍‌ର ଅଭାବ ପୂରଣ କରିବା ଲାଗି ହେଉ କିମ୍ବା ବଡି ବିଲ୍ଡିଂ ପାଇଁ ପ୍ରୋଟିନ୍ ସପ୍ଲିମେଣ୍ଟ ନେବାକୁ ଚାହୁଁଥିଲେ, ପ୍ରଥମେ ସେ ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ ନେବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ କାହାକୁ ପଚାରି କିମ୍ବା କୌଣସି ବିଜ୍ଞାପନ ଦେଖି ଅଯଥା ପ୍ରୋଟିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। ବିଶେଷକରି ଅନ୍ୟ କୌଣସି ରୋଗ ପାଇଁ ଔଷଧ ସେବନ କରୁଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସପ୍ଲିମେଣ୍ଟ ଗ୍ରହଣ କରନ୍ତୁ। କାରଣ ପ୍ରୋଟିନ୍ ସପ୍ଲିମେଣ୍ଟ ଅନ୍ୟ ଔଷଧ ସହ ମିଶି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ସର୍ବୋପରି ସୁସ୍ଥ ରହିବା ଲାଗି ସର୍ବଦା ସନ୍ତୁଳିତ ତଥା ପୁଷ୍ଟିକର ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।







## ବିନା ପରାମର୍ଶରେ ପ୍ରୋଟିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା କ୍ଷତିକାରକ



ପ୍ରୋଟିନ୍ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ। ଯାହା ଶରୀରର ମାଂସପେଶୀ ବୃଦ୍ଧି, ବିକାଶ ଏବଂ ଅନେକ କାର୍ଯ୍ୟ ପାଇଁ ଆବଶ୍ୟକ। ନିର୍ଦ୍ଦିଷ୍ଟ ଖାଦ୍ୟ ପ୍ରତି ଅନିଚ୍ଛା, ଧାର୍ମିକ ବିଶ୍ୱାସ, କେତେକ ରୋଗ ପରି ବିଭିନ୍ନ କାରଣ ଯୋଗୁ ଅନେକ ଭାରତୀୟ କେତୋଟି ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତି ନାହିଁ। ମଣିଷକୁ ପ୍ରତି କିଲୋ ଶରୀର ଓଜନ ପାଇଁ ୧ ଗ୍ରାମ ପ୍ରୋଟିନ୍ ଆବଶ୍ୟକ। ତେଣୁ ପ୍ରୋଟିନ୍ କମ୍ ହେଲେ ଅନେକେ ଏଭଳି ସପ୍ଲିମେଣ୍ଟ ଉପରେ ନିର୍ଭର କରନ୍ତି। କିଛି ସୋସିଆଲ ମିଡିଆ ପ୍ରଭାବଶାଳୀ ବିଜ୍ଞାପନ ଏବଂ ଜିମ୍ ପ୍ରଶିକ୍ଷକ ମଧ୍ୟ ପ୍ରୋଟିନ୍ ସପ୍ଲିମେଣ୍ଟକୁ ପ୍ରୋତ୍ସାହିତ କରୁଛନ୍ତି।

ତେଣୁ ପ୍ରଶ୍ନ ଉଠୁଛି, ଆମେ କ'ଣ ବଜାରରେ ଉପଲବ୍ଧ ପ୍ରୋଟିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ଉଚିତ ? ତେଣୁ ଏସବୁ ଗ୍ରହଣ କରିବା ପୂର୍ବରୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଚାର କରିବା ଆବଶ୍ୟକ। ଯଥା–

୧. ଉପଲବ୍ଧ ସପ୍ଲିମେଣ୍ଟଗୁଡ଼ିକ ଭାରତ ସରକାର (FSSAI) ଦ୍ୱାରା ପ୍ରସ୍ତୁତ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ଅନୁସରଣ କରୁଥିବା ଦରକାର।

୨. ଏଥିରେ କ'ଣ ଚିନି, ଲୁଣ, ଅସ୍ୱାସ୍ଥ୍ୟକର ଚର୍ବି କ୍ଷତିକାରକ ଖାଦ୍ୟ ମିଶ୍ରଣର ଅବାଞ୍ଛିତ ପରିମାଣ ନ ରହିବା ଦରକାର।

୩. ଖାଦ୍ୟ/ ପୁଷ୍ଟିକର ଲେବଲ ପଢ଼ିବା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଖାଦ୍ୟ ଗୁଣବତ୍ତା ଏବଂ ଏହାର ସୁରକ୍ଷା ସମ୍ବନ୍ଧୀୟ ଆବଶ୍ୟକୀୟ ସୂଚନା ପ୍ରଦାନ କରେ।

ତେଣୁ ଅତ୍ୟଧିକ ବ୍ୟାୟାମ କରୁଥିବା ଯୁବପିଢ଼ିଙ୍କୁ ଖାଦ୍ୟ ପ୍ରତି ଗୁରୁତ୍ୱ ଦେବା ଉଚିତ। ବିଶେଷକରି ସପ୍ଲିମେଣ୍ଟ ମାଧ୍ୟମରେ ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ କରିବା ଠିକ୍ ନୁହେଁ। ICMR ରିପୋର୍ଟ ମୁତାବକ, ଦିନକୁ ୧.୬ ଗ୍ରାମ/କିଲୋଗ୍ରାମ ଅଧିକ ପ୍ରୋଟିନ୍ ଗ୍ରହଣ ମାଂସପେଶୀ ବୃଦ୍ଧିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ ନାହିଁ। କାରଣ ଅତିରିକ୍ତ ପ୍ରୋଟିନ୍ ଶରୀର ପାଇଁ ଠିକ୍ ନୁହେଁ, ଏହା ହାଡ଼, ବୃକ୍କ ଏବଂ ଯକୃତ ଉପରେ ମେଟାବୋଲିକ୍ ବୋଝ ଲଦିପାରେ। ଏହା ସାଚୁରେଟେଡ ଫ୍ୟାଟ୍ ଏବଂ କୋଲେଷ୍ଟରଲ୍ ବୃଦ୍ଧି କରିଥାଏ, ଯାହାକି କରୋନାରୀ ହୃଦ୍‌ରୋଗର ଆଶଙ୍କା ବୃଦ୍ଧି କରିଥାଏ।

ତେଣୁ ପ୍ରତ୍ୟେକ ବ୍ୟକ୍ତି ଯେକୌଣସି ଫୁଡ୍ ସପ୍ଲିମେଣ୍ଟ, ତଥାକଥିତ ପ୍ରୋଟିନ ପାଉଡର ଖାଇବା ପୂର୍ବରୁ ଜଣେ କ୍ଲିନିକାଲ ନ୍ୟୁଟ୍ରିସନିଷ୍ଟ/ ଡାଏଟିସିଆନ୍‌ଙ୍କ ସହିତ ପରାମର୍ଶ କରିବା ଜରୁରୀ।

– **ଡା. ଗୁରୁପ୍ରସାଦ ଦାସ**, ସିନିୟର ଡାଏଟିସିଆନ୍, କେୟାର ହସ୍ପିଟାଲ୍, ଭୁବନେଶ୍ୱର

## ଏ ସପ୍ତାହର ପ୍ରଶ୍ନ ?

୧– ପୋଓ୍ୱାଇ ଲେକ୍ ........ ରାଜ୍ୟରେ ଅବସ୍ଥିତ ?
୨– ......... ଜନଜାତି ହୋଜାଗିରି ଫୋକ୍ ଡାନ୍ସ କରିଥାନ୍ତି ?
୩– ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କ ........... ଦେଶରେ ଅବସ୍ଥିତ ?
୪– ଦି ଗ୍ରେଟ୍ ଅନର୍ ନିଶାନ୍ ଅଫ୍ ଇଥିଓପିଆ ଆୱାର୍ଡ ପାଇଥିବା ପ୍ରଥମ ପ୍ରଧାନମନ୍ତ୍ରୀ .... ?
୫– ସାମନ୍ଥା ହାର୍ଭି ........ ଉପନ୍ୟାସ ପାଇଁ ଚଳିତବର୍ଷ ବୁକର୍ ପ୍ରାଇଜ୍ ପାଇଛନ୍ତି ?

## ଗତ ଥରର ଉତ୍ତର

୧ ଜମ୍ମୁ–କଶ୍ମୀର
୨ ଆର୍‌ମାଣ୍ଡ ଡଲ୍‌ଫାଣ୍ଟିସ୍
୩ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍
୪ ତ୍ରିପୁରା
୫ ମହାରାଷ୍ଟ୍ରର ଥାଣେ

## ଉତ୍ତରଦାତା



ଦିନେଶ ନାୟକ, ଖୋର୍ଦ୍ଧା



ଶେଖ୍ ୟାକୁବ୍, ଗୋପ

## ଟପ୍ ଟେନ୍ ୧୦

୧. କର୍ଟ କୋବେନ୍ସ ମାର୍ଟିନ ଡି–୧୮ଇ .........................୬, ୦୧୦, ୦୦୦ ଡଲାର
୨. କର୍ଟ କୋବେନ୍ସ ସ୍ମେଲ୍ ଲାଇକ୍ ଟିନ୍ ସ୍ପିରିଟ୍ ଫେଣ୍ଡର ମଷ୍ଟାଙ୍ଗ୍ ...୪,୫୫୦,୦୦୦ ଡଲାର
୩. ଡାଭିଡ୍ ଗିଲ୍‌ମର୍ସ ବ୍ଲାକ୍ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର.............. ୩,୯୭୫,୦୦୦ ଡଲାର
୪. ଏଡି ଭ୍ୟାନ୍ ହାଲେନ୍ସ ହଟ୍ ଫର୍ ଟିଚର କ୍ରାମର .............. ୩,୯୩୨,୦୦୦ ଡଲାର
୫. ରିଚ୍ ଆଉଟ୍ ଟୁ ଏସିଆ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର .............. ୨,୭୦୦,୦୦୦ ଡଲାର
୬ . ଜନ୍ ଲେନନ୍ସ ଗିବ୍‌ସନ୍ ଜେ୧୬୦ଇ ......................... ୨, ୪୧୦,୦୦୦ ଡଲାର
୭ . ଜେରୀ ଗ୍ରାସିଆସ୍ ଓଲ୍ଫ.................................. ୧,୯୦୦,୦୦୦ ଡଲାର
୮ . ଡାଭିଡ୍ ଗିଲ୍‌ମର୍ସ ୧୯୫୪ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର.......... ୧, ୮୧୫,୦୦୦ ଡଲାର
୯ . କର୍ଟ କୋବେନ୍ସ ୧୯୯୩ ଫେଣ୍ଡର ମଷ୍ଟାଙ୍ଗ ସ୍କାଏ ଷ୍ଟାଙ୍ଗ୍ ୧... ୧, ୫୮୭, ୫୦୦ ଡଲାର
୧୦ . ଏରିକ୍ କ୍ଲାପ୍‌ଟନ୍ସ ୧୯୬୪ ଦି ଫୁଲ୍ ଗିବ୍‌ସନ୍ ଏସ୍‌ଜି......... ୧, ୨୭୦,୦୦୦ ଡଲାର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ୟୁଥ୍ ଫ୍ୟାଶନ୍

# ଦାନ୍ତରୁ ଜାଣନ୍ତୁ ସ୍ୱଭାବ



**ଆପଣ ଜାଣନ୍ତି କି, ଜଣେ ମଣିଷର ଦାନ୍ତ ବି ତାଙ୍କ ସ୍ୱଭାବ ବିଷୟରେ ସୂଚନା ଦେଇପାରେ। ଯଦିଓ ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ନୁହେଁ, ତଥାପି ଅଧିକାଂଶଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଜାଣନ୍ତୁ ଏ ସମ୍ପର୍କରେ...**

❖କୁହାଯାଏ, ଯେଉଁମାନଙ୍କ ଦାନ୍ତ ସାମାନ୍ୟ ବାହାରକୁ ବାହାରିବା ଭଳି ଥାଏ, ସେମାନେ ବହୁତ କଥା ହୁଅନ୍ତି ଏବଂ ଅନ୍ୟଠାରୁ ନିଜ କଥା ମଧ୍ୟ ଖୁବ୍ ସହଜରେ ମନେଇପାରନ୍ତି। ଏମାନେ ସ୍ୱଭାବରେ କେବେ ଖୁସମିଜାସରେ ଥାଆନ୍ତି ତ କେବେକେବେ ବହୁତ ରାଗି ମଧ୍ୟ ହୋଇଥାଆନ୍ତି।

❖ଯେଉଁମାନଙ୍କ ଦାନ୍ତ ସିଧା ଏବଂ ବ୍ୟବସ୍ଥିତ, ସେମାନେ ଧନବାନ୍ ହୁଅନ୍ତି। ଏମାନଙ୍କୁ ଆତ୍ମପ୍ରଶଂସା ପସନ୍ଦ ନୁହେଁ। ସେମାନେ ସବୁବେଳେ କାମ କରି ନିଜକୁ ପ୍ରମାଣିତ କରିବାକୁ ଭଲପାଆନ୍ତି। ସେମାନେ ପ୍ରାୟତଃ କାହା ଅଧୀନରେ କାମ କରିବାକୁ ଚାହିଁ ନ ଥାନ୍ତି।

❖ଯେଉଁମାନଙ୍କର ଦାନ୍ତ ଧଳା ଏବଂ ସୁନ୍ଦର, ସେମାନେ ସୌଭାଗ୍ୟଶାଳୀ ହୋଇଥାଆନ୍ତି। ଏଭଳି ବ୍ୟକ୍ତି ସ୍ୱଭାବରେ ଖୁବ୍ ମେଳାପୀ ଏବଂ ଭାବପ୍ରବଣ ହୋଇଥାଆନ୍ତି। ଏମାନେ ସହଜରେ ଅନ୍ୟ ଉପରେ ବିଶ୍ୱାସ କରିଯାଉଥିବାରୁ କେବେକେବେ ଭବିଷ୍ୟତରେ ବିଶ୍ୱାସଘାତକତାର ଶିକାର ବି ହୁଅନ୍ତି।

❖ଆପଣମାନେ ଏଭଳି ଅନେକଙ୍କୁ ଦେଖିଥିବେ, ଯେଉଁମାନଙ୍କ ଉପରମାଢ଼ିରେ ଥିବା ଦାନ୍ତ ମଝିରେ ଫାଙ୍କା ଥାଏ। ଏଭଳି ମଣିଷଙ୍କୁ ବିଳାସପୂର୍ଣ୍ଣ ଜୀବନଶୈଳୀ ବେଶ୍ ପସନ୍ଦ। ସେମାନେ ଅନ୍ୟ ଟଙ୍କାରେ ମଉଜ ମଜଲିସ୍ କରିବାକୁ ଭଲ ପାଆନ୍ତି। ଏମାନେ ସ୍ୱଭାବରେ ବହୁତ ଖର୍ଚ୍ଚି ହୋଇଥାନ୍ତି।

❖ଯେଉଁମାନଙ୍କ ଦାନ୍ତ ସାମାନ୍ୟ କଳା ଥାଏ, ସେମାନେ ନା କେବଳ ବହୁତ ଚତୁର ବରଂ ସ୍ୱଭାବରେ ବହୁତ ଝଗଡାଳୁ ଏବଂ ସ୍ୱାର୍ଥପର ମଧ୍ୟ ହୋଇଥାନ୍ତି।

❖ଯେଉଁମାନଙ୍କ ଦାନ୍ତ ସାମାନ୍ୟ ହଳଦିଆ, ସେମାନେ ବହୁତ ଖୁସ୍ ମିଜାଜର ହୋଇଥାନ୍ତି। ଏମାନେ ଖୁବ୍ ବିଶ୍ୱାସୀ। ଏମାନେ ସମସ୍ତଙ୍କ ସହ ଶୀଘ୍ର ମିଶିଯାଆନ୍ତି।

❖ଯେଉଁମାନଙ୍କ ଦାନ୍ତ ବଙ୍କା ଏବଂ ଅସମାନ ହୋଇଥାଏ, ସେମାନେ ଅନ୍ୟମାନଙ୍କଠାରୁ ସର୍ବପ୍ରଥମେ ନିଜ ବିଷୟରେ ଚିନ୍ତା କରିଥାନ୍ତି।

## ଜାଣନ୍ତୁ ଦୁନିଆ

# ସୁଇସାଇଡ୍ ପ୍ଲାଣ୍ଟ




**ପୃଥିବୀରେ ଏମିତି ଅନେକ ଅଜବ ଜିନିଷ ରହିଛି, ଯାହା ସମ୍ପର୍କରେ ଯେକେହି ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ସେହିଭଳି ଜିମ୍‌ପାଇ ଜିମ୍‌ପାଇ ନାମକ ଏକ ଅଜବ ତଥା ଭୟଙ୍କର ଗଛ ରହିଛି ଅଷ୍ଟ୍ରେଲିଆର ଉତ୍ତର–ପୂର୍ବ ଜଙ୍ଗଲରେ, ଯାହାକି ସୁଇସାଇଡ୍ ପ୍ଲାଣ୍ଟ ଭାବେ ଜଣାଶୁଣା...**

❖ଏହି ଗଛର ମୁଖ୍ୟତଃ ଦୁଇପ୍ରକାରର ପ୍ରଜାତି ରହିଛି। ଯଥା– ଡେଣ୍ଡ୍ରୋନାଇଡ୍ ମୋରୋଇଡସ୍ ଏବଂ ସେର୍ବେରା ଓଡୋଲାମ୍। ଉଭୟ ପ୍ରଜାତି ଅତ୍ୟନ୍ତ ବିଷାକ୍ତ।

❖ଏହି ଗଛର ଷ୍ଟିଙ୍ଗିଙ୍ଗ୍ ବ୍ରଶ୍, ମଲ୍‌ବେରୀ ଲିଭ୍‌ଡ ଷ୍ଟିଙ୍ଗର୍, ସୁଇସାଇଡ୍ ପ୍ଲାଣ୍ଟ, ମୁନ୍‌ଲାଇଟର୍ ଭଳି ଅନେକ ନାମ ରହିଛି।

❖ଏହା ଖୁବ୍ ସାଧାରଣ ଗଛ ଭଳି ଦେଖାଯାଉଥିଲେ ସୁଦ୍ଧା ଏହି ଗଛସାରା ଖୁବ୍ ପତଳା କଣ୍ଟା (ସିଲିକା ବେସ୍‌ଡ ଷ୍ଟିଙ୍ଗିଙ୍ଗ୍ ହେୟାର ବା ଟ୍ରାଇକୋମ୍) ରହିଛି, ଯାହା ଅତ୍ୟନ୍ତ ବିଷାକ୍ତ। ମଣିଷ ଦେହରେ ଏ କଣ୍ଟା ଲାଗିବା ମାତ୍ରେ ଏକା ସଙ୍ଗେ ଗରମ ଏସିଡ୍ ଲାଗିଯିବା ସହ କରେଣ୍ଟ ମାରିବା ଭଳି କଷ୍ଟ ହୋଇଥାଏ। ଏହି କଷ୍ଟ କିଛି ଘଣ୍ଟାରୁ ଆରମ୍ଭ ହୋଇ ଦୁଇ ଦିନ ପର୍ଯ୍ୟନ୍ତ ରହିଥାଏ। ଏହି ଯନ୍ତ୍ରଣା ଏତେ ଅସହ୍ୟ ହୋଇଥାଏ ଯେ, ଜଣେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଯାଏ। ଏଥିପାଇଁ ଏହାର ନାମ ସୁଇସାଇଡ୍ ପ୍ଲାଣ୍ଟ ରଖାଯାଇଛି।

❖ରିପୋର୍ଟ ମୁତାବକ ଥରେ କିଛି ଘୋଡ଼ା ଏହି ଗଛ ସଂସ୍ପର୍ଶରେ ଆସିବା ଦ୍ୱାରା ଯନ୍ତ୍ରଣା ସମ୍ଭାଳି ନ ପାରି ମାତ୍ର କିଛି ଘଣ୍ଟା ମଧ୍ୟରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଥରେ ଜଣେ ଅଫିସର ଜରୁରିକାଳୀନ ପରିସ୍ଥିତିରେ ଟଏଲେଟ୍ ପେପର ଭାବେ ଏହି ଗଛର ପତ୍ରକୁ ବ୍ୟବହାର କରିଦେଇଥିଲେ, ହେଲେ ପରବର୍ତ୍ତୀ ସମୟରେ ଯନ୍ତ୍ରଣା ଏତେ ଅସହ୍ୟ ହୋଇଥିଲା ଯେ, ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ।

❖ଏହି ଗଛଟି ପୃଥିବୀର ସବୁଠୁ ବିଷାକ୍ତ ବୃକ୍ଷମାନଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ। ହେଲେ ଏହାର ଫଳ ଖାଇବା ସୁରକ୍ଷିତ ବୋଲି କୁହାଯାଏ। କିନ୍ତୁ ଫଳ ଉପରୁ ସମସ୍ତ କଣ୍ଟା କଢ଼ାଯିବା ଦରକାର, ନଚେତ୍ ଏହା କ୍ଷତିକାରକ ହୋଇପାରେ।



ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୧ ଡିସେମ୍ବର, ୨୦୨୫ Bhubaneswar, Sunday, 21 December, 2025




# ଗିଲ୍ ବାଦ୍: କିଶନ, ରିଙ୍କୁ ସାମିଲ

## ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷିତ

ମୁମ୍ବାଇ, ୨୦।୧୨(ପି.ଟି.)

୨୦୨୬ ଫେବୃଆରୀ-ମାର୍ଚ୍ଚରେ ହେବାକୁଥିବା ଟି୨୦ କ୍ରିକେଟ୍ ବିଶ୍ୱକପ୍ ଲାଗି ଶନିବାର ଭାରତୀୟ ଦଳ ଘୋଷିତ ହୋଇଛି। ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଉଇକେଟ୍‌କିପର ଇଶାନ କିଶନ ଏବଂ ରିଙ୍କୁ ସିଂଙ୍କୁ ଦଳରେ ସାମିଲ କରାଯାଇଛି। ଅକ୍ଷର ପଟେଲଙ୍କୁ ନୂଆ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି।

ଟେଷ୍ଟ ଏବଂ ଦିନିକିଆରେ ସ୍ଥିର ପ୍ରଦର୍ଶନ କରିଆସୁଥିବା ଗିଲ୍ ଟି୨୦ରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଛି। ବିଶେଷକରି ଓପନିଂ ସ୍ଥାନରେ ସେ ଭାରତକୁ ଉପଯୁକ୍ତ ଆରମ୍ଭ ଦେବାରେ ଅସଫଳ ରହିଛନ୍ତି। ପାୱାରପ୍ଲେରେ ତାଙ୍କ ଷ୍ଟ୍ରାଇକ୍ ହାର ମଧ୍ୟ ଭଲ ନାହିଁ।



ଇଶାନ କିଶନ



ରିଙ୍କୁ ସିଂ

ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ୩ଟି ଟି୨୦ ମ୍ୟାଚ୍ ଖେଳିଥିବାବେଳେ ଯଥାକ୍ରମେ ୪, ୦ ଓ ୨୮ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। ‘‘ସାମ୍ପ୍ରତିକ ସମୟରେ ଗିଲ୍ ରନ୍ ସ୍କୋର କରିବାରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇନାହିଁ’’ ବୋଲି ଚୟନ କମିଟି ମୁଖ୍ୟ ଅଜିତ୍ ଅଗରକର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନର ଫର୍ମ ଏବଂ ବାମ-ଡାହାଣ କମ୍ବିନେଶନକୁ ଦୃଷ୍ଟିରେ ରଖି ଇଶାନ କିଶନଙ୍କୁ ଦଳରେ ସାମିଲ କରାଯାଇଛି। ଫିଟ୍‌ନେସ୍ ଏବଂ ଉପଲବ୍ଧତାକୁ କେନ୍ଦ୍ରକରି ପାଖାପାଖି ଏକ ବର୍ଷ ଧରି ଭାରତୀୟ ଦଳରୁ ଦୂରରେ ରହିଥିବା କିଶନ ନିକଟରେ ଶେଷ ହୋଇଥିବା ସୟଦ ମୁସ୍ତାକ୍ ଅଲୀ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଶତକ ହାସଲ କରି ସେ ଝାଡ଼ଖଣ୍ଡକୁ ଟାଇଟଲ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରିଙ୍କୁ ସିଂଙ୍କୁ ସ୍ପେଶାଲିଷ୍ଟ ଫିନିଶର ଭାବେ ଦଳରେ ନିଆଯାଇଛି। ଟପ୍ ଅର୍ଡରରେ ଅଭିଷେକ ଶର୍ମା, କିଶନ, ସୂର୍ଯ୍ୟକୁମାର, ତିଳକ ବର୍ମା ଓ ରିଙ୍କୁଙ୍କ ସାମିଲ ଫଳରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ହୋଇଯାଇଛି।

ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ଶିବମ ଦୁବେଙ୍କ ଉପସ୍ଥିତି ଦଳରେ ସନ୍ତୁଳନ ରକ୍ଷା କରିବ। ସ୍ପିନ୍ ବିଭାଗରେ ଅକ୍ଷର ଓ ୱାଶିଂଟନ ସୁନ୍ଦର ବୋଲିଂରେ ବିବିଧତା ଆଣିବା ସହ ବ୍ୟାଟିଂ ଲାଇନ୍‌ଅପ୍‌କୁ ଅଧିକ ଦୃଢ଼ତା ଦେଇପାରିବେ। କୁଲଦୀପ ଯାଦବ ଏବଂ ବରୁଣ ଚକ୍ରବର୍ତ୍ତୀ ମଧ୍ୟ ଦୁଇ ଦକ୍ଷ ସ୍ପିନର। ଯଶପ୍ରୀତ୍ ବୁମ୍‌ରା ପେସ୍ ଆକ୍ରମଣର ନେତୃତ୍ୱ ନେବେ। ଟି୨୦ରେ ନିର୍ଭରଯୋଗ୍ୟ ବାମହାତୀ ବିକଳ୍ପ ଅର୍ଶଦୀପ ସିଂ ତାଙ୍କୁ ସହାୟତା କରିବେ। ପେସ୍ ଓ ବାଉନ୍ସ ପାଇଁ ହର୍ଷିତ୍ ରାଣାଙ୍କୁ ଦଳରେ ନିଆଯାଇଛି।

ଫେବୃଆରୀ ୭ରେ ଆମେରିକା ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ୧୨ରେ ନାମ୍ବିଆ ଓ ୧୫ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଗ୍ରୁପ୍ ‘ଏ’ରେ ଭାରତର ଅଭିଯାନ ଫେବୃଆରୀ ୧୮ରେ ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍ ସହ ଶେଷ ହେବ। ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟ ୨୧ରେ ଆରମ୍ଭ ହେବ। ଫାଇନାଲ ମାର୍ଚ୍ଚ ୮ରେ ଖେଳାଯିବ।

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଇଶାନ କିଶନ, ତିଳକ ବର୍ମା, ହାର୍ଦ୍ଦିକ୍‌ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ (ଉପ-ଅଧିନାୟକ), କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ, ହର୍ଷିତ ରାଣା, ସଞ୍ଜୁ ସାମ୍‌ସନ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରିଙ୍କୁ ସିଂ।



ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୧ କିମି ଏଲିଟ ମହିଳା ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶାର ସ୍ୱସ୍ତି ସିଂ, ରେଜିୟା ଦେବୀ, ମଧୁସ୍ମିତା ବେଡେକ ଓ ବର୍ଷାରାଣୀ ବାରିକ।

## ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ

# ଭାରତ-ପାକିସ୍ତାନ ଫାଇନାଲ ଆଜି

ଦୁବାଇ, ୨୦।୧୨ (ପି.ଟି.)

ସ୍ଥାନୀୟ ଆଇସିସି ଏକାଡେମୀରେ ରବିବାର ଖେଳାଯିବାକୁ ଥିବା ୧୯ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଫାଇନାଲ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଭାରତ ଏହି ଟୁର୍ନାମେଣ୍ଟରେ ସର୍ବାଧିକ ୧୨ ଥର ଚାମ୍ପିୟନ ହୋଇପାରିଛି। ଏଥର ଫାଇନାଲ ଜିତି ଏହାର ରେକର୍ଡ ସଂଖ୍ୟା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିବ ନିଶ୍ଚୟ।

ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ଗ୍ରୁପ୍ ‘ଏ’ରେ ଏହାର ସମସ୍ତ ମ୍ୟାଚ୍‌ରେ ବିଜୟ ଲାଭ ପାକିସ୍ତାନ ଆଗରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟରେ କେବଳ ଭାରତଠାରୁ ପରାଜିତ ହୋଇଥିଲା। ଗତ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ୯୦ ରନରେ ବିଜୟ ଲାଭ କରିଥିଲା। ଶୁକ୍ରବାର ଶ୍ରୀଲଙ୍କାକୁ ୮ଉଇକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ ଗତଥରର ଚାମ୍ପିୟନ ବାଂଲାଦେଶକୁ ପରାଜିତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ଅଲରାଉଣ୍ଡ ପ୍ରଦର୍ଶନ ସହ ଫାଇନାଲରେ ପ୍ରବେଶ କରିଥିଲା। ବ୍ୟାଟିଂରେ ଭାରତ ଦୁଇଥର ୪୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିପାରିଛି। ଏହି ୫୦ଓଭର ବିଶିଷ୍ଟ ଟୁର୍ନାମେଣ୍ଟରେ ୧୭ ବର୍ଷୀୟ ଉଇକେଟକିପର ବ୍ୟାଟର ଅଭିଜ୍ଞାନ କୁଣ୍ଡୁଙ୍କ ଭଳି ଯୁବ ପ୍ରତିଭାଙ୍କ ଖେଳ ଦେଖିବାକୁ ମିଳିଥିଲା। ସ୍ୱଳ୍ପ ବୟସ୍କ ବିସ୍ମୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ୟୁଏଇ ବିପକ୍ଷ ଓପନିଂ ମ୍ୟାଚରେ ମାତ୍ର ୯୫ ବଲ୍‌ରେ ୧୭୧ରନ କରିଥିଲେ। ଫଳରେ ଭାରତ ୪୩୩/୬ ସ୍କୋର କରିପାରିଥିଲା। ମାଲେସିଆ ବିପକ୍ଷ ମ୍ୟାଚରେ ବିସ୍ଫୋରକ ବ୍ୟାଟିଂ କରି କୁଣ୍ଡୁ ରେକର୍ଡ ବୁକ୍‌ରେ ତାଙ୍କ ନାମକୁ ସ୍ଥାନିତ କରିପାରିଛନ୍ତି। ଏହି ବାମହାତୀ ବ୍ୟାଟର ୧୨୫ ବଲ୍‌ରୁ ୨୦୯ ରନ କରି ଯୁଥ୍ ଅନ୍ତର୍ଜାତୀୟ ଦିନିକିଆରେ ପ୍ରଥମ ଭାରତୀୟ ଭାବେ ଦ୍ୱିଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

# ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ

ସୋର, ୨୦।୧୨(ଜନ୍ମେଜୟ ମିଶ୍ର)

ବାଗୁଡି ଖେଳପଡିଆରେ ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚରେ ଷ୍ଟାର ଇଲେଭେନ ଯାଜପୁରକୁ ହରାଇ ୟୁନିୟନ ସ୍ପୋର୍ଟିଂ କ୍ଲବ କଟକ ସେମିଫାଇନାଲରେ ପ୍ରବେଶ କରିଛି। ଷ୍ଟାର୍ ଯାଜପୁର ପ୍ରଥମେ ବ୍ୟାଟିଂ କରି୨୫ ଓଭରରେ ୬ ଉଇକେଟ ହରାଇ ୧୫୧ରନ କରିଥିଲା। ୟୁନିୟନ ସ୍ପୋର୍ଟିଂ ୧୫.୨ ଓଭରରେ ୩ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଟିମ୍‌ର ଅଶୋକ ଶର୍ମା ୫୧ ବଲରେ ୬୨ ରନ କରି ପ୍ଲେୟର ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ।

# ଜାତୀୟ ସାଇକ୍ଲିଂରେ ଏସ୍‌ଓବି-ଓଡ଼ିଶାର ସଫଳତା



ପଦକ ବିଜୟୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

## ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ହାସଲ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଝାଡ଼ଖଣ୍ଡର ବୋକାରୋ ଷ୍ଟିଲ୍ ସିଟିଠାରେ ଅନୁଷ୍ଠିତ ସ୍ପେସାଲ ଅଲିମ୍ପିକ୍ ଭାରତ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାମ ବରିହା ସିନିୟର୍ ବର୍ଗ ୨ କିମି ଓ ୫ କିମି ରୋଡ ରେସରେ ଭାଗ ନେଇ ୨ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ସୀମା ପଟେଲ ଜୁନିଅର ବର୍ଗ ୧କିମି ରୋଡ୍ ରେସ୍‌ରେ ରୌପ୍ୟ, ଦୁର୍ଗା ସିଂ ୨କିମି ରୋଡ୍ ରେସ୍‌ରେ ବ୍ରୋଞ୍ଜ, ସଗୁପ୍ତା ସହିନ ୧ କିମି ରୋଡ୍ ରେସ୍‌ରେ ରୌପ୍ୟ ଓ ମାଧବ ମିଶ୍ର ୧ କିମି ରୋଡ୍ ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ସିଦ୍ଧାର୍ଥ ମହାନ୍ତି ୨କିମି ରୋଡ୍ ରେସ୍‌ରେ ୫ମ ଏବଂ ୧୦ କିମି ରୋଡ୍ ରେସ୍‌ରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଦେବାଶିଷ ଓ ଶୁଭଶ୍ରୀ ୫ କିମିରେ ୫ମ ଓ ଅମନ ପଟେଲ ୫୦୦ ମିଟର ଏବଂ ୧କିମିରେ ଯଥାକ୍ରମେ ୬ଷ୍ଠ ଓ ୪ର୍ଥ ଓ ଆଶୁତୋଷ ୧ କିମି ରୋଡ୍ ରେସ୍‌ରେ ୭ମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗୀ ଏବଂ ପ୍ରଶିକ୍ଷକଙ୍କୁ ମିଶାଇ ଓଡ଼ିଶାର ୧୬ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହିଳା ଦଳରେ ମମତା ମହାନ୍ତି ଓ ପ୍ରଭାତୀ ସାହୁ ପ୍ରଶିକ୍ଷକ ଥିଲେ ଓ ପୁରୁଷ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ଥିଲେ ଉମାକାନ୍ତ ଷଡ଼ଙ୍ଗୀ, ପାର୍ଥ ସାରଥି ମହାନ୍ତି ଓ ବୀରେନ ଜେନା। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏସ୍‌ଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନିତା ମୁଣ୍ଡ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଓ ଅନ୍ୟ ସମସ୍ତ ବୋର୍ଡ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ସଞ୍ଜୟ, ଡୋରେନ ଲାନ୍ସର୍ସ ଅଧିନାୟକ

## ହିରୋ ଏଚ୍‌ଆଇଏଲ୍-୨୦୨୬

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ହିରୋ ହକି ଇଣ୍ଡିଆ ଲିଗ୍ ଚେନ୍ନାଇ, ରାଞ୍ଚି ଏବଂ ଭୁବନେଶ୍ୱରରେ ୨୦୨୬ ଜାନୁଆରୀ ୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତା ସିଜନ ପୂର୍ବରୁ ଶନିବାର ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଅଧିନାକୟଙ୍କ ନାମ ଘୋଷଣା କରାଯାଇଛି। ଭାରତୀୟ ଖେଳାଳି ସଞ୍ଜୟ ଏବଂ ବେଲଜିୟମର ଆର୍ଥର ଭାନ ଡୋରେନ ଦଳର ନେତୃତ୍ୱ ନେବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଡୋରେନଙ୍କ ନେତୃତ୍ୱରେ ବେଲଜିୟମ ସୁଲତାନ ଆଜଲାନଶାହ କପ୍ ଟାଇଟଲ ଜିତିଥିବାବେଳେ ଡ୍ରାଗ୍-ଫ୍ଲିକର ସଞ୍ଜୟଙ୍କ ଅଧିନରେ ଭାରତ ରନରଅପ୍ ହୋଇଥିଲା। ତେଣୁ ନୂଆ ସିଜନଲାଗି ଉଭୟଙ୍କ ନେତୃତ୍ୱଭାର ପ୍ରଦାନ ଲାଗି ନିଷ୍ପତ୍ତି ହୋଇଛି।

ହରିୟାଣାର ସଞ୍ଜୟ ୨୦୧୮ ଯୁଥ୍ ଅଲିମ୍ପିକ୍ସ ହେଉ କି ୨୦୨୧ ଜୁନିୟର ବିଶ୍ୱକପ ସବୁଥିରେ ପ୍ରଭାବୀ ପ୍ରଦର୍ଶନ କରି ୨୦୨୨-୨୩ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ସିନିୟର ଡେବ୍ୟୁ କରିଥିଲେ। ସେବେଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟ ରହି ଆସିଛନ୍ତି। ୨୦୨୩ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଅର୍ଜୁନ ପୁରସ୍କାରପ୍ରାପ୍ତ ସଞ୍ଜୟ ଭାରତ ପକ୍ଷରୁ ୭୮ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ଅନ୍ୟପକ୍ଷରେ ଆର୍ଥର ଭାନ ଡୋରେନ ଆଧୁନିକ ହକିରେ ସବୁଠାରୁ ନିର୍ଭରଯୋଗ୍ୟ ଡିଫେଣ୍ଡରଭାବେ ବେଶ୍ ପରିଚିତ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୨୦୨୩ ବିଶ୍ୱକପ ଚାମ୍ପିୟନ, ୨୦୧୬ ରିଓ ଅଲିମ୍ପିକ୍ସ ଓ ୨୦୨୩ ବିଶ୍ୱକପରେ ରୌପ୍ୟ ପଦକ ବିଜୟୀ ବେଲଜିୟମ ଦଳରେ ସେ ସାମିଲ ଥିଲେ। ବର୍ତ୍ତମାନ ସେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବେଲଜିୟମ ଦଳର ନେତୃତ୍ୱ ନେଉଛନ୍ତି। ୨୦୧୨ରୁ ସିନିୟର ସ୍ତରରେ ଖେଳି ଆସୁଥିବା ଡୋରେନ ଏପର୍ଯ୍ୟନ୍ତ ୨୭୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ସଞ୍ଜୟ ଓ ଆର୍ଥର ଭାନ୍ ଡୋରେନଙ୍କୁ ଅଧିନାୟକ ମନୋନୀତ କରି ଆମେ ଅତ୍ୟନ୍ତ ଆନନ୍ଦିତ ବୋଲି କଳିଙ୍ଗ ଲାନ୍ସର୍ସ ସିଇଓ ରାଜୀବ କୁମାର ପ୍ରକାଶ କରିଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ